Split by PDF Splitter



ବଙ୍ଗଦେଶର ବାର୍ଷିକ ବିଭାଗୀୟ ବିଜ୍ଞାପନୀ ଉପରେ ଆଗେ ଷ୍ଟେଟ୍ସମ୍ୟାନ ସାହେବଙ୍କର ବଡ଼ ମନ୍ତବ୍ୟ ବାହାରୁଥିଲା । ଏଣିକି ସେ ମନ୍ତବ୍ୟ ଏତେ ସଂକ୍ଷେପ ହୋଇଅଛି ଯେ ଆବଶ୍ୟକୀୟ ସମାଚାର ପ୍ରାପ୍ତ ହେବା କଠିନ । ଛୋଟନାଗପୁର-ବିଭାଗର ମାନଭୂମ ଓ ହଜାରିବାଗରେ ଗତବର୍ଷ ବୃଷ୍ଟି ଅଭାବରୁ ଅତ୍ୟନ୍ତ ଊଣା ଫସଲ ଓ ସେଥିପାଇଁ ଲୋକଙ୍କର କଷ୍ଟ ହେବାର ଲେଖାଅଛି । ମାତ୍ର ସରକାରଙ୍କ ତରଫରୁ ସାହାଯ୍ୟ ଦିଆଯାଇଥିଲା କି ନାହିଁ ଲେଖା ନାହିଁ । ଅନ୍ନକଷ୍ଟ ହେତୁ ଆସାମକୁ ଅନେକ କୁଲି ଅର୍ଥାତ୍ ଗତ ପୂର୍ବବର୍ଷରେ ଜ ୩୯୫୨ ଣ ଗତବର୍ଷ ଜ ୬୧୪୫ ଣ ଏ ବିଭାଗରୁ ଯାଇଥିଲେ ଏବଂ କୁଲି ଫୁସଲାଇ ନେବାର କେତେ ଗୁଡ଼ିଏ ଅଭିଯୋଗ ଦଲାଲମାନଙ୍କ ଉପରେ ହୋଇଥିଲା । ସେମାନେ ଦଣ୍ଡ ପାଇଅଛନ୍ତି । କୁଲିଦଲାଲଙ୍କ ଦୌରାତ୍ମ୍ୟ ନିବାରଣର ବିଶେଷ ପ୍ରୟୋଜନତା ସେଠା କମିଶ୍ନର ସାହେବ ଦେଖାଇବାରୁ ଆମ୍ଭମାନଙ୍କ ଷ୍ଟେଟ୍ସମ୍ୟାନ ତହିଁ ଉତ୍ତରରେ କହୁଅଛନ୍ତି କି ଏ ବିଷୟ ଗବର୍ଣ୍ଣମେଣ୍ଟ ବିଶେଷରୂପେ ବିବେଚନା କରୁଅଛନ୍ତି ।

ବଙ୍ଗଳା-ନାଗପୁର ରେଲବାଟ ପୁରୁଲିଆ ପର୍ଯ୍ୟନ୍ତ ଆଗାମି ଜାନୁଏରି ମାସ ଆରମ୍ଭରେ ପ୍ରସ୍ତୁତ ହେବ । ଏହି ପୁରୁଲିଆଠାରେ କଟକ ବନାରସ ଲାଇନ ମିଶିବ ମାତ୍ର ଏ ବାଟ ଆରମ୍ଭ ହୋଇ ନାହିଁ ବୋଲି ଷ୍ଟେଟ୍ସମ୍ୟାନ ସାହେବ ଲେଖି ଅଛନ୍ତି ।

---

ଜଣେ ଲୋକ ହାବଡ଼ା ମାଜିଷ୍ଟ୍ରେଟ ବରସାହେବଙ୍କ ଅଦାଲତରେ ତାହାର କନ୍ୟା ଶ୍ୱଶୁରଘରେ ରହିବାକୁ ଅନିଚ୍ଛୁକ ଥିବା ଓ ତାହାର ସ୍ୱାମୀ ତାହାକୁ ବାପଘରକୁ ଆସିବାକୁ ନ ଦେବାରେ କନ୍ୟାର ଅବସ୍ଥା ନିତାନ୍ତ ଶୋଚନୀୟ ହୋଇ ମନ୍ଦଫଳ ଘଟିବା ଆଶଙ୍କାରେ କନ୍ୟା ନିତାନ୍ତ ଅଳ୍ପବୟସ୍କା ଥିବାରୁ ତାହାକୁ ପାଇବା ଆଶାରେ ନାଲିସ କରିଥିଲା । ପିତାର ଆଚରଣ ମନ୍ଦ ଥିବାରୁ ସ୍ୱାମୀ ଆପଣା ସ୍ତ୍ରୀ କି ବାପଘରକୁ ପଠାଇବାପକ୍ଷେ ଅସ୍ୱୀକୃତ ଥିବାର ଜବାବ ଦେଲା । ସର୍ବକାଳରେ ସର୍ବଦେଶରେ ସ୍ୱାମିର ସ୍ତ୍ରୀ ଉପରେ ସମ୍ପୂର୍ଣ୍ଣ ଅଧିକାର ଅଛି ଏବଂ ସ୍ୱାମୀ ନିତାନ୍ତ ନିଷ୍ଠୁର ବ୍ୟବହାର ନ କଲେ କେହି ତାହାକୁ ସେ ଅଧିକାରରୁ ବଞ୍ଚିତ କରି ନ ପାରେ । ଏ ମୋକଦ୍ଦମାରେ ପିତା ସ୍ୱାମିର ନିଷ୍ଠୁରବ୍ୟବହାର କଥା ଅଦୌ ନାଲିସରେ ଉତ୍ଥାପନ କରି ନାହିଁ । ବିଚାରପତି ବରସାହେବ ଏପରି ଅବସ୍ଥାରେ କନ୍ୟାକୁ ଅଦାଲତରେ ହାଜର ହେବାକାରଣ ଆଦେଶ କରିଅଛନ୍ତି ।—କାହିଁକି ? ହାକିମମାନେ ଏତେ ଦେଖି ଶୁଣି ତଥାପି ଏପରି ଅନ୍ୟାୟକାର୍ଯ୍ୟମାନ କାହିଁକି କରୁଅଛନ୍ତି ଆମ୍ଭେମାନେ ବୁଝି ପାରୁ ନାହୁଁ । ଆମ୍ଭେମାନେ କେବଳ ଏତିକି ବୁଝିଅଛୁଁ ଯେ ଭାରତବାସିମାନେ ନିତାନ୍ତ ଗରିବ ଏବଂ ନଗଣ୍ୟ ବୋଲି ଏସବୁ ଚଳି ଯାଉଅଛି । କନ୍ୟାକୁ ନ ଦେଖିଲେ କି ବିଚାରପତି ମୋକଦ୍ଦମା ଫଇସଲ କରିପାରିବେ ନାହିଁ ?

---

ସେଦିନ କୁଷ୍ଟିୟାଠାରେ ଆସାମକୁ କୁଲି-ଚାଲାନ ଘଟିତ ଗୋଟିଏ ଭାରି କାଣ୍ଡ ହୋଇଗଲା । କଲିକତାର ଅଣ୍ଡ୍ରୁ ସାହେବ କୁଲି-କଣ୍ଟ୍ରାକ୍ଟରଙ୍କ ଏଜେଣ୍ଟ ଜଣେ ଦଲାଲ ମେଦିନୀପୁରଠାରୁ ଗୋଟିଏ ୧୪।୧୫ ବର୍ଷର ପିଲାକୁ ବଡ଼ ଚାକିରି କରାଇଦେବାର ଲୋଭ ଦେଖାଇ କଲିକତାକୁ ଘେନିଗଲା ଏବଂ ସେଠାରେ ଉକ୍ତ ସାହେବଙ୍କ କୁଲି ଗୋଦାମରେ ରଖି ସେଠାରୁ ଏକଦିନର ବାଟରେ ଆସାମରେ ଚାକିରି କରାଇଦେବାର କହି କୁଲିଙ୍କ ସଙ୍ଗରେ ଘେନିଗଲା । ରେଲଗାଡ଼ିରେ ଉକ୍ତପିଲା ନିକଟରେ ଜଣେ ଉକିଲ ବସିଥିଲେ । ତାହାଠାରୁ ସେ ପିଲା ବୁଝିଲା ଯେ ଆସାମ ବହୁତଦିନର ବାଟ ତହୁଁ ସେ ଯିବାକୁ ନାରାଜ ହୋଇ ଉକିଲଙ୍କ ସାହାଯ୍ୟ ଲୋଡ଼ିଲା ଏବଂ କୁଷ୍ଟିୟାଠାରେ ଉକିଲ ଗାଡ଼ିରୁ ଓହ୍ଲାଇବା ସମୟରେ ପିଲା ତାହାସଙ୍ଗେ ଓହ୍ଲାଇଲା । କୁଲିଙ୍କ ସଙ୍ଗେ ଯେଉଁ ଦରବାନ ପହରାଦେଇ ଯାଉଥିଲା ସେ ମଧ୍ୟ ଗାଡ଼ିରୁ ଓହ୍ଲାଇ ପିଲାର ହାତ ଧରି ଟାଣିଲା ଏବଂ ସେ କାଢିବାରୁ ଉକିଲ ତାହାର ଅନ୍ୟହାତ ଧରି ଟାଣିଲେ । ଗୋଟାଏ ଗୋଲମାଲ ଉପସ୍ଥିତ ହେଲା । ଏତଦ୍‌ବାଦ କୁଷ୍ଟିୟାର ସବଡିବିଜନ ହାକିମ ସେହି ଗାଡିରେ ଆସିଥିଲେ ସେ ଗଣ୍ଡଗୋଳ ଦେଖି ପିଲା ନାରାଜ ଥିବାର ବୁଝି ପିଲା ଓ ଦରବାନକୁ ପୁଲିସ ଜିମାଦେଇ ତଦାରକର ହୁକୁମ ଦେଲେ । ଦରବାନ ଚାଲାନ ହେଲା ଓ ମୋକଦ୍ଦମା ବିଚାର ସମୟରେ ପିଲାନାମର ଖଣ୍ଡେ ଏକରାରନାମା ଦାଖଲ ହେଲା ମାତ୍ର ପିଲାର ବୟସ ତହିଁରେ ୨୧ ବର୍ଷ ଲେଖାଥିବା ଏବଂ ପିଲା ଦସ୍ତଖତ କରିବାକୁ ଜାଣୁଥିବା ପ୍ରତ୍ୟକ୍ଷେ ତାହାର ସନ୍ତକ ତହିଁରେ କଟାଯାଇଥିବାରୁ ତାହା ଅଗ୍ରାହ୍ୟ ହେଲା । ଦରବାନ ତାହାର ଦୋଷ ସ୍ୱୀକାରପୂର୍ବକ କ୍ଷମା ପ୍ରାର୍ଥନା କରନ୍ତେ ହାକିମ ଦୟା କରି ତାହାପ୍ରତି ଟ ୧୨ ଙ୍କା ଜରିମାନା କଲେ ଓ ପିଲା ଆସାମ ଯିବା ଦାୟରୁ ମୁକ୍ତ ପାଇଲା । କୁଲିଦଲାଲମାନେ କେମନ୍ତ ଅତ୍ୟାଚାର କରୁଅଛନ୍ତି ପାଠକମାନେ ଏଥିରୁ ବୁଝିପାରିବେ ।

---

### ଲେଡ ଟାମସନ ଡିସ୍ପେନ୍ସରୀ ।

ଗତ ସୋମବାର ସକାଳବେଳେ ଏଠା ରେଭେନ୍ସା କଲେଜ ଗୃହରେ ଏ ନଗରବାସୀ-ଦେଶୀୟ ସ୍ତ୍ରୀଙ୍କ ଚିକିତ୍ସା ନିମିତ୍ତ ସ୍ଥାପିତ ହୋଇଥିବା ଉପରଲିଖିତ ଚିକିତ୍ସାଳୟ ଲାଲବାଗରେ ପ୍ରସ୍ତୁତ ହୋଇଥିବା ନୂତନ ଘରକୁ ଉଠି ଆସିଲେ ତହିଁର କାର୍ଯ୍ୟ ଭଲରୂପେ ଚଳାଇବାର ଉପାୟ ସ୍ଥିର କରିବା କାରଣ ଗୋଟିଏ ସଭା ହୋଇଥିଲା । ନଗରବାସୀ ସମସ୍ତଶ୍ରେଣୀର ଭଦ୍ରଲୋକ ବାହୁଲ୍ୟରୂପେ ଆମନ୍ତ୍ରିତ ଓ ପାଗ ଭଲ ଏବଂ ସମସ୍ତ କଚେରୀମାନ ବନ୍ଦ ଥିଲେହେଁ ଇଉରୋପୀୟଙ୍କ ମଧ୍ୟରୁ ଜ ୪ ଣ ଓ ବିବି ଜ ୬ ଣ ସାହେବ ଏବଂ ଦେଶୀୟଙ୍କ ମଧ୍ୟରୁ ଜ ୧୨।୧୩ ଣ ଉପସ୍ଥିତ ହୋଇଥିଲେ । ସଭାପତି ଶ୍ରୀଯୁକ୍ତ ଟ୍ୟୁଟ ସାହେବ ନିର୍ଦ୍ଧାରିତ ସମୟଠାରୁ ଅଧଘଣ୍ଟା ପୂର୍ବୁ ବସି ସଭାର କାର୍ଯ୍ୟ ଆରମ୍ଭ କଲେ । ଚିକିତ୍ସାଳୟର ସମ୍ପାଦକ ବାବୁ ମଧୁସୂଦନ ଦାସଙ୍କ କହିବାରୁ ଜଣାଗଲା କି ଏହି ଚିକିତ୍ସାଳୟର କାର୍ଯ୍ୟନିର୍ବାହକାରୀ କମିଟୀଙ୍କ ଗତ ଅଧିବେଶନରେ ଖଣ୍ଡିଏ ହିସାବ ଉପସ୍ଥିତ ହୋଇଥିଲା । ତହିଁରେ ଗତ ଜୁନ ମାସ ପର୍ଯ୍ୟନ୍ତ ଚିକିତ୍ସାଳୟର ଆୟ ଛଅଶ କେତେ ଟଙ୍କାରୁ ବ୍ୟୟ ୧୩ଶ କେତେ ଟଙ୍କା ହୋଇଥିଲା । ସୁତରାଂ ଟ୬୦୦ଙ୍କାରୁ କିଛି ଅଧିକ ଫାଜିଲ ପଡିଅଛି ଏବଂ ଔଷଧର ମୂଲ୍ୟ ଟ୬୦୦ଙ୍କା ଦେଣ ଅଛି । ଏପରି ପ୍ରାୟ ୧୩ଶ ଟଙ୍କା ଋଣ ହୋଇଅଛି । କଲିକତାର କାଉଣ୍ଟେସ ଡଫରିନ ଫଣ୍ଡରୁ ମାସିକ ସାହାଯ୍ୟ ମିଳଇ ମାତ୍ର ସ୍ଥାନୀୟ ଦେବାହାରି ବର୍ଷମଧ୍ୟରେ କେବଳ ଟ ୮୯ ଙ୍କା ଆଦାୟ ହୋଇଅଛି । ପ୍ରତିମାସ ଅନ୍ୟୂନ ଟ ୮୦ କି ୧୦୦ଙ୍କା ନ ହେଲେ ଏଥିର କାର୍ଯ୍ୟ ଚଳିବ ନାହିଁ । ଚିକିତ୍ସାଳୟର ଉପଯୋଗିତାପକ୍ଷରେ କଥିତ ହେଲା କି ମାସକୁ ପ୍ରାୟ ହାରାହାରି ଜ ୫୦୦ ଣ ସ୍ତ୍ରୀ ଏଠାରୁ ଚିକିତ୍ସା ପ୍ରାପ୍ତ ହେଉଅଛନ୍ତି । କାର୍ଯ୍ୟନିର୍ବାହକ କମିଟୀ

Digitized by srujanika@gmail.com

ନିଅଣ୍ଟ ପଡୁଥିବା ଟଙ୍କା ସର୍ବସାଧାରଣଙ୍କଠାରୁ ସଂଗ୍ରହ କରିବାକୁ ଶ୍ରୀଯୁକ୍ତ ଟ୍ୱିଟ ସାହେବଙ୍କୁ ଭାର ଦେଇଥିବାରୁ ତଦନୁସାରେ ଅଦ୍ୟ ସଭା ହୋଇଅଛି । ଏହିପରି ସଭାର ଉଦ୍ଦେଶ୍ୟ ମଧୁବାବୁ ବୁଝାଇ ଦେଲାଉତ୍ତାରୁ ସଭାପତି ଟ୍ୱିଟସାହେବ ଏହି ଟଙ୍କା କେବା କର ଦେବାକାରଣ ସର୍ବସାଧାରଣଙ୍କୁ ଅନୁରୋଧ କରି ଅନ୍ୟାନ୍ୟ କଥା ମଧ୍ୟରେ କହିଲେକି କେବଳ ଦେଶୀୟଲୋକଙ୍କ ଉପକାର ନିମନ୍ତେ ଇଂରେଜମାନେ ଏ ଚିକିତ୍ସାଳୟ ବସାଇଅଛନ୍ତି । ଏକଜଣ ଦେଶୀୟ ବଦାନ୍ୟ ବ୍ୟକ୍ତି ରାୟ ବୈଦ୍ୟନାଥ ପଣ୍ଡିତ ବାହାଦୁର ପାଞ୍ଚହଜାର ଟଙ୍କା ବ୍ୟୟରେ ଏଥିପାଇଁ ଗୋଟିଏ ସୁନ୍ଦର ଅଟ୍ଟାଳିକା ନିର୍ମାଣ କରି ଦେଇଅଛନ୍ତି । ଆଉ ଏକଜଣ ନ ଥାନ୍ତୁ ପଛକେ ଦଶଜଣ ମିଶି କରି ଯେବେ ଏହି ଚିକିତ୍ସାଳୟକୁ ଏଥିର ଆବଶ୍ୟକୀୟ ବ୍ୟୟ ନିର୍ବାହ ହେବାରେ ରଖି ନ ପାରିବେ ତେବେ ବଡ଼ଦୁଃଖ ଓ ଲଜ୍ଜାର ବିଷୟ ହେବ । ଆଉ ମା ୨ ସ ଉତ୍ତାରୁ ପ୍ରାୟ ମାନ୍ୟବର ଲେପ୍ଟନାଣ୍ଟ ଗବର୍ଣ୍ଣର ଏଠାକୁ ଆସିବେ ଏବଂ ଦେଶୀୟ ଲୋକମାନେ ନିଜର ଏପରି ହିତକର କାର୍ଯ୍ୟଟିକୁ ରଖିବାକୁ ଅସମର୍ଥ ହେବାର ଦେଖିଲେ ସେ କି ମନେ କରିବେ? ଦେଶୀୟ ଲୋକମାନେ ଉଚ୍ଚ ଶିକ୍ଷା ସଭ୍ୟତା ପ୍ରଭୃତିର ବଡ଼ ଅହଙ୍କାର କରନ୍ତି କିନ୍ତୁ କାର୍ଯ୍ୟରେ ତହିଁର ଫଳ କିଛି ଦେଖାଯାଉ ନାହିଁ ।

ସଭାପତି ଆସନ ଗ୍ରହଣ କଲାରୁ ବାବୁ ହରିବଲ୍ଲଭ ବୋଷ ଚିକିତ୍ସାଳୟର କାର୍ଯ୍ୟନିର୍ବାହ ନିମିତ୍ତ ବିଷୟ ବିବେଚନା କରିବା କାରଣ ଗୋଟିଏ ବିଶେଷ କମିଟି ଗଢ଼ିବାର ପ୍ରସ୍ତାବ କଲେ ଏବଂ ବାବୁ ନନ୍ଦକିଶୋର ଦାସ ଏହି ଚିକିତ୍ସାଳୟ କମିଟି ଓ ଡଫରିନ ଫଣ୍ଡ କମିଟିର ସଭ୍ୟମାନଙ୍କୁ ନେଇ ଗୋଟିଏ କମିଟିର ପ୍ରସ୍ତାବ କଲେ । କିନ୍ତୁ ସଭାପତି କହିଲେ କି ବର୍ତ୍ତମାନ ଯେତେ ଟଙ୍କା ନିଅଣ୍ଟ ପଡୁଅଛି ତାହା ସଂଗ୍ରହ କରିବା ପୂର୍ବେ ଭବିଷ୍ୟତ ବନ୍ଦୋବସ୍ତର ଚିନ୍ତା କରିବା ବୃଥା ତହୁଁ କେବଳ ଉକ୍ତ ଟଙ୍କା ସଂଗ୍ରହ ନିମିତ୍ତ ଗୋଟିଏ ବିଶେଷ କମିଟି ଗଠିତ ହେବାର ପ୍ରସ୍ତାବ ଧାର୍ଯ୍ୟ ହୋଇ ସଭା ଭଙ୍ଗ ହେଲା ।

ଆମ୍ଭେମାନେ ଏ ସଭାରେ ଅଳ୍ପ ଲୋକ ଉପସ୍ଥିତ ହେବାର ଦେଖି ପ୍ରଥମେ ବଡ଼ ହତାଶ ହୋଇଥିଲୁଁ କିନ୍ତୁ ଏଥିର କାର୍ଯ୍ୟ ଦେଖି ଓ ସଭାପତିଙ୍କ ବକ୍ତୃତା ଶୁଣି ମନେ ହେଲା କି ଯେଉଁମାନେ ନ ଆସିଲେ ସେମାନେ ଏକପକ୍ଷରେ ଭଲ କରିଅଛନ୍ତି । ଅନ୍ୟଥା ଏହା ଶୁଣିବାକୁ କାହାର ସୁଖ ହୁଅଇ ନାହିଁ । କେବଳ ଦୁଇ ଏକଜଣ ପୃଷ୍ଠକର୍ତ୍ତା ସଭାକୁ ଆସି ପ୍ରକୃତ କଥା ମୁହଁ ଉପରେ କହିଦେଇଥିଲେ ଭଲ ହୋଇଥାନ୍ତା । ଏହି ସଭା ଏଠାରେ ଶ୍ରୀଯୁକ୍ତ ଟ୍ୱିଟ ସାହେବଙ୍କର ପ୍ରଥମସଭା ମାତ୍ର ଏଥିରେ ସେ ପ୍ରଶଂସନୀୟରୂପେ ଉତ୍ତୀର୍ଣ୍ଣ ହୋଇ ନ ପାରିବାର ଦେଖି ଆମ୍ଭେମାନେ ଦୁଃଖିତ ହେଲୁଁ କଟକ ଚିକିତ୍ସାଳୟର କାର୍ଯ୍ୟ ଭଲ ଚାଲିବ ତହିଁର ବନ୍ଦୁର କରିବା ସଭାର ଉଦ୍ଦେଶ୍ୟ ଥିଲା ମାତ୍ର କେବଳ ପର୍ବର ଅପବ୍ୟୟ ଓ ଅକାର୍ଯ୍ୟ ସଂଶୋଧନ କରିବାର ପ୍ରସ୍ତାବ ଧାର୍ଯ୍ୟ ହେଲା । ପ୍ରକୃତରେ ଆମ୍ଭେମାନେ ବୁଝିଅଛୁଁ ଯେ କେବଳ ଟଙ୍କା ସଂଗ୍ରହ ନିମିତ୍ତ ଏ ସଭା ହୋଇଅଛି ବୋଲି ପୂର୍ବରୁ ସନ୍ଦେହ ହେବାରୁ ଅନେକ ଲୋକ ଯାଇ ନାହାନ୍ତି । ଅଥଚ ସେ ସନ୍ଦେହ ଅକାରଣ ବୋଲିଯାଇ ନ ପାରେ । ଦୁଇବର୍ଷରୁ ଅଧିକ ହେଲା ଚିକିତ୍ସାଳୟ ବସିଅଛି । ଏତେଦିନକେ ତହିଁର ଅସ୍ତିତ୍ୱ ଜାଣନ୍ତି ନାହିଁ । ହଠାତ୍ ସୁବନ୍ଦୋବସ୍ତ କରିବାର କି ପ୍ରୟୋଜନ ହେଲା ଯେ ତହିଁପାଇଁ ସଭା ଡାକିବ ହେଲା ।

## ସାପ୍ତାହିକ ସଂବାଦ ।

ପୁରୀ ଜଗନ୍ନାଥ ଧର୍ମରକ୍ଷିଣୀ ସଭାର ନିୟମାବଳୀ ଏକଖଣ୍ଡ ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । ଶାସ୍ତ୍ରଜ୍ଞ ଏବଂ ସୁବିବେଚକ ସନ୍ନ୍ୟାସୀ ଓ ବ୍ରାହ୍ମଣଙ୍କ ଅନ୍ୟକେହି ଏ ସଭାର ସଭାପତି କି ସହକାରିସଭାପତି ହୋଇ ପାରିବେ ନାହିଁ । ସ୍ଥାନାଭାବରୁ ନିୟମାବଳୀ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

କାହିକି ଲେଖି ଅଛନ୍ତି କି କାଲେଜର ବାରବାଟୀ ସ୍କୁଲର ପିଲାମାନଙ୍କୁ ସେଠା ଛଡ଼ାଇ ସ୍କୁଲକୁ ନେଇଯିବାର ଚେଷ୍ଟା ଅବଧି ହେଉଅଛି । ପ୍ରଥମୋକ୍ତ ସ୍କୁଲରୁ ଉଠାଇ ନେବାକାରଣ କୁମାର ଗତବର୍ଷ ଯେଉଁ କାଣ୍ଡ କରିଥିଲେ ତାହା ନିଷ୍ଫଳ ହେଲେହେଁ ତେବେ କିଛି ଫଳ ହୋଇ ନାହିଁ ।

ବାଲେଶ୍ୱରରେ ଓଲଉଠା ରୋଗ ଶୁଣା ପଡୁଅଛି ।

ଓଡ଼ିଆରେ ପାଠ କଲୁଁ କି ଭଦ୍ରକର ମଧ୍ୟ ଇଂରାଜୀ ସ୍କୁଲକୁ ଟ ୨୦ ଙ୍କା ସାହାଯ୍ୟଦେବା କାରଣ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡ ଡାଇରେକ୍ଟର ସାହେବଙ୍କୁ ଅନୁରୋଧ କରି ଅଛନ୍ତି ।

ଓଡ଼ିଆର ଜଣେ ସମ୍ବାଦଦାତା ଲେଖିଅଛନ୍ତି କି ଶ୍ରୀ ଜଗନ୍ନାଥଙ୍କ ମନ୍ଦିରଉପରେ ପାଠଶାଳା ଥାଳ ଓ ଭକ୍ତମନ୍ଦିରରେ ଥିବା ସରସ୍ୱତୀମାନଙ୍କ ଉପରେ ମିଉନିସିପାଲ ଟାକ୍ସ ବସାଇବାର ପ୍ରସ୍ତାବକାରୀ ବାବୁ ହରମୋହନ ରାୟ ଚୂଡ଼ାମଣି ଭାଇସଚେୟାରମାନ ଅଟନ୍ତି । କମିଶନରମାନଙ୍କର ଅନେକ କିଛି ସମ୍ମତି କରି ନାହାନ୍ତି ।

### କଲିକତା—ଗେଜେଟ ।

ଡେପୁଟୀକଲେକ୍ଟର ମିଃ ଡୀ, କେ ମେଣ୍ଡିସ୍ ବାଲେଶ୍ୱରର ସାର୍ଟିଫିକେଟ ମୋକଦ୍ଦମାରେ କଲେକ୍ଟରଙ୍କ କ୍ଷମତାପ୍ରାପ୍ତ ହୋଇଅଛନ୍ତି ।

ବାବୁ ପୂର୍ଣ୍ଣଚନ୍ଦ୍ର ବସୁ ଓ ବାବୁ କେଦାରନାଥ ଦତ୍ତ ପଞ୍ଚମଶ୍ରେଣୀରେ ଓ ବାବୁ ଅଟଲବିହାରୀ ମିତ୍ର ଷଷ୍ଠଶ୍ରେଣୀରେ ବାହାଲ ହୋଇଅଛନ୍ତି ବାବୁ ରମାକ୍ଷୟ ଗାଙ୍ଗୁଲି ଦ୍ୱିତୀୟଶ୍ରେଣୀରେ ଓ ବାବୁ ମନ୍ମୋହନ ଚକ୍ରବର୍ତ୍ତୀ ସପ୍ତମଶ୍ରେଣୀରେ ଚିରକାଳ ନିମନ୍ତେ ନିଯୁକ୍ତ ହୋଇଅଛନ୍ତି ବାବୁ ପ୍ରତାପଚନ୍ଦ୍ରଭଞ୍ଜ ଓ ବାବୁ ସତ୍ୟେନ୍ଦ୍ରନାଥ ଦେ କାଲେକ୍ଟରଙ୍କର ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ତୃତୀୟଶ୍ରେଣୀମାଜିଷ୍ଟ୍ରେଟଙ୍କ କ୍ଷମତାପ୍ରାପ୍ତ ହୋଇଅଛନ୍ତି ।

ଯାଜପୁର କେନାଲ ଗତ ତା ୧୧ ଦିନରୁ ବ୍ୟବସାୟ ଚଳାଇବା ନିମନ୍ତେ ଖୋଲା ହୋଇଅଛି ବିଶେଷ ବିବରଣ ଗେଜେଟରେ ଉଲ୍ଲିଖିତ ଅଛି ।

ଅଣ୍ଟାପଡ଼ା ସାଜପୁର ଦକ୍ଷିଣର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଉକ୍ତ କେନାଲର ସୁପରିଣ୍ଟେଣ୍ଡେଣ୍ଟ ଓ ଟୋଲ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

କୁମାର ଶିଶିରନାରାୟଣ ଦେବ ପୁରୀର ଏକଟିଂ ଜଏଣ୍ଟ ମାଜିଷ୍ଟ୍ରେଟ ନିଯୁକ୍ତ ହେଲେ ।

ମାଣିକପାଟଣା ତହଶିଲର ପିଯନ କୃଷ୍ଣାନନ୍ଦ ସ୍ୱାମୀ ରେଭେନ୍ୟୁ ଅଫିସରର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

---

ଆୟର୍ଲଣ୍ଡର ଅନ୍ୟଜଣେ ପାର୍ଲିୟାମେଣ୍ଟର ମେମ୍ବର ଓ କେଲିସାହେବ ଆଇନ ଉଲ୍ଲଙ୍ଘନ କରିବା କାରଣ ଲୋକଙ୍କୁ ଉତ୍ତେଜିତ କରିବା ସୂଚକ ବକ୍ତୃତା କରିଥିବା ଅପରାଧରେ ମା ୪ ସ କାରାବାସର ଦଣ୍ଡାଜ୍ଞା ପ୍ରାପ୍ତ ହୋଇ ଥିବାର ସମ୍ବାଦ ମିଳଇ ।

ଇଂଲଣ୍ଡପାର୍ଲିୟାମେଣ୍ଟର କେନ ସାହେବ, ସାମୁଏଲ ସ୍ମିଥସାହେବ ଏବଂ ଅନ୍ୟାନ୍ୟ କେତେକ ମେମ୍ବରମାନେ ଅବକାରୀ ଆଇନ ଭାରତରେ ଯେରୂପ ଚଳୁଅଛି ତାହା ଦେଶଲୋକଙ୍କୁ ଜଣାଇ ସେମାନଙ୍କ ପ୍ରତିକାର ବିଧାନରେ ପ୍ରବର୍ତ୍ତଇବା ଏବଂ ଭାରତରେ ପରିମିତାଚାର ପ୍ରଚଳନ ଓ ମାଦକଦ୍ରବ୍ୟ ବିକ୍ରୟର ସୁବିଧା କମ କରିବା ଉଦ୍ଦେଶ୍ୟରେ ବିଲାତରେ ଏକ ସଭା ସଂଗଠନ କରୁଥିବାର ସମ୍ବାଦ ମିଳଇ ।—ଏହା [illegible]ଙ୍କର ମହାନୁଭବତାର ପରିଚୟ ।

ବିଲାତର ପାଲମାଲ ଗେଜେଟ ଦାକ୍ଷିଣାତ୍ୟ [illegible] କୁମାର ସହିତ ଅସ୍ମାନଙ୍କର ନମ୍ର ସେକ୍ରେଟରୀ ଗର୍ଷ୍ଟସାହେବ ମହୋଦୟ ଇସ୍ତଫା ଦେବାର ଲେଖିଅଛନ୍ତି । ଏହା ସତ୍ୟ ହେଲେ ଗର୍ଷ୍ଟସାହେବଙ୍କୁ ଏ କାର୍ଯ୍ୟରେ ରଖିବା କଦାଚ ଉଚିତ ନୁହଇ ଭରସା କରୁଁ ଗର୍ଷ୍ଟ ସାହେବ ଏ ଲକ୍ଷ୍ମି ଖଣ୍ଡନ କରିବା ନିମିତ୍ତ ବହୁତ ଉପାୟ ଅବଲମ୍ବନ କରିବେ ।

ପିଲିଭିଟର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ କେତ୍ସସାହେବ ଦୁଇଜଣ ବନ୍ଧୁଙ୍କ ସଙ୍ଗେ ଆପଣା କୋଠିଠାରେ ଗତମାସ ତା ୧-ରିଖରେ ଆହାର କରୁଥିବା ସମୟରେ ନ ୪ ଣ କନେଷ୍ଟବଲ ତାଙ୍କ ଅଭିକୁ ଥ ୪ ର ବନ୍ଧୁକ ଚଳାଇଲେ ମାତ୍ର କାହାରି ଦେହରେ ଗୁଳି ବସି ନାହିଁ । ଉକ୍ତ ଅସାମିମାନେ ତହିଁର ତା ୨ ର ଇସପୁ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଦେଖାପଡ଼ିବାରୁ ସେତେବେଳେ ତାଙ୍କୁ ଘେରିଯାଆନ୍ତେ ସେମାନେ ଅପେ ଆପଣାକୁ ଗୁଳି କରି ଆତ୍ମହତ୍ୟା କରିଥିବାର ସମ୍ବାଦ ମିଳଇ ।—ପରସ୍ପର ଯେଉଁ ଘର ଘଟଣା ହୋଇଥିଲା ତାହା ଏହିରୂପେ ଲୋକଙ୍କ ସମ୍ମୁଖରେ ଆପଣାଦେହରେ କଷିଲା ।

କୁବୁସଜ୍ୟରେ ଯୁଦ୍ଧକାଣ୍ଡ ଘଟିଥିବାର ସମ୍ବାଦ ମିଳଇ । ଗତମାସ ତା ୨୦ ଦିନରେ ଇଂରେଜଙ୍କପକ୍ଷର ୬୦୦ ସୈନ୍ୟ ସହିତରେ କିଲୁସେକଙ୍କର ଯୁଦ୍ଧ ହୋଇଥିଲା କିନ୍ତୁ ଶତ୍ରୁପକ୍ଷରୁ ନ ୧୨ ଣ ହତ ହୋଇଥିବାର କଥିତ ହୁଏ । ଇଂରେଜଙ୍କ ପକ୍ଷ ମୃତ୍ୟୁସଂଖ୍ୟା ଜଣାଯାଇ ନାହିଁ ।

Split by PDF Splitter
Digitized by srujanika@gmail.com

ଏତେକାଳ ଉତ୍ତାରୁ ଷ୍ଟକନୋଟଧାରୀମାନଙ୍କର କପାଳ ଖୋଲିଲା । ସନ ୧୮୮୨ ମସିହାରେ ଯେଉଁ ଷ୍ଟକନୋଟମାନ ବାହାରିଥିଲା ତହିଁର କ୍ରେତାମାନଙ୍କୁ ଗବର୍ଣ୍ଣମେଣ୍ଟ ଟ ୪ ଙ୍କା ସୁଧର ପ୍ରମିସରିନୋଟ ଏବଂ ଅଳ୍ପମୂଲ୍ୟର ଷ୍ଟକନୋଟକ୍ରେତାମାନଙ୍କୁ ନୋଟ ଲିଖିତ ଟଙ୍କା ଦେବାର ଇଣ୍ଡିଆଗେଜେଟରେ ଏକ ନିର୍ଦ୍ଧାରଣୀ ବାହାରିଅଛି ।—ଷ୍ଟକନୋଟ ସୃଷ୍ଟି ହେବାକାଳରେ ଯେଉଁ ସ୍ୱପ୍ନ ଦେଖିଥିଲେ ସେ ସ୍ୱପ୍ନ ଅଳୀକ ବୋଲି ଗବର୍ଣ୍ଣମେଣ୍ଟଙ୍କର ବିଶ୍ୱାସ ହେଲା ।

ଏତେ ଦିନେ କଥିତହୁଏ ରୁଷିଆର ସମ୍ରାଟ ଆଗାମି ଅକ୍ଟୋବର ମାସରେ ବାକୁ ପରିଦର୍ଶନ କରିବାକୁ ଆସିବେ । ସେଠାରୁ ମର୍ଭ ଓ ବୋଖାରା ହୋଇ ସମରକନ୍ଦ ଅଡ଼କୁ ବିରାଜମାନ ହେବେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁତ ଉତ୍କଳଦୀପିକାସମ୍ପାଦକ ମହାଶୟ-
ସମୀପେଷୁ ।

ମହାଶୟ !

ଆମ୍ଭର ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବେ ।

ଏବର୍ଷ ଇନ୍ଦ୍ରଦେବ ଜଳଦାନ ପକ୍ଷରେ ଯେପରି ନିର୍ଦ୍ଦୟ ପ୍ରକାଶ କରିଥିଲେ ତାହା ସର୍ବସାଧାରଣଙ୍କ ବିଦିତଅଛି ଦେଶସକଳର ଖୋର୍ଦ୍ଧା ପ୍ରତି ବିଶେଷ କୋପଦୃଷ୍ଟି ହୋଇଥିଲା । ଅଳ୍ପବୃଷ୍ଟି ହେତୁରୁ ଏ ଅଞ୍ଚଳରେ ନିମ୍ନଶ୍ରେଣୀର ଲୋକମାନେ ଅର୍ଥାତ୍ ବାଉରି, ଶବର, ଓ ଲୋଧା ପ୍ରଭୃତି ଜାତୀୟ ଲୋକମାନେ ମଜୁରି ନ ପାଇ ଖାଇବା ବିଷୟରେ କଷ୍ଟ ପାଉଥିଲେ ମଧ୍ୟ ସେମାନେ ବର୍ଷର କେତେକାଂଶ ଜଙ୍ଗଲର ଫଳ ମୂଳ ଓ ପତ୍ରାଦି ଖାଇ ଜୀବନଯାତ୍ରା ନିର୍ବାହ କରନ୍ତି । କିନ୍ତୁ ଜଙ୍ଗଲ ଇଲାକା କର୍ମଚାରୀମାନଙ୍କ କଡ଼ା ବନ୍ଦୋବସ୍ତଦ୍ୱାରା ସେମାନେ ଉପରୋକ୍ତ ଫଳ ମୂଳାଦିରୁ ବଞ୍ଚିତ ହେବାରୁ ସେମାନଙ୍କର କଷ୍ଟ ଗୁରୁତର ହୋଇ ଶେଷକୁ ଅସହ୍ୟ ହୋଇପଡ଼ିଲା ସେମାନେ ଉଦର ପୋଷଣର ଅନ୍ୟ କୌଣସି ଉପାୟ ନ ଦେଖି ସେମାନଙ୍କ ମଧ୍ୟରୁ କେତେଗୁଡ଼ିଏ ଲୋକ ମାନ୍ୟବର ସବଡିଭିଜନ ଅଫିସର ଶ୍ରୀଯୁତ ଟେଲରସାହେବଙ୍କ ନିକଟରେ ଉପସ୍ଥିତ ହୋଇ ଆପଣା ୨ର ଏବଂ ଗ୍ରାମବାସିମାନଙ୍କର ଦୁଃଖ ଜଣାଇବାରୁ ସାହେବ ପ୍ରଶଂସିତ ସେମାନଙ୍କ କଥା ଶୁଣି ଓ ସେମାନଙ୍କ ଶରୀରର ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହୋଇ ସେମାନଙ୍କ ଦୁଃଖ ମୋଚନରେ ଯତ୍ନବାନ୍ ହେଲେ । ଦୟାବାନ୍ ସାହେବମହୋଦୟ ଉପସ୍ଥିତ ବ୍ୟକ୍ତିମାନଙ୍କୁ ତତ୍‌କ୍ଷଣାତ୍ କିଛି ୨ ଅର୍ଥସାହାଯ୍ୟ କରି ସେହିଦିନଠାରୁ ଗରିବ, ଦୁଖୀ, ଓ ଅନ୍ନକଷ୍ଟପୀଡ଼ିତ ହଜାର ୨ ଲୋକମାନଙ୍କୁ ପ୍ରତିଦିନ ତାରିଖଠୁଁ କେତେକଦିନ ପର୍ଯ୍ୟନ୍ତ ଅର୍ଥଦାନ କରିବାକୁ ଆରମ୍ଭ କଲେ । ତହିଁରେ ତାଙ୍କର ମନ ସନ୍ତୋଷ ନ ହେବାରୁ ଗରିବ ପ୍ରଜାମାନଙ୍କ ସାହାଯ୍ୟାର୍ଥେ ସ୍ଥାନେ ୨ ସରକାରୀ କର୍ମଚାରୀ ଧାନ, ଚାଉଳ ସହିତରେ ପ୍ରେରଣକରି ନିଜେ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଭ୍ରମଣକରି ସାହାଯ୍ୟକାର୍ଯ୍ୟ ଆରମ୍ଭ କଲେ ପ୍ରେରିତ ସରକାରୀ କର୍ମଚାରୀମାନେ ଗ୍ରାମ ୨ ଓ ଘର ୨ ଅନ୍ୱେଷଣ କରି ନିମ୍ନଶ୍ରେଣୀର ଗରିବ ପ୍ରଜା ଯେ କି କର୍ମ କରିବାକୁ ଅକ୍ଷମ ସେମାନଙ୍କୁ ପରିବାରର ସଂଖ୍ୟା ଅନୁସାରେ ପଇସା, ଧାନ, ଓ ଚାଉଳ ଖଇରାତ କରୁଅଛନ୍ତି ଯେଉଁମାନେ ଅନ୍ନକଷ୍ଟପୀଡ଼ିତ ଅଥଚ କର୍ମ କରିବାକୁ ସକ୍ଷମ ସେମାନଙ୍କୁ କୂପ, ପୁଷ୍କରିଣୀ ଓ ସଡ଼କ ଇତ୍ୟାଦି କାର୍ଯ୍ୟରେ ନିଯୁକ୍ତକରି ମଜୁରି ପ୍ରଦାନ କରୁଅଛନ୍ତି ଓ ମଧ୍ୟମଶ୍ରେଣୀର ଲୋକମାନେ ଉପରୋକ୍ତ କାର୍ଯ୍ୟ କରିବା ପକ୍ଷେ ଅନୁପଯୁକ୍ତ ଥିବାରୁ ସେମାନଙ୍କର ଅନ୍ନକଷ୍ଟ ନିବାରଣାର୍ଥେ ସେମାନଙ୍କ ଘରେ କୁଟୁମ୍ବ ହିସାବକରି ସେହିପରି ଚାଉଳ ଓ ପଇସା ଦେଉଅଛନ୍ତି ଏ ସମସ୍ତଙ୍କ କାର୍ଯ୍ୟ ଅପେକ୍ଷା ସାହେବମହୋଦୟଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଓ ଦୁଃଖିର ଦୁଃଖନାଶକ ଅଟେ । ସାହେବମହୋଦୟଙ୍କ ଅପରାପର ଗସ୍ତ ମଧ୍ୟରେ ଦାଣ୍ଡିମାଳ ଗସ୍ତ ଦୁଃଖୀ ପ୍ରଜାଙ୍କର ଚିରସ୍ମରଣୀୟ ହୋଇ ରହିଲା । ଦୟାବାନ୍ ସାହେବ ଦେଶୀୟ ହାକିମଙ୍କପରି ପ୍ରତ୍ୟେକ ଲୋକଙ୍କର ଘରକୁ ଯାଇଁ ତାଙ୍କର ଦୁଃଖଦର୍ଶନରେ ଆପ୍ୟାୟିତ ହୋଇ ଯାଇଥିଲେ ଘାଟିକିଆମୌଜା ପ୍ରଜାମାନଙ୍କର ନିତାନ୍ତ ଦୁରବସ୍ଥା ଦେଖି ସେହି ମୌଜା ସରବରାକାରଙ୍କଠାରୁ ଭ ୧୦ ରଣ ଧାନ ବିନା ସୁଧରେ ଦିଆଇଦେଲେ ଓ ଗବରେଣ୍ଟଙ୍କ ରାଜକୋଷରୁ ଟ ୫୨ ଙ୍କା ଖଇରାତ ଦେଲେ ଆହୁରି ଗିରଙ୍ଗାପାଟ ମୌଜାରେ ସାହେବମହୋଦୟ ପ୍ରବେଶ ହୋଇ ସେଠାରେ ଅଠଘର ଭୋଇ ଖଣ୍ଡାଏତ ଯେଉଁମାନେ କି ସାମନ୍ତ ବୋଲନ୍ତି ଓ ଯେଉଁମାନଙ୍କର ମଜୁରିଲାଗିବାକାର୍ଯ୍ୟ ଜାତକରେ ନାହିଁ ସେମାନଙ୍କୁ ଅସୀମ ଅନ୍ନକଷ୍ଟପୀଡ଼ିତ ଦେଖି ସାହେବ ପ୍ରଶଂସିତ ତତ୍‌କ୍ଷଣାତ୍ ୫୮ ଙ୍କା ଦେଲେ ଓ ଏ ଟଙ୍କା ଖର୍ଚ୍ଚ ଶେଷହେଲେ ସେମାନଙ୍କର ଅବସ୍ଥା ବୁଝି ପୁଣି ୨ ରିପୋର୍ଟ କରିବାନିମନ୍ତେ ଉକ୍ତ ମୌଜାର ସରବରାକାରଙ୍କୁ ଆଦେଶ ଦେଲେ ଏହିପରି ଅନ୍ୟାନ୍ୟ ମୌଜାମାନଙ୍କରେ ଭ୍ରମଣକରି ମୋଟରେ ଟ ୭୩୫ ଙ୍କା ଓ ଧାନ ଆଦି ଗରିବମାନଙ୍କ ମଧ୍ୟରେ ବିତରଣକରି ସାହେବମହୋଦୟ ଖୋର୍ଦ୍ଧାବାସିମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏସବୁପରି ଗବରେଣ୍ଟଙ୍କ ରାଜକୋଷରୁ ଏପର୍ଯ୍ୟନ୍ତ ଟ ୪୫୦୦୦ ଙ୍କା ପ୍ରଜାମାନଙ୍କୁ ତଗାବି ଦିଆଇ ଅଛନ୍ତି ଓ ନୀଚଶ୍ରେଣୀର ଗରିବମାନଙ୍କୁ ଜଙ୍ଗଲ ଛାଡ଼ ଦେଇ ଅଛନ୍ତି ଯେ ସେମାନେ ଜଙ୍ଗଲରୁ ସ୍ୱେଚ୍ଛାକ୍ରମେ ବିନାଖର୍ଚ୍ଚାରେ ଜଇଲା ଫସଲ କରିବେ ଓ ଫଳ ମୂଳାଦି ଓ ଶୁଖିଲାକାଠ ଆଣି ଖାଇବେ ଓ ବିକ୍ରୀ କରିବେ । ସାହେବ ମହୋଦୟ ଉପଯୁକ୍ତ ସମୟରେ ଏ ସମସ୍ତ କାର୍ଯ୍ୟ କରିଥିବାରୁ ପ୍ରଜାମାନେ ଦୀର୍ଘକାଳ ସ୍ଥାୟୀ କଷ୍ଟର ବଶବର୍ତ୍ତୀ ହୋଇପାରିଲେ ନାହିଁ ଏହା ହୋଇ ନ ଥିଲେ ଲୋକଙ୍କର ଧନ ଓ ପ୍ରାଣନାଶର ସୀମା ରହି ନ ଥାନ୍ତା ଅମ୍ଭେମାନେ କାୟମନୋବାକ୍ୟରେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଁ ଯେ ସାହେବ ମହୋଦୟଙ୍କ ଶାସନରେ ଅମ୍ଭମାନଙ୍କୁ ରଖିଥାନ୍ତୁ ଯେ ଅମ୍ଭେମାନେ ଏପରି କଷ୍ଟରେ କଷ୍ଟି ହେବୁଁ ନାହିଁ ଓ ସାହେବ ମହୋଦୟଙ୍କୁ ଯଶସ୍ୱୀ ଓ ଦୀର୍ଘଜୀବୀ କରନ୍ତୁ । ଇତି ।

୧୪।୮।୮୮ } ଆପଣଙ୍କ ବଶମ୍ବଦ
ଖୋର୍ଦ୍ଧା } ଶ୍ରୀ କଲ୍ପତରୁ ମହାନ୍ତି ।

---

ମହାଶୟ !

ଲବଣକର ବୃଦ୍ଧିହେତୁ ଲବଣର ମୂଲ୍ୟ ଅନ୍ୟାୟମତେ ବୃଦ୍ଧି ହୋଇଅଛି କି ନା ସେ ବିଷୟରେ ଜିଲ୍ଲା ହାକିମମାନଙ୍କଠାରୁ ଗବର୍ଣ୍ଣମେଣ୍ଟ ରିପୋର୍ଟ ତଲବ କରିଅଛନ୍ତି ଓ ମଧ୍ୟ କି ଉପାୟରେ ତାହା ହ୍ରାସ ହେବ ଓ ଉଚିତମୂଲ୍ୟରେ ଲବଣ ବିକ୍ରୟ ହେବ ଏଥିର ଆନ୍ଦୋଳନ ଲାଗିଅଛି । ଏହା ଆଶାପ୍ରଦ ଓ ଆନନ୍ଦର ବିଷୟ ଅଟେ । ଗବର୍ଣ୍ଣମେଣ୍ଟ ମହଣପ୍ରତି ଆଠଣା ମାତ୍ର ବୃଦ୍ଧି କରିଅଛନ୍ତି ଏହା ଅଧିକ ନୁହେ ସତ୍ୟ, କିନ୍ତୁ ବିଖ୍ୟାତ ପାରସିକବି ସେଖ ସାଦି କହିଅଛନ୍ତି କି ରାଜା ମଠାଏ ଲୁଣ ବଜାରରୁ ଆଣିବାପାଇଁ ଆଜ୍ଞା ଦେଲେ ଭୃତ୍ୟମାନେ ବଜାର ଯାକ ଲୁଟି ଆଣନ୍ତି । ଲବଣସଙ୍କ୍ରାନ୍ତରେ ସେହିପରି ଘଟିଅଛି । ସରକା-

Split by PDF Splitter

Digitized by srujanika@gmail.com

Split by PDF Splitter



ର୍ଣ୍ଣମେଣ୍ଟଙ୍କ କର ବୃଦ୍ଧି ସେର ପ୍ରତି ଦୁଇପାହୁଲା ଅଠକ୍ରାନ୍ତି ମାତ୍ର ପଡ଼ୁଅଛି (ପାହୁଲାକ ୧୦କ୍ରାନ୍ତି) କିନ୍ତୁ ବେପାରି ଓ ଦୋକାନମାନେ ତହିଁର ତିନିଗୁଣ ବୃଦ୍ଧି କରି ନେଇଅଛନ୍ତି ଓ ଏହା ଦୁଃଖିମାନଙ୍କୁ ବାଧୁଅଛି । କରବୃଦ୍ଧି ପୂର୍ବେ ଗଞ୍ଜାମରେ ଲବଣର ମୂଲ୍ୟ ମହଣକୁ ଟ ୨୷ ଥିଲା ଗବର୍ଣ୍ଣମେଣ୍ଟ ଅଠଣା ବୃଦ୍ଧି କରିବାରୁ ମହଣକୁ ଟ ୨୲୷ ହୋଇଥାନ୍ତା କିନ୍ତୁ ଗଞ୍ଜାମିମାନେ ମହଣକୁ ଟ ୩। ଟ ୩୲ ପର୍ଯ୍ୟନ୍ତ ନେଉଅଛନ୍ତି ଓ କେବେ ୨ ୬ ଆଧ୍ୟ ନେବାର ଶୁଣାଯାଏ ଏଠାର ବେପାରିମାନେ ସୁଦ୍ଧା ମହଣର ମୂଲ୍ୟ ଟ ୩। କଲେ ଓ ଦୋକାନିମାନେ ଟ ୩।-ରେ କିଣି ଟ ୫ ହାରେ ବେଚି ବିକ୍ରୀ କରୁଅଛନ୍ତି । ସହରରେ ସେର ପଡ଼ିଲା ଟ ୵୶ ଓ ମୋଫସଲରେ କୌଠାରେ ଟ ୦ ୵୶୲ ଓ କୌଠାରେ ଟ ୦ ୵୶୬ ହୋଇଅଛି । କରବୃଦ୍ଧି ପୂର୍ବେ ଏଠାରେ ସେର ଟ ୦ ୵୬ ଥିଲା ତାହା ଟ ୦ ୵୶ ରୁ ଟ ୦ ୵୶୬ ପର୍ଯ୍ୟନ୍ତ ହେବାରେ ଯେ ଦୁଃଖିଲୋକଙ୍କୁ କେତେଦୂର କଷ୍ଟକର ହୋଇଅଛି ତାହା ସେହିମାନେ ଜାଣନ୍ତି । ଯାଜପୁର ସବଡିଭିଜନ ଇଲାକାରେ ଗ୍ରେସ୍‌ପୋଲ୍ୟାନର ଅନେକ ମାମଲା ହୋଇଅଛି । ସେଥିରେ ଆସାମିମାନେ ମୁକ୍ତକଣ୍ଠରେ ଅପରାଧ ସ୍ୱୀକାର କରି କହିଅଛନ୍ତି କି ଲବଣର ଦୁର୍ମୂଲ୍ୟହେତୁ ସେମାନେ ବାଧ୍ୟ ହୋଇ ଗ୍ରେସ୍‌ପୋଲ୍ୟାନ କଲେ । ଆପଣ ପରା ସେତେବେଳେ କହୁଥିଲେ କି କରବୃଦ୍ଧି ସେରକରେ ପଇସାଏ ପଡ଼ୁ ନାହିଁ ଏହା କାହିଁକି ଲୋକଙ୍କୁ ବାଧିବ । ଏବେ ଦେଖନ୍ତୁ ସେରକେ କେତେ ପଇସା ପଡ଼ୁଅଛି ଓ ଦୁଃଖିଙ୍କୁ କେତେ କଷ୍ଟକର ହୋଇଅଛି । ସେଣ୍ଟ ସାଇଙ୍କ ବଚନ କି ବୃଥା ହେବ ? ସେ ଯାହା ହେଉ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଓ କଲେକ୍ଟର ସାହେବ ଯେ ଏକଥା ବର୍ତ୍ତମାନ ବୁଝିପାରିଅଛନ୍ତି ସୁଖର ବିଷୟ ଅଟେ ଓ ଦୁଃଖିଙ୍କ କଷ୍ଟ ହ୍ରାସ ହେବାର ଆଶା ହେଉଅଛି ।

ସାହେବ ମହୋଦୟ ଗତ ସୋମବାର ଦିନ ଏଠାରେ ଥିବା କମେଇ ବେପାରିମାନଙ୍କୁ ଡକାଇ ଲବଣ କାରବାର କରିବା ସକାଶେ ସେମାନଙ୍କୁ ଅନୁରୋଧ କଲେ । କାରଣ ଲବଣ ବର୍ତ୍ତମାନ କେବଳ ଗଞ୍ଜାମ ବେପାରିଙ୍କ ହାତରେ ଥିବାରୁ ସେମାନେ ଯଥେଚ୍ଛା ବ୍ୟବହାର କରୁଅଛନ୍ତି, ପ୍ରତିଯୋଗିତା ହେଲେ ଆଉ ଅନୁଚିତ ଦୁର୍ମୂଲ୍ୟ ରହିପାରିବ ନାହିଁ । ସାହେବ ମହୋଦୟ ଆହୁରି ବୋଲନ୍ତି ଯେ କଲିକତାରୁ ଯେ ଜାହାଜମାନ ଗୃହଜାତ ଇତ୍ୟାଦି ପଣ୍ୟମାନ ନେବା ସକାଶେ ଏପ୍ରଦେଶକୁ ଆସନ୍ତି ତହିଁରେ ବାଲଷ୍ଟ (Ballast) ଅର୍ଥାତ୍ ଜାହାଜକୁ ସ୍ଥିର ରଖିବା କାରଣ ପଥର ଭରତି କରି ହୋଇଥାଏ । ଏଥିରେ ଅନେକ ଖର୍ଚ୍ଚ ହୁଏ ମାତ୍ର ଜାହାଜରେ ମାଲ ବୋଝାଇ ବେଳେ ସେ ପଥରମାନ କାଢ଼ି ଫୋପାଡି ଦିଆଯାଏ ସୁତରାଂ ସେସବୁ ଖର୍ଚ୍ଚ ବୃଥାଯାଏ । ଯଦ୍ୟପି ପଥର ବାଲଷ୍ଟ ପରିବର୍ତ୍ତେ କଲିକତା ଲବଣ ଭରତି କରି ଅଣାଯାଏ ତେବେ ଅନେକ ଲାଭ ହେବ । ବର୍ଣ୍ଣିତ ଇତ୍ୟାଦି ସମୁଦ୍ର ତଟରେ ସେ ଲବଣ ମହଣକୁ ବାରଅଣା ମୂଲ୍ୟରେ ବିକ୍ରୀ କଲେ ସୁଦ୍ଧା ଦୁଇଗୁଣ ଲାଭ ହେବ । ସେସ୍ଥାନମାନଙ୍କରୁ ଲବଣ ନୌକା ବୋଟରେ ନଗର ଓ ମୋଫସଲକୁ ଆଣିବାର ବିଶେଷ ସୁବିଧା ଥିବାରୁ ଏଠାର ବେପାରିମାନେ ସେ ଲୁଣ ନେଇ ଆସିଲେ ସୁତରାଂ ତାହା ଚଞ୍ଚଳ ବିକ୍ରୀ ହୋଇ ଯିବ ଓ ସେଥିପାଇଁ ଜାହାଜ ଅଟକ ରହିବ ନାହିଁ । କାଣ୍ଡୋହାମାନେ ସାହେବଙ୍କଠାରୁ ଏହା ଶୁଣି ଆସି ଆପଣାମଧ୍ୟରେ ଏଥିର ବିଚାର ଓ ଚର୍ଚ୍ଚା ଲଗାଇଅଛନ୍ତି ଓ ଏପର୍ଯ୍ୟନ୍ତ କିଛି ସ୍ଥିର ହୋଇ ନ ଥିଲେ ହେଁ ସେମାନେ ଏଥିରେ ଅଗ୍ରସର ହେବାର ଆଶା ହେଉଅଛି । ଏଦେଶୀୟ ଧନୀ ଓ ବେପାରିମାନେ କି ଏଥିରେ ଅଗ୍ରସର ହେବେ ନାହିଁ ? କେତେକ ଜଣ ମିଶି ଉପଯୁକ୍ତ ମତେ ଲବଣ ବେପାର କଲେ ସେମାନଙ୍କର ଲାଭ ଓ ଦେଶର ଉପକାର ହେବ ଏଥିରେ ସନ୍ଦେହ ନାହିଁ । ବିଦେଶୀୟ ବେପାରିମାନେ ଏକାର୍ଯ୍ୟଟି କଲେ ତହିଁର ଲାଭ ବିଦେଶକୁ ଚାଲିଯିବ ଏଦେଶୀୟମାନେ ଏବ୍ୟାପାର କଲେ ଲାଭ ଏହିଦେଶରେ ରହିଯିବ ଓ ଲବଣର ଦୁର୍ମୂଲ୍ୟ ହ୍ରାସଦ୍ୱାରା ଦେଶିମାନଙ୍କର ବିଶେଷ ଉପକାର ହେବ ଏପରି ଫଳଦାୟକ କାର୍ଯ୍ୟରେ ଏଦେଶୀୟ ଧନୀ ଓ ବେପାରିମାନେ ଯତ୍ନବାନ୍ ହେବାର ଉଚିତ ଅଟଇ ସେମାନେ ଏଥିରେ ପ୍ରବୃତ୍ତ ହେଉନ୍ତୁ ଏହା ଆମ୍ଭର ଏକାନ୍ତ ପ୍ରାର୍ଥନା ।

ଯଦିଚ ଏରୂପାୟ କୌଣସିମତେ ହୋଇ ନ ପାରେ ତେବେ ଆମ୍ଭେ ଦୟାଳୁ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରୁଅଛୁଁ କି ସେ ଅନୁଗ୍ରହପୂର୍ବକ ବୃଦ୍ଧିକରକୁ ଉଠାଇ ଦେଉନ୍ତୁ ଓ ପୂର୍ବବତ୍ ଏଜିଲ୍ଲାରେ ପଙ୍ଗାଲୁଣ ପୋଲ୍ୟାନ ହେବାର ଆଦେଶ କରନ୍ତୁ । ଏଜିଲ୍ଲାରେ ପୋଲ୍ୟାନି ହେଲେ ଗଞ୍ଜାମ ବେପାରିମାନଙ୍କ ଏକଚେଟିଆ ବ୍ୟବସାୟ ଭାଙ୍ଗିଯାଇପାରେ । ଆମ୍ଭେ ଶୁଣିଲୁଁ ଆମ୍ଭମାନଙ୍କ କଲେକ୍ଟର ସାହେବ ଏଜିଲ୍ଲାରେ କରକଚ ଅର୍ଥାତ୍ ଗୋଡ଼ାଲୁଣ ପୋଲ୍ୟାନ କରାଇବାର ପ୍ରସ୍ତାବ କରିଅଛନ୍ତି । କିନ୍ତୁ ଏଜିଲ୍ଲାର ସମୁଦ୍ରତଟ ମୃତ୍ତିକା ଗୋଡ଼ାଲୁଣ ପୋଲ୍ୟାନ ପ୍ରତି ସୁବିଧାଜନକ ନୁହେ । ଶୁଣିବାରେ ଏଥିର ଚେଷ୍ଟା ହୋଇଥିଲା ମାତ୍ର ତାହା ସଫଳ ହେଲା ନାହିଁ । ଏହେତୁ ଆଉ ସେଥିର ଚେଷ୍ଟା କେହି କରୁ ନାହାନ୍ତି ଓ ଏଠାରେ ଗୋଡ଼ାଲୁଣ ପୋଲ୍ୟାନ ହୋଇ ପାରିବ ନାହିଁ ବୋଲି କହନ୍ତି । ଅତଏବ ଯେବେ ଶ୍ରୀଯୁକ୍ତ ଟ୍ୟୁଟ ସାହେବ ଏଜିଲ୍ଲାରେ ପୂର୍ବବତ୍ ପଙ୍ଗାଲୁଣର ପୋଲ୍ୟାନ କରାଇ ଦିଅନ୍ତି ତେବେ ସେ ବିଶେଷ ଧନ୍ୟବାଦର ପାତ୍ର ହେବେ । ଆମ୍ଭେ ଆଶା କରୁଁ ସେ ଏଥିରେ ଯତ୍ନବାନ୍ ହେବେ । ସେ ବାୟୁମକୋବାଳେ ଚେଷ୍ଟା କଲେ ସଫଳ ହେବାର ସମ୍ଭବ । ଯେବେ ତାଙ୍କ ଜାଣିବାରେ ଗୋଡ଼ାଲୁଣ ପୋଲ୍ୟାନ ହୋଇ ପାରେ ତେବେ ସରକାରୀ ପୋଲ୍ୟାନ ଥରେ କରାଇ ଦେଇ ଲୋକଙ୍କୁ ଦେଖାଇ ଦେଉନ୍ତୁ ।

ଏହୁଇ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବା କାରଣ ଏଠାରେ ଛମାସପୂର୍ବେ ବୃହତ୍‌ସଭା ଓ ଦୀର୍ଘ ବକ୍ତୃତାମାନ ହୋଇ ଆବେଦନ ପଠାଇବାର ଧାର୍ଯ୍ୟ ହୋଇଥିଲା କିନ୍ତୁ ଏପର୍ଯ୍ୟନ୍ତ କିଛି କାର୍ଯ୍ୟରେ ଦେଖାଗଲା ନାହିଁ । ସେ ସମୟରେ ବାବୁ ମଧୁସୂଦନ ଦାସ ଏଥିରେ ବିଶେଷ ଯତ୍ନ ଓ ପରିଶ୍ରମ କରିଥିଲେ ପୁଣି ସିଥିଳ ହେଲେ କାହିଁକି । ଆମ୍ଭ ବିବେଚନାରେ ଏହି ସମୟରେ ଆବେଦନ ପଠାଇବାର ଉଚିତ ଓ ଆଶା କରୁଁ ଏଜିଲ୍ଲାରେ ପୂର୍ବବତ୍ ପୋଲ୍ୟାନି ବିଷୟରେ ଶ୍ରୀଯୁତ ଟ୍ୟୁଟ ସାହେବ ଯୋଗ ଦେବେ ଓ ପୋଷକତା କରିବେ । କର ଉଠା ହେଉ ନ ହେଉ ଏଜିଲ୍ଲାରେ ପୋଲ୍ୟାନି ହେବାର ଅତି ଆବଶ୍ୟକ, ତଦ୍ୱାରା ଯେ କେବଳ ସୁଲଭ ଲବଣ ପ୍ରାପ୍ତି ହେବ ଏମନ୍ତ ନୁହେ ଅନେକ ଦୁଃଖିମଲଙ୍ଗି ଇତ୍ୟାଦିମାନେ ପଣେ ଉପାର୍ଜନ କରି ପାରିବେ ସେମାନେ ବର୍ତ୍ତମାନ ବଡ଼ କଷ୍ଟରେ ଅଛନ୍ତି । ପରିଶେଷରେ ପ୍ରାର୍ଥନା ଏହି ଯେ ଏପକ୍ଷ ଚର୍ଚ୍ଚା ହୋଇଥିବାରୁ ଆପଣ ବିରକ୍ତ ନ ହୋଇ ଏହାକୁ ଆପଣଙ୍କ ପତ୍ରରେ ସ୍ଥାନଦାନ କର

Digitized by srujanika@gmail.com

ଅମ୍ଭଙ୍କୁ ବାଧିତ କରିବେ ଏବଂ ଶ୍ରୀଯୁତ ଟ୍ୟୁଟ ସାହେବଙ୍କର ପ୍ରସ୍ତାବର ଆଲୋଚନା ପ୍ରସ୍ତାବସ୍ଥଳରେ କରିବା ହେବେ ଅମ୍ଭେ ବୋଧ କରୁଁ ତାହା ଆପଣଙ୍କର ଅନୁମୋଦନୀୟ ହେବ । ଏତଦ୍ଭିନ୍ନରେ ପୂର୍ବବତ୍ ଫୋଲ୍ଡାନ ହେବା ବିଷୟରେ ମଧ୍ୟ ଲେଖନୀ ଚଳାଇବା ହେବ । ଇତି ।

୧୬।୮।୮୮ ବଶମ୍ବଦ

"ଲେଖକ"

---

ଭ୍ରମସଂଶୋଧନ ।

ଗତ ସପ୍ତାହ ମୂଲ୍ୟପ୍ରାପ୍ତି ସ୍ତମ୍ଭରେ ବାବୁ ଦୁର୍ଗାପ୍ରସାଦ ଦତ୍ତ କଟକ ସ୍ଥାନରେ ବାଣପୁର ହେବ ।

---

# ବିଜ୍ଞାପନ ।

## NOTICE.

Key to New Royal Readers No II is out. Price 3 ( Three ) annas.

To be sent by value-Payable post.

*Apply to the Secretary Printing Company Cuttack.*

---

# ପୁଲିସ ମାନୁଏଲ ।

ଅର୍ଥାତ୍ ପୁଲିସଷ୍ଟେସନ ଓ ଅଉଟପୋଷ୍ଟମାନଙ୍କର କାର୍ଯ୍ୟପ୍ରଣାଳୀପୁସ୍ତକ ବ ଯାହା ବଙ୍ଗଳାର ପୁଲିସ ଇନସ୍ପେକ୍ଟର ଜେନେରଲଙ୍କ ଆଦେଶମତେ ପ୍ରସ୍ତୁତ ହୋଇଅଛି ତାହା ଓଡ଼ିଆରେ ପୁରୀ ପୁଲିସର ଇନ୍ସ୍ପେକ୍ଟର ବାବୁ ଅବିନାଶଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଦ୍ୱାରା ଅନୁବାଦିତ ହୋଇ ମୁଦ୍ରିତ ହୋଇଅଛି । ଯେଉଁମାନଙ୍କର ଏ ପୁସ୍ତକ ଆବଶ୍ୟକ ହେବ ଅନୁବାଦକ ମହାଶୟଙ୍କ ନିକଟରେ ଅଥବା କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପ୍ରାପ୍ତ ହେବେ । ମୂଲ୍ୟ ଖ ୧ ଶ୍ରେ ଟ ୧ । ଓ ଡାକରେ ପଠାଇବାକୁ ହେଲେ ମାସୁଲ ଟ ୦ /

---

## NOTICE

Wanted a tutor for the minor Rajah of Narsingpore temporarily for a year or two. Salary Rs. 25 per month. Applications will be received up to 31st. instant. None need apply who has had no training to be a teacher and has not had experience in teaching.

| | |
|---|---|
| Office of the Supdt. Tributary Mehals, 21—8—88. | Kali Pado Mukherjea *Offg. Asst. Supdt. Ty. Mehals, Orissa.* |

---

# NOTICE

Three mules belonging to the office of Superintendent Tributary Mehals will be sold by public auction on Saturday the 8th September next. The sale will be held in the office of the Commissioner and will commence precisely at 12 A. M. they will be knocked down to the highest bidders at a price not less than Rs. 100 each.

| | |
|---|---|
| Office of Supdt. Ty. Mehals Cuttack 21st. August 1888. | C. F. Worsley Superintendent Tributary Mehals. |

---

### ଶ୍ରଦ୍ଧାଯୁକ୍ତ ପଠିତବ୍ୟ

କଟକଜିଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଚିକିତ୍ସାରେ ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜତ୍ୟକ୍ତ ରୋଗୀ ଆରୋଗ୍ୟ ଲଭିଅଛନ୍ତି । ତାହାଙ୍କ ନିର୍ମିତ ଓଲଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ବିଧିମତେ ସେବନ କଲେ କାଳର ହସ୍ତରୁ ନିସ୍ତାର ପାଇବେ । ତାହାଙ୍କ ନିର୍ମିତ ହେମାଦି କଳ୍ପ ନାମକ ଜ୍ୱରସଂହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରବଡ଼ପଣ୍ଡାଙ୍କର ଗୃହଗୋଷ୍ଠି ଜ୍ୱରରୋଗିମଧ୍ୟରୁ କେହି ମା ୭ ସ, କେହିବା ମା ୫ ସ, କେହି ୨, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏକ ୨ ପାନ ଓଷଦ ଖାଇ ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାରାଜ କଲେ ବୋଧ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରରାୟ ଓଲଉଠା ରୋଗର ଔଷଧି ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜତ୍ୟକ୍ତ ଏବଂ କଣ୍ଠାଗ୍ରତ-ପ୍ରାଣଗତ ମୂର୍ଚ୍ଛାକ୍ରାନ୍ତ ରୋଗିଙ୍କୁ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯାଜପୁର, ଭଦ୍ରଖ, ମାଣିକପଟ୍ଟଣା, ଆଖୁଆପଦା, ଏରମା, ମେଦିନୀପୁର, ବୋଧ, ବାଲିପାଟଣା, ଚଣ୍ଡୀଖୋଲା, ଓ କମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ଦନ୍ତଅରସ, ଓଲଉଠା, ଆମାଶୟ, ମେଲେରିଆଜ୍ୱର, ଦୀର୍ଘକାଳସ୍ଥାୟିଜ୍ୱର, ଚନ୍ଦ୍ରାକମ୍ପିତଜ୍ୱର, ପାଳିଜ୍ୱର, ଦାଦୁ, ବାତାଜୀର୍ଣ୍ଣ, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାସ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନୈରାଶ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧିରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷିମାନେ ରିପ୍ଲାଇକାର୍ଡ଼ ବା ଡାକଟିକଟସହ ପତ୍ର ଲେଖିଲେ ଆଶୁଫଳପ୍ରଦ ଔଷଧିର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

---

# TO THE DEAF.

A 132 page Illustrated Book on Deafness Noises in the head how cured at your homes.

Price 6 annas; Address Dr. Nicholson, 5, Old Court House Street. Calcutta.

# ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କିପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ପୃଷ୍ଠାର ପୁସ୍ତକ ମୂଲ୍ୟ ଟ ୦।୬ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ନଂ ୫ ନମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଯ଼ାଯିବ ।

---

ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ସାମେଇଟାନବନ୍ଦୁ ଔଷଧ ।

ଏତଦ୍ଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ଗୃହୀତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାମାନଙ୍କରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରୀ, କୁର୍ମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତରିକ ଘା, ଶୁକ୍ରସଞ୍ଚୟ, ମୂତ୍ରରେ କ୍ଲେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଲେଷ୍ମା ।

ଡାକ୍ତର ଜ, ବ, ସାହାଙ୍କ ସାମାରିଟାନ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ, ଯଥା;—ପୋଡ଼ାଘା, ବହୁଦିବସର ଘା, ପୀଡ଼ାଦାୟକ ଘା, କୁର୍ମି, କୁଣ୍ଡିଆ, ଦଦ୍ରୁ,

ପକ୍ଷାଘାତ, କୁଷ୍ଠ, ଅଣ୍ଡଗଣ୍ଡିପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ଚର୍ମରୋଗ,

ବ୍ୟବହାର ଉପକାର ସମ୍ପୂର୍ଣ୍ଣ ବସ୍ତୁସମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ୫ ଓ ୧୦ ଙ୍କା ଅର୍ଦ୍ଧେ ଏକତ୍ରବ୍ୟବସ୍ଥାର ପଠାଇବାପାଇଁ ଟ ୦ । ଡେଶଖର୍ଚ୍ଚା ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ ବରାନଗର, } ଏ, ଟି, ମୁଖର୍ଯ୍ୟା

## NOTICE.

Tenders are invited in Form No. 7 M for the construction of a Parapet wall on the Katjuri revetment within the Collectorate compound at Cuttack. The estimate of amounts to Rs. 1392.

The wall to be commenced on the 15th October 1888 and completed by the 15th December 1888.

Rs. 50 in Currency Notes, to accompany each tender.

Tenders will be opened by the Executive Engineer on the 5th September 1888 afternoon. For further particulars apply to the Executive Engineer Puri Division at Cuttack.

Cuttack, 24—8—88 } Sd. John R. Swinden
*Exe. Engineer Puri Dn.*

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ତ୍ତବଲ୍ଲଭ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ ପଣି ବାଲି | ଦ ୧୬ ଟ ୨୷ | ଦ ୧୬ ଟ ୦ ॥୨ | |
| ୧୮ ପଣି " | " ଟ ୨୷ | " ଟ ୦ ॥୦ | |
| ୨୨ ପଣି " | " ଟ ୨। | " ଟ ୦ ॥ | |
| ୨୨ ପଣି ଡବଲ୍‌ପୁଲ୍‌ସ୍କେପ୍ " | ଟ ୩। | " ଟ ୦ ॥୨ | |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତରେ ୧ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ବଲଗି ଓ ରେସମାଓଗେର ଲୁଗା ଓ ଷ୍ଟେସନରୀ ଓ ଲଣ୍ଟନ ଜମାଖ ସଓଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିନ୍ନ ଅନ୍ୟ କେତେକ ଫେସନ ଜିନିସାତ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏଥଛଡ଼ା ଆମ୍ଭେମାନେ ବଲୋର ଖାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଭଡ଼ା ନେବାକୁ ଚାହାନ୍ତି ତେବେ ଏକ ଗାଡ଼ିକୁ ପ୍ରତି ଦିନ ଟ ୦ ॥୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଯେତେ କ୍ଷୟକ୍ଷତିର ଭାର ତାଙ୍କ ଉପରେ ଥିବ । ନଷ୍ଟ ହେଲେ ଖାଡ଼ିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ତଫସିଲ ।

ବଲର ଖେଳଣା ବ ଉତ୍ସବରେ ସ୍ୱତ ଦେଲେ ଫୁଲେ ।
ଫଲେରିଙ୍ଗ
ଭଗ୍ନେଶିନ୍ ତେଲ ଭରିବା ଶେଳ ସାବା ଓ ତୋମ ସହିତ ।
ଲୁଟ୍ ଅର୍ଥାତ ନକସା କରିବା କାଗଜ ପେନ୍ସିଲ ଓ କଲମ ।
ପେନସିଲ କାଟିବା ଛୁରି ।
ନାନା ପ୍ରକାରର ଛଟା ଭାସନ ଓ ଲଗାମ ଟେଇଁ ଲୁଥ
ଟେବଲ ଛତ୍ର ।
ଦଉଡ଼ି ସାବୁନ ।
ଦାନାଇ ସାବାନ ଗର୍ଦ୍ଦ ରେ ଲୁଗା ପରିଷ୍କାର ହୁଏ ।
ପକ୍ଷୋଭ ଗ୍ରେନ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ ।
ଅଏଲ କ୍ଲଥ ।
ଓଁଧରର ସୁଚ୍ଛ ଛଭା ।

କର୍ପୂର ଅର୍କ ।
ହୋମିଓପାଥିକ୍ ।
କାଚ ଗିଲାସ ଓ ନଳ ଉଗିନ ଓ ଗ୍ଲାସ
ଘଡ଼ୀ
ଉତ୍ତର୍ମ ବୁଇଫଲ୍ଲାସ
ଏକଫଲ ଛୁରି
ନେଲସନ ଉପୋର ସନ କେଷର ଅଏଲ
ଏ, ଜୋଷନ ଗାଇଡେନ
କାମୀଜ ଓ କୁର୍ତ୍ତା ।
ଦସ୍ତାନା ଅବରୋଟ
ଏକନ କାଉଚ ।
ଅଟମେଟିକ ପେନ୍ସିଲ
ଅଛି ଏ ପେନ୍ସିଲ୍‌ରେ
ଲେଡ କରିବା ଦରକାର ନାହିଁ ସେହି
ପେନ୍ସିଲ୍ ଲେଖା ହ
ସବେ କେଉ ଉପାଇ
ଟେଲେ ବନ୍ଧୁ ର ହବ
ନ ଉଠେ ।

ଉବି ଓ ଯାଇକରୋଷା ଫିତା
ଫୋର୍ସିଲ୍ଲର ଓ ପିତ୍ତଳର କେଣ୍ଟର ନେଳ ଓ ଦଦର ଇଲେ ଇତେ
ତୁରାବ ଦାଢ ଅର୍ଥାତ ଲେଖିବାକେତେ ଗଲ ଓ ଶୁଖିଲେ ଉଠା ହେବ ।
ଅଉଲା ଉଲ୍ଲା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ "
ମୋଜା ଓ ମୋଜାବନ୍ଦ
ଇଚନ ଏଥ ବନଲଚ୍ଚ
ବଜଣ ସାର୍ଟ ଉଠା ଓ ସବନ୍ଧା
ଲଡ଼ିବାକ ଚେରଚେ ବଶ ଜାଇବାର ଖାଡ଼ ନମ୍ବୟାମ
ରେଡ଼ ବ୍ଲୁ ପେନ୍ସିଲ
କଳାରଙ୍ଗ ସାଗି ଓ ଜୋଡ଼ ଓ ଜର
ମଦ୍ରୁତାକାସ ଓ ଏବ ପାଇ ପାଇରୋଭ ଓ ଶାଢ଼ୀ ।
ଟ୍ରିଙ୍ଗ୍ କାଢ଼

## ପିଚଦାର ।

ଏ ଦାରକୁ କେଉଁଠି ପାତରେ ଭର୍ତ୍ତି ନଥିଲେ ଚଉକାଠ ଦୋଠାହରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଣ୍ଡିଅରେ ଲେପିଦେଲେ ମଳ୍ପୁରି ଓ ଉଇ ଧରିବ ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇବାର କାଳି ମଧ୍ୟ ଅଛି ।

ଅରୁତବଲ୍ଲଭ କର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ,

| | |
|---|---|
| ଧାଡ଼ପ୍ରତି | ଟ ୦୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ଉତ୍କଳଯନ୍ତ୍ରାଳୟରେ
ଶ୍ରୀଯୁକ୍ତ ଗୌରୀଶଙ୍କର ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରକାଶକ ଦ୍ୱାରା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1

287

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୩ ଶ
୩୯ ସଂଖ୍ୟା

ତା ୨୯ ଶେଷ ମାହେ ସେପ୍ଟେମ୍ବର ସନ ୧୮୮୮ ଇସ୍ୱୀ । ୬ । ଆଶ୍ୱିନ ଦି ୧୯ ଶ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬

ଏଠା କଲେକ୍ଟରୀକଚେରୀ ହତାମଧ୍ୟରେ ଥିବା କାଠଯୋଡ଼ୀ ପଥରବନ୍ଧ ଉପରେ ଛତ୍ରିଦେବାର ନିର୍ମାଣ ହେବ । ଏଥିର ଖର୍ଚ୍ଚ ଟ ୧୩୫୬୮ ଙ୍କା ଇଷ୍ଟିମିଟ କରି ପୁଷ୍ପବନଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନୀୟର କଣ୍ଟ୍ରାକ୍ଟଦେବାର ବିଜ୍ଞାପନ ଦେଇ ଅଛନ୍ତି । ଯେଉଁମାନେ କଣ୍ଟ୍ରାକ୍ଟ ନେବାକୁ ଇଚ୍ଛା କରିବେ ସେମାନେ ଚଳିତମାସ ତା ୫ ଇସୁରେ ଆବେଦନ କରିବେ ଓ ବିସ୍ତାରିତବିଜ୍ଞାପନ ସ୍ଥାନାନ୍ତରେ ପ୍ରକାଶିତ ଇଂରାଜି ବିଜ୍ଞାପନରୁ ଅବଗତ ହେବେ ।

---

କର୍ଣ୍ଣେଟସାହେବ କାର୍ଯ୍ୟ ତ୍ୟାଗକରି ପାଟନାରୁ ଯିବା ସମୟରେ ସେଠାର ଜଣେ ଓକିଲଙ୍କୁ ଟ ୬୦୦ ଙ୍କା ଦେଇଗଲେ ବୁଝିଯାଇ ଯେବେ କାଳ ହେବ ତେବେ ତାହାଁର ଖର୍ଚ୍ଚ ଦେଇ ଅବଶିଷ୍ଟ ଟଙ୍କା କୌଣସିପ୍ରକାରେ ଲଗାଇ ତାହାଁର ସୁଧରୁ ତାହାର ଭରଣ ପୋଷଣର ବନ୍ଦୋବସ୍ତ କରିଦେବେ । ସାହେବଙ୍କର ଏକାର୍ଯ୍ୟଟି ଉତ୍ତମ ହୋଇଅଛି ଏବଂ ଏଥିରୁ ପ୍ରକାଶ ପାଉଅଛି ଯେ ତାହାଙ୍କର ମନ ନିର୍ମଳ ଅଟଇ । ସେ ଯେଉଁ ଅନ୍ୟାୟକାର୍ଯ୍ୟ କରିଥିଲେ ତାହା ଅନେକ କର୍ମଗୃହୀ କରିଅଛନ୍ତି । ସମସ୍ତଙ୍କର ପାପର ଦଣ୍ଡ ତାହାଙ୍କ ଉପରେ ପଡ଼ିଲା ।

---

ମଧ୍ୟପ୍ରଦେଶର ଷ୍ଟାମ୍ପ ସଙ୍କମ୍ବର ଗତବର୍ଷର ବିବରଣରୁ ପ୍ରକାଶ ଯେ ଦଲିଲ ଦସ୍ତାବିଜର ବିକ୍ରୀ ଟ ୩୮୪୮୬୩ ଙ୍କାଠାରୁ ଟ ୩୧୯୧୯୨୮ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । କେବଳ ଗୃହକଣ୍ଡ୍ରା ଛଡ଼ା ଆଉ ସମସ୍ତଜିଲ୍ଲାରେ ଏହି ରକମର ବୃଦ୍ଧି ହୋଇଅଛି ଏବଂ ତାହାଁର କାରଣ ଏହି ଯେ ଫସଲ ଭଲ ନ ହେବାରୁ ଲୋକେ କଷ୍ଟରେ ପଡ଼ି ତମସୁକ ଓ ବନ୍ଧକନାମା ପତ୍ରାଦିଦ୍ୱାରା ଟଙ୍କା ଋଣ କରିଅଛନ୍ତି । କେବଳ ଦୁଇ ଏକ ସ୍ଥାନରେ ମନ୍ଦ ଫସଲ ହେବାରୁ କାରବାର ଊଣାପଡ଼ିବାରୁ ଷ୍ଟାମ୍ପ ବିକ୍ରୟ ମଧ୍ୟ ଊଣା ହୋଇଅଛି । ଫଳତଃ ଲୋକଙ୍କ କଷ୍ଟରେ ଷ୍ଟାମ୍ପ ବିକ୍ରୟ ଅଧିକ ହେବା ନିୟମ ଏବଂ ଊଣା ପଡ଼ିବା ତାହାଁର ପରିହାର ଅଟଇ ସୁତରାଂ ଲୋକଙ୍କ ଦୁଃଖଉପରେ ସରକାର ଟାକ୍ସ ନେଉଥିବାର ଯାହା ରେଜିଷ୍ଟ୍ରେସନ ମହକୁମାର କାର୍ଯ୍ୟ ଦେଖି ଅମ୍ଭେମାନେ କହୁଥିଲୁଁ ତାହା ସରକାରୀ କାଗଜଦ୍ୱାରା ପ୍ରମାଣିତ ହେଲା ।

---

ସମ୍ବାଦବାହିକା ଲେଖିଅଛନ୍ତି ଯେ ବର୍ତ୍ତମାନ ଯେପରି ଏ ଜିଲ୍ଲା ଲଛମାବର ହାଟ ନିକଟରେ ବାବା ବୈଦ୍ୟନାଥ ବିଚିତ୍ରକର ସର୍ପରୂପରେ ଦେଖାଦେଇ ଅଛନ୍ତି ସେ ୩୦ ବର୍ଷ ତଳେ ବାଲେଶ୍ୱର ଥାନା ଅନ୍ତର୍ଗତ ଛତ୍ରପୁରଗ୍ରାମ ନିକଟ ଦେବାଳପଟ୍ଟଣାରେ ଠିକ ସେହିପରି ଏବଂ କର୍ଣ୍ଣାକାଳରେ ବିଜେ କରିଥିଲେ । ଗୋବିନ୍ଦ ସାହୁ ନାମକ ଜଣେ ମାସ୍ତାନୀବ୍ରାହ୍ମଣ ବାବାଙ୍କର ସେବକ ହୋଇଥିଲା । ଗୃହଆଡ଼ୁ ବହୁତ ରୋଗୀ ଅସି ଅଧିଆ ପଡ଼ିଲେ ଦର୍ଶକଙ୍କର ସୀମା ରହିଲା ନାହିଁ । ଉକ୍ତଦିନ ଗୋବିନ୍ଦସାହୁର ଭାଗ୍ୟ ଫିଟିଗଲା । ତାହାର ଭାଇ ବନ୍ଧୁମାନେ ସଙ୍ଗେ ପଡ଼ିଆସି ପାଲଟିଗଲେ । କିନ୍ତୁ ତିନିମାସରେ ଗୋବିନ୍ଦଙ୍କର ସମସ୍ତ କରାମତି ବାହାରିପଡ଼ିଲା । ଏଣୁକରି ସହଯୋଗୀ ସନ୍ଦେହ କରନ୍ତି ଯେ ଦେବାଳପଟ୍ଟଣାର କୌଶଳଟା ଅବିକଳ ଲଛମାବରରେ ଅବଲମ୍ବିତ ହୋଇଅଛି । ବାସ୍ତବରେ ଗଣ୍ଡଶାସ୍ତ୍ର ଭଲ ନୁହଇ । କରାମତି କ୍ରମଶଃ ଊଣା ପଡ଼ି ଆସୁଥିଲା ଓ ଗତ ବଡ଼ ଝଡ଼ି ସେ ସ୍ଥାନକୁ ଜଳପୂର୍ଣ୍ଣ କରି ଅଧିକାଂଶ ଲୋକଙ୍କୁ ବିଦାୟ ଦେଇଅଛି । ଏ ସମ୍ବନ୍ଧରେ ଅମ୍ଭେମାନେ ଖଣ୍ଡିଏ ପାର୍ଶପତ୍ର ପାଇଅଛୁଁ । ସ୍ଥାନାଭାବ ହେତୁ ଆଗାମି ସପ୍ତାହକୁ ରଖିଦେଲୁଁ ।

---

ବାଣପୁରନିବାସୀ ବିଖ୍ୟାତ ଦାଶରଥି କବିଚନ୍ଦ୍ରଙ୍କ ପରଲୋକ ଗମନ ସଙ୍ଗେ ଅଷ୍ଟାବଧାନୀ ଓଡ଼ିଶାରୁ ଲୋପ ହୋଇଥିବାର ଜଣା ଯାଉଥିଲା । ଅନ୍ତତଃ କେହି ଅଷ୍ଟାବଧାନୀ ଅମ୍ଭମାନଙ୍କ ନେତ୍ରପଥରେ ପଡ଼ି ନ ଥିଲେ । ଗତ ରବିବାର ଅପରାହ୍ନ କାଳରେ ପ୍ରିଣ୍ଟିଂକମ୍ପାନୀଙ୍କ ହୋମହଲରେ ଜଣେ ଅଷ୍ଟାବଧାନୀ ଆପଣା ଗୁଣର ପରିଚୟ ଦେଉଥିବାର ଦେଖି ଅମ୍ଭେମାନେ ବଡ଼ ଆନନ୍ଦିତ ହେଲୁଁ । ଏହାଙ୍କର ନାମ ଶ୍ରୀ ଅଧିକାରୀ ଯଦୁନାଥ ଦାସ ଗୋସାଇଁ ନିବାସ ଅରଙ୍ଗବାଦ ସାଲେପୁର ଇଲାକା

Digitized by srujanika@gmail.com

Split by PDF Splitter



ସିଦ୍ଧମଠ । ମୌ । ପାଟ୍ଟପୁର । ପ୍ର । ଅଳଗା । ସେ ଏକକାଳରେ ଉନୋଟି ସସ୍ତ୍ରକ ଗୋଟିଏ ବଙ୍ଗଳା ଓ ଗୋଟିଏ ହ୍ରଦ ଏବଂ ସବେ ଓଡ଼ିଆ କବିତା ରଚନା ଓ କେତେଗୁଡିଏ ଅଙ୍କ ଯୋଗ କରି ବିଲକ୍ଷଣ ବିଚକ୍ଷଣତା ଦେଖାଇଲେ । ଏ ସମସ୍ତ କରିବାବେଳେ ମୁଖରେ ତାମ୍ବୂଳ ଚର୍ବୁଥିଲେ ଏବଂ ବାଦ୍ୟ ପ୍ରତି ଧ୍ୟାନ ରଖିଥିଲେ । ତାହାଙ୍କ ରଚିତ ସଭାବର୍ଣ୍ଣନା ଶ୍ଳୋକଟି ନିମ୍ନେ ପ୍ରକାଶିତ ହେଲା ଯଥା—

ଶ୍ରୀକୃଷ୍ଣାବତାରସ୍ତ୍ରୀଜନଲଯୁନିଁଲପୂର୍ଣ୍ଣ୍ୟଲବ୍ଧା ଛନ୍ଦସ୍ଥା ହଂସାଃ ସଂସାରସାରସ୍ମରସରସିଜସ୍ଥ ମାନସାସ୍ତ୍ର ପ୍ରମୋଦାଃ । ହବ୍ୟା ଭିବ୍ୟାପ୍ତ ଜବ୍ୟାମୂଢଚରଣାଃ ଶ୍ରୀ ହରେଃ ଶୁଭଦେହାଃ ଶାଟୀଶାଶଙ୍କଗନ୍ଧାଃ ସକଳନରବର ମାଂ ସ୍ତୂଭଂ ସନ୍ତୁ ସଭ୍ୟାଃ ।

---

ଅସ୍ମାମାନଙ୍କର ରଣପୁର ସମ୍ବାଦଦାତା ଲେଖିଅଛନ୍ତି ଯେ ସେ ଅଞ୍ଚଳରେ ବର୍ଷା ନ ହେବାରୁ ପ୍ରଜାଙ୍କର ଭୟାବସ୍ଥା ହୋଇଥିଲା । ସୁଯୋଗ୍ୟ ଦେୱାନ ବାବୁ ଗଣନାଥ ଅବାଧ୍ୟ ସ୍ଥଳର ରକ୍ଷିବା ଧାନ ଓ ଟଙ୍କା କରଜ ଏବଂ ଜଙ୍ଗଲମାନ ମୁକୁଳାଇଦେବା ଓ ତହିଁରୁ ଟୁଙ୍ଗା କାଢ଼ିବା ସତ୍ତ୍ୱପଗଛ ପ୍ରଭୃତି ଆଣି ଜୀବନଧାରଣ କରିବା ସକାଶେ ଘୋଷଣା ଦେବାରୁ ହସ୍ତ କଷ୍ଟ ଜଣାପଡ଼ିଲା ନାହିଁ । ପୂର୍ବ ବର୍ଷମାନଙ୍କରେ ଦେବାନ ବାବୁ ଯେ ସବୁ ସ୍ଥାନରେ ବନ୍ଧ ପକାଇ ଜଳ ସଞ୍ଚୟର ବନ୍ଦୋବସ୍ତ କରିଥିଲେ ସେହି ଜଳଦ୍ୱାରା କୃଷିକାର୍ଯ୍ୟର ବିଶେଷ ସୁବିଧା ହେଲା ଏବଂ ବାବୁ ନିଜେ ଉପସ୍ଥିତ ରହି ଜଳ ବଣ୍ଟାଇ ଦେଲେ । ଏଣିକି ବୃଷ୍ଟି ହେବାରୁ ଫସଲର ଅବସ୍ଥା ଆଶାପ୍ରଦ ହୋଇଅଛି ଏବଂ ତୋଳିଫସଲ ଅର୍ଥାତ୍ ମାଣ୍ଡିଆ କଙ୍ଗୁ କାଙ୍ଗ ପ୍ରଭୃତି ଏପରି ହୋଇଅଛି କି ଯାହା ଗତ କେତେବର୍ଷରେ ହୋଇ ନ ଥିଲା । ଅବେକ୍ଷଣ କଲେ ବିଶେଷ ଏକର୍ଷ ଜନ୍ମିବାର ଲାଭ ଅନେକ ଗରିବଲୋକ ଅତ୍ୟର୍ଣ୍ଣ୍ୟନ୍ତ ନିର୍ବାହ ହେଉଅଛନ୍ତି । ଅମ୍ଭେମାନେ ରଣପୁର ଦେୱାନଙ୍କର କାର୍ଯ୍ୟଦକ୍ଷତାର ଆଉଗୋଟିଏ ପରିଚୟ ପାଇ ଆନନ୍ଦିତ ହେଲୁଁ । ସରକାରଙ୍କର ଖାସମହାଲ ଖୋରଧା ଓ ଅନୁଗୁଳରେ ଅବସ୍ଥା ଏପରି ସୁବିଧା ହେବାର ସମ୍ବାଦ ପାଇଲୁଁ ନାହିଁ । ଏଠା କର୍ମଚାରୀମାନେ ରଣପୁରଠାରୁ ଶିକ୍ଷାଲାଭ କରନ୍ତୁ ।

---

ପାଠକମାନେ ସ୍ମରଣରେ ରଖିଥିବେ ଯେ କାଲୀକୃଷ୍ଣ ବନ୍ଦ୍ୟୋ. ପାଇବା ପୂର୍ବେ ଡାକାଇତବୃତ୍ତି ଦ୍ୱାରା ଜୀବିକା ନିର୍ବାହ କରୁଥିଲେ । ଏକଦିନ ଆପଣା ସ୍ତ୍ରୀ ପୁତ୍ରାଦିମାନଙ୍କୁ ପଚାରିଲେ କି ତୁମ୍ଭମାନଙ୍କୁ ପାଳିବା କାରଣ ଆମ୍ଭେ ଡାକାଇତି କରି ଯେଉଁ ପାପ ଅର୍ଜୁଅଛୁଁ ତହିଁର ଭାଗୀ ତୁମ୍ଭେମାନେ ହେବ କି ନାହିଁ । ସେମାନେ ଉତ୍ତର ଦେଲେ ଯେ ପ୍ରତିପାଳନ କରିବା ତୁମ୍ଭର କର୍ତ୍ତବ୍ୟ ହେଉଅଛି ଯେଉଁ ଉପାୟରେ ତାହା କରୁଅଛ ତହିଁର ପାପର ଭାଗୀ ଆମ୍ଭେମାନେ ହେବୁଁ ନାହିଁ ଓ ହୋଇ ନ ପାରୁଁ । ପୂର୍ବକାଳର ବିଶ୍ୱାସ ଏହି ଥିଲା କି ଯେ ଯେଉଁ ପାପ କରିବ ତହିଁର ଦାୟୀ ସେ ହେବ । କିନ୍ତୁ ଇଦାନୀଂ କଲିକତାର ହାଇକୋର୍ଟ ଭିନ୍ନରୂପ ବିଶ୍ୱାସ କରିବାର ଦେଖାଯାଏ । କଲିକତାର ମହେନ୍ଦ୍ରନାଥ ଚଟ୍ଟୋପାଧ୍ୟା ଦଣ୍ଡଟିକିଯ୍ୟା ନୋଟ ଜାଲ ଅପରାଧରେ ଧରାପଡ଼ନ୍ତେ ହାଇକୋର୍ଟ ତାହାଙ୍କର ଏକାନ୍ନବର୍ତ୍ତୀ ପୁତ୍ର ଓ ଭାଇମାନଙ୍କୁ ଚାଲାନ କରିବାର ଆଦେଶ ଦେଲେ ଓ ଦୌରାକୋର୍ଟରେ ଯେପରି ନେଲେ ଜୁରୀ ପଚାରିଲେ କି ଆଇନମତେ ପୁତ୍ର ଓ ଭାଇମାନେ ଦୋଷୀ ହେବେ କି ନାହିଁ ଯେତେବେଳେ ବିଶ୍ୱାସପତ୍ର ଏହି ମନ୍ତବ୍ୟ କଲେ ଯେ ପୁତ୍ରମାନଙ୍କର ଅପରାଧ ପକ୍ଷରେ ସନ୍ଦେହ ହୋଇ ପାରେ ମାତ୍ର ଭାଇମାନେ ଏକାନ୍ନ ଓ ଏକବାସରେ ଥିବାରୁ ଦୋଷୀ ହୋଇ ପାରନ୍ତି । ଫଳତଃ ଜୁରୀ ଏ ମୋକଦ୍ଦମାରେ ପୁତ୍ର ବା ଭାଇଙ୍କ ଉପରେ ଅପରାଧର ପ୍ରମାଣ ନ ପାଇ ସେମାନଙ୍କୁ ଖଲାସ ଦେଲେ ଏବଂ ଏକା ମହେନ୍ଦ୍ରନାଥର ଦଣ୍ଡ ହେଲା । କିନ୍ତୁ ହାଇକୋର୍ଟ ଯେଉଁ ମନ୍ତବ୍ୟ ପ୍ରକାଶ କଲେ ତାହା ବଡ଼ ବିପଦଜନକ ବୋଧ ହେଉଅଛି । ପୁତ୍ର ଭ୍ରାତାମାନେ କର୍ତ୍ତାଙ୍କ ଅପରାଧର ସହାୟତା କଲେ ଅବଶ୍ୟ ଦୋଷୀ ହେବେ ଏ କଥା ସମସ୍ତେ ବୁଝି ପାରନ୍ତି ମାତ୍ର କର୍ତ୍ତା ଗୋପନରେ କୌଣସି ଅପରାଧ କଲେ ତଦ୍ୱାରା ଅର୍ଜିତ ଧନରେ ପରିବାରବର୍ଗଙ୍କର ନିର୍ବାହ ହେଉଅଛି ବା କର୍ତ୍ତାଙ୍କ ସହିତ ଏକତ୍ରରେ ରହିଅଛନ୍ତି ବୋଲି ଯେ ସେମାନେ ଦୋଷୀ ହେବେ ଏ ବଡ଼ ବିଷମ କଥା । ହେସ୍ତାଙ୍ଗୀ ଅଦାଲତରେ ସମ୍ପତ୍ତି ଦାୟୀ ହେଲେ ଏକାନ୍ନଭୁକ୍ତ ପରିବାର ଜଡ଼ିତ ଅଛନ୍ତି କିନ୍ତୁ ଫଉଜଦାରୀ ଅଦାଲତରେ ଏକାନ୍ନଭୁକ୍ତ ପରିବାର ଜଡ଼ିତ ହେବାର କଥା ପ୍ରଥମେ ଏହିଥର ଉଠିବାର ପ୍ରକାଶ ଏବଂ ଏଥିର ଗୋଟିଏ ସ୍ଥିର ମୀମାଂସା ହେବାର ଉଚିତ ।

---

'ଅପାଳବଗନ୍ତ୍ୟକୁ ବକୁଲୀଷ୍ଟା ଲକ୍ଷେ ଟଙ୍କା' ନ୍ୟାୟରେ ଓଡ଼ିଶାରେ ରେଲବାଟ ହେବା ସମ୍ବନ୍ଧରେ କୌଣସି ଗୋଟିଏ କଥା କେତେବେଳେ ଶୁଣା ଯାଇ ମନ୍ଦା ଭାଉଅଛି । ପୁରୀ କଟକ ବଲାଶ୍ୱର ରେଲବାଟର ମାପଚୁପ ଓ ଇଷ୍ଟିମେଟ କାଗଜ ଗବର୍ଣ୍ଣମେଣ୍ଟରେ ମଞ୍ଜୁର ହୋଇ ସୁଦ୍ଧା ଯେତେବେଳେ ତାହା ଇର୍ମୀଣକାର୍ଯ୍ୟର ବସ୍ତାପର ଉପରେ ରହିଲାଣି ସେତେବେଳେ ଅନ୍ୟ କୌଣସି ବାଟର ପ୍ରସ୍ତାବକୁ ଗବର୍ଣ୍ଣମେଣ୍ଟ ଶୁଣିବେ ଏପରି ଆଶା କରିବା ବାତୁଳତା ଅଟଇ । ତଥାପି ଯେଉଁମାନେ ଓଡ଼ିଶାକୁ ରେଲବାଟ ଆଣିବାର ଯତ୍ନ କରନ୍ତି ସେମାନେ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ଓ ତାଙ୍କର କଥା ସର୍ବସାଧାରଣଙ୍କୁ ଜଣାଇବାର ଉଚିତ ।

ମାନ୍ଦ୍ରାଜକାତା ବମଲିପଟ୍ଟାମରେ ପୂର୍ବଉପକୂଳ ରେଲବାଟ ଯୋଗଦାନରେ ଗତମାସ ତା ୨୭ ରିଖରେ ଏକ ଭାରୀ ସଭା ହୋଇଥିଲା । ଉକ୍ତ ଜିଲ୍ଲାର କଲେକ୍ଟରର ଟର୍ଣ୍ଣରସାହେବ ଏକ ସୁନ୍ଦର ବକ୍ତୃତା ପ୍ରଦାନ ପୂର୍ବକ ଜିଲ୍ଲାବାସିଙ୍କୁ ଏ ପ୍ରସ୍ତାବର ପୋଷକତା କରିବାକୁ ଅନୁରୋଧ କଲେ । ସେ କହିଲେ କି ପୂର୍ବଉପକୂଳ ରେଲବାଟ ବେଜବାଡାଠାରୁ ଆରମ୍ଭ ହୋଇ କଟକ ବାଲେଶ୍ୱର ମେଦନୀପୁର ବାଟେ ହାବଡ଼ାଠାରେ କଲିକତା ରେଲ ସଙ୍ଗେ ମିଶିବ ଓ ଲମ୍ବରେ ପ୍ରାୟ ମା ୬୭୦ ମାଇଲ ହେବ । ବଙ୍ଗଳା ଗବର୍ଣ୍ଣମେଣ୍ଟ ଅବଶ୍ୟ ଏ ବିଷୟରେ ସାହାଯ୍ୟ କରନ୍ତେ ଅନ୍ତତଃ କଲିକତାବାସିମାନଙ୍କର ଏଥିରେ ଚେଷ୍ଟିତ ହେବା ଉଚିତ । ଏଠା ଜଗନ୍ନାଥଙ୍କ ଦର୍ଶନାର୍ଥେ ବର୍ଷକରେ ଦୁଇଲକ୍ଷ ଯାତ୍ରୀ ଆସନ୍ତି । ଏ ଛଡ଼ା ପୂର୍ବଉପକୂଳରେ ଅନେକ ମନ୍ଦିର ଅଛି କି ଯାହା ଦେଖିବା କାରଣ ବିଶେଷ ଯାତ୍ରୀ ହେବେ । ସୁତରାଂ ଏ ରେଲ ଫିଟିଲେ ଏହା ତୃତୀୟଶ୍ରେଣୀର ଯାତ୍ରୀ ଦ୍ୱାରା ଅଧିକରେ ବିସ୍ତର ଲାଭ ହେବ । ବକ୍ତୃତା ଶେଷ ହେଲାରୁ ଏହି ରେଲବାଟ ସପକ୍ଷରେ ପ୍ରସ୍ତାବମାନ ଏବଂ ଏହିବାଟ ଗ୍ରହଣ କରିବା କାରଣ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବାର ଧାର୍ଯ୍ୟ ହେଲା ।

ଟର୍ଣ୍ଣର ସାହେବ ବକ୍ତୃତା ଦେଲାବେଳେ ପୁରୀକଟକ ରେଲ ସମ୍ବନ୍ଧରେ ଓଡ଼ିଶା ଗବର୍ଣ୍ଣ-

Digitized by srujanika@gmail.com

Split by PDF Splitter



ମେଣ୍ଟ ଉତ୍କଳସଭାକୁ ଯେଉଁ ଉତ୍ତର ଦେଇ-ଅଛନ୍ତି ତାହା ଦେଖିଥିଲେ ବୋଧ ହୁଅଇ କଲିକତାବାସିଙ୍କ ପୂର୍ବାନୁକୂଳ ରେଲ୍‌ବାଟ-ବିଷୟରେ ଚେଷ୍ଟା କରିବାକୁ ଅନୁରୋଧ କରି ନ ଥାନ୍ତେ। ଅନ୍ତତଃ ଆମ୍ଭେମାନେ ଏସ୍ଥିତ ଆନ୍ଦୋଳନ ନିମିତ୍ତ ଓଡ଼ିଶାବାସିଙ୍କୁ ଅନୁରୋଧ କରି ନ ପାରୁଁ। ବିଶେଷତଃ ଅମ୍ଭମାନଙ୍କ ବିବେଚନାରେ ଯୁଗ୍ମ ବନ୍ଦର ଓ ଓଡ଼ିଶା ପକ୍ଷରେ ବିଶେଷ ଉପଯୋଗୀ ଓ କବର୍ଣ୍ଣରଙ୍କ ଅଭିମତ ଅନୁକୂଳ ରେଲବାଟର ନାହିଁ ସହିତ ପ୍ରତିଯୋଗିତାର ସମ୍ପୂର୍ଣ୍ଣ ସମ୍ଭାବନା ଥିବାରୁ ଷ୍ଟିଲର ସାହେବଙ୍କ ପରି ଓଡ଼ିଶା ଓ ବଙ୍ଗଳାର ଲୋକମାନେ ଡାକନ୍ତି। ସୁତରାଂ ବଙ୍ଗଳାଗବ-ର୍ଣ୍ଣମେଣ୍ଟ ଏ ପ୍ରସ୍ତାବକୁ ସହଜରେ ଧ୍ୟାନରେ ନାହିଁ।

---

## ଲେଡ ଟାମସନ-ଚିକିତ୍ସାଳୟ

ଏହି ଚିକିତ୍ସାଳୟର କାର୍ଯ୍ୟ ସୁଧାରରେ ଚଳାଇବା ସକାଶେ ଯେଉଁ ସଭା ହୋଇଥିଲା ଗତ ସପ୍ତାହରେ ତହିଁର ବିବରଣ ପାଠକ-ମାନଙ୍କୁ ଜଣାଇଅଛୁଁ। ଶ୍ରୀ ଡାକ୍ତର ଅର୍ଥଗୋ ଟିକିତ ଆଶୀର୍ବାଦ ଶ୍ରୀମତୀଙ୍କର ଚିକିତ୍ସାର ସୁବିଧା କରିବା ଏହି ଚିକିତ୍ସାଳୟର ଉଦ୍ଦେଶ୍ୟ ଅଟଇ। ଏହି କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହେବା ଏବଂ ଏଥିର ଆର୍ଥିକ ଅବସ୍ଥା ସହିତ କରିବା ଅଭିପ୍ରାୟରେ ସଭା ହୋଇଥିଲା। ଉକ୍ତ ସଭାପତି ଟ୍ୟୁଟସାହେବ ଯେଉଁ ବକ୍ତୃତା କଲେ ତହିଁରେ ଉକ୍ତ କାର୍ଯ୍ୟପ୍ରତି ସର୍ବସାଧା-ରଣଙ୍କର ସହାନୁଭୂତି ପ୍ରଦର୍ଶନ କରିବାର ଚେଷ୍ଟା ଥାଉ ବରଂ ତହିଁର ବିପରୀତ ହେଲା। ଚିକିତ୍ସାଳୟ ଦୁଇବର୍ଷରୁ ଅଧିକ କାଳ ହେଲା ସ୍ଥାପିତ ହୋଇ କ ଉପକାର କରୁଅଛି ଏବଂ ଏଥିର କ କ ଅଭାବ ଅଛି ଓ ସେ ସବୁ ପୂର୍ଣ୍ଣ ହେଲେ ଅଉ କ ଉପକାର ହେବ ସେ ବିଷୟରେ ସାହେବ ପ୍ରଶଂସିତ କରୁ ନ କରୁ ଚିକିତ୍ସାଳୟଟି ନ ରହିଲେ ଦେଶୀୟ ଲୋକଙ୍କର କଣ ହେବ ଏବଂ ଆଗାମି ଶୀତକାଳରେ ଲେଫ୍‌ଟନାଣ୍ଟ ଗବର୍ଣ୍ଣର ଏ ନଗରକୁ ଆସି ଏଥିର ଦୁରବସ୍ଥା ଦେଖି କ ବୋଲିବେ କେବଳ ଏହି କଥା ସଭାରେ ପ୍ରକାଶ କଲେ। ଜଣେ ସମ୍ଭ୍ରାନ୍ତ ବାବୁଙ୍କ ମୁହଁରେ ଏ କଥା ଶୁଣି ଆମ୍ଭେମାନେ ବାସ୍ତ-ବରେ ଦୁଃଖିତ ହୋଇଅଛୁଁ। ସ୍ତ୍ରୀଲୋକ କ୍ଲେଶ କବାରଣ କାର୍ଯ୍ୟରେ ତାଙ୍କମ୍ଭ ବଡ଼ର ଉପସ୍ଥିତ କରିବା କ ବୁଦ୍ଧିମାନ୍‌ବ୍ୟକ୍ତିର କଥା? ଦେଶୀୟ ସ୍ତ୍ରୀମାନେ ଚିକିତ୍ସା ଅଭାବରୁ ଦୁଃଖ ବା ଅକାଳମୃତ୍ୟୁ ଲଭିଲେ ଇଂରାଜ ବା ଅପର ବିଦେଶୀୟଲୋକଙ୍କର କ ମନ ଟଳେ ନାହିଁ ଓ ସାହାଯ୍ୟ କରିବାକୁ ପ୍ରବୃତ୍ତି ହେବ ନାହିଁ? ଯାହାର କ ହେବ ସେ ମନୁଷ୍ୟ ନୁହଇ। ପ୍ରାଣିର କ୍ଲେଶ ମୋଚନ କରିବା ସାଧାରଣ ମନୁଷ୍ୟର କାର୍ଯ୍ୟ ଓ ଆମ୍ଭେମାନେ କହିପାରୁଁ କ ଇଂରାଜମାନେ ଶିକ୍ଷା ଓ ସଭ୍ୟତାରେ ଦେଶୀ-ୟଙ୍କଠାରୁ ଅଧିକ ଥିବାରୁ ଏମନ୍ତ ଶକ୍ତିଶୂନ୍ୟ ବଡ଼ରରେ କଦାଚ ସମ୍ମତ ହେବେ ନାହିଁ। ପ୍ରତ୍ୟକ୍ଷରେ ଦେଖା ଯାଉଅଛି ଯେ ଇଂରାଜ ଓ ଦେଶୀୟମାନେ ଏପ୍ରକାର କାର୍ଯ୍ୟରେ ଏକ-ଯୋଗ ହୋଇ ଏବଂ ପରସ୍ପରର ସାହାଯ୍ୟ କରୁଅଛନ୍ତି ଏବଂ ଉପସ୍ଥିତ ବିଷୟରେ ଏ ନଗରବାସି ଇଂରାଜଙ୍କୁ ଅମ୍ଭମାନଙ୍କର ଦୁଃଖ ଜଣାଇଲେ ସେମାନେ ବିମୁଖ ହେବେ ନାହିଁ। ଆଉ ଲେଫ୍‌ଟନାଣ୍ଟଗବର୍ଣ୍ଣରଙ୍କର ଉଲ୍ଲେଖ ହେବାରୁ କେବଳ ଏତିକି ପ୍ରକାଶ କରୁଅଛୁ କି ... ସାହେବଙ୍କ ମନ ଯୋଗାଇବା ସକାଶେ ଏ ଚିକିତ୍ସାଳୟ ସ୍ଥାପିତ ହୋଇଥିଲା ତହିଁର ଅବସ୍ଥା ଭଲ ଦେଖାଇ ନ ପାରିଲେ ବର୍ତ୍ତମାନ ଲେଫ୍‌ଟନାଣ୍ଟଙ୍କର ମନ ଉଣା ପଡ଼ିଯିବ। ବାସ୍ତବରେ ଚିକିତ୍ସାଳୟଟି ଦେଶର ଉପକାର ସକାଶେ ଅନୁଷ୍ଠିତ ହୋଇଅଛି। ଲେଫ୍‌ଟନାଣ୍ଟଙ୍କ ମନ ଯୋଗାଇବା ସକାଶେ ନୁହଇ। ଟ୍ୟୁଟସାହେବଙ୍କର ଇଂରାଜମାନଙ୍କୁ ସାହାଯ୍ୟର ଦାୟିତ୍ୱରୁ ଅନ୍ତର ରଖିବା ଏବଂ ଲେଫ୍‌ଟନାଣ୍ଟଙ୍କ ମନ ରକ୍ଷା କରିବା ଉଭୟ କଥା ଅଯୋଗ୍ୟ ହୋଇଅଛି। ଆମ୍ଭେମାନେ ଆଶା କରୁଁ କ ଓଡ଼ିଶାବାସିମାନେ ସାହେବଙ୍କ ଅସା-ବଧାନ କଥା ଘେନି ଆପଣା କର୍ତ୍ତବ୍ୟରେ ତ୍ରୁଟି କରିବେ ନାହିଁ ଏବଂ ଏହି ହିତକର କାର୍ଯ୍ୟଟି ଯେଉଁରୂପେ ଦୀର୍ଘକାଳ ସ୍ଥାୟୀ ହୋଇ ସାଧାରଣ-ଉପକାର ସାଧନ ବିଷୟରେ ସକ୍ଷମ ହେବ ତହିଁର ଯତ୍ନ କରିବେ।

---

## ଅନଗୁଳ ଦୁର୍ଭିକ୍ଷ।

ଏ ସମ୍ବନ୍ଧରେ ଆମ୍ଭେମାନେ ଯେ ସମ୍ବାଦ ପାଇଅଛୁଁ ତାହା ଅତ୍ୟନ୍ତ ଶୋଚନୀୟ ଅଟଇ। ଗତବର୍ଷ ଏଠାରେ ବିଶେଷ ଫସଲ ହାନି ହୋଇଥିଲା ଏବଂ ଆମ୍ଭେମାନେ ତାହା ପ୍ରକାଶ କରିବାକୁ ତ୍ରୁଟି କରି ନ ଥିଲେ ସୁଦ୍ଧା ଗବର୍ଣ୍ଣ-ମେଣ୍ଟ ବିଶ୍ୱାସ କଲେ ନାହିଁ। ଲୋକେ ଫଳ ମୂଳ ପତ୍ର ଖାଇ ପ୍ରାଣରକ୍ଷା କଲେ ସତ୍ୟ କିନ୍ତୁ ତହିଁରେ ସେମାନଙ୍କର ଏମନ୍ତ ସ୍ୱାସ୍ଥ୍ୟଭଙ୍ଗ ହୋଇଅଛି ଯେ ଅନେକଲୋକ ଅସ୍ଥିଚର୍ମସାର ହୋଇଅଛନ୍ତି। ଏଥିକୁ ଏ ବର୍ଷ ବର୍ଷା ନ ହେବାରୁ ଫଳ ସୁଦ୍ଧା ମିଳୁ ନାହିଁ। ଭିକ୍ଷା ବିନା ଆଉ ଉପାୟ ନାହିଁ ଓ ଭିକାରି ସଂଖ୍ୟା ଦିନକୁଦିନ ଯେପରି ବୃଦ୍ଧି ହେଉଅଛି ଏବଂ ସେମା-ନଙ୍କ କାତର ଅବସ୍ଥା ଦେଖିଲେ ମନ ବିକଳ ହେଉଅଛି।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କ * ଅନଗୁଳ କିଲ୍ଲା ୧୦ ଗୋଟି ତାଲୁକରେ ବିଭକ୍ତ ତନ୍ମଧ୍ୟରୁ ପୁରୁଣାଗଡ଼, ଗଣ୍ଡିବେଡ଼, ଛନ୍ଦଦେଶ, ଟାଙ୍ଗିଶି, କଙ୍କର ଟିକରପଡ଼ା, ଉପରବିଷୟ, ଜମ୍ବା କଣ୍ଟା ଓ ତଳମୂଳତାର କେତେଗୋଟି ମୌଜାରେ ଗତବର୍ଷ ଫସଲ ଲୋକସାନ ହୋଇଥିବାରୁ ପ୍ରାୟ ଗୋ ୮ ଟି ତାଲୁକା ଅନ୍ନକଷ୍ଟ ପୀଡ଼ିତ ହୋଇଅଛି। ଏହି ସମସ୍ତ ତାଲୁକରେ ଅନ୍ନକଷ୍ଟ ରୋଗ ବର ଅନ-ସୁଦ୍ଧା ପ୍ରାୟ ନ ୨୪ ଜଣ ଲୋକ କାଳଗ୍ରାସରେ ପତିତ ହୋଇଥିବାର ଗ୍ରାମ ସରବରାହକାରମାନେ ସ୍ଥାନୀୟ ଉଦ୍ଦର୍ଶନ ମହାଶୟଙ୍କୁ ଜଣାଇ ଅଛନ୍ତି। ମୃତବ୍ୟକ୍ତିମାନଙ୍କ ତାଲିକା ନମ୍ନେ ପ୍ରକାଶ କରଗଲା ଯଥା—ଛେଣ୍ଡିପଦା ୧, ଜାମୁଣ୍ଡା ୧, ଜରଡ଼ା ୨, ମଦନମୋହନସାହି ୧, ମାଟ୍ଟଆସାହି ୧, ଶାସନ ୩, ଜଗନ୍ନାଥପୁର ୨, ଜଗନ୍ନିହା ୧, ତଳମୂଳ ୧, ଖଲାଆମ୍ବ ୧, ଓ ବେଣାଗଡିଆ ୨। ଏହା ଛଡ଼ା ଅନ୍ନକଷ୍ଟ-ପୀଡ଼ିତ ଅଧିକାଂଶ ମୌଜାରେ ପ୍ରାୟ ଦୁଇ ଏକଜଣ ମୃତ୍ୟୁ ଲଭିଥିବାର କଥିତ ହୁଏ। ଏହି ସମସ୍ତ ମୃତ୍ୟୁର ସତ୍ୟତା ବିଷୟରେ ତଦନ୍ତ ଲଗିଅଛି କିନ୍ତୁ ଏଠାରେ ଉଲ୍ଲେଖ କରି ଆବ-ଶ୍ୟକ ଯେ କୌଣସି ମୂଲଦାରଣ ବ୍ୟତୀତ ଏତେଗୁଡ଼ିଏ ମୃତ୍ୟୁ ଘଟିବାର ବା ତାହାର ମିଥ୍ୟା ହେବାର ଅସମ୍ଭବ। ଯାହା ହେଉ ଲିଖିତ ମୃତ୍ୟୁ ସତ୍ୟ ହେଲେ ତହିଁ ନିମନ୍ତେ ଦାୟୀ କିଏ? ଅନେକଲୋକ ଘର ଛାଡ଼ି ପଳାଇ ଯାଇଅଛନ୍ତି। ପ୍ରଜାମାନଙ୍କର ଅବସ୍ଥା ସାଧାରଣତଃ ଏତେ ଦୂର ମନ୍ଦ ହୋଇ ପଡ଼ିଅଛି ଯେ ସେମା-ନଙ୍କୁ ପ୍ରତିପାଳନ କରିବାର ଉପାୟ ଅତି ସତ୍ୱର ଗବର୍ଣ୍ଣମେଣ୍ଟ ନ କଲେ ସହସ୍ର ପ୍ରାଣୀ କାଳକବଳରେ ପତିତ ହେବେ। ଅଙ୍କ ଗଡ଼ୁ

Digitized by srujanika@gmail.com

ମୁଣ୍ଡା-ମରେ ଗତ ତା ୧୮ ରଖଠାରୁ ପିଲାମାନଙ୍କୁ ଏକପଇସାଠାରୁ ଦୁଇପଇସା, ସ୍ତ୍ରୀମାନଙ୍କୁ ତିନି-ପଇସା ଓ ପୁରୁଷମାନଙ୍କୁ ୪ ୰ ହିସାବ ପ୍ରତ୍ୟହ ଦିଆଯିବାର ଆରମ୍ଭ ହୋଇଥିବାରୁ କଙ୍ଗାଳୀ-ସଂଖ୍ୟା ଦିନକୁଦିନ ଅତ୍ୟନ୍ତ ବୃଦ୍ଧି ହେଉଅଛି । ଦୁଃଖର ବିଷୟ ଯେ ମଫସଲରେ ଅତ୍ୟନ୍ତ କଷ୍ଟ ହୋଇଥିଲେହେଁ ଏବଂ ମଧ୍ୟମ ଓ ଉଚ୍ଚ ଶ୍ରେଣୀର ଲୋକମାନେ ଅନାହାରରେ ରହି ଦିନରେ ଦିନପାତ କରୁଥିଲେ ସୁଦ୍ଧା ସେମାନଙ୍କ ନିମନ୍ତେ କୌଣସି ଉପାୟ ଏପର୍ଯ୍ୟନ୍ତ ହୋଇ ନାହିଁ କିମ୍ବା ସେମାନଙ୍କ ଅବସ୍ଥା ମଧ୍ୟ ସମ୍ୟକ୍ ତଦନ୍ତ ହେବାର ଦେଖାଯାଏ ନାହିଁ । ଗଡ଼ ମୁଣ୍ଡାମର ଲେଫଟେଣ୍ଟ ପ୍ରଜା ସେମାନଙ୍କ ଶୋଚନୀୟ ଅବସ୍ଥା ଓ ଉକ୍ତ ମୁଣ୍ଡସଂବାଦ ବଙ୍ଗାଳ ଗବର୍ଣ୍ଣ-ମେଣ୍ଟଙ୍କୁ ଟେଲିଗ୍ରାମଦ୍ୱାରା ଜଣାଇବାରୁ ତାହା କମିଶନରସାହେବଙ୍କ ନିକଟରୁ ଫେରି ଆସିଲା ଏବଂ ବିଳମ୍ବ କରିବାର ସମୟ ନାହିଁ ନିମ୍ନଶ୍ରେଣୀ ଲୋକଙ୍କୁ ଅନ୍ନ ଯୋଗାଇବାର ଓ ମଧ୍ୟମ ଏବଂ ଉଚ୍ଚଶ୍ରେଣୀସ୍ଥ ଲୋକଙ୍କୁ ଅବଶ୍ୟକମତେ ଋଣାଦି ଦାନ ବା ଉପଯୁକ୍ତ ସାହାଯ୍ୟ ଦେବା ନିମନ୍ତେ ଅଚିରରେ ବନ୍ଦୋବସ୍ତ ହେବାର ଉଚିତ । ପ୍ରଜାଙ୍କର ଏମନ୍ତ ଦୁଃଖସମୟରେ ବାକୀ ଖଜଣା ନିମନ୍ତେ ହଳ ବଳଦ ଓ ଘରଦ୍ୱାର ନୀଲାମ ହୋଇ କ୍ରୋକ ହେଉଥିବାର ଅତ୍ୟନ୍ତ ଲଜ୍ଜାର ବିଷୟ ଅଟେ ।”

ପତ୍ରପ୍ରେରକ ପରବର୍ତ୍ତୀରେ ଲେଖିଅଛନ୍ତି କି ଗତ ତା ୧୯ ରଖଠାରୁ କିଛି୨ ବୃଷ୍ଟି ହେବାରୁ ଯେଉଁଠାର ଜଳରେ ଧାନଗଛ ଅଛି ସେଠାରେ ଉପକାର ହୋଇଅଛି ମାତ୍ର ଯେଉଁ-ଠାରେ ବହୁତ ବୃଷ୍ଟି ଯାଇଅଛି ସେସବୁ ପଡ଼ିଆ ଉଚ୍ଚଳ ସୁତରାଂ ଲୋକଙ୍କର ପ୍ରୟୋଜନାନୁ-ସାରେ ଫସଲ ହେବାର ଆଶା ନାହିଁ ।

ବାବୁ ନନ୍ଦକିଶୋର ଦାସ ଅଫିସିଏଟିଂ ସୁପ-ରିଣ୍ଟେଣ୍ଡେଣ୍ଟ ଅନଗୁଳ ବଡ଼ାମ୍ବା ପ୍ରଭୃତି ସ୍ଥାନମାନଙ୍କର ଅବସ୍ଥା ଦେଖିବାକୁ ଯାଇଅଛନ୍ତି । ଏଥିରେ ଆମ୍ଭମାନଙ୍କର ଏକାନ୍ତ ଆଶା ହେଉଅଛି କି ପ୍ରୟୋଜନାନୁସାରେ ସାହାଯ୍ୟ କାର୍ଯ୍ୟର ବନ୍ଦୋ-ବସ୍ତ ହେବ ଓ ଉପସ୍ଥିତ କଷ୍ଟରୁ ଲୋକମାନେ ଉଦ୍ଧାର ପାଇବେ ।

ଏ ପ୍ରସ୍ତାବ ଲେଖାହେଲାଉତ୍ତାରୁ ସମ୍ବାଦ ପାଇଲୁଁ ଯେ ଅନୁମାନ ଡ ୮।୧୦ ଜଣ ମରିଅଛନ୍ତି ! ମଧ୍ୟମଶ୍ରେଣୀ ଲୋକଙ୍କର ଅବସ୍ଥା ଅତ୍ୟନ୍ତ କଷ୍ଟ-କର ହୋଇଅଛି ମାତ୍ର ତାହାଙ୍କୁ ସାହାଯ୍ୟ ଦେବାର କୌଣସି ବନ୍ଦୋବସ୍ତ ହୋଇ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

ଏଠା ସବଡିଭିଜନମାନଙ୍କରେ କରୁଥିବା ଇଞ୍ଜିନିୟର ଅଡିନା ଇତ୍ୟାଦି ଅନେକ ବେତନପାଉଥିବା ଓ ସୁନାମ ଅର୍ଜନ କରିଥିବାରୁ ମିଉନିସିପାଲିଟୀର କର୍ମଚାରିମାନେ ଗତ ତା ୧୬-ରିଖରେ ଉପସ୍ଥିତ ଓ ତାହା ପୂର୍ବ ଉପସ୍ଥିତ ଇଞ୍ଜିନିୟର-ଙ୍କୁ ଯେଉଁ ସମ୍ମାନରେ ବିଦାୟ କଲେ ଅତି ସୁନାମରେ ହେବାରୁ ଟାଉନହଲରେ ଦରବାର କଲେ ସେମାନଙ୍କୁ ୩।୪ ଜଣଙ୍କୁ ଲେଖାଏଁ ଇନାମ ହୋଇ ଅଛନ୍ତି । ଲୋକମାନେ ଏଥିର ସମ୍ବାଦ ଶୁଣି ଅତି ସୁନାମର ଏ ବିଷୟରେ ପ୍ରଶଂସା କରୁଅଛନ୍ତି ।

ଏ ନଗରର ମୁଣ୍ଡମାଳ ବଡ଼ଦେଉଳର ଶ୍ମଶାନ ପ୍ରଭୃତି ସ୍ଥାନରେ ଓଲାଉଠା ଲାଗି ଲାଗିଅଛି । ଗତ ବୁଧବାର ଓ ଗୁରୁବାର ଦୁଇଦିନରେ ନ ୩୨ ଜଣ ମରିବାର ଜଣାଯାଉଅଛି ।

ଗତ ସପ୍ତାହରେ ସାଗରଠାରେ ତୋଫାନ ହୋଇଥିଲା ଏବଂ କଲିକତାରେ ଭାରି ବୃଷ୍ଟି ଓ ବତାସ ହୋଇଥିଲା । ଗଡ଼ ଘର ଇତ୍ୟାଦି ଅନେକ ପଡ଼ିଗଲା ଜାହାଜ ନଷ୍ଟ ମଣ୍ଡପର ନାବିକ ଓ ପୂର୍ବରୁ ସତର୍କ ଥିବାରୁ ଜାହାଜର କ୍ଷତି ହୋଇ ନାହିଁ ।

ଏଠା କଲେକ୍ଟରର ଜଣେ ପିଅନ ସରଦାରସିଂହ ଆମୋଦ ପ୍ରମୋଦରେ ସରକାରୀ ତହବିଲ ୫ ୧୨୬ ଟଙ୍କା ଉଡ଼ାଇଦେଲ ବର୍ତ୍ତମାନ ହାଜତବାସ କରୁଅଛି । ଉକ୍ତ ଟଙ୍କା ସେ ମୋଫସଲରୁ ଅଣାଇ ଅନୁଚିତ ଭାବରେ ଖର୍ଚ୍ଚ କରିଥିଲା । ସେ ବୋଲେ ସ୍ତ୍ରୀବାଳ କନ୍ୟା କିଛି ଦିନ ପୂର୍ବରୁ ମୁଁ ମୋହର ସଙ୍ଗୀମାନଙ୍କସହିତ ମଦ୍ୟପାନରେ ରତ ହୋଇ ଯାତ୍ରା ପ୍ରହ-ରକ ସମୟରୁ ସେଠାରୁ ଦୁଇଜଣ ବେଶ୍ୟା ଓ ସଙ୍ଗୀଙ୍କ-ସହିତ ଭଡ଼ାଗାଡ଼ିରେ ଏ ନଗରକୁ ଆସିଲି । (ବୋଧ-ହୁଏ ରଥ ଯାତ୍ରାହେତୁ ଜଣା ୫ ଟଙ୍କରେ ଗାଡ଼ି ଚଢ଼ିବାକୁ ଇଚ୍ଛା ହେଲା) ନେଇଥିବା ଟଙ୍କା ସରିଯିବାରୁ ସରକାରୀ ଟଙ୍କାକୁ ଅଣି ଲୁଣ୍ଠନରେ ତହବିଲ ବାହାରିଗଲା ନେଇ ସ୍ଥିରକଲି । ଉକ୍ତ ସଙ୍ଗୀ ଓ ବେଶ୍ୟାମାନଙ୍କ ସହିତ ଗାଡ଼ିରେ ଯୋଗିଆ ଯାଇ ମହାନଦୀରେ ସ୍ନାନ ଓ ଜଳପାନ କରି ସ୍ୱଗୃହ ଆଇଲୁଁ । ପୁଣି ଗାଡ଼ିରେ ବୁଲିବାକୁ ଇଚ୍ଛା ହେଲା ଗାଡ଼ିରେ ଯାଉଁଥାଉଁ ଓ ମଦ୍ୟପାନ କରୁଥାଉଁ । ହଠାତ୍ ଦଣ୍ଡ-ସଞ୍ଚାଳନସେ କଉଣସିବଜାରରେ ଗାଡ଼ିରେ ଅଚେତନ ହେଲି । ପରେ ସୋଷ୍ଟକାଳେ ବସି ଚେତନା ହେବାରୁ ଦେଖିଲି ଯେ ମୁଁ ସଙ୍ଗୀମାନଙ୍କସହିତ ଗୋଟିଏ ଦୋକାନର କୋଠାରେ ଶୋଇଅଛି । କମରଣା ପିଲ ଖୋଲିପକାଇ ସେଠାରୁ ଉଠି ଦେଖିଲି ଯେ ତାହା କାଇକଟାଇଲ ଏବଂ ବେଶ୍ୟାର କୋଠା ଅଟେ ଓ ତହବିଲ ବାକ୍ସଟି ନାହିଁ । କେତେଟଙ୍କା ଖରଚ କରିଥିଲି ବାକି କେତେଟଙ୍କା ଗଲା ଓ ତାହା କିଏସ ନେଲା କହିପାରିବି ନାହିଁ । ବାହାବାଃରେ ସରକାର । ଏ ଦୋଷରେ ସେ ଅର୍ଦ୍ଧବର୍ଷ କଠିନ ପରିଶ୍ରମସହିତ କାରବାସ ଦଣ୍ଡ ପାଇଅଛି । ତହବିଲଦାରମାନେ ସାବଧାନ !

କାଇପଃଶାର ଜଣେ ବେପାରୀ ସ୍ତ୍ରୀ ଓ ପୁତ୍ର କନ୍ୟାସହିତ ନ ୧୭ ଜଣ ଏକତ୍ରେ ବିଷଖାଇ ମୃତ୍ୟୁ । ସେଥିପ୍ରତି ମୁ ୧୦ଠା ଶୁଖିଲ ନ ଦେଲେ ନାନା ଦୁଃଖରେ ପାଇଥିବା ଏହି ସ୍ଥାନରେ ମଇଲା ପଦାର୍ଥ ନିରନ୍ତ ବସନ୍ତ ବୋଲି ଜଣାଯାଉଥାରୁ ଏକକାଳି ଲେଖିଅଛନ୍ତି । ଭାରତବର୍ଷୀୟ ପଣ୍ଡିତ ପ୍ରୟୋଜ-ନାସ ଏକୁକୋଡ଼ାକୁ ଶିକ୍ଷା ଦେବାର ଉଚିତ ।

ଫୁଲଝର ଓ ବୁଢ଼ାସମ୍ବର ଜମିଦାରର ମାନେଜର ବାବୁ ଚନ୍ଦ୍ରକାନ୍ତ ପଟ୍ଟନାୟକ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଅଛନ୍ତି ।

ଗତ ଥରେ ଖୋରଧାର ଏକ ଅଞ୍ଚଳରେ ପ୍ରଚୁରବର୍ଷା ହୋଇ ନ ଥିବାରୁ ସାହାଯ୍ୟକାର୍ଯ୍ୟ ବର୍ତ୍ତମାନ ଆବଶ୍ୟକ ହେବ-ନାହିଁ ବୋଲି କଲେକ୍ଟରସାହେବ ସ୍ଥିରକରିଥିବାର ଓଡ଼ିଶା-ପ୍ରେଟିଅଟର ଜଣେ ସମ୍ବାଦଦାତା ଲେଖିଅଛନ୍ତି ।

ଅନଗୁଳରେ ଦୁର୍ଭିକ୍ଷ ନିବାରିଣୀ କମିଟି ଏକ ସଭା ହୋ-ଇଅଛି ଏବଂ ଉକ୍ତ ସଭାର ଅନୁରୋଧମତେ ଆମ୍ଭେମାନେ ସର୍ବ-ସାଧାରଣଙ୍କୁ ଜଣାଉଁ ଅଛୁଁ କି ଏହି ସତ୍କାର୍ଯ୍ୟରେ ଯେଉଁମାନେ ସାହାଯ୍ୟ ଦେବାକୁ ପ୍ରବୃତ୍ତ ହେବେ ସେମାନେ ସଭାପତି ଶ୍ରୀ ଗଣେଶଚନ୍ଦ୍ର ମହାପାତ୍ରଙ୍କ ନିକଟକୁ ତାହା ପଠାଇବେ । ସରକାର ଅବଶ୍ୟ କିଛି ଦେବାକୁ ବନ୍ଦୋବସ୍ତ ଜଣାଯାଉଅଛି ।

## କଲିକତା-ଗେଜେଟ ।

ବାବୁ ଗୁରୁଚରଣ ବନ୍ଦ୍ୟୋପାଧ୍ୟାୟ ଭଦ୍ରକ ଚତୁର୍ଥଶ୍ରେଣୀର ସବ୍ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ ଗତମାସ ତା ୨ ରିଖଠାରୁ ପୁରୀଜିଲାର ଖୋର୍ଦ୍ଧା ସବ୍ ଡିଭିଜନରେ ସାହାଯ୍ୟଦାନ କାର୍ଯ୍ୟରେ ଅବସ୍ଥାପିତ ହୋଇଛନ୍ତି ।

ଗତ ଜୁଲାଇମାସର ତା ୨୦ ରିଖ ଅପରାହ୍ଣରେ ଡାକ୍ତର ଏ, ଅର, ଷାଣ୍ଡେଲେ ପୁରୀ ଜେଲର ଭାର ସର୍ଜ୍ଜନ ଯେ, ଅର, ଅଡ଼ିଙ୍କୁ ଅର୍ପଣ କରିଥିଲେ ।

---

ପାର୍ଣ୍ଣେଲ ସାହେବଙ୍କ ଅଭିଯୋଗ ବିଷୟ ବିଚାରକରିବା କାରଣ ଯେଉଁ କମିଶନ ବସିଅଛି ତହିଁର କାର୍ଯ୍ୟ ଆଗାମି ଅକ୍ଟୋବରମାସ ତା ୧୭ ରିଖଠାରୁ ଆରମ୍ଭ ହେବାର ସ୍ଥିର ହୋଇଅଛି ।

ଫତେଆବାଦଠାରେ ଗୋଟିଏ ଅଭୂତ ମୋକଦ୍ଦମା ଉଦୟ ହୋଇଥିବାର କାଗଜମାନରେ ପ୍ରକାଶିତ ହୋଇଅଛି । ସେଠା ମୁନସଫ କଚେରୀ କରୁଥିବା ସମୟରେ ମିସଲରେ ବସି ଚୁକା ଖାଉ । ଗତ ଅଗଷ୍ଟମାସ ତା ୨ ରିଖରେ ସେଠାର ଜଣେକ ଓକିଲ ସାହେବ ପୋଷାକ ପିନ୍ଧି ବାହା ପଗଡ଼ିରେ ତାଙ୍କ ଇଜଲାସକୁ ସଲାମ ନ କରିବାରୁ ତାହାକୁ ବାହାର କରିଦେଲେ ଓକିଲ ଅନ୍ୟଯୋଗାଙ୍କ ପିନ୍ଧି ଇଜଲା-ସରେ ହାଜର ହୋଇ ଉକ୍ତ ମକଦ୍ଦମାର ନକଲ ପ୍ରାର୍ଥନା କଲେ । ଏଥିରେ ମୁନସଫ ଆପଣାକୁ ଅପମାନିତ ମନେ କରି ଆବେଦନ ନାମଞ୍ଜୁରପୂର୍ବକ ଓକିଲଙ୍କୁ ପାଞ୍ଚଘଣ୍ଟା ଅଟକାଇ ରଖି ଉଠିଯିବା ସମୟରେ ୫ ୧୫୦ ଟଙ୍କା ଜରିମାନା କଲେ । ଜରିମାନା ତହସିଲରୁ ଦାଖଲ ହେଲା ଏବଂ ଶୀଘ୍ର ଅପିଲ ହେବାର ଉଦ୍ୟୋଗ ଲାଗିଅଛି ।

କଲିକତା ହାଇକୋର୍ଟ ଏହିମାସ ତା ୧୦ ରିଖଠାରୁ ଆଗାମି ନବମ୍ବର ତା ୧୬ ରିଖପର୍ଯ୍ୟନ୍ତ ଦୁର୍ଗାପୂଜା ଉପ-ଲକ୍ଷେ ବନ୍ଦ ହେବାର ସମ୍ବାଦ ମିଳଇ ।

ହାଇକୋର୍ଟର ଜଜ ବାବୁ ରମେଶଚନ୍ଦ୍ର ମିତ୍ର ବାହାଦୁର ପେନସନ୍ ନେଇ କାର୍ଯ୍ୟ ତ୍ୟାଗକରିଥିବାର ଯେ ଘଟନା ହୋଇଥିଲା ତାହା ମିଥ୍ୟା ଥିବାର ସମ୍ବାଦ ମିଳଇ ।

ଅସ୍ମମାନଙ୍କର ଶ୍ରୀମତୀ ମହାରାଣୀଙ୍କର ପ୍ରଧାନସ୍ତ୍ରୀ ପ୍ରସାଦ ଅନୁରୂପ ଥିବାର ବୋଧ ହୁଏ । ଜଣେ ଭୃତ୍ୟ ଅମୃତନଗରେ ଉଇଣ୍ଡ ଶୋରରେ ମରିଥିଲା । ଉକ୍ତ ଭୃତ୍ୟର ପୀଡ଼ିତ ଥିବା ସମୟରେ ଅନେକଥର ଶ୍ରୀମତୀ ମହାରାଣୀ ସ୍ୱୟଂ ତାହାକୁ ଦେଖିବାକୁ ଯାଇଥିଲେ ।

ଜୁଲୁଲ୍ୟାଣ୍ଡର ଯୁଦ୍ଧକାଣ୍ଡ ଶେଷ ହେବାର ସମ୍ଭବ । କଥିତ ହୁଏ ଦିନଜୁଲୁ ଇଂରାଜଙ୍କ ହସ୍ତେ ଆପଣାକୁ ସମର୍ପଣ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ବଙ୍ଗଳାହଡାବାଜାରଠାରେ ଏକ ଲୋମହର୍ଷଣ ହତ୍ୟା କାଣ୍ଡ ଘଟି ଥିବାର ସମ୍ବାଦ ମିଳଇ । ବଳଭଦ୍ର ନାମକ ଜଣେ ଉତ୍ତର ପଶ୍ଚିମାଞ୍ଚଳର ଲୋକ ସେଠା ସବଜଜଙ୍କ ଅଧୀନରେ ଚାକରି ଥିବା ସମୟରେ ସେହି ସବଜଜଙ୍କର ପ୍ରସନ୍ନ ନାମ୍ନୀ ଏକ ଦାସୀ ସଙ୍ଗେ ପାପପ୍ରଣୟରେ ଆସକ୍ତ ହୋଇଥିଲା । ଏ ବିଷୟ ସବଜଜ ଜାଣିପାରି ବଳଭଦ୍ରକୁ ବରଖାସ୍ତ କଲେ । ବଳଭଦ୍ର ଏଥିରେ ଉତ୍ପୀଡକ ପ୍ରାୟ ହେଲା ଓ ତହିଁର ପ୍ରାୟ ଦେଢ଼ମାସ ଉତ୍ତାରୁ ଦିନେ ପ୍ରାତଃକାଳରେ ପ୍ରସନ୍ନ ନିକଟବର୍ତ୍ତୀ ଏକପୁଷ୍କରିଣୀରେ ବାସନ ମାଜୁଥିବା ସମୟରେ ବଳଭଦ୍ର ପଶ୍ଚାଦ୍ଭାଗରୁ ଅସି ଖଣ୍ଡେ ଟାଙ୍ଗିଅରେ ତାହାର କାନମୂଳରେ ଏକ ଆଘାତ ଦେବାରୁ ପ୍ରସନ୍ନ ଚିତ୍କାରଶବ୍ଦ କରି ପାଣିରେ ପଡ଼ିଗଲା ପାଣି ଭିତରେ ବଳଭଦ୍ର ପୁଣି ଏକଚୋଟ ଦେଇ ପ୍ରସନ୍ନକୁ ପୋଖରୀଧାରକୁ ଟାଣିଆଣି ସେଠାରେ ତାହା ଦେହରୁ ମୁଣ୍ଡକୁ ଅଲଗାକରି ଏକହାତରେ ଟାଙ୍ଗିଅ ଓ ଅନ୍ୟହାତରେ ପ୍ରସନ୍ନର କଟା ମୁଣ୍ଡକୁ ଧରି ଜଇନାହେବଙ୍କ ଜଣେଙ୍କ ସହର ମଧ୍ୟ ଦେଇ ଚାଲିଗଲା ଓ ସେଠାରେ ପୁଲିସକୁ ଅସ୍ତ୍ର ସମର୍ପଣ କଲା ।

## ଯାଜପୁରସମ୍ବାଦ ।

ଏ ନଗରଲେ ଓଲାଉଠାରୋଗରେ ଅନେକ ମନୁଷ୍ୟ-ନଷ୍ଟ ହେଲେ କରୁ କବର୍ତ୍ତ ଅଛି । ଏଠାରେ ଯଦିଓ ଏକ ହସପିଟଲ ସ୍ଥାପିତ ଥାଇ ତହିଁରେ ଜଣେ ନେଟିଭ ଡାକ୍ତର ପ୍ରତପାଳିତ ହେଉଅଛନ୍ତି କିନ୍ତୁ ତହିଁରେ ସର୍ବସାଧାରଣଙ୍କର କୌଣସି ମଙ୍ଗଳର ଆଶା ନାହିଁ । ଜଣେ ସୁଯୋଗ୍ୟ ଡାକ୍ତର ଅଥବା ଅସିଷ୍ଟାଣ୍ଟ ସର୍ଜନ ନିଯୁକ୍ତ ହେବାର ଉଚିତ ।

ଗତ ପୂର୍ଣ୍ଣିମାଦିବସରୁ ଏ ଅଞ୍ଚଳରେ ଏପରି ବୃଷ୍ଟି ହେଉଅଛି ଯାହା ଗତ କେତେକବର୍ଷ ହେଲା ଦେଖା ଯାଇ ନ ଥିଲା । ମିଉନିସିପାଲିଟୀ ସଡକ ନର୍ଦ୍ଦମା ସଫା କରିବାରେ ପୂର୍ବରୁ ବନ୍ଦୋବସ୍ତ କରି ନ ଥିବାରୁ କେତେକ ସ୍ଥାନରେ ଲୋକମାନଙ୍କର ସବୁକିଛି ନାନାପ୍ରକାର କଷ୍ଟ ହୋଇଅଛି । ନଦୀମାନ ବିଶେଷ ପ୍ରବଳରୂପେ ବୃଦ୍ଧି ହୋଇଅଛି ଶୀଘ୍ର ଛାଡ଼ିଗଲେ ଫସଲ ପକ୍ଷରେ ବିଶେଷ ଉପକାର ହେବ କେବଳ କେତେକ ଧାନ ଯାହା କି ଫୁଲ ହୋଇଥିଲା ସେ ସମସ୍ତ ନଷ୍ଟ ହୋଇ ଯିବାର ଅନୁମାନ ହେଉଅଛି ।

। ପ୍ର । ଅଲତି । ମୌ । କସ ଶ୍ରୀ ଗୋପାଳପୁର ଗ୍ରାମରେ ଏକ ବ୍ୟକ୍ତି ଉନ୍ମତ୍ତପ୍ରାପ୍ତ ହୋଇ ଆପଣାର ମାତା ଓ ଶଳାକୁ ଏକଚୋଟ ବଣ୍ଟୁଆଘାତ ହାଣିବାରୁ ସେମାନେ ମରଯାଇ ଅଛନ୍ତି ତାହାର ସ୍ତ୍ରୀ ଓ ଗଳମଧ୍ୟ ଆଘାତ ପ୍ରାପ୍ତ ହୋଇଥିଲେ ମାତ୍ର ଜୀବତରେ ଅଛନ୍ତି । ଉକ୍ତ ମକଦ୍ଦମା ତଦନ୍ତ କରିବା ସକାଶେ ସ୍ୱୟଂ ଇନସ୍ପେକ୍ଟର ବାବୁ ମଫସଲ ଯାଇଅଛନ୍ତି ।

## ନରସିଂହପୁରସମ୍ବାଦ ।

ଏ ଦେଶରେ ବୃଷ୍ଟି ନ ହେବାରୁ ପ୍ରଜାଙ୍କର ଅନାହାରରେ ଯେଉଁ କଷ୍ଟ ହୋଇଥିଲା ଉଦାରଚରିତ ମାନେଜର ଜଗମୋହନ ବାବୁ ଖମାରମାନଙ୍କରୁ ଧାନ ଉଧାର ଦେଇ ଅନେକ ପରିମାଣରେ ଲାଘବ କରିଥିଲେ କିନ୍ତୁ ପରମେଶ୍ୱରଙ୍କ କୃପା ଦୃଷ୍ଟିରେ ଗତ ତା ୧୯ ରଖ ସନ୍ଧ୍ୟାଠାରୁ କ୍ରମାନ୍ୱୟେ ଭଲ ବୃଷ୍ଟିପତନ ହୋଇ ଲୋକମାନଙ୍କର ହାହାକାର ଅନେକ ଲୋପ କରିଅଛି ଶୁଣୁଅଛୁଁ ନିକଟବର୍ତ୍ତୀ କଣ୍ଡା ତଳପଲ ଖଣ୍ଡପଡା ଇତ୍ୟାଦିରେ ସୁବୃଷ୍ଟି ହୋଇଅଛି ।

ଏଠାରେ ହନୁମନ୍ତିଆ ନାମଧେୟ ଗୋଟିଏ ପୁଷ୍କରିଣୀ ଅନେକ ଦିନରୁ ମରାମତି ହୋଇ ନ ଥିଲା । ଆମ୍ଭମାନଙ୍କର ଦୟାଶୀଳ ମେନେଜରଙ୍କ ବହୁ ଯତ୍ନରେ ଏହା ସମ୍ପୂର୍ଣ୍ଣ ହୋଇ ଅଛି ଏଥିର ଜଳ ଏତେଦୂର ଉଲଯେ ଦେଶୀୟ ବୈଦ୍ୟମାନେ ରୋଗୀକୁ ସେଥିରେ ସ୍ନାନ କରିବାକୁ ଉପଦେଶ ଦିଅନ୍ତି ଏବଂ ତଦ୍ଦ୍ୱାରା ମଧ୍ୟ ଉପକାର ହୁଅଇ ।

## କୁଜଙ୍ଗ ସମ୍ବାଦ ।

ଏଠା ତହସିଲ ଅଫିସର ଲୁତପୁନ ହେଡ଼କ୍ଲର୍କ ପୁନଶ୍ଚ ଆପଣା କାର୍ଯ୍ୟ ପାଇବାରୁ ସାଧାରଣେ ସନ୍ତୁଷ୍ଟ ଅଛନ୍ତି ।

ମେନେଜର ବାବୁ ବଦଳ ହେବାର ଶୁଣା ଯାଉଥିବାରୁ ପ୍ରଜାମାନେ ବିଶେଷ ଦୁଃଖିତ ଅଛନ୍ତି ।

ଏଠା କେନ୍ଦ୍ର ପୋଷ୍ଟାଫିସର ଆମଦାନି ଗତବର୍ଷ ଅପେକ୍ଷା ବର୍ତ୍ତମାନ ବିଶେଷ ହେଉଥିବାର ଦେଖାଯାଏ ଦୁଃଖର ବିଷୟ ଯେ ପୋଷ୍ଟମାଷ୍ଟର ଏ ଅବଧି କୌଣସି ପ୍ରମୋସନ ପାଇ ନାହାନ୍ତି ।

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ଗୋପିନାଥ ଦାସ—ଅନେକ ରୋଗୀ ଭଲ ହୋଇଅଛନ୍ତି ବୋଲି ବିଜ୍ଞାପନଟିର ଲେଖାଅଛି । ଅନେକର ଅର୍ଥ ସମସ୍ତ ନୁହଇ । ସୁତରାଂ ଏକଜଣଙ୍କୁ ଔଷଧ ନ ଖାଇଲା ବୋଲି ବିଜ୍ଞାପନ ମିଥ୍ୟା ହୋଇ ନ ପାରେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ୩ ୪ ଖଣ୍ଡ ଦୀପିକା ତା ୧୮ ରଖ ପ୍ରଶଷ୍ଟରେ ତଣାହଣ୍ଟା ପତ୍ରପ୍ରେରକ କର୍ତ୍ତାଙ୍କ ସ୍ତ୍ରୀ ବିଷୟରେ ଯାହା ଲେଖିଥିଲେ ତାହା ଯଥାର୍ଥ ହୋଇଥିଲେ, ସ୍ତ୍ରୀ ଜୀବନ୍ତ ଥାଇଁ ତାହାର ସ୍ୱାମିକୁ ପଲାଶପତ୍ର ତାହାକର ଶୁଦ୍ଧିଲାଭ କରିବା ବିଷୟରେ ଯେଉଁ ବିପ୍ରଗଣ ମତ ଦେଇଥିଲେ ସେମାନଙ୍କୁ ମୁଁ ବିନୟଦ୍ୱାରା ଜଣାଉଅଛି କି ସେମାନେ କେଉଁ ଶାସ୍ତ୍ରରୁ ଏ ବ୍ୟବସ୍ଥାଟା ବାହାର କରିଅଛନ୍ତି ଉତ୍ତରର ଆଗାମିରେ ଲେଖାଇ ଦେବେ ।

ଆପଣମାନଙ୍କ
ଶ୍ରୀ ଗୋଃ ଚଃ ମିଃ
ନୂଆଶାସନ ।

ସମ୍ପାଦକ ମହାଶୟ !

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଅସିକା ନଗରରେ ଶ୍ରୀଯୁକ୍ତ ତାଲୁକା ବୋର୍ଡଙ୍କ ଧନରେ ଲୋକାଲଫଣ୍ଡ ମିଃ ସ୍କୁଲ ଖୋଲାଯାଇ ଅଛି । ସାଧାରଣରେ ଗଞ୍ଜାମ ଜିଲ୍ଲା ପ୍ରାୟ ସମସ୍ତ ଓଡ଼ିଆମାନଙ୍କ ନିବାସ ସ୍ଥାନ ସୁତରାଂ ତାଲୁକାବୋର୍ଡ ଯେତେ ଚାନ୍ଦା ସଂଗ୍ରହ କରନ୍ତି ସେ ସମସ୍ତ ଖାଲ ଗଞ୍ଜାମର ସମସ୍ତ ଗରିବ ଓଡ଼ିଆମାନେ ଦେଉ କରୁଅଛନ୍ତି । ଏଥିକୁ ଶୁଣୁଅଛୁଁ ଯେ ଅସିକା ସ୍କୁଲରେ ଓଡ଼ିଆ ଛାତ୍ରଙ୍କ ସଂଖ୍ୟା କେବଳ କମିଯାଉଅଛି ଓଡ଼ିଆମାନେ ଯେତେବେଳେ ଏପରି ଗରିବ ଅବସ୍ଥାରେ ଥାଇ ସ୍ୱଦେଶର ଧନ ବ୍ୟୟ କରାଇ ଆପଣାର ମଙ୍ଗଳସାଧନ ନ କରି ବିଦେଶୀୟମାନଙ୍କର ପୋଷକତାରେ ଅପବ୍ୟୟରେ ଖର୍ଚ୍ଚିତ ହେବ ତେବେ କି ଦୁଃଖର ବିଷୟ ନୁହେ ? ଇସ୍କୁଲଇନ୍ସପେକ୍ଟର ଇଚ୍ଛାପୁର ମିଃ ସ୍କୁଲରେ ପଢ଼ା କରୁଥିବା ଓଡ଼ିଆ ଛାତ୍ରମାନଙ୍କ ମଧ୍ୟରେ ଉତ୍ତମ ଶ୍ରେଣୀ ବାଳକମାନଙ୍କ ମଧ୍ୟରେ ଯେଉଁ ଛାତ୍ର ଉତ୍ତୀର୍ଣ୍ଣ ପାଏ ସେହି ଛାତ୍ର ମାସିକ ଟ ୭ ଙ୍କା ଛାତ୍ରବୃତ୍ତି ନେଇ ମେଟ୍ରିକୁଲେସନ ପାଶ କରାଯାଏ ଗବର୍ଣ୍ଣମେଣ୍ଟରୁ ସାହାଯ୍ୟ ପାଇ ପାରେ । ଆମ୍ଭର ସମ୍ପୂର୍ଣ୍ଣ ଭରସା ଅସି ମିଃ ସ୍କୁଲରେ ମଧ୍ୟ ଉପରୋକ୍ତ ବିଧି ଅବଶ୍ୟ ପ୍ରଚଳିତ ହେବ ଅତଏବ ଇସ୍କୁଲଇନ୍ସପେକ୍ଟର ଆଉ କୃଷ୍ଣପୁର ଅଞ୍ଚଳର ଶିକ୍ଷାବିଭାଗୀୟ ଡେଃ ଇ, ଙ୍କ ନିକଟରେ ଆମ୍ଭର ଦୃଢ଼ ପ୍ରାର୍ଥନା ଏହି କି ବାବୁ ମହାଶୟମାନେ ଆପଣା ଭେଞ୍ଜିଗସ୍ତ ସମୟରେ ଅସିକା ନିକଟସ୍ଥ ଗ୍ରାମମାନଙ୍କପଟେ ଯାଉଥିବା ସମୟରେ ସେହି ଗ୍ରାମବାସିମାନଙ୍କୁ ଅସିକା ସ୍କୁଲରେ ପଢ଼ିବା ବିଷୟରେ ବିଶେଷ ଉତ୍ସାହ ଦାନ କରନ୍ତୁ । ଉପସଂହାରସ୍ଥଳେ ଅସିକାରେ ଥିବା ଉତ୍କଳୀୟ ଅମଲାମାନଙ୍କ ଆମ୍ଭର ପ୍ରାର୍ଥନା ଏହି କି ଅସିକା ସ୍କୁଲରେ ଯେତେପର୍ଯ୍ୟନ୍ତ ଓଡ଼ିଆ ଛାତ୍ର ବିଶେଷ ରୂପେ ଜମା ନୁଅନ୍ତି, ସେହି ବିଷୟରେ ଅସିକାରେ ଉତ୍କଳହିତୈଷିଣୀ ସମାଜ ଖୋଲା ଯାଇ ନିକଟସ୍ଥ ଗ୍ରାମମାନଙ୍କୁ ବିଜ୍ଞାପନ ପଠାଯାଉ । ଇତି

| | |
|---|---|
| ୧୦।୮।୮୮ | ବଶମ୍ବଦ |
| ଯୁଆଁ ଶୁଭଗ୍ରାମ | ଶ୍ରୀ ହରିହର ନିଁ ପାଠୀ |
| ଡାକଘର ଇସ୍କୁଲକୁଣ୍ଡା | ଉତ୍କଳ ଶ୍ରେୟସ୍କର |
| ଜି । ଗଞ୍ଜା | ସମାଜର ସମ୍ପାଦକ |

ମହାଶୟ !

ବିସୂଚି ରୋଗକୁ ଯେଉଁ ବିସୂଚିପ୍ରଶମନି ନାମକ ଔଷଧ ଆମ୍ଭେ ପ୍ରସ୍ତୁତ କରୁଅଛୁଁ ତହିଁର ସଂକ୍ଷେପ ବର୍ଣ୍ଣନା ପାଠକବର୍ଗେ ଉତ୍କଳଦୀପିକାରୁ ସ୍ପଷ୍ଟରୂପେ ଅବଗତ ହୋଇଥିବେ । ଯେ କେହି ଲୋକ ଉକ୍ତ ଔଷଧ ପାଇବା ଇଚ୍ଛାକଲେ ଆମ୍ଭ ନିକଟକୁ ପତ୍ର ପ୍ରେରଣ କଲେ ଉଚିତ ମୂଲ୍ୟରେ ଔଷଧ ପଠାଇ ଦେଉଅଛୁଁ ଅପିତ କେତେକ ସ୍ଥଳରୁ ଉକ୍ତ ଔଷଧର ପ୍ରଶଂସା ସ୍ୱରୂପରେ ପତ୍ର ସବୁ ଆସିଅଛି । ପ୍ରକାଶିତ ଯେ ଜ୍ୱରରୋଗରୁ

Digitized by srujanika@gmail.com

ଏହି ଔଷଧଦ୍ୱାରା ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କର ବହୁତ ଉପକାର ହୋଇଅଛି ପରନ୍ତୁ ଅନ୍ୟାନ୍ୟ ରୋଗାପେକ୍ଷା ବିସୂଚି ନାମକ ଯେଉଁ ଭୟାନକ ରୋଗ ଔଷଧାଦି କରଣାର୍ଥେ ଅବକାଶ ଦିଏ ନାହିଁ ଯଦି କୌଣସି ସ୍ଥଳଦେଶରେ ଉର୍ଦ୍ଧ୍ୱ-ବର୍ତ୍ତିତ ରୋଗର ପ୍ରାଦୁର୍ଭାବ ହୁଏ ତେବେ ଆମ୍ଭ ନିକଟକୁ ପତ୍ର ଆସିଲେ ଆମ୍ଭେ ଔଷଧ ପଠାଇଦେବୁଁ ପରେ ସେ ସ୍ଥଳରେ ରୋଗି ବ୍ୟକ୍ତିଙ୍କ ଔଷଧ ଦଣ୍ଡାଯିବ ଏବା ହେବାର ଅସମ୍ଭବ ହେଲେ ସୁଦ୍ଧା ନିଶ୍ଚ ପ୍ରୟୋଜନୀୟ ଅଟେ ଏହି ଔଷଧ ଯେବେ କେହି ପ୍ରସ୍ତୁତ କରି ରଖିଥିବେ ତେବେ ରୋଗର ଜନ୍ମ ମୁଖକାନ୍ତରେ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ସେବନ କରାଇଲେ ଈଶ୍ୱରେଚ୍ଛାରେ ଅବଶ୍ୟ ବହୁତ ରୋଗୀ ରୋଗ-ମୁଖରୁ କ୍ଷମା ପାଇପାରନ୍ତ ଅତ ଏଥିଦ୍ୱାରା ସର୍ବସାଧାରଣଙ୍କର ଅଶେଷ ଉପକାର ହେବ ଅତଏବ ବିସୂଚିପ୍ରଣାଶିନୀ ଔଷଧର ଶ୍ଳୋକ ଟୀକା ସହିତରେ ଏହି ପତ୍ରର ନିମ୍ନଭାଗରେ ଉଲ୍ଲେଖ କରାଯାଇ ଆପଣଙ୍କୁ ଜଣାଉଅଛୁଁ ଯେ ଏହି ଔଷଧ ଗୁଣକୁ ଆପଣଙ୍କର ଜଗଦ୍‌ବିଖ୍ୟାତ-ପତ୍ରିକା ପାଖରେ ସ୍ଥାନ ଦାନ ଦେଇ ଉପକାର କରିବେ ଆଉ ଏହି ଔଷଧ ଯେଉଁ ସମୟରେ ରୋଗାତୁରମାନଙ୍କୁ ସେବନ କରାଇବାକୁ ହେବ ତତ୍ସମ୍ବନ୍ଧୀୟ ସୁଦ୍ଧା ଅଙ୍କିତ କରା ଯାଉଅଛି ଏହି ନିୟମାଧୀନରେ ପ୍ରୟୋଗ କରାଯିବ ।

ବିସୂଚିପ୍ରଣାଶିନୀ ।

ଶୀସକମୋଦା ହିଙ୍ଗୁଳ ହରିଦ୍ରାଂ କର୍ପୂରସ୍ୟ ଚୈତନ୍ୟ ତନ୍ମୂଲଂ । ସୁଙ୍କ ଯବକ୍ଷାରକ କାଟ-ଙ୍କଂ ସାମୁଦ୍ରସୌବର୍ଚ୍ଚଲବିଡ଼ନାମ୍ନୀଃ । ଏଷାଂ ସମାନାଂ ଚ ସମାନଭାଗଂ ଭଲଃ ପ୍ରଦେୟଂ ଭଣ୍ଡମର୍ଦ୍ଦିତଂ । ସର୍ବାଂ ଚ ଅଷ୍ଟେ ପରିମର୍ଦ୍ଦ୍ୟ ଲୁର୍ଦ୍ଧାର ବଟୀଂ ମରୀଚପ୍ରମିତାଂ ଚ କୈଦ୍ୟଃ । ଜାଗଣକେ ଭଣ୍ଡନତୋୟଯୁକ୍ତେ ବୟଃକ୍ରମଂ ଶାସ୍ୟ ବଟୀପ୍ରବେଶ୍ୟା । ରୋଗଂ ବିସୂଚି ମୃଦସ୍ମ-ନ୍ୟସ୍ୱା ଅକାଣ୍ଡି ମନାଗ୍ନି ଗଦଂ ନିହନ୍ତି । ଶୂଳାଖରୀ ପ୍ରବଳା ବିସୂଚି-ପ୍ରଣାଶିନୀ ନାମ ମନୋହରେୟଂ ।

ଅସ୍ୟାର୍ଥଃ ।

ଶୀଶ ଅଜମୋଦା ହିଙ୍ଗୁଳ ହଳଦୀ କର୍ପୂର ସୈନ୍ଧବଲବଣ ଚହାମଳ ଶୁଣ୍ଠପାରଦ ଯବକ୍ଷାର କାଟକ୍ଷାର ଶୁଦ୍ଧ ଗନ୍ଧକ ସାମୁଦ୍ରଲବଣ ସୌବର୍ଚ୍ଚଳ ଲବଣ ବିଡ଼ଲବଣ ଏ ସମସ୍ତ ସେତେ ଶୁଦ୍ଧ

କୋଡ଼ଗ ମ ଲ୍ଡିଂ ଭେ ହିଙ୍ଗୁଳ ଜଳରେ ବାଟି ମରିଚ ପ୍ରମାଣ ବଟୀ ପ୍ରସ୍ତୁତ କରିବ ପ୍ରାୟ ୩୦ ତୋଲା ଗୁଡ଼ୁଚି ଧୂଆ ପାଣିରେ ଅଧେ ବଟୀ ଓ ଅଧେ ଲଙ୍କା ଛଡ ମରୀ ଡାଇଫଳ ବାଟ ଏହି ଜଳରେ ବିସୂଚିରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ବୟଃ-କ୍ରମେ ଅର୍ଥାତ ବାଳକ ଓ ୨ ବର୍ଷରୁ ମାତ୍ରା ରେ ୧ ଟି କ ୧୦ ବର୍ଷରୁ ରୋ ୨ ଟି ତ ୧୫ ବର୍ଷରୁ ରୋ ୩ ଟି ବ ୨୦ ବର୍ଷରୁ ରୋ ୪ ଟି ଅତଃପର ବ ୩୦ ବର୍ଷରୁ ରୋ ୫ ଟି ଦେବ ଏଥି ଉପ୍ରକୁ ଉର୍ଦ୍ଧ୍ୱବୟସ ବ୍ୟକ୍ତିଙ୍କୁ ଦଶ ୨ ବର୍ଷରେ ଗୋଟିଏ ୨ ମାତ୍ରା ଉଣା କରି ଦେବାକୁ ହେବ ରୋଗୀକୁ ଔଷଧ ଦେଲାପରେ ୨ ଘଡ଼ିରେ ଅରୋଗ୍ୟ ଲକ୍ଷଣ ଦେଖାଯାଏ ଯେଉଁ ବ୍ୟକ୍ତି ଅତି ପୀଡ଼ିତ ହୋଇ ଯାଇଥାଏ ତାହାରେ ଏହା ଘାଲନରେ ସୂତ୍ର କରେ ଜାହି ଘ୍ୟଣ୍ଟା ପଇ ଆଉ ଏକ ପାନ ଦେବ ରୋଗୀ ମୁକ୍ତ ହେଲେ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟାନ୍ନ ବର୍ଜନ କରି ଉଚିତ ରୋଗନଷ୍ଟରେ ଔଷଧ ଦେଲାଠାରୁ ରୋଗ ନଷ୍ଟ ନ ହେବା ପର୍ଯ୍ୟନ୍ତ ରୋଗୀ ଯେହି ଖାଇବା ପିଇ-ବାକୁ ମାଗିଲେ ଦଧିପିତ ନାହିଁ ଦେଲେ ବିଶୁଦ୍ଧ ହୋଇ ଅନ୍ୟାନ୍ୟ ପ୍ରକାର ଜାତ ହେବ । ଇତି ।

୧୭।୮।୮୮ } ଖଣ୍ଡପାଲ }
ବଶମ୍ବଦ
ଶ୍ରୀମାନ୍ ଶ୍ରୀ ବ୍ରଜସୁନ୍ଦର ସିଂହ ଦେବ
ଯୁବରାଜ

---

To the Editor, Utkal Dipika.

Sir,

I have strong reason to believe that a most brutal crime has been committed in the town, which, it seems, is going to be, or has already been hushed up and reported as a death from cholera. My suspicion is founded on the following fact, for which another gentleman who was with me at the time of which I am going to say, can vouch.

At between 3 and 4 P. M. on Tuesday last, the 28th instant, I was proceeding along the road in the direction of Rahaman Khan's bridge. Near Cantonment pillar No. 7 is a house of ill-fame, at the door of which sat its unfortunate inmate. She was a rather fair, middle-aged woman, apparently 25 or 30 years of ages, one of the lowest sort of unfortunates with whom this part of the town literally swarms. She was hotly plying her tongue and casting her invectives at the teeth of her paramour—a big old man with grey whiskers and moustachios, and no beard, having the appearance of a besotted rakehell of a bully—apparently a sepoy pensioner. The sharpness of the woman's tongue must have been very keenly felt by the man, who standing a few feet from her, now advancing, now retreating seemed to be smarting under its lashes; for, what forcibly drew my attention towards him, was his determined attitude and the terrible threat which his words conveyed, in broad daylight, in a busy thoroughfare. This threat, in so many words, was that "he would soon do for her and fling her corpse into the neighbouring tank." It was a terrible threat, and before I was out of hearing, I distinctly heard it repeated three or four times. The very same night this wretched woman died, I hear, under most painful and suspicious circumstances. It is said that she was brutally assaulted that evening by her vain old paramour, with heavy blows on the chest, that she vomited blood and died the same night. In the morning the neighbours spoke of the assault, but, it is said, when the police arrived, the theory of cholera was maintained. It seems very strange that the old Telinga's terrible threat should have been fulfilled that very night; I hope, therefore, that you will be good enough to give this a corner in your paper, and demand a strict and trustworthy inquiry into the cause of her death.

Since writing the above I have been informed that there are witnesses to the murderous assault, which took place early in the evening, and that the neighbours are afraid to speak of the facts.

30—8—88 *Bloodhound.*

Split by PDF Splitter

Digitized by srujanika@gmail.com

Split by PDF Splitter



## ମୂଲ୍ୟପ୍ରାପ୍ତି ।

ବାବୁ ଦଇତାରି ମହାପାତ୍ର ପରୀକ୍ଷା ଭୁବନେଶ୍ୱର ଅଗ୍ରିମ ଟ ୩୲
„ ପଦ୍ମନାଭ ଦାସ କଟକ ବକାୟା ଟ ୧୧୫
ଅଗ୍ରିମ ଟ ୩୲
„ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ କଟକ ବକାୟା ଟ ୧୬୲
„ କଣ୍ଠମ୍ୟୁରୁଦ୍ଧି ବହଳଦା ଅଗ୍ରିମ ଟ ୩୲
„ ମୁଖ୍ୟମଣି ରାୟ ଝାଙ୍ଗୀ „ ଟ ୧୲
„ ଶ୍ୟାମଚରଣ ମଲ୍ଲ ଲୁଣାହାର „ ଟ ୩୲
ମହନ୍ତ ଅନନ୍ତ ଦାସ କେନ୍ଦ୍ରାପଡ଼ା „ ଟ ୩୲
ଶ୍ରୀ ମହାଦେବ ପରିମଗୁରୁ ଗୁଆରୌକାଗ୍ରାମ ବକାୟା ଟ ୧୲
„ „ ଅଗ୍ରିମ ଟ ୩୲
ବାବୁ ରାଜବଲ୍ଲଭ ମାହାନ୍ତି ରାୟ ବାହାଦୂର ଖୋର୍ଦ୍ଧା „ ଟ ୩୲
„ କୃଷ୍ଣଚନ୍ଦ୍ର ସାମନ୍ତରାୟ „ „ ଟ ୩୲
„ ଜଗନ୍ନାଥଶରଣ ମହାନ୍ତି „ „ ଟ ୩୲
„ କୃଷ୍ଣଚନ୍ଦ୍ର ମହାନ୍ତି „ ବକାୟା ଟ ୩୲
ରାଜା କଲେ ନୀଳଗିରି „ ଟ ୧୩୫୶
ମଧୁସୂଦନ ମିଶ୍ର ଶ୍ରୀ ରାମଚନ୍ଦ୍ରପୁର ଅଗ୍ରିମ ଟ ୩୲

## ବି ଜ୍ଞା ପ ନ ।

### NOTICE.

Key to New Royal Readers No II is out. Price 3 ( Three ) annas.

To be sent by value-Payable post.

*Apply to the Secretary Printing Company Cuttack.*

## ପୁଲିସ ମାନୁଏଲ ।

ଅର୍ଥାତ ପୁଲିସକନେଷ୍ଟବଳ ଓ ଅଫିଟପୋଷ୍ଟମାନଙ୍କର କାର୍ଯ୍ୟପ୍ରଣାଳୀପୁସ୍ତକ ଯାହା ବଙ୍ଗଳାର ପୁଲିସ ଇନ୍‌ସ୍ପେକ୍ଟର ଜେନରଲଙ୍କ ଆଦେଶମତେ ପ୍ରଚାର ହୋଇଅଛି ତାହା ଓଡ଼ିଆରେ ପୁରୀ ପୁଲିସର ଇନ୍‌ସ୍ପେକ୍ଟର ବାବୁ ଶ୍ରୀନାଥଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଦ୍ୱାରା ଅନୁବାଦିତ ହୋଇ ମୁଦ୍ରିତ ହୋଇଅଛି । ଯେଉଁମାନଙ୍କର ଏ ପୁସ୍ତକ ଆବଶ୍ୟକ ହେବ ଅନୁବାଦକ ମହାଶୟଙ୍କ ନିକଟରେ ଅଥବା କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପ୍ରାପ୍ତ ହେବେ । ମୂଲ୍ୟ ଖ ୧ ଖଣ୍ଡ ଟ ୧ । ଓ ଡାକରେ ପଠାଇବାକୁ ହେଲେ ମାସୁଲ ଟ ୦/

## ମେହରୋଗ ।

ଶ୍ରୀ ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ନୂତନ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ଚିକିତ୍ସାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ଭୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପରିଭାଗରେ ପରଦାଗ ନ ହେଲେ ଅର୍ଦ୍ଧ ଘିବ ଜାତୀ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରଚାରିତ ହେବ କଲିକତା ଆହେରିଟୋଲା ନଂ ମ୍ବର ଭବନରେ ସି, କେ, ରାୟ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୲ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

## ଶ୍ରଦ୍ଧାଯୁକ୍ତ ପଠିତବ୍ୟଂ

କଟକଜିଲ୍ଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଚିକିତ୍ସାରେ ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜତ୍ୟକ୍ତ ରୋଗୀ ଆରୋଗ୍ୟ ଲାଭ ଅଛନ୍ତି । ତାହାଙ୍କ ନିର୍ମିତ ଓଲାଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ବିଧିମତେ ସେବନ କଲେ କାଳର ହସ୍ତରୁ ନିଶ୍ଚୟ ତ୍ରାହି ପାଇବେ । ତାହାଙ୍କ ନିର୍ମିତ ହେମାଦ୍ରି କଳ୍ପ ନାମକ ଜ୍ୱରହରାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି ! ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରବଡ଼ପଣ୍ଡାଙ୍କର ଗୃହଗୋଷ୍ଠି ଜ୍ୱରରୋଗିମଧ୍ୟରୁ କେହି ମା ୭ ସ, କେହିବା ମା ୫ ସ, କେହି ୭, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏକି ୨ ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାରାଜ କଲେ ବୋଧ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରରାୟ ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ଦୀର୍ଘକାଳ ବ୍ୟାପି, ଡାକ୍ତର ଓ କବିରାଜତ୍ୟକ୍ତ ଏବଂ କଣ୍ଠାଗତ-ପ୍ରାଣଗତ ମୂର୍ଚ୍ଛାକ୍ରାନ୍ତ ରୋଗିକି ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଜେଳାପୁର, ଭଦ୍ରକ, ମାଣିକପଟ୍ଟଣା, ଆଖୁଆପଦା, ଏକମା, ମେଦନୀପୁର, ବୋଧ, ବାଲିପଟ୍ଟଣା, ତଣାହଟ୍ଟା, ଓ ଜମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ଦନ୍ତଅର୍ବୁଦ, ଓଲାଉଠା, ଅଜୀର୍ଣ୍ଣ, ମେଲେରିଆଜ୍ୱର, ଦୀର୍ଘକାଳସ୍ଥାୟିଜ୍ୱର, ଚତୁର୍ଥିଜ୍ୱର, ପାଳିଜ୍ୱର, ଦାଦୁ, କାଶକାର୍ଣ୍ଣି, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ୱାମୀୟ ଚିକିତ୍ସାରେ ନୈରାଶ୍ୟ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଙ୍କ୍ଷିମାନେ ରିପ୍ଲାଇକାର୍ଡ଼ ବା ଡାକଟିକଟ ସହ ପତ୍ର ଲେଖିଲେ ଆଶୁଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ !

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

## TO THE DEAF.

A 132 page Illustrated Book on Deafness Noises in the head how cured at your homes.

Price 6 annas; Address Dr. Nicholson, 5, Old Court House Street, Calcutta.

## ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା ରୋଗର ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ପୃଷ୍ଠାର ପୁସ୍ତକ ମୂଲ୍ୟ ୬ ଅଣା କଲିକତା ଓଲ୍ଡ୍ କୋର୍ଟହାଉସ ଷ୍ଟ୍ରିଟ ୫ ନଂ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇବେ ।

### ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ସାମେରଷ୍ଠାନବନ୍ଦୁ ଔଷଧ ।

ଏତଦ୍ଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ଗୁଳିତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରିଚିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, ଦର୍ପ, ଉଦରୀ, କୁର୍ମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତରିକ ଘା, ଶୁକ୍ରସମ୍ବନ୍ଧ, ମୂତ୍ରରେ କ୍ଲେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମ ।

ଡାକ୍ତର ଜ, ବ, ସାହାଙ୍କ ସାମାରଷ୍ଠାନ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚିତ, ଯଥା;—ପୋଡ଼ାଘା, ବହୁକାଳର ଘା, ପୀଡ଼ାଦାୟକ ଘା, କୁର୍ମି, ଭଗନ୍ଦର, ଦଦ୍ରୁ,

Digitized by srujanika@gmail.com

ପକ୍ଷାଘାତ, କୁଷ୍ଠ, ଅଣ୍ଡଗ୍ରନ୍ଥିପୀଡ଼ା, ବାତ, ଗରମି ଘା, ଓ ଇନ୍ଦ୍ରିୟ ମଦପ୍ରକାର ଚର୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ଉପୁକରଣ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ୫ ଓ ୧୦ କା ଅଟେ ଏଥିବ୍ୟତୀତ ପଠାଇବାପାଇଁ ଟ ୦ । ଦେଶୀଖର୍ଚ୍ଚା ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ ବରାନଗର } ଏ, ଛି, ମୁଖାର୍ଜ୍ଜୀ

---

## NOTICE.

Tenders are invited in Form No. 7 M for the construction of a Parapet wall on the Katjuri revetment within the Collectorate compound at Cuttack. The estimate of amounts to Rs. 1392.

The wall to be commenced on the 15th October 1888 and completed by the 15th December 1888.

Rs. 50 in Currency Notes, to accompany each tender.

Tenders will be opened by the Executive Engineer on the 5th September 1888 afternoon. For further particulars apply to the Executive Engineer Puri Division at Cuttack.

Cuttack, 24—8—88 } Sd. John R. Swinden *Exe. Engineer Puri Dn.*

---

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ ପଣି ବାଲି | ଠ ୧୮ | ଟ ୨୷ | ଠ ୧୮ | ଟ ୦ ୷ |
| ୧୦ ପଣି | ,, | ଟ ୨୷ | ,, | ଟ ୦ ୷ |
| ୧୨ ପଣି | ,, | ଟ ୨ | ,, | ଟ ୦ ୷ |
| ୨୨ ପଣି ଉଦରପୂରଷ୍ଟେପ୍ | ,, | ଟ ୪ | ,, | ଟ ୦ ୷ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୫ ୭ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲାଗ ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ ଇଂଲଣ୍ଡୀ ଜିନିଷ ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଅଲ୍ପ କେତେକ ଫେସନ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଙ୍ଗୋପସାଗର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ନିକଟକୁ ପଠାଯିବ । ସବୁ ଉକ୍ତ ଝାଡ଼ମାନ ଜନ୍ମ ହେବା ପର୍ଯ୍ୟ ଅପଣା ମଜଲିସ ସକାଶେ ଦରକାର କରିବାନ୍ତି ତେବେ ଏକ ରାତିକୁ ଫି ଝାଡ଼ ଟ ୦୷ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଯତ୍ନ ଖର୍ଚ୍ଚକରିବାର ଭାର ତାଙ୍କ ଉପରେ ଥିବ । ନଷ୍ଟ ହେଲେ ଝାଡ଼ର ପୂର୍ଣ୍ଣ ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଇଫସିଲ ।

| | |
|---|---|
| ଜଳର କେଟଲୀ ବ ଚଢ଼ିରେ ସୁନ ଦେଲେ ଫୁଟେ । | କପ୍ରିତ୍ର ଅର୍କ । |
| ବଟେରଣ୍ଟାଜ୍ | ବ୍ଲୋଟେଙ୍ଗପେଡ୍ । |
| କଟ୍‌ଲେରୀଙ୍ଗ୍ ଟେଲ ଛଡ଼କା ଯେଉ ସାବୁ ଓ ତୈଳ ସହିତ । | ବାଉ ବିସ୍କୁଟ ଓ ଚଉ ଲଜିନ୍ସ ଓ ମିଠା |
| ଲୁଙ୍ଗ ଅର୍ଥାତ୍ ଜୁତା କପଡ଼ା ବାଇଞ୍ଜ ଖେଳ ତେଲ ଓ କଲମ । | ଘଡ଼ୀ |
| ଫେନ୍‌ସିଲ କାଟିବା କଳ । | ଦର୍ପଣ ବୁଇଫାଇବୁସ ଏକଫଲ ଛୁରୀ |
| କାଳୀ ପ୍ରକାରର ଦଉଡ଼ି କାଗଜ ଓ ଲଫାଫା | କେଇଶ୍ବର ଉପୋର ସୁନ ଟେକ୍ସଟ ଅଫେ |
| ଟେବିଲ ଛତା । | ଏ, ଗୋଷ୍ଟର ଗଣ୍ଡେଲ ଭାଗୀଳ ଓ ଲୁହ୍ବା । |
| ତେଲ ଛଇ । | ଦସ୍ତଖତ ଅବଲୋଟ ଏକଟ ଭାଡ଼ସା । |
| ଦସ୍ତା ସାବୁନ । | ଅଷ୍ଟକୋଣିଆ ଫେନ୍‌ସିଲ ଅର୍ଥାତ୍ ଏ ଫେନ୍‌ସିଲରେ ଲେଖି କଟିଲେ ଫେଶ ବଢ଼ୁ ଅଭାବ ସେହି |
| ତାଙ୍କରି ସାବାନ ଗର୍ଭ ରେ ଲୁଗା ପଡ଼ିଥାଇ ନୁଏ । | ଫେନ୍‌ସିଲ ଲେଖା ପଛେ ବେଳ ଉପାୟ |
| ଅଷ୍ଟୋଲ ବ୍ରେଡ଼—ଅର୍ଥାତ୍ ସୁଗନ୍ଧୀ ଦ୍ରବ୍ୟ । | ଦେଖିଲେ ଚିହ୍ନି ନ ହ ନ ରହେ । |
| ଦେଶୀ ଲୁଣ । | |
| ଓ୍ୟାରର ଗ୍ଲୁପ୍ ଛତା । | |

ପୋର୍ଣ୍ଣଲୁଜବ ଓ ପିତ୍ତଳର, କେଉଁ ତାଳ ମେନ ଓ ଚିତ୍ର ତଳେ ଘଟେ

ଚୁଲିକ ଢାଳ ଗଧାର ଲେଖିବାକେଳେ ଖାଳ ଓ ଶୁଖିଲେ ଜଳ ହେବ ।

ଅଇନା ଟଲ୍ଲା
୧୨ × ୧୦ ଇଃ
୧୪ × ୧୨ ଇଃ
୧୬ × ୧୪ ,,

ମୋଜା ଓ ମୋଜାବନ୍ଧ ଭଜନ ଧୂପ କଳକଲସ ବୁଲା ସାବୁନ ଜଳା ଓ ସୁଜୁଳା

ଉଡ଼ି ଓ ପାଲକରତୋଖା ହିତା

କଲମିକ ଦେଲବେ ବଟ କାଠକାର ଖାଉ ମଜଗାମା

ରେଡ଼ ବ୍ଲୁ ଫେନ୍‌ସିଲ

କଳାଇଗୀ ଘାଡ଼ା ଓ ଗୋଡ଼ ଓ ଭଉ

ମର୍ଦ୍ଦବାଣ ଓ ଖିଲ ଗାଠ ଗାଉଗୋଳ ଓ ସାଡ଼ୀ ।

ଡିପେଂ ବାକ୍ସ

## ପିଚଗାର ।

ଏ ଗାରକୁ ବେଗୁଣିଆ ପାତରେ ଲଗି କଅଁଳ ଭରଲାଇ ଦୋଚାଲିଘର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଟିଆରେ ଲେପିଦେଲେ ମଜବୁତ ଓ ଭଲ ଖରଚ ନାହିଁ ।

ବଗିର ଚଣ୍ଡୀ ଓ ସାଢ଼ରେ ଲଗାଇବାର ଗାଡ଼ ମଧ୍ୟ ଅଛି ।

ଅରଚନ୍ଦ୍ର କର କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ,

| | |
|---|---|
| ଧାଡ଼ିପ୍ରତି | ଟ ୦୷ |
| ଅର୍ଦ୍ଧସ୍ତମ୍ଭକୁ | ଟ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ର ଏକ ଉତ୍କଳକାର ଜଣେ ଟ୍ରଷ୍ଟୀ ଦ୍ୱାରା ସମ୍ପାଦିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୩ ଗ | ତା ୮ ଇଙ୍ଗ୍ରାଜୀ ମାହେ ସେପ୍ଟେମ୍ବର ସନ ୧୮୮୮ ମସିହା । ମୁ । ଭାଦ୍ରବ ଦ ୨ ନ ସନ ୧୨୯୫ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
୩୬ ସଂଖ୍ୟା | ପଶ୍ଚାଦ୍ଦେୟ ଟ ୬

ଓଡ଼ିଶାବିଭାଗର ଗଭର୍ଣ୍ଣରର ସାଧାରଣ ବିବରଣପତ୍ର ମାନ୍ୟବର ଲେଫ୍ଟେଣ୍ଟଙ୍କର ମନ୍ତବ୍ୟ ଅନ୍ୟାନ୍ୟ ବିଭାଗର ମନ୍ତବ୍ୟ ପତ୍ର ଅତି ସଂକ୍ଷେପରେ ବାହାରୁଅଛି ତହିଁରେ କଟକର ରାୟ ବୈଦ୍ୟନାଥ ପଣ୍ଡିତ ବାହାଦୁର ପୁରୀର ପାଇକୁଦ ରାଜା ଏବଂ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ବାହାଦୁର ଏହି ତିନି ଜମିଦାରଙ୍କର ବଦାନ୍ୟତା ଓ ସଚ୍ଚରିତ୍ରତାର ବିଶେଷ ଉଲ୍ଲେଖ ହୋଇଅଛି । ଅନ୍ୟାନ୍ୟ ବିଷୟମାନ ଏ ପତ୍ରେ ଲେଖିବାର ମାନସ ରହିଲା ।

---

ଏକଥା ସାଲେପୁର ନିକଟରେ ବୈଦ୍ୟନାଥବାବୁଙ୍କ ପ୍ରକାଶ କୌତୁକ ଅବଧି ଶେଷ ହୋଇ ନାହିଁ । ପୂର୍ବଠାରୁ ଯାହି ଉଣା ଅଛନ୍ତି, ମାତ୍ର ଯିବା ଆସିବା ଓ ଅଧିଆ ପଡିବା ଏକାବେଳକେ ବନ୍ଦ ହୋଇ ନାହିଁ । ଏ ନଗରରୁ ଏଥିମଧ୍ୟରେ କେତେକଲୋକ ଯାଇଅଛନ୍ତି । ପୀଡ଼ାର କଷ୍ଟ ଏବେ ଅଧିକ ଓ ଆରୋଗ୍ୟଲାଭର ଆଶା ଏତେ ପ୍ରବଳ ଯେ ଅଳପବୁଦ୍ଧିର ଲୋକଙ୍କୁ ବିଚାର କରିବାର ଅବକାଶ ମିଳଇ ନାହିଁ । ଆମ୍ଭେମାନେ ଏସମ୍ବନ୍ଧରେ ଯେଉଁ ପାର୍ଶ୍ୱପତ୍ର ପାଇଅଛୁଁ ସ୍ଥାନାଭାବରୁ ଏ ସପ୍ତାହରେ ମଧ୍ୟ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

---

ଅନୁଗୁଳ ସବଡିଭିଜନ ସମ୍ବନ୍ଧରେ ସ୍ଥାନାନ୍ତରେ ଖଣ୍ଡିଏ ପ୍ରେରିତପତ୍ର ପ୍ରକାଶିତ ହେଲା । ସେଥିରେ ଅନୁଗୁଳର କଷ୍ଟ ସମ୍ବନ୍ଧରେ ଯାହା ଲେଖା ଅଛି ଭାବନାର ବିଷୟ ଅଟଇ । ଏପର ଆଠଗଡ଼ ରାଜାଙ୍କର ସ୍ୱଦେଶାନୁରାଗ ପକ୍ଷରେ ଅତ୍ୟନ୍ତ ଅମନୋଯୋଗିତା ଏବଂ ଭ୍ରମାତ୍ମକ ଅବିବେଚନାର ପ୍ରସଙ୍ଗ ପାଠରୁ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ ସଡ଼କ ପ୍ରସ୍ତୁତଦ୍ୱାରା ଭୂସମ୍ପତ୍ତିର ଉନ୍ନତି ହୁଏ ଏହା ବର୍ତ୍ତମାନ ସମୟରେ କାହାରିକି ବୁଝାଇଦେବା ଅନାବଶ୍ୟକ । ଆଠଗଡ଼ରାଜା ଆପଣ ହିତପ୍ରତି ଦୃଷ୍ଟି କଲେ ଆପଣା ବ୍ୟୟରେ ଏକାଧିକ ଅନେକ ଧନପୂର୍ବରୁ କରିଆନ୍ତେ । ତାହା କରୁନାହାନ୍ତି ଏବଂ ଅନ୍ୟଲୋକ ତାହା କରିବାକୁ ପ୍ରବୃତ୍ତ ହେବାରେ ତାହାଙ୍କୁ ବାଧା ଦେଉଅଛନ୍ତି ଏଥିରୁ ଅଧିକ ଅବିବେଚନାର କାର୍ଯ୍ୟ ଆଉ କଅଣ ହୋଇପାରେ ?

---

ବୌଦ କଣ୍ଠାରୁ ଏକବ୍ୟକ୍ତି ଲେଖିଅଛନ୍ତି କି ସେଠାରେ ପ୍ରଚୁର ବୃଷ୍ଟି ଅଭାବରୁ କ୍ଷେତ ମରି ପଡିଥିଲା ମାତ୍ର ଏଣିକି ସୁବୃଷ୍ଟି ହୋଇଅଛି ଏବଂ ଯାହାଙ୍କର ବିହନ ନ ଥିଲା ରାଜା ସେମାନଙ୍କୁ ସାହାଯ୍ୟ କରୁଅଛନ୍ତି । ପୂର୍ବ ରାଜାଙ୍କକୃତ ଲକ୍ଷ୍ମୀସାଗର ନାମକ ପୁଷ୍କରିଣୀ ଯହିଁରେ ସମସ୍ତ ଋତୁରେ ଜଳ ପୂର୍ଣ୍ଣ ଥାଏ ତଦ୍ୱାରା ପ୍ରାୟ ଶ ୨୦ ଖଣ୍ଡ ଗ୍ରାମର ଏବଂ ପୁରୁଣା କଟକର ଏକ ଶ୍ରେଷ୍ଠ ନଦୀରେ ବନ୍ଧ ପଡିଥିବାରୁ ତଦ୍ୱାରା ଖ ୫୦ ଖଣ୍ଡ ଗ୍ରାମର ଭୂମି ଆବାଦ ହୋଇଅଛି । ଏପରି ହେବଗଡଠାରେ ରାଜା ଗୋଟିଏ ପ୍ରକାଣ୍ଡ ଓ ସୁଦୃଶ୍ୟ ରାଜବାଟୀ ପ୍ରସ୍ତୁତ ଏବଂ ତହିଁ ନିକଟରେ ଥିବା କେତେଗୋଟି ବୃହତ୍ ଜଳାଶୟର ପଙ୍କୋଦ୍ଧାର କରାଉଥିବାରୁ ଗରିବ ପ୍ରଜାମାନେ ମଜୁରି ପାଇ ଜୀବିକା ଚଳାଉଅଛନ୍ତି । ଆମ୍ଭେମାନେ ଏସମ୍ବାଦରେ ବଡ଼ ଆନନ୍ଦିତ ହେଲୁଁ । କଷ୍ଟସମୟରେ ଜଳାଶୟାଦିର ପଙ୍କୋଦ୍ଧାର ଦ୍ୱାରା ଲୋକଙ୍କୁ ମଜୁରି ଯୋଗାଇବାର ସୁବିବେଚନାର କାର୍ଯ୍ୟ ଅଟଇ ।

---

ଆସାମପ୍ରଦେଶକୁ ଯାଉଥିବା କୁଲିଙ୍କ ଦୁଃଖର କଥା ବହୁତ ଶୁଣାଯାଉଅଛି ମାତ୍ର ଟାପୁକୁ ଯେଉଁ କୁଲିମାନେ ଯାଉଁଅଛନ୍ତି ସେମାନଙ୍କ ଅବସ୍ଥା ଭଲ ଥିବାର ପ୍ରକାଶ ପାଉଅଛି । ଗତ ବାର୍ଷିକବିଜ୍ଞାପନୀରେ ଲେଖାଅଛି କି ଉକ୍ତବର୍ଷରେ ଜ ୬୪୦୬ ଣ କୁଲି ଟାପୁରୁ ଫେରି ଆସିଲେ ଏବଂ ସେମାନେ ଟ ୭୦୬୪୫ ।/ ଆପଣା ସଙ୍ଗରେ ଆଣିଥିଲେ ଅର୍ଥାତ୍ ଖାଇ ପିଇ ଜଣଙ୍କ ହାରାହାରି ଟ ୧୧୦ କା ଲେଖାଏଁ ସଙ୍ଗରେ ଆଣିଲେ । ଜ ୨୨୧ ଣ କୁଲି ସେଠାରେ ମରି ଯାଇଥିବାରୁ ସେମାନଙ୍କର ଜମାଥିବା ଟ ୨୪୫୮୨।୧୦ ଭାରତବର୍ଷକୁ ଆସି ସେମାନଙ୍କର ଉତ୍ତରାଧିକାରମାନଙ୍କୁ ଦିଆଗଲା । ଅତଏବ ଜଣା ଯାଉଅଛି କି ଯେଉଁ କୁଲିମାନେ ଏଠାରେ କାର୍ଯ୍ୟ ନ ପାଇ କଷ୍ଟଭୋଗ କରନ୍ତି ସେମାନେ

Digitized by srujanika@gmail.com

Split by PDF Splitter



ଟାପ୍ପୁକୁ ଗଲେ ଖାଇ ପିଇ କଛୁ୨ ରୋଜଗାର କରୁଅଛିନ୍ତି ।

---

ସମ୍ବାଦବାହିକାରେ ପାଠ କଲୁଁ ଯେ କାଲେଂଷ୍ଟର ଜାଗୀରଦାର୍ ସେଠା ଡିଷ୍ଟ୍ରିକ୍ଟବୋର୍ଡଙ୍କୁ ପୁରୁଣା ପୁଷ୍କରଣୀର ପଙ୍କୋଦ୍ଧାର ଓ ନୂଆ ପୁଷ୍କରିଣୀ ଖୋଳିବା ସକାଶ ପ୍ରତିବର୍ଷ କେତେ୨ ଟଙ୍କା ବଜେଟରେ ସମ୍ବଳ ରଖିବା ନିମିତ୍ତ ଲେଖିଥିଲେ । ବୋର୍ଡ ଉହିଁ ଉତ୍ତରରେ ଲେଖିଅଛନ୍ତି ଯେ ହାତରେ ଟଙ୍କା ନ ଥିବା ହେତୁ ଆପାତତଃ ଉକ୍ତ କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଅକ୍ଷମ ମାତ୍ର ଅନ୍ୟଲୋକେ କାର୍ଯ୍ୟାରମ୍ଭ କଲେ ବୋର୍ଡ ସାହାଯ୍ୟ କରିବାକୁ ପ୍ରସ୍ତୁତ, ଅଛନ୍ତି । ଏଥିରୁ ଆଶା ହେଉଅଛି ଯେ ବୋର୍ଡ ଭବିଷ୍ୟତରୁ ଏ-ବିଷୟରେ ସୁବନ୍ଦୋବସ୍ତ କରିବେ । ଅମ୍ଭେମାନେ ଅନ୍ୟାନ୍ୟ ଜିଲାର ବୋର୍ଡଙ୍କୁ ଏହି କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଅନୁରୋଧ କରୁ ଅଛୁଁ ବିଶେଷତଃ ସଡ଼କ ଓ ହାଟ ପାର୍ଶ୍ୱର ପୁଷ୍କରିଣୀମାନଙ୍କୁ ଉତ୍ତମାବସ୍ଥାରେ ରଖିବା ବୋର୍ଡଙ୍କର କର୍ତ୍ତବ୍ୟ ବୋଲି ଅମ୍ଭେମାନେ ଜ୍ଞାନ କରୁଁ । ଅନ୍ୟଲୋକର ସାହାଯ୍ୟ କରନ୍ତୁ ବା ନ କରନ୍ତୁ ବୋର୍ଡଙ୍କୁ ତାହା କରିବାକୁ ହେବ । ଯେବେ ସଡ଼କ କୂଳ ପାଖରେ ଗଛ ଲଗାଇବା ବୋର୍ଡଙ୍କର କର୍ତ୍ତବ୍ୟ ତେବେ ପାନୀୟ ଜଳ ଯୋଗାଇବା ଯାହା ଲୋକଙ୍କ ଜୀବନଧାରଣର ପ୍ରଧାନ ଉପାୟ ତାହା ଅଧିକତର କର୍ତ୍ତବ୍ୟ ଏକଥା ପ୍ରମାଣ କରିବାର ଆବଶ୍ୟକ ଅଛି କି ?

---

ଅନୁଗୁଳର ଅବସ୍ଥା କ୍ରମଶଃ ଶୋଚନୀୟ ହେବାର ସମ୍ବାଦ ପାଉଅଛୁଁ । ଅନେକାଂଶ ମୁଣ୍ଡ ସଙ୍ଖ୍ୟା ଉ ୨୦ ପର୍ଯ୍ୟନ୍ତ ହୋଇଅଛି । ଟଙ୍କାକୁ ଚାଉଳ ସେ ୧୦ ର ଓ ଲୁଣ ସେ ୪ର ଘୃତ ଓ ତୋଳିଅ ସେ ୧୬ ହିସାବରେ ବିକ୍ରୀ ହେଉଅଛି ମାତ୍ର ମିଳିବାର ଦୁଷ୍କର । ସରକାର ସାହାଯ୍ୟ କାର୍ଯ୍ୟସକାଶେ ଦୁର୍ଭିକ୍ଷଗ୍ରସ୍ତ ଏବଂ ଭରଣ ପୋଷଣ ସକାଶେ ଭିକାରୀଙ୍କ ଟଙ୍କା ନିରୂପଣ କରିଅଛନ୍ତି ମାତ୍ର ଅଧିକାଂଶ ପ୍ରଜାଙ୍କର ଖଜଣା ଟ ୨୫ କାରୁ ଉଣା ଥିବା ଏବଂ ଟଙ୍କାପ୍ରତି ଟ ୦ । ରୁ ଅଧିକ ଉଠାଇ ନ ଦେବାର ନିୟମ ନ ଥିବାରୁ ଘର ପାଞ୍ଚ ଟଙ୍କାରେ ଏତେ ଭଣ ପ୍ରଜାଙ୍କର ଉପକାର ହେବ ନାହିଁ ବୋଲି ତାହା ନେବାକୁ ଅସ୍ୱୀକାର ହେଉ ଅଛନ୍ତି ଏବଂ କେବଳ ନିମ୍ନଶ୍ରେଣୀର ଲୋକମାନେ ଅନନ୍ୟୋପାୟରେ ମଜୁରୀ କରିବାକୁ ଏକାନ୍ତ ଅନିଚ୍ଛୁକ । ସରେ ଗୌରବଯୁକ୍ତ ଲୋକମାନେ ମଜୁରୀ କରିବେ ନାହିଁ । ଏମାନଙ୍କ ସାହାଯ୍ୟର ବ୍ୟବସ୍ଥା କିଛି ହେବା ବ ଉଚିତ ନୁହଇ । ଲୋକେ ମଜୁରୀ ଲାଗି ନାହାନ୍ତି ଏବଂ ଟଙ୍କାକୁ ଚାଉଳ ସେ ୨୦ ର ମିଳୁଅଛି ଅତଏବ ଦୁର୍ଭିକ୍ଷ ନାହିଁ ଏହିକଥା ମନେ କରି ସରକାରୀ କର୍ମଚାରୀମାନେ ଏକପ୍ରକାର ନିଶ୍ଚିନ୍ତ ରହିବାର ଜଣାଯାଏ ମାତ୍ର ପ୍ରକୃତ ଅବସ୍ଥା ବୁଝିବାର ଅଧିକ ଚେଷ୍ଟା ହୋଇ ନାହିଁ ବରଂ ତାହା ଗୋପନ କରିବାର ପ୍ରବୃତ୍ତି ଦେଖାଯାଉ ଅଛି ।

---

## ଆସାମକୁଲିଙ୍କ କଥା ।

ପାଠକମାନଙ୍କର ସ୍ମରଣ ଥିବ ଯେ ଅଳ୍ପଦିନ ହେଲା ଏଠାରୁ କେତେଜଣ ଖ୍ରୀଷ୍ଟିୟାନ କୁଲି ଆସାମକୁ ପ୍ରେରିତ ହୋଇଥିଲେ ଓ ସେ ସମ୍ପର୍କରେ ସଞ୍ଜୀବନୀର ମନ୍ତବ୍ୟ ଅମ୍ଭେମାନେ ପ୍ରକାଶ କରିଥିଲୁଁ । ପିପିଲିର ପାଦ୍ରି ହେଭ୍ରିଲେଟ ସାହେବ ସେମାନଙ୍କୁ ନେଇ ଯାଇଥିଲେ । ସମ୍ପ୍ରତି ସେ ଫେରିଆସି ଗତ ବୁଧବାର ସନ୍ଧ୍ୟା ସମୟରେ, ଏଠା ବ୍ୟାପ୍ଟିଷ୍ଟ ଗିରିଜାରେ ଆସାମକୁଲିଙ୍କ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଓ ସାରଗର୍ଭ ବକ୍ତୃତା ପ୍ରଦାନ କରିଥିଲେ । ଅମ୍ଭେମାନେ ସେ ବକ୍ତୃତା ଶୁଣି ବଡ଼ ସନ୍ତୁଷ୍ଟ ହୋଇଅଛୁଁ । ଓଡ଼ିଆଭାଷାରେ ବକ୍ତୃତା ପ୍ରଦାନ କରି ସାହେବ ଏତେଦୂର କୃତକାର୍ଯ୍ୟ ହେବେ ଅମ୍ଭମାନଙ୍କର ଆଶା ନ ଥିଲା । ପ୍ରାୟ ଏକଘଣ୍ଟାରୁ ଅଧିକକାଳ ବକ୍ତୃତା କରିଥିଲେ ମାତ୍ର ତାହା ଏମନ୍ତ ସାରସଂପୂର୍ଣ୍ଣ ଓ ହୃଦୟଗ୍ରାହୀ ହୋଇଥିଲା ଯେ ଶ୍ରୋତାଙ୍କର କଦାପି ହେବାର କ୍ଷଣିକ ଆଳ ତମାମ ଶୁଣିବାର ଇଚ୍ଛା ହେଉଥିଲା ଏବଂ ପୁନଃ୨ କରତାଳିରେ ଆନନ୍ଦର ବହି ପ୍ରକାଶ ହେଉଥିଲା ସେ ଯେଉଁ ଖ୍ରୀଷ୍ଟିୟାନଙ୍କୁ ନେଇ ଯାଇଥିଲେ ସେମାନେ ଗୋଲଘାଟରୁ ସିଲହଟ ପର୍ଯ୍ୟନ୍ତ ଯେପରି ଗଲେ ଓ ସେଠାରେ ରହିଲେ ସେ ସମସ୍ତ ସବିଶେଷରୂପେ ବର୍ଣ୍ଣନା କଲେ ବନ୍ଧୁରେ ନ ପହୁଞ୍ଚିବାର ଅଗ୍ରିମ ଦୁଇ ପଇସାକୁ ଦୁଇଜଣ କଲକ୍ଟରଙ୍କ ଘରେ ଚାକର ରଖାଇ ଦେଲେ ସେ ପୁରୁଷଙ୍କର ମାସକୁ ଟ ୬ କା ଦୁଇ ସ୍ତ୍ରୀଙ୍କର, ଟ ୩ କା ଲେଖାଏଁ ବେତନ ହେଲା ଓ ଅନ୍ୟ ଦୁଇପରିବାରଙ୍କୁ ସ୍ୱରଗିୟରୂପେ ନିଯୁକ୍ତ କରାଇ ଦେଲେ । ପ୍ରାୟ ଏକମାସ ପର୍ଯ୍ୟନ୍ତ ସେଠାରେ ରହି ସେମାନଙ୍କର ଅବସ୍ଥା ଦେଖି ପତ୍ୟୟ ବୁଝିଲେ ଯେ ସେମାନଙ୍କର କଛି କଷ୍ଟ ନାହିଁ ଓ ସମସ୍ତେ ସୁଖରେ ଅଛନ୍ତି । ସାହେବ ସ୍ୱୟଂ ଅନେକ ଗୃହଗିର୍ ଙ୍କର କୁଲିଙ୍କର ଅବସ୍ଥା ଦେଖିଅଛନ୍ତି ଏବଂ ସରକାରୀ ରିପୋର୍ଟ ଓ ହାକିମଙ୍କଠାରୁ ଯଥାସାଧ୍ୟ ଅନୁସନ୍ଧାନ କରିଅଛନ୍ତି । ସେଥିରେ ତାହାଙ୍କର ଏଣୁକରି ଧାରଣା ହୋଇଅଛି ଯେ କୁଲିମାନେ ସୁଖରେ ଅଛନ୍ତି । ସେମାନଙ୍କର ରୋଜଗାର ଯଥେଷ୍ଟ ବଳାବଡ଼ାରେ ଭଲଘରେ ରହି କଡ଼ାବରୁ ଭଲ ଖାଦ୍ୟଦ୍ରବ୍ୟ କିଣି ଖାନ୍ତି ଓ ସବୁଟଙ୍କା ଡିପିଜନ୍ତି । ଅଥଚ ଖର୍ଚ୍ଚ ଅଧିକ ନୁହଇ ସେ ଗୃହ ଅସିଥିବା ଏକ ପରିବାର ସ୍ୱାମି ସ୍ତ୍ରୀ ଦୁଇଜଣ ମାସରେ ଟ ୧ କା ବେତନ ପାଇ ଟ ୪ କାରେ ନିର୍ବାହ ଟ ୪ କା ସଞ୍ଚୟ କରୁଅଛନ୍ତି ତାହାଙ୍କୁ ଲେଖିଅଛନ୍ତି ଏଠାରେ ଓକଣ ବା ମୂଳ ଲାଗିଲେ ତାହା କଦାଚ ହେବ ନାହିଁ । ଏକ୨ କୁଲି କେତେ ରୋଜଗାର କରନ୍ତି ସେ ବୃତ୍ତାନ୍ତ ଅମ୍ଭେମାନେ ଆଗାମିରେ ପ୍ରକାଶ କରିବୁଁ । କୁଲିଙ୍କପ୍ରତି ଅତ୍ୟାଚାରଟି ପ୍ରଧାନ ଗୁହାଳି କନ୍ତୁ ସେ ସମ୍ବନ୍ଧରେ ସାହେବ କହିଲେ କି ସେଗ ଶୋକ ଅତ୍ୟାଚାର ପ୍ରଭୃତି ଯେମନ୍ତ ସବୁଁଏରେ ତେମନ୍ତ ସେଠାରେ ଅଛି ବିଶେଷ କିଛି ନାହିଁ । ଲୋକେ ଅତ୍ୟାଚାରର କଥାଟା ବଢ଼ାଇ କହିବାର ଜଣାଯାଏ କାରଣ ସେ ଅନେକ ଅନୁସନ୍ଧାନ କରି ବିଶେଷ କିଛି ଜାଣିପାରିଲେ ନାହିଁ । ଯେବେ କୁଲିମାନଙ୍କ ସର୍ବଦା ପ୍ରହାରଅବ ପୀଡ଼ା ଦିଆଯାଉଥାନ୍ତା ଅବଶ୍ୟ ସାହେବଙ୍କ ଦୃଷ୍ଟିରେ ପଡ଼ିଥାନ୍ତା । ଏମନ୍ତ ବୋଲ ଯାଇପାରେ ଯେ ତାହାଙ୍କ କୁଳ ନୂତନ ଥିବାରୁ, ସେମାନଙ୍କ ଉପରେ ଅତ୍ୟାଚାର ହୋଇ ନାହିଁ । କନ୍ତୁ ଏଥିଉତ୍ତର ସେମାନଙ୍କର କିଛି କଷ୍ଟ ହେଲେ ସାହେବଙ୍କୁ ଜଣାଇବାକୁ ସେମାନେ ତ୍ରୁଟି କରିବେ ନାହିଁ । ଫଳକଥା ଅତ୍ୟାଚାର କରିବା କାରଣ ଗୁର୍ଣ୍ଣମେଣ୍ଟର ଅଧିକାରିମାନେ କୁଲିଙ୍କୁ ଜଣପିଛା ଟ ୨୦ ରୁ ଟ ୬୦ କା ଓ କେବେ୨ ଟ ୧୦୦ ପର୍ଯ୍ୟନ୍ତ ଖର୍ଚ୍ଚକରି ନେଇଯାଇ ଥାହାନ୍ତି ମାତ୍ର ସେମାନଙ୍କଠାରୁ କାର୍ଯ୍ୟ ନେବାପାଇଁ । ସୁତରାଂ ଅତ୍ୟାଚାର କଲେ ଓ ରୋଜଗାର ସାଧାରଣ ଘଟିବ ବୋଲିବାକୁ ହେବ । ଅତଏବ ପାଦ୍ରିସାହେବ ଦୁଃଖି ଖ୍ରୀଷ୍ଟିୟାନଙ୍କୁ କୁଲିକରି ସେଠାକୁ ପଠାଇ ସେମାନଙ୍କର ମଙ୍ଗଳ ପାଇଅଛନ୍ତି ଓ ଯେତେବେଳେ କୁଲିମାନେ ଉନ୍ନତବର୍ଷ

Digitized by srujanika@gmail.com

Split by PDF Splitter



ସେଠାରେ କାର୍ଯ୍ୟ କର ହାତରେ ବହୁ ଟଙ୍କା ଦେଇ ଏଠାକୁ ଫେରିଆସିବେ ଛେଉଛେଉଲେ ସମସ୍ତଙ୍କର ମନ ମାନିଯିବ ।

---

### ଓଲାଉଠାର ପ୍ରତୀକାର ।

ଏ ସମ୍ବନ୍ଧରେ ଏ ନଗରର ମିଉନିସିପାଲ ଡାକ୍ତରଖାନାର ଡାକ୍ତର ମିରକମର ଅଲି ବ ସେ ୨ୟ ଶ୍ରେଣୀ ସିଭିଲ ହସପାତଲର ଅସିଷ୍ଟାଣ୍ଟ ଅଟନ୍ତି ଖଣ୍ଡିଏ ଇଂରାଜୀ ଏବଂ ଖଣ୍ଡେ ଓଡ଼ିଆପତ୍ର ସର୍ବସାଧାରଣଙ୍କ ଜ୍ଞାତ ଓ ଉପଦେଶନିମିତ୍ତ ଆମ୍ଭମାନଙ୍କ ନିକଟକୁ ପଠାଇ ଅଛନ୍ତି ଓ ଏଥିପାଇଁ ଆମ୍ଭେମାନେ ତାହାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ଓଲାଉଠା ଏ ନଗରରେ ଭାଷା ଲଗିଥିଲା କେବଳ ଦୁଇ ତିନିଦିନ ହେଲା ନିବୃତ୍ତି ପଡିବାର ଜଣା ଯାଏ । ଏ ସମୟରେ ଡାକ୍ତର ମହାଶୟ ସାଧାରଣଙ୍କ ହିତାର୍ଥେ ଉପଦେଶପତ୍ର ପ୍ରସ୍ତୁତ କରିବାରୁ ସ୍ପଷ୍ଟ ଦେଖାଯାଉଅଛି ଆପଣା କର୍ତ୍ତବ୍ୟପ୍ରତି ତାହାଙ୍କର ବିଶେଷ ଯତ୍ନ ଏ ରୋଗୀଙ୍କ ସହିତ ପୂର୍ଣ୍ଣ ସହାନୁଭୂତି ଅଛି । ଏପରି କର୍ତ୍ତବ୍ୟପରାୟଣ ଡାକ୍ତର ଅବଶ୍ୟ ପ୍ରଶଂସାର ଯୋଗ୍ୟ ଅଟନ୍ତି । ସ୍ଥାନାଭାବ ହେତୁରୁ ଇଂରାଜୀ ଏବଂ ଓଡ଼ିଆ ଦୁଇ ଉପଦେଶପତ୍ର ପ୍ରକାଶ କରିବାକୁ ଅକ୍ଷମ ହୋଇ ଓଡ଼ିଆପକ୍ଷରେ ଅଧିକାଂଶ ପାଠକଙ୍କ ଉପକାର ହେବା ଦୃଷ୍ଟିରେ କେବଳ ତାହାକୁ ଏଥିରେ ପ୍ରକାଶ କଲୁଁ ଯଥା;—

"ଓଲାଉଠାରୋଗର ପ୍ରକୃତ ଔଷଧର ଆବିଷ୍କ୍ରିୟା ଯେ ଏପର୍ଯ୍ୟନ୍ତ ହୋଇ ନାହିଁ ଏହା ଆମ୍ଭେ ସ୍ୱୀକାର କରୁଁ ତଥାପି ପ୍ରତ୍ୟକ୍ଷ ଅନୁସନ୍ଧରେ ନିମ୍ନଲିଖିତ ବ୍ୟବସ୍ଥା ଅବଲମ୍ବନ କଲେ ଯେ ରୋଗର ବଳ ଅନେକ ପରିମାଣରେ ହ୍ରାସ ହେବ ଏହା ମଧ୍ୟ ଆମ୍ଭର ଦୃଢ଼ବିଶ୍ୱାସ ।

ସାଧାରଣଙ୍କ ଉପକାର ଓ ଓଲାଉଠାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ସୌକର୍ଯ୍ୟାର୍ଥେ ମିଉନିସିପାଲ ଡାକ୍ତରଖାନା ବିନାମୂଲ୍ୟରେ ଔଷଧ ବିତରଣ କରିବାକୁ ପ୍ରତିଦିନ ସବୁସମୟରେ ଫିଟି ଥାଏ ଏବଂ ପ୍ରଧାନ ଲାଇସେନ୍‌ସିଏଟର ଓ ଅନ୍ୟ ଲାଇସେନ୍‌ସିଏଟରମାନେ ସାହାଯ୍ୟପ୍ରାର୍ଥୀଙ୍କୁ ଯଥା ସାଧ୍ୟ ସାହାଯ୍ୟ ଦେବାନିମନ୍ତେ ସର୍ବଦା ପ୍ରସ୍ତୁତ ଅଛନ୍ତି । ସେମାନେ ଅଧିକ ଓଲାଉଠାରୋଗର ଉପଯୋଗୀ ଔଷଧ ସଙ୍ଗେ ନେଇ ପ୍ରତ୍ୟେକସ୍ଥାନରେ ବିଶେଷ ଭ୍ରମଣକରି ଦେଖନ୍ତି ଏହା ବଡ଼ ଦୁଃଖର ବିଷୟ ଯେ ଏଠାରେ ମନୁଷ୍ୟମାନେ ଓଲାଉଠାରୋଗାକ୍ରାନ୍ତ ହେବାର ଅବ୍ୟବହିତ ପରେ ଡାକ୍ତରଖାନାକୁ ଔଷଧନିମନ୍ତେ ନ ଆସି ଦେବାଦେବୀଙ୍କ ଉପରେ ନିର୍ଭର କରନ୍ତି—ଯାହା ହେଉ ଓଲାଉଠାରୋଗିର ସନ୍ଧାନ ନେଇ ଚିକିତ୍ସା କରିବାକୁ ଲାଇସେନ୍‌ସିଏଟର ମାନଙ୍କୁ ଆଦେଶ ଦିଆ ହୋଇଅଛି ।

### ଓଲାଉଠାଗ୍ରସ୍ତ—ସ୍ଥାନନିମନ୍ତେ ବ୍ୟବସ୍ଥା ।

ଓଲାଉଠାରୋଗରେ ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ପେଟକୁ ଖାଇବା ଔଷଧ ନେଇ ବ୍ୟବହାର ଓ ରୋଗ ଯହିଁରେ ବିସ୍ତାର ହୋଇ ନ ପାରେ ଏପରି ଉପାୟ ନିମ୍ନଲିଖିତରୂପେ ଅବଲମ୍ବନ କରିବା ଉଚିତ ।

ରୋଗୀର ମଳଆଦି ପୋଡିପକାଇବ । ଯେଉଁ ଘରେ ଓଲାଉଠା ହେଉଥିବ ତହିଁର କୋଠରି ଓ ଚତୁଷ୍ପାର୍ଶ୍ୱସ୍ଥ ସ୍ଥାନ ସାଧ୍ୟାନୁଯାୟୀ ପରିଷ୍କାର ରଖିବ ଓ ଘରେ ଗନ୍ଧକଧୂଆଁ ଦେବ କାର୍ବୋଲିକ ଆସିଡ଼କୁ ପାଣିରେ ମିଶାଇ ତାହା ଓ ଅନ୍ୟାନ୍ୟ ଯାହାଦ୍ୱାରା ସଂକ୍ରାମକ ରୋଗର ବଳ ହ୍ରାସ ହୁଏ ଏପରି ପାନୀୟଦ୍ରବ୍ୟମାନ ଘରେ ଛିଞ୍ଚିବ । ରୋଗୀର ଲୁଗା ଓ ବିଛଣା ନିକଟସ୍ଥ ପୁଷ୍କରିଣୀ ଅବା କୂପରେ କଦାପି ଧୌତ କରିବ ନାହିଁ ବରଂ ପୋଡିଦେବ ।

### ଯେଉଁଠାରେ ଓଲାଉଠା ଆରମ୍ଭ ହୋଇ ନ ଥିବ ସେସ୍ଥାନର ବ୍ୟବସ୍ଥା ।

ଏହାକୁ ପ୍ରତିପାଳନ କଲେ ରୋଗର ଦ୍ୱାର ଅବଶ୍ୟ ରୁଦ୍ଧ ହୋଇପାରେ ।

ବାସସ୍ଥାନର କୋଠରି ଓ ଚତୁଷ୍ପାର୍ଶ୍ୱସ୍ଥ ସ୍ଥାନ ଶୁଷ୍କ ରଖିବା ଓ ଖିଡ଼ିକି ଏବଂ ଦ୍ୱାରବାଟେ ବାୟୁ ଗମନାଗମନର ସୁବିଧା କରି ଦେବା ଉଚିତ । ମଇଳାଆଦି ଜମାକରି ଦେବ ନାହିଁ ପାଇଖାନା ଓ ନର୍ଦ୍ଦମା ଉତ୍ତମରୂପେ ପରିଷ୍କୃତ ହୋଇଅଛି କି ନା ଦେଖିବ ଓ ତଳଲିଖିତପ୍ରକାରେ ପୂର୍ଣ୍ଣମିଶ୍ରିତ କାର୍ବୋଲିକଆସିଡ୍ ପ୍ରସ୍ତୁତ କରି କୋଠରି ପାଇଖାନା ଓ ନର୍ଦ୍ଦମାରେ ସେଚନ କରିଦେଲେ ଅନେକ ଉପକାର ହେବ ।

କାର୍ବୋଲିକ ଆସିଡ୍ ଏକଅଉନ୍ସ ଓ ସାଧାରଣ କଳଚୂନ ଦୁଇପାଉଣ୍ଡ ସମ୍ପୂର୍ଣ୍ଣରୂପେ ଚୂର୍ଣ୍ଣକରି ଏକାଠି ମିଶାଇ ଦେବ ।

ପଥ୍ୟ ।—ଖାଦ୍ୟବିଷୟରେ ସାବଧାନତା ରଖିବା ସର୍ବାପେକ୍ଷା ପ୍ରଧାନ ବିଷୟ ଅଟଇ—ଏହା ପରୀକ୍ଷାକରି ଦେଖାଯାଇଅଛି ଯେ ବାସିପଖାଳ ଅଧିକ ମସଲଯୁକ୍ତ ଖାଦ୍ୟ ଓ ଅଥଣ ଛଡ଼ି କାକୁଡ଼ି ମକା ଫୁଟି ଶୁଖୁଆ ଆଦି ପଦାର୍ଥମାନ ଅସ୍ୱାସ୍ଥ୍ୟକର ଓ ଅପଥ୍ୟ ଅଟେ କାରଣ ଅନ୍ତ୍ର ଭିନ୍ନ ହୋଇ ଅଜୀର୍ଣ୍ଣଦୋଷ ଜାତ ହୁଏ ଏବଂ ତହିଁର ପ୍ରତୀକାର ନ କଲେ ତାହା କଲେରା ଡାଏରିଆ ନାମକ ରୋଗରେ ପରିବର୍ତ୍ତିତ ହୁଏ । ତଳଲିଖିତ ମିଶ୍ରିତ ପଦାର୍ଥକୁ ଅଳ୍ପ ଅଳ୍ପ ପରିମାଣରେ ପ୍ରତିଦିନ ଆହାର ସହିତ ବ୍ୟବହାର କଲେ ପାକସ୍ଥଳରେ କୌଣସି ଦୋଷ ରହିବ ନାହିଁ ଓ ଖାଦ୍ୟ ଉତ୍ତମରୂପେ ଜୀର୍ଣ୍ଣ ହେବ ।

ପିଆଜ ଏକଭାଗ ଅଦା ½ ଭାଗ ଓ ଲଙ୍କାମରିଚ ¼ ଭାଗ ଓ ସିରକା ଦୁଇଭାଗ ଓ ଲୁଣ ଯେତିକି ଆବଶ୍ୟକ ହୁଏ ଆହାରସଙ୍ଗେ ଦୁଇବେଳା ଖାଇବାକୁ ହେବ ପ୍ରତିଦିନ ସକାଳେ ଅଧାଙ୍କ ଗ୍ରେ ½ ନ କୁଇନାଇନ ଦଶବିନ୍ଦୁ ପାଟିଗ୍ୟୁସଲଫିଉରିକ୍‌ଆସିଡ଼ରେ ମିଶାଇ ଏବଂ ଅର୍ଦ୍ଧଛଟାଙ୍କ ଜଳ ଏକକାଳରେ ଅବା ଯେପର୍ଯ୍ୟନ୍ତ ଉକ୍ତ ରୋଗ ବହୁଗତ ହୋଇ ନାହିଁ ସେପର୍ଯ୍ୟନ୍ତ ବ୍ୟବହାର କରୁଥିବ ଓ ସ୍ରୋତହୀନ ଦୂଷିତ ଜଳପାନ କରିବା ମଧ୍ୟ ଏ ରୋଗର ଏକ ପ୍ରଧାନକାରଣ ବୋଲି କୁହାଯାଇ ପାରେ ଅତଏବ ଉଚିତ ଯେ ଖାଇବା ପିଇବାରେ ଉକ୍ତ ଜଳ ବ୍ୟବହାର କରିବା ଉଚିତ ନୂତନ ମନ୍ଦ ପଦାର୍ଥମାନ ପ୍ରଥମ ବୃଷ୍ଟିରେ ଧୌତହୋଇ ଯେଉଁ ଗଡ଼ିଆ ଅବା ପୁଷ୍କରିଣୀକୁ ଯାଇଥାଏ ସେଥିରୁ ପାଣି ଖାଇବା କଦାପି ଉଚିତ ନୁହେ କାରଣ ତହିଁରୁ ଓଲାଉଠା ଜାତ ହେବାରେ କୌଣସି ସନ୍ଦେହ ନାହିଁ । ଯେଉଁ କାରଣରୁ ଉକ୍ତ ରୋଗ ଜାତ ହୁଏ ତହିଁର ପ୍ରତୀକାର ନିମନ୍ତେ ଆମ୍ଭେମାନେ ସାଧ୍ୟମତ ଚେଷ୍ଟା କରୁଅଛୁଁ କିନ୍ତୁ ଖାଦ୍ୟ ଓ ପରିଷ୍କୃତ ଜଳ ବ୍ୟବହାରରେ ସମ୍ପୂର୍ଣ୍ଣ ଦୃଷ୍ଟି ରଖିବା ପ୍ରଧାନ ବିଷୟ ଅଟଇ ।"

---

### ପ୍ୟାରୀମୋହନ ଏକାଡେମୀ ।

ଆମ୍ଭେମାନେ କଟକ ପ୍ୟାରୀମୋହନ ଏକାଡେମୀ ସମ୍ବନ୍ଧରେ ଖଣ୍ଡିଏ ପ୍ରେରିତପତ୍ର ନିମ୍ନେ ପ୍ରକାଶ କଲୁଁ । ତହିଁରୁ ଏ ବିଦ୍ୟାଳୟର ଉପକାରିତା ଓ କାର୍ଯ୍ୟକାରିତା ପାଠକେ ଉତ୍ତମରୂପେ ଜାଣି ପାରିବେ । ସ୍କୁଲସମ୍ପାଦକଙ୍କ ସହିତ ଆମ୍ଭେମାନେ ଐକ୍ୟ ହୋଇ କେଉଁଝରର ମହାରାଜାଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛୁଁ ଯେହେତୁ ମହାରାଜା ଟ ୧୦୦୦ ଙ୍କା ଉକ୍ତ ସ୍କୁଲଗୃହ ନିର୍ମାଣାର୍ଥେ ପ୍ରଦାନ କରି ଗୋଟିଏ କୀର୍ତ୍ତିକୁ

Digitized by srujanika@gmail.com

ଚିରସ୍ଥାୟୀ କରିବା ବିଷୟରେ ବିଶେଷ ସାହାଯ୍ୟ କରିଅଛନ୍ତି ଏବଂ ମହାରାଜା ଯେମନ୍ତ ବହୁ-ବ୍ୟୟରେ ଏଠା କଲେଜଗୃହ ସଂଲଗ୍ନ ଛାତ୍ରାବାସ ନିର୍ମାଣ କରାଇଦେଇ ସାଧାରଣଶିକ୍ଷାପ୍ରତି ବିଲକ୍ଷଣ ସାହାଯ୍ୟ କରିଅଛନ୍ତି ତେମନ୍ତ ଅଡ଼ୁ ଦୁଇହଜାର ଦାନ କରି ଏକାଡେମୀ ସ୍କୁଲଗୃହଟି ନିର୍ମାଣ କରାଇଦେଲେ ତାହାଙ୍କର ଯଶ ଅହୁରି ଅଧିକ ବଢ଼ନ୍ତା ଏବଂ ଏହି କୀର୍ତ୍ତିରକ୍ଷାର ମୂଳକାରଣ ବୋଲି ତାହାଙ୍କ ନାମ ତହିଁ ସଙ୍ଗେ ଚିରକାଳକୁ ଲାଗିରହନ୍ତା । ଆମ୍ଭେମାନେ ଅବଗତ ହେଲୁଁ ଯେ ଯେଉଁ ଭଡ଼ାଘରରେ ଏପର୍ଯ୍ୟନ୍ତ ଉକ୍ତ ସ୍କୁଲ ହେଉ ଥିଲା ସେଘର ନିତାନ୍ତ ଜୀର୍ଣ୍ଣାବସ୍ଥା ହୋଇ ଯିବାରୁ କଟକ ମିଉନିସିପାଲହାଟରେ ଥିବା ପକ୍କା କୋଠାରେ ଗତ ମଙ୍ଗଳବାରଠାରୁ ସ୍କୁଲ ହେଉ ଅଛି । ସ୍କୁଲନିମନ୍ତେ ଗୋଟିଏ ନୂତନ ଘର ଶୀଘ୍ର ନିର୍ମାଣ ହେବା ନିତାନ୍ତ ଆବଶ୍ୟକ ହୋଇ ପଡ଼ିଅଛି ଅତଏବ ଆମ୍ଭେମାନେ ଆଶା କରୁଁ କେନ୍ଦୁଝର ମହାରାଜାଙ୍କପରି ଅନ୍ୟାନ୍ୟ ରାଜା ଓ ଜମିଦାରମାନେ ଆପଣା୨ ସାଧ୍ୟାନୁସାରେ କିଛି୨ ଚନ୍ଦା ଦେବେ ଶୁଣି ଆନନ୍ଦିତ ହେଲୁଁ ଯେ ଗଡ଼ଜାତର ପିଲାମାନେ ଉକ୍ତ ସ୍କୁଲରେ ପଢ଼ିବା ନିମନ୍ତେ ସୁବିଧା କରିବା କାରଣ ବିଶେଷ ବନ୍ଦୋବସ୍ତ ହେଉଅଛି ଏପର୍ଯ୍ୟନ୍ତ ଢେଙ୍କାନାଳ, ଅଠମଲ୍ଲିକ, ରଣପୁର ଓ ବଡ଼ାମ୍ବାର କେତେକ ବାଳକ ଉକ୍ତ ସ୍କୁଲରେ ଅଳ୍ପ ବେତନ ଦେଇ ପଢ଼ୁ ଅଛନ୍ତି ।

ମହାଶୟ-ଏଥିପୂର୍ବେ କଟକସ୍ଥ ପ୍ୟାରିମୋହନ ଏକାଡେମୀ ନାମକ ବିଦ୍ୟାଳୟ ନିମନ୍ତେ ଗୃହ ନିର୍ମାଣାର୍ଥ ଯେଉଁ୨ ରାଜା ଓ ଜମିଦାରପ୍ରଭୃତି ଚନ୍ଦା ଦେଇଥିଲେ ତାହା ଆପଣଙ୍କ ପତ୍ରିକାରେ କୃତଜ୍ଞତା ସହିତ ପ୍ରତିସ୍ୱୀକାର କରିଅଛୁଁ । ବର୍ତ୍ତମାନ କେନ୍ଦୁଝରର ମହାରାଜା ଶ୍ରୀ ଧନୁର୍ଜୟ ନାରାୟଣ ଭଞ୍ଜ ଦେବ ବାହାଦୁର ଉକ୍ତ ବିଦ୍ୟାଳୟ ଗୃହ ନିର୍ମାଣାର୍ଥ ଏକ ସହସ୍ର ମୁଦ୍ରା ଦେବା ନିମନ୍ତେ ପ୍ରତିଶ୍ରୁତ ହୋଇ ମହାରାଜା ଆପଣାର ବଦାନ୍ୟତା ଓ ଦେଶହିତୈଷିତାର ଯଥେଷ୍ଟ ପରିଚୟ ଦେଇ ଅଛନ୍ତି ଏଥିନିମିତ୍ତ ମହାରାଜାଙ୍କୁ ପୁନଃ୨ ଧନ୍ୟବାଦ ଦେଉଅଛୁଁ । ମହାରାଜା ବାହାଦୁର ଯେବେ ସମୁଦାୟ ବ୍ୟୟ ବହନ କରି ଗୃହଟିଏ ନିର୍ମାଣ କରାଇ ଦେଇ ଥାନ୍ତେ ତେବେ ତାହା କଟକରେ ତାଙ୍କର ଗୋଟିଏ ଚିରସ୍ମରଣୀୟ କୀର୍ତ୍ତି ହୋଇ ରହିଥାନ୍ତା । ଅସ୍ମାଦାଦିଙ୍କର ମାନ୍ୟବର ଶ୍ରୀଯୁକ୍ତ କମିଶନର ଓ୍ୱାରସଲି ସାହେବ ଉକ୍ତ ସ୍କୁଲସମ୍ବନ୍ଧରେ ଯେଉଁ ମନ୍ତବ୍ୟ ପ୍ରକାଶ କରି ଅଛନ୍ତି ତହିଁର ପ୍ରତିଲିପି ଏଥିସଙ୍ଗେ ଦେଇ ପ୍ରାର୍ଥନା କରୁଅଛୁ ଯେ ଆପଣ ଅନୁଗ୍ରହପୂର୍ବକ ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ତାହା ପ୍ରକାଶ କରିବା ହେବେ ।

ବଶମ୍ବଦ

୨୩।୮।୮୮ ଶ୍ରୀକୃଷ୍ଣଚନ୍ଦ୍ର ମହାନ୍ତି

No. 892 P. W,

From C. F. Worsley Esr. Offg. Supdt. of Tributary mehals, Orissa.

To the Secretary to the Pearymohun Academy, Cuttack.

Dated Cuttack the 16th July 88.

Sir,

With reference to your No. 22 of the 9th January last and subsequent correspondence on the subject of contribution for the construction of a house for the location of the Academy, I have the honor to state that the school is in my opinion doing good work and deserves local support. The managing Committee may make any use of this remark they think fit, but I am of opinion that if they desire to obtain subscriptions from the Rajahs, Zemindars and others for the building of a new school house, they should make their application direct to those persons. Before I decide whether subscription should be given on behalf of the States now under my immediate management, I should like to know the course taken by the chiefs generally. If they or many of them consider the institution worthy of support as being useful to the Tributary states, there will be a good reason for me as Superintendent in behalf of the minor chiefs.

I have &c.

---

# ସାପ୍ତାହିକ ସଂବାଦ ।

ଅସ୍ମାଦାଦିଙ୍କ କମିଶନରସାହେବ ଗଞ୍ଜାମ ଦେଖିବାକୁ ଯାତ୍ରା କଲେ ସେଠାରେ ଗଡ଼ଜାତ ଏସ୍କାମ କେତେଗୁଡ଼ିଏ ଚୋରି ମୋକଦମା ନିଷ୍ପତ୍ତି କରି ତାରିଖ ୧୦ ରେ ଫେରି ଆସିବେ ।

ଅଧିକ୍ଷଙ୍କ ସୁପ୍ରିଣ୍ଟ ବାବୁ ନନ୍ଦକିଶୋର ଦାସ ଗତ ବୁଧବାର ମୋଫସଲକୁ ଫେରି ଆସିଲେ ପୁଣି ଅଚିରାତ ଚାଲିଯିବା ସବେ ।

ଏଠା କଲେକ୍ଟରୀ କଚେରି ପେସ୍କାର ରାଜକିଶୋର ବାବୁ ପେନ୍‌ସନ୍ ପ୍ରାର୍ଥନା କରି ଅବସର ଦେବାନ ହେବାରୁ ତାଙ୍କ କର୍ମରେ ନବମ ହେଡ଼ କିରାଣି ବାବୁ ଦ୍ୱାରିକାନାଥ ଘୋଷ ଓ ଏହାଙ୍କ ସ୍ଥାନରେ ବାବୁ ଅଭିମନ୍ୟୁ ମହାପାତ୍ର ଟିକସକିରାଣି ଓ ସେପୋଷ୍ଟ କର୍ମରେ ବାବୁ ଦାମୋଦର ପଟ୍ଟନାୟକ ନିଯୁକ୍ତ ହେଲେ । ଏ ବନ୍ଦୋବସ୍ତରେ ଅଧସ୍ଥ କିରାଣି ଓ ମୋହରିରମାନେ ଅସନ୍ତୁଷ୍ଟ ହୋଇ ସାହେବଙ୍କ ପୁନଃ୨ ଦରଖାସ୍ତ କରିବାର ଶୁଣାଯାଏ ।

ଏ ସପ୍ତାହରେ କ୍ରମାଗତ ଜଳ ବହୁତ ଭଲ ହେଉ ଅଛି ଷ୍ଟାଂଶ ବୃଷ୍ଟି ହୋଇଥିବାରୁ ପାଣି ସୁନ୍ଦର ହୋଇଅଛି ।

ଗତ ସୋମବାର ଏ ନଗର କାଠଯୋଡ଼ିନଦୀ ଅଙ୍ଗ ପାହାଡ଼ରେ ଚନ୍ଦ୍ରୋଟି ବାଳକା ଗାଧୋଇଁ୨ ବୁଡ଼ିଗଲେ । ପୁଣି ବାରେ ପ୍ରଥମେ ଏକଜଣର ଗୋଡ଼ ଖସିଗଲା ଓ ତାହାକୁ ରକ୍ଷା କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ପଡ଼ିଲେ ।

ଗତ ବୁଧବାର ଏଠା କଟେଜସାହିରେ ଏକଜଣ ତେଲିଙ୍ଗ ବାଳକ ଗାଧୋଇବାକୁ ଯାଇ ବୁଡ଼ିମଲା । ତହିଁ ଅପରଦିନ ତାହାର ଶବ ସେହିଠାରେ ପ୍ରାପ୍ତ ହେଲା ।

ଗତବାର ଅବସରରେ ସମୟରେ ବାବୁ ଜଗନ୍ନାଥ ବୋଷ ଯେ କ ଅନୁଷ୍ଠାନରେ ପୁ ଷ୍ଟଥର୍ମରେ ଉପସ୍ଥିତ ହୋଇଥିଲେ ତାହାଙ୍କ ଗୁରୁବାଦ କାର୍ଯ୍ୟ ଏଠା ବାପ୍ଟିଷ୍ଟ ଗିର୍ଜାରେ ସମ୍ପନ୍ନ ହେଲା ।

ଏହି ବର୍ଷ ସହରରେ ଗତ ଅଗଷ୍ଟମାସ ମଧ୍ୟରେ ଓଲାଉଠା ରୋଗରେ ନ ୬୧ ଜଣ ପୁରୁଷ ନ ୪୩ ଜଣ ସ୍ତ୍ରୀଲୋକ ଏବଂ ଗୋ ୩୧ ଟି ପିଲା ଏରୂପ ନ ୧୨୫ ଜଣ ଏବଂ ବସନ୍ତ ରୋଗରେ ନ ୪ ଜଣ ପୁରୁଷ ନ ୪ ଜଣ ସ୍ତ୍ରୀଲୋକ ଏବଂ ଗୋ ୩ ଟି ପିଲା ଏରୂପ ନ ୧୧ ଜଣ ଉକ୍ତ ରୋଗରେ କାଳଗ୍ରାସରେ ପତିତ ହୋଇଅଛନ୍ତି । ବର୍ତ୍ତମାନ ଏରୋଗ କମି ପଡ଼ିଅଛି ।

ଗତମାସର ଘୋର ବୃଷ୍ଟି ବଙ୍ଗଳାର ଅନେକ ସ୍ଥାନରେ ଅନିଷ୍ଟ କରିଅଛି । ଇନ୍‌ଡିପେଣ୍ଡେଣ୍ଟ ବୋଲନ୍ତି ଯେ ନୂତନ ବର୍ଦ୍ଧମାନ ଏବଂ ମେଦିନୀପୁର ଜିଲ୍ଲାରେ ସମୁଦାୟ ଫସଲ ନଷ୍ଟ ହୋଇଅଛି ଓ ପୂର୍ବରୁ ସାବଧାନ ନ ହେଲେ ଅନ୍ନକଷ୍ଟ ଉପସ୍ଥିତ ହେବାର ସମ୍ଭାବନା ।

ଏଠା ବାପ୍ଟିଷ୍ଟ ଗିର୍ଜାଘରରେ ଅସାମ କୁଲିଙ୍କ ବିଷୟରେ ବକ୍ତୃତା ହୋଇଥିବାରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ପବିତ୍ରଧର୍ମାଳୟରେ ପାଦ୍ରିସାହେବଙ୍କର ଏପରି ବିଷୟର ସଭା କରିବା ଉଚିତ ନ ଥିଲା । ଅସ୍ମାଦାଦିଙ୍କ ବିବେଚନାରେ ଦେଶୀୟ ଖ୍ରୀଷ୍ଟିୟାନଙ୍କ ଉପକାରାର୍ଥେ ଉକ୍ତ ସଭା ହୋଇଥିବାରୁ ଅନ୍ୟାୟ ବୋଲି ଜଣାଯାଉ ନାହିଁ ।

ଗାଇଲହବାର ରଜା ଗତମାସ ତା ୩୧ ରଖରେ ସ୍ୱର୍ଗାରୋହଣ କଲେ । ତାହାଙ୍କର ପୁତ୍ର ବର୍ତ୍ତମାନ ରଜା ହୋଇଅଛନ୍ତି ମାତ୍ର ସେ ନାବାଳଗ ବୟସ କ ୪ ବର୍ଷ ସୁତରାଂ ଏ ଜମିଦାରୀ ଗବର୍ଣ୍ଣମେଣ୍ଟଙ୍କ କୋର୍ଟ ଅବ୍ ୱାର୍ଡ଼ସ ଅଧୀନରେ ଆସିବ ।

ବାଲେଶ୍ୱରରେ ଯେଉଁ ମୌଲବୀ କେତେକମାସ ତଳେ ବଜାରରେ ଧର୍ମସମ୍ବନ୍ଧୀୟ ବକ୍ତୃତା କରୁଥିଲେ ଗତ ଶନିବାର ଏଠା ଚୌଧୁରୀବଜାର ଛକରେ ସେ ବକ୍ତୃତା କରୁଥିଲେ । ମୁସଲମାନଙ୍କର ବକ୍ତୃତା ବୋଲି କେହି୨ ନ ଶୁଣିଲେ ବୋଲି ଜଣେ ପତ୍ରପ୍ରେରକ ଦରଖାସ୍ତ ହୋଇ ଲେଖିଅଛନ୍ତି । ଏପରି ପତ୍ରପ୍ରେରକଙ୍କୁ ଆମ୍ଭେମାନେ ପ୍ରଶଂସା ଦେବାକୁ ଅକ୍ଷମ ।

ଦିଲ୍ଲୀରେ ଜଣେ ସାହେବଙ୍କର ଗୋଟିଏ ମାଙ୍କଡ଼ ଅଛି । ତାହାକୁ ସେ ଶ୍ରଦ୍ଧ ଦର୍ଶ ଦାମ୍ଭ ଶିକ୍ଷାଦେଇ ... ଜାଣେ ଯେ କରନ୍ତି । ଅନ୍ୟ ଦେଶରେ ! ଗୋଟାଏ ଖାଲି ସଭ ଏତେ !

Split by PDF Splitter

Digitized by srujanika@gmail.com

Split by PDF Splitter



ଏ ସାହେବଙ୍କ ନାମ ହୁଇଟବ୍ରେଡ ସାହେବ ଓ ପାର୍ଲିମେଣ୍ଟ ମହାସଭାର ଜଣେ ମେମ୍ବର । ବ୍ୟବସାୟୀଟା ଭଣ୍ଡା ହେଲେହେଁ ଶିକ୍ଷା ଓ ଗୁଣ ହେତୁ କେଡ଼େ ମାନ୍ୟ ପଦ ପାଇଅଛନ୍ତି ! ଏ ଦେଶର କେହି ଶୁଣି ଏଡ଼େ ଧର୍ମ ମାନ କେବେ ହେବେକି ?

ସିକନ୍ଦରାବାଦରେ ପୁଲିସ କଚେରୀରୁ ଗତମାସ ତା ୮ ରଖ ସନ୍ଧ୍ୟରେ କଗଦ ଓ ମକଦମା ସକ୍ରାନ୍ତ ଦ୍ରବ୍ୟାଦି ଅନେକ ଚୋରି ଯାଇଅଛି । ଏହିର ମୂଲ୍ୟ ଟ ୨୦୦୯ ଙ୍କା ହେବ । ପ୍ରଭାତରେ ମେହେନ୍ତର କବାଟ ଭଙ୍ଗା ହୋଇଥିବାର ଦେଖି ତାକୁ ପଳାଇବାରୁ ସାହେବ ତତ୍କ୍ଷଣାତ ଆସି ପ୍ରହରୀକୁ ଧରିଲେ ।

ନାକଟରେ ଜଣେ ତପସ୍ୱୀ ଅସ୍ତ୍ରା ବାଙ୍କବେଲକୁ ପଦର ହଜାର ଟଙ୍କାର ଚେକ୍ ଭଙ୍ଗାଇବା ସୁବାଦେ ଆଣି ବିଷ୍ଟହ ଲମ୍ବ ହେବାରୁ ବାହାରକୁ ଚେକ ରଖି ଅନ୍ୟକ୍ଷଣ ଗୁଲିଗଲା । ଫେର୍ ଆସି ଦେଖିଲା ଯେ ଅନ୍ୟ ଜଣେ ତାହାର ନାମରେ ଟଙ୍କା ନେଇ ଗୁଲିଯାଇଅଛି । ଧନ୍ୟ ସେ ଜୁଆଚୋର—ସେ ଏପର୍ଯ୍ୟନ୍ତ ଧରା ପଡ଼ି ନାହିଁ ।

ହୁଗୁଳି ଜିଲ୍ଲାରେ ଦାମୋଦରନଦୀ ବୃଦ୍ଧି ହୋଇ ଅନେକ ଲୋକଙ୍କୁ ଗୃହଶୂନ୍ୟ କରିଅଛି । ଏ ବଢ଼ିରେ ସେଠା କୃଷି-ଫସଲ ପ୍ରାୟ ସମୁଦାୟ ଧୋଇ ହୋଇ ଯାଇଥିବାର କଥିତ ହୁଏ । ବଙ୍ଗଳାଦେଶରେ ଅତିବୃଷ୍ଟି ଅନେକ ସ୍ଥାନର ଫସଲ-ପ୍ରତି ଅନିଷ୍ଟକାରକ ହୋଇଅଛି ।

ଭେଇରେଲର ସବ୍‌ଜଜଙ୍କ ନାମରେ ଉତ୍କୋଚଗ୍ରହଣର ଯେଉଁ ଦୁଇ ଫଉଜଦାରି ମୋକଦମା ଚଳୁଥିଲା ତହିଁର ପ୍ରତ୍ୟେକଟିରେ ତାଙ୍କ ଉପରେ ଅଭିଯୋଗ ପ୍ରମାଣ ହେବାରୁ ବ ୨ ବର୍ଷ ଲେଖାଏଁ କଠିନ ପରିଶ୍ରମ ସହିତ କାରାବାସ ଓ ଟ ୧୦୦୦୦ ଙ୍କା ଲେଖାଏଁ ଜରିମାନା ଏରୂପ ମୋଟରେ ବ ୪ ବର୍ଷ କାରାବାସ ଓ ଟ ୨୦୦୦୦ ଙ୍କା ଜରିମାନା ହୋଇ-ଅଛି । ଦ୍ୱିତୀୟ ଅସାମୀ ପ୍ରଥମ ମୋକଦମାରେ ବ ୧ ବର୍ଷ କଠିନ ପରିଶ୍ରମ ସହିତ କାରାବାସ ଓ ଦ୍ୱିତୀୟଟିରେ କଠିନ ପରିଶ୍ରମ ସହିତ କାରାବାସ ଟ ୧୦୦୦ ଙ୍କା ଜରିମାନା ହୋଇଅଛି । ତୃତୀୟ ଅସାମୀ ମୁକ୍ତି ଲାଭ କରିଅଛି । ଏ ସବ୍‌ଜଜଙ୍କ ନାମ ଲୁଚନ ମିନନ ।—ଯେଉଁ ଲୋକ ଦୟାସନ ଓ ଧର୍ମାସନକୁ କଳଙ୍କିତ କରେ ତାହାର ଅତ୍ୟନ୍ତ କଠିନଦଣ୍ଡ ହେବାର ଉଚିତ ।

କଲିକତାରେ ଗୋଟିଏ ଜନାନା ହସପାତାଲ ହେବାର ଧୂମ ଲାଗିଅଛି । ଏକଲକ୍ଷ ଟଙ୍କା ଖର୍ଚ୍ଚ ହେଲେ ପ୍ରସ୍ତାବଟି କାର୍ଯ୍ୟରେ ପରିଣତ ହେବାର କଥା ହେଉଁ ଇତି ମଧ୍ୟରେ ଜ ୭ ଣ ଦାନଶୀଳ ଧନାଢ୍ୟଲୋକ ଟ ୪୨୦୦୦ ଙ୍କା ସ୍ୱାକ୍ଷର କରିଅଛନ୍ତି ।

ସିନ୍ଧୁପ୍ରଦେଶ ଜାକୋବାବାଦର ଡେପୋଟୀ କଲେକ୍ଟର ଜେଠୁମଲ ଖୁବଚାନ ଉତ୍କୋଚ ଗ୍ରହଣ ଅପରାଧରେ ଦଣ୍ଡନୀୟ ହୋଇଥିଲେ ମାତ୍ର ଅପିଲରେ ମୁକ୍ତିଲାଭ କରିଅଛନ୍ତି । ଏ ଡେପୋଟୀ କଲେକ୍ଟରଙ୍କ ପକ୍ଷରୁ କଲିକତାର ବାରିଷ୍ଟର ବାବୁ ମନୋମୋହନ ଘୋଷ ଅପିଲ ଫୌଜଦାରି ମୋକଦମା ଚଳାଇଥିଲେ ।

ଅସ୍ତ୍ରଲିଆରେ କଲେଜ ଧର୍ମ ବନ୍ଦ ହୋଇ ନାହିଁ । ଲଣ୍ଡନନଗରରୁ ଆସିଥିବା ଗତ ଅଗଷ୍ଟମାସ ତା ୨୮ ରଖର ଟେଲିଗ୍ରାଫରୁ ପ୍ରକାଶ ଯେ ଆଉ ଦୁଇଜଣ ପାର୍ଲିଆମେଣ୍ଟର ମେମ୍ବର ଓ ଜଣେ ସମ୍ବାଦପତ୍ରର ସମ୍ପାଦକ ଧୃତ ହୋଇ-ଅଛନ୍ତି ।—କେତେଦିନରେ କଥା ଶେଷ ହେବ କହି ପାରେ ।

ଭଗ୍ନସ୍ଥଳଠାରୁ ସିମକିନ୍ସସାହେବ ଦୁଇଜଣ ଲୋକ ସମ୍ଭବ୍ୟାହାରେ ବୋମ୍ବସାଇରେ ଚଢ଼ି ସୁରଙ୍ଗରେ ପାର ହେବା ଅଂଶରେ ବାହାରିଥିଲେ । ଏସେକ୍ସଠାରେ ବୋମସାନ ବଗିଡ଼ିଯିବାରୁ ସାହେବ ଆପଣା ସଙ୍ଗିଙ୍କ ସହିତ ଉଥରୁ ଓଲଟି ଭୂମିରେ ପଡ଼ିଲେ । ସାହେବଙ୍କର ପ୍ରାଣବାୟୁ ନିଃଶେଷ ହୋଇଅଛି ଓ ତାଙ୍କ ସଙ୍ଗିଦ୍ୱୟ ଗୁରୁତର ଆଘାତ ପ୍ରାପ୍ତ ହୋଇଅଛନ୍ତି । ଯାହା ହେଉ ଏମାନଙ୍କ ସାହସକୁ ଧନ୍ୟ ବୋଲିଯିବ । ବିଜ୍ଞାନର ଉତ୍କର୍ଷ ସାଧନ ନିମିତ୍ତ ପ୍ରାଣ ବିସର୍ଜନ କରିବା ସାମାନ୍ୟ କଥା ନୁହଇ ।

ଦଲିପସିଂହ ଅଦ୍ୟାପି ରୁଷିଆରେ ଥାଇଁ ଆପଣା ପକ୍ଷ ସମର୍ଥନ କରୁଅଛନ୍ତି । ସେଠାର ଏକ ସମ୍ବାଦପତ୍ର ଏହାଙ୍କ ବିଷୟ ଲେଖି ଇଂଲଣ୍ଡକୁ ବହୁତ ଭର୍ତ୍ସନା କରିଅଛି ।

ଲର୍ଡ଼ ଲେନସ୍‌ଡାଉନ ମହୋଦୟ ଆଗାମି ଡିସେମ୍ବରମାସ ତା ୮ ରଖରେ କଲିକତାରେ ପହଞ୍ଚି ଲାଟ ପଦର ଭାର ଗ୍ରହଣ କରିବେ । ଲର୍ଡ଼ ଡଫରିନ ମହୋଦୟ ସେହିମାସ ତା ୧୦ ରଖରେ କଲିକତାରୁ ଦେଶକୁ ଯାତ୍ରା କରିବେ ।

ହନୁମନ୍ତ ସିଂଙ୍କ ନାମରେ ମୋକଦମା ପୁଣା ମେଜିଷ୍ଟ୍ରେଟଙ୍କ ଅଦାଲତରେ ବର୍ଣ୍ଣିତ ହେଉଥିବାର ପାଠକମାନଙ୍କୁ ଜଣାଇଅଛୁଁ । ବର୍ତ୍ତମାନ ଅବଗତହେଲୁଁ ଯେ ତାଙ୍କ ନାମରେ ଦଣ୍ଡବିଧି ଆଇନର ଦ ୧୨୨ କମ୍ବା ୧୨୩ ଧାରରେ ଅଭିଯୋଗ ହୋଇଅଛି ଏବଂ ଅସାମୀ ନିର୍ଦ୍ଦୋଷୀ ଥିବାର ଜବାବ ଦେଇଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀଗୋବିନ୍ଦଚନ୍ଦ୍ର ଦାସନ୍ଧ୍ୟା—ଆପଣଙ୍କ ଲିଖିତ ବିଷୟଟି କେବଳ ସାଧାରଣ ନୁହଇ ଯେ ତହିଁପାଇଁ ଅବଶ୍ୟ ସ୍ଥାନ ଯୋଗାଇବାକୁ ହେବ ବିଶେଷତଃ ଦୀପିକାର ପ୍ରେରିତପତ୍ରସ୍ତମ୍ଭରେ ଅନେକାନେକ ଲେଖକଙ୍କର ଦାବି ।

ଗଞ୍ଜାମର ପଥିକ—ସମ୍ବଲପୁର ଓଡ଼ିଶାସଙ୍ଗେ ମିଶିବାର କୌଣସି ପ୍ରସ୍ତାବ ଗବର୍ଣ୍ଣମେଣ୍ଟରେ ବର୍ତ୍ତମାନ ହୋଇ ନାହିଁ ଏବଂ ପୂର୍ବପ୍ରସ୍ତାବ ଅଗାଧଜଳରେ ବୁଡ଼ି ରହିଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଗତସପ୍ତାହର ଦୀପିକାରେ ଅନୁଗୁଳସଡ଼କ ଓ ଢେଙ୍କାନାଳ ଜେଲଖାନା ସମ୍ପର୍କରେ କେତେକ ବିଷୟ ପାଠକର ତହିଁ ସମ୍ପର୍କରେ କଣ୍ଡୁ ଆପଣ ଓ ଆପଣଙ୍କ ପାଠକବର୍ଗଙ୍କୁ ଜଣା-ଇବାକୁ ଇଚ୍ଛା କରିବାରୁ ତାହା ଏହି ପତ୍ରଦ୍ୱାରା ପଠାଇଲି, ଇଚ୍ଛାହେଲେ ସ୍ଥାନଦାନଦ୍ୱାରା ବାଧିତ କରିବେ ।

ଅନୁଗୁଳ ସଡ଼କ ସମ୍ପର୍କରେ ଆପଣ ଯାହା ଲେଖିଅଛନ୍ତି ତାହା ଯେ ଅତ୍ୟନ୍ତ ସତ୍ୟ ଏକଥା ମୋହର କହିବାର ବାହୁଲ୍ୟ, ପୁଣି ତାହା ସମ-ୟୋପଯୋଗୀ ହୋଇଅଛି, ଇଂରେଜୀରେ ଗୋଟିଏ ପ୍ରବାଦକଥା ଅଛି "ଲୁହା ଗରମ ଥିବା ସମୟରେ ବାଡ଼େଇବାର ଭଲ" ଆପଣ ସମୟ ଜାଣି କଥାଟି କହି ଅଛନ୍ତି, ମାତ୍ର ଶୁଣୁଛି କିଏ ! ଖୋର୍ଦ୍ଧାରେ ଇଂରେଜକର୍ମଚାରୀ ସୁତରାଂ ଦୁର୍ଭି-କ୍ଷର ସଙ୍କେତ ଦୃଷ୍ଟି ଗୋଚର ହେବାମାତ୍ରକେ ରିପୋର୍ଟର ଧୂମଧାମ ପଡ଼ିଗଲା, ତତ୍ସଙ୍ଗେ କଲେକ୍ଟର କମିଶ୍ନରଙ୍କ ନିଦ୍ରାଭଙ୍ଗ ହେଲା ଓ ଇତସ୍ତତ ପର୍ଯ୍ୟଟନ କଲେ ପରେ ସାହାଯ୍ୟ ଦାନର ସୁବ୍ୟବସ୍ଥା ନିରୂପଣଦ୍ୱାରା ପକ୍କା ସଡ଼କ ବନ୍ଧ୍ୟ-ମାନରେ ସାହାଯ୍ୟ ଦାନର ମଞ୍ଜୁରି ତାଡ଼ିଉବର ଦିଆଗଲା । ଅନୁଗୁଳକଥା କିଏ ଶୁଣିଲା କିଏବା ଭଲକରି ପଚାରିଲା । ବିଗତ ଅକ୍ଟୋବର ମାସରୁ ଶୁଣିବାରେ ସେଠା ତହସିଲଦାର ବାରମ୍ବାର ରିପୋର୍ଟ କରି ଆସିଲେ ରିପୋର୍ଟକଥା ଫିକରଙ୍କେଳ ସାହେବ ତିନପଂକ୍ତିରେ ଉଡ଼ାଇଦେଲେ । ରିପୋର୍ଟର ଫଳ ପ୍ରଥମ ଅବିଶ୍ୱାସ ଦ୍ୱିତୀୟତଃ ଅର୍ଦ୍ଧବିଶ୍ୱାସ, ତତ୍ପରେ ଯତ୍କିଞ୍ଚିତ ବିଶ୍ୱାସ, ମାତ୍ର ସାହାଯ୍ୟର ଅତାବଶ୍ୟକତା ଓ ଏଜଣା ଅନୁଭବ ତାଦୃଶବ୍ୟବସ୍ଥା ଧାର୍ଯ୍ୟ କରାଗଲା । ପ୍ରକୃତ-ଅବସ୍ଥା କଣ ତାହା ସ୍ୱୟଂ ଭଗବାନ ଜାଣୁଅଛନ୍ତି; ନିଶ୍ଚୟ କହୁଅଛୁ ଖୋର୍ଦ୍ଧାର ଅବସ୍ଥା କୌଣସି ଅଂଶରେ ଅନୁଗୁଳଠାରୁ ଅଧିକ ମନ୍ଦ ନୁହଇ ମାତ୍ର ରଙ୍ଗଚଙ୍ଗବାର କେବଳଭୋଗୀ କର୍ମଚାରୀ ଖୋର୍ଦ୍ଧାରେ ବଳୀୟାନ୍ ଅନୁଗୁଳରେ ଲଘିଷ୍ଠି ଯାଇଅଛି ପୁଣି ଡାକ୍ତରଙ୍କ ଥିବ ଶୁଣାଯାଏ ସୁତରାଂ ଖୋର୍ଦ୍ଧାସଙ୍ଗେ ଅନୁଗୁଳ ସମହେଲା ନାହିଁ, ନୋହିଲେ ନାହିଁ, ଶେଷରେ ଯଦ୍ୟପି ସାହେବମାନଙ୍କ କର୍ଣ୍ଣଗୋଚର ହେଲା ବଡ଼ ପ୍ରକୃତରେ ଅନୁଗୁଳରେ ଲୋକଙ୍କର ସନ୍ଦିଗ୍ଧ ହୋଇଅଛି ତହିଁର ଉପାୟ କିଛି ନାହିଁ, ଟଙ୍କା ମଞ୍ଜୁର ହେଲା ସତ୍ୟ;ଟଙ୍କା ଦେଖି କମ୍ପା ଟଙ୍କା ଗୋଟେଇ ଲୋକେ ବଞ୍ଚିବେ ନାହିଁ ସୁତରାଂ ଗୁଣ୍ଡୁଳ କମ୍ପା ଆନ ଉତ୍ପାଦ ଅଣାଇ ବିତରଣ କରାଯିବାର ଆବଶ୍ୟକ, ମାତ୍ର ଧାନ ଗୁଣ୍ଡୁଳ ଆସିବ କେଉଁଠାରୁ ? କଟକଠାରୁ ଆଉ ଉପାୟ ନାହିଁ, ମାତ୍ର କଟକରୁ କପର ଆସିପାରିବ ବାଟ କାହିଁ ? କହିବାକୁ ଲଜ୍ଜା, ଓଡ଼ିଶାର କମିଶ୍ନର କଥାରେ ଅପତ୍ୟଙ୍କ ଜାତ-

Digitized by srujanika@gmail.com

ମାଲିକ, ଅଦ୍ୟାପି ଗୋଟିଏ ପକ୍କା ସଡ଼କ ଗଡ଼ଜାତଭିତରକୁ ହୋଇପାରିନାହିଁ, ଏତ ସାମାନ୍ୟ ଦୁଃଖର କଥା? ନାମରେ ଖଣ୍ଡେ ସଡ଼କ ଅଛି ଯାହାଁର ନାମ "ଅନୁଗୁଳ ସଡ଼କ" ଅଟକାଳି ଯାହାଁରେ ଯମ ଯିବ ନାହିଁ ଅର୍ଥାତ ଯାଇପାରିବ ନାହିଁ ଅଥଚ ଏ ପଥରେ ସମ୍ବଲପୁରସଙ୍ଗେ ସମ୍ବନ୍ଧ ଅଛି ।

ଆଜକୁ ତେରଚଉଦ ବର୍ଷ ହେଲା ଅନୁଗୁଳ ଢେଙ୍କାନାଳଦେଇ ଗୋଟିଏ ନୂତନମାର୍ଗ ନିର୍ମାଣ ହେବାର ଯତ୍ନ ଲାଗିଅଛି ମାତ୍ର ଅଦ୍ୟାବଧି ତାହା କେବଳ ଅଠଗଡ଼ରାଜାଙ୍କ ସହାନୁଭୂତି ଅଭାବରୁ କାର୍ଯ୍ୟରେ ପରିଣତ ହୋଇ ପାରିନାହିଁ ତିନ ଲେଫଟେନେଣ୍ଟ ଗବର୍ଣ୍ଣର ଓ ପାଞ୍ଚ କମିଶନର ଗଲେ, ଅଠଗଡ଼ ରାଜା ସଡ଼କ କରିବେ ବୋଲି ପ୍ରସ୍ତାବ ବୁଝାହେଲା । ପ୍ରସ୍ତାବିତ ସଡ଼କଟି ହେଲେ କଟକର ଭୁଲଶୀପୁର ସନସାହି ଘାଟର ନଦୀକୂଳସ୍ଥ ପଥର ଚଟାଣର ଠିକ ପରବର୍ତ୍ତୀ ବୁଢ଼ାଗାଡ଼ିଆ ଓ ନୂଆପାଟଣା ଗ୍ରାମଠାରୁ ସଇଖରେ ମା ୧୪ ଇଲ ଅଠଗଡ଼ ରାଜଗି ମଧ୍ୟ ଦେଇ ଆସି ଢେଙ୍କାନାଳସରହଦରେ ପ୍ରବେଶ କରିବ ଏହିଠାରୁ ଢେଙ୍କାନାଳରୁ ଅନୁଗୁଳ ପର୍ଯ୍ୟନ୍ତ ସଡ଼କ ଫିଟି ଅଛି, ଏଥିର ଦୂର ପ୍ରାୟ ମା ୫୦ ଇଲ ହେବ ପଥ ନିର୍ମାଣ ପ୍ରାୟ ଶେଷ ହୋଇଅଛି, ମାତ୍ର ସମ୍ପୂର୍ଣ୍ଣରୂପେ ପକ୍କା ହୋଇ ପାରି ନାହିଁ । ଏକା ଢେଙ୍କାନାଳର ବ୍ୟୟରେ ସମୁଦାୟପଥ ବାନ୍ଧିବାକୁ ପକ୍କା ହେବାର ସହଜ ନୁହଇ, ପ୍ରାୟ ଟ ୧୦, ୦୦୦ ଙ୍କା ବ୍ୟୟଦ୍ୱାରା ଗଡ଼ଠାରୁ ଅନୁଗୁଳ ସୀମା ପର୍ଯ୍ୟନ୍ତ ମାର୍ଗ ଅତିକଷ୍ଟରେ ସମାପନ ହୋଇଅଛି । ଯାବତୀୟ ଓ ଜଙ୍ଗଲଭୂମି ଯୋଗୁଁ ନୂତନ ମାର୍ଗଟି ପକ୍କା କରିବାର ଅବଶ୍ୟକତା କେତେ ହେବ ନାହିଁ ଓ ବର୍ତ୍ତମାନରୁ ଢେଙ୍କାନାଳପର୍ଯ୍ୟନ୍ତ ସଡ଼କରେ ଗତାୟାତ ଚଳୁଅଛି ମାତ୍ର ଅଠଗଡ଼ ଅଂଶ ଶେଷ ନ ହୋଇଥିବା ଯୋଗେ କଷ୍ଟ ଓ ଅସୁବିଧାର ସୀମା ନାହିଁ, ଏ ବାଟ ଫିଟିଲେ ଏଥିରେ ମୁଦାଣୀ ଓ ଉପକାରିତା ତାହାଙ୍କାରିବେ ଉପଲବ୍ଧ ହେବ, ମାତଙ୍ଗ ଏହରେ ଫିଟାଇଦେଲେ ତାହା ବୁଝିପାରନ୍ତେ, ଜଳ ଓ ସ୍ଥଳପଥଦ୍ୱାରା ଯଦ୍ୟପି ବାଣିଜ୍ୟର ଉନ୍ନତିସାଧନ ହେଉଥାଏ ଏବଂ ବାଣିଜ୍ୟର ଉନ୍ନତି ହେଲେ ଉକ୍ତନର ଦେଶ ଓ ପ୍ରଜାକୂଳର ଅବସ୍ଥାପି ଭଲବସ୍ଥା ବଢ଼ିବାର ହେବାର ସମ୍ଭବପର ହୁଅଇ, ତାହା ହେଲେ ଦୂରତ ସ୍ପଷ୍ଟ ତାହା ପ୍ରଣ୍ଡିତଙ୍କାରେ ଚରିତାର୍ଥ କରିଲ ପାରିବ, ମାର୍ଗଟି ଓଡ଼ିଶ୍ୟାପ୍ରଧାନ ନଗରୀ କଟକର ଉନ୍ନତିଶୀଳ ହେବ ଓ ମହାନଦୀକୂଳରୁ ବହିର୍ଗତ ହୋଇ ଅଠଗଡ଼ର କଣ୍ଠଦେଶ ଓ ସଇଖରେ ଢେଙ୍କାନାଳ କଲେଭରର ଦେଇ ପୁଣି ବ୍ରାହ୍ମଣୀ ନଦୀର କୂଳବର୍ତ୍ତୀ ହୋଇ ତାଳଚେରର ଅନତିଦୂରରେ ଅନୁଗୁଳ ନଗରରେ ପ୍ରବେଶକରି ସମ୍ବଲପୁର ପ୍ରସାରିତ ସଡ଼କସଙ୍ଗେ ମିଶିବ, ଏଥିର ଉପକାର କହିବାର ଅନାବଶ୍ୟକ ମାତ୍ର ଅଠଗଡ଼ରାଜାଙ୍କୁ ଏ କଥା ବୁଝାଇବାର ଅରଣ୍ୟେରୋଦନ ପରି, ସଡ଼କ ସେ କରିବେ ନାହିଁ ବା କରାଇ ଦେବେ ନାହିଁ; ଢେଙ୍କାନାଳସ୍ୱତ୍ୱାଧିକାର ଆପଣା ବ୍ୟୟଦ୍ୱାରା ସଡ଼କ ସମାପ୍ତ କରିବାକୁ ଅନୁରୋଧ କରିଥିଲେ, ଅଠଗଡ଼ରାଜା ଅସ୍ୱୀକୃତ ହେଲେ; ତାଙ୍କର ଧାରଣା ଯେ ଏ ପଥ ନିର୍ମାଣ ହେଲେ ଅଠଗଡ଼ର କ୍ଷତି ଓ ଢେଙ୍କାନାଳର ଉପକାର ହେବ; ସମ୍ପାଦକ ମହାଶୟ, ଏଥିର ଔଷଧ କଣ? ଆପଣା ରାଜଗିରେ ପଥ ନିର୍ମାଣହେଲେ ଯେ କ ଉପକାର ସାଧିତ ହେବ ତାହା ଅଦ୍ୟାବଧି ବୁଦ୍ଧିର ଅଗୋଚର ରହିଲା, ଢେଙ୍କାନାଳସଙ୍ଗରେ ଶତ୍ରୁତା ଥିବା ଯୋଗେ ଆପଣାର ହିତରୁ ବଞ୍ଚିତ ହେବାସ୍ଥଳ ବୁଦ୍ଧିର ପରିଚାୟକ, କଥାରେ କହନ୍ତି "ଶ୍ୱେତଭି ମାନ କାଣ ଖପର୍ରେ ଖାଇବାର" ବୁଦ୍ଧିର କାର୍ଯ୍ୟ ନୁହଇ, କଟକ ନିକଟବର୍ତ୍ତୀ ହୋଇ ଅଠଗଡ଼ ଏକା ଅଦ୍ୟାବଧି ଏପରି ଅନୁନ୍ନତଅବସ୍ଥାରେ ରହିବାର କେବଳ ସାର୍ପ୍ଷିଲେ ଅଭାବ ଜଥାଇ ତାତ୍ପର୍ଯ୍ୟ ଶାକଲ୍ୟ ଭାବରେ ପ୍ରତିଫଳିତ ହେଉଅଛି । ସମ୍ପାଦକ ମହାଶୟ ! ଆଉ କେଣିକ ସଡ଼କ କରିବାର, ଅଠଗଡ଼କଣ୍ଠ ସୀମା ନିକଟରେ ଢେଙ୍କାନାଳର ଜଣେ ପ୍ରଜା କଟକ ଗତାୟାତପଥରେ ଜଳକଷ୍ଟ ନିବାରଣ କରିବା ଅଭିପ୍ରାୟରେ ଗୋଟିଏ କୂଅ ଖୋଳାଇଥିଲା, ଅଠଗଡ଼ର ରାଜାସାହେବ ତାହା ଅଦ୍ୟାବଧି ବନ୍ଦ କରି ଦେଇ ନ ଥିଲେ କାରଣ ଢେଙ୍କାନାଳର ଜଣେ ଅଠଗଡ଼ରେ କୀର୍ତ୍ତି କରିବ, ଏକଥା ଶୁଣିବାକୁ ଲଜ୍ଜା "ଦମ ଧିକ ମରିଷ୍ୟତି" ଅମାବାସ୍ୟା ଭଲ,ମେଘାବୃତ ଅର୍ଦ୍ଧରାତ୍ର କଦାପି ଶ୍ରେୟସ୍କର ନୁହଇ ସୁତରାଂ ଯେଉଁଠାରେ ଅଦରକ ମର୍ଯ୍ୟାଦା ନାହିଁ, ଅନ୍ତରୋଧର ଫଳ ପ୍ରତ୍ୟାଖ୍ୟାନ, ସେଠାରେ ସାଧାରଣଉପକାରିତା ସାଧନ ଉଦ୍ଦେଶ୍ୟରେ ଜାତୁ ଅମୋଘ ଉପାୟ ଅବଲମ୍ବନର ବିଶେଷ ସବିଶେଷ, ଏ ମାର୍ଗଟି ଅଗସ୍ତ୍ୟ ନିର୍ମିତ ହୋଇଥିଲେ ଅଜ ଅନୁଗୁଳକୁ କଟକରୁ ମାଲ ରପ୍ତାନି ହେବାର ଏତେ କଷ୍ଟ ହୁଅନ୍ତା ନାହିଁ, ଏ ଅଞ୍ଚଳର ଭୂମିଖଣ୍ଡର ଯେପରି ଅବସ୍ଥା ଅଳ୍ପେରେ ଅତିବୃଷ୍ଟିସମୟରେ ଶଗଡ଼ ଯାତାୟାତ କରି ପାରନ୍ତା, ପୁଣି ନୂଆପାଟଣା ଠାରୁ ତପାପଡ଼ାଘାଟ ସଙ୍ଗେ ବ୍ୟବଧାନ ଥିବା ନଦୀକୂଳକୁ ମିଶାଇ ଦେଲେ ଯେ କ ପର୍ଯ୍ୟନ୍ତ ଏ ମାର୍ଗର ଉନ୍ନତି ସମ୍ପାଦିତ ହେବାର ସମ୍ଭାବନା ରହିଅଛି ତାହା କହିବାର ନୁହଇ, ଅଠଗଡ଼ରାଜା କଲେ ନାହିଁ ବା କରିବେ ନାହିଁ ସୁତରାଂ କମିଶନର ସାହେବଙ୍କର ଉଚିତ, ଯାଉନ୍ତୁ ଯେବେ ନିଜବଳରେ ହେଉ ଅଥବା ସଦରକୁ ରିପୋର୍ଟକରି ସମ୍ପାଦନ କରାଇ ଦେଉନ୍ତୁ, ଢେଙ୍କାନାଳ ସମସ୍ତ ବ୍ୟୟ ଦେବାକୁ କୁଣ୍ଠିତ ନୁହନ୍ତି, ପଥଟିରେ ଅଭିଶାପ୍ରତିରେ ବର୍ତ୍ତମାନଗାଁରେ ଟ ୨୦୦୦ ଙ୍କା ବ୍ୟୟ ହେବ ତାହା ଅନାୟାସରେ ଢେଙ୍କାନାଳ ସରକାରୋବରୁ ବ୍ୟୟ ହୋଇପାରେ ସମସ୍ତ ଉପସ୍ଥିତ ହୋଇଅଛି ହେଲେ ଏହିସମୟ ।

ପତ୍ର ଦୀର୍ଘ ହୋଇଗଲା ଏସମ୍ପର୍କରେ ଅଧିକ କହିବାକୁ ମାନସ ରହିଲା, ଜେଲଖାନା ସମ୍ପର୍କରେ ମଧ୍ୟ ପଶ୍ଚାତ ସମୟାନୁସାରେ ଯାହା ବକ୍ତବ୍ୟ ଜଣାଇବ ଇତି ।

ଏକାନ୍ତ ବଶମ୍ବଦ

୬।୮।୮୮ ଜଣେକ ଢେଙ୍କାନାଳବାସୀ ।

---

TO THE EDITOR OF UTKAL DIPIKA.
CUTTACK.

Sir,

Your numerous readers, who are interested in the welfare of the Uriya community, will be glad to hear that the Head master's post of the Tekkali Primary school was, after a great contest, conferred on an Uriya. Although outsiders of higher Educational attainments were recommended for the post, our new Taluk Board President was aware of the special favour to be shewn to a backward class like that of the Uriyas and appointed Harihara Besoye, assistant master in the same school for the last eight years, as its Head master. This, his numerous friends will certainly be glad to hear. The Government of Madras has sanction-

Digitized by srujanika@gmail.com

Split by PDF Splitter



of the entertainment of another Inspecting schoolmaster for the Russellkonda Range and I hope Mr. Profullow mullik the Deputy Inspector will not fail to recommend an Uriya for this vacancy.

I am
Yours truly
*A Native of Ganjam.*

CUTTACK 5th September.

To the Editor of Utkal Dipika.

Dear Sir,

The Hindoostanee "dated the 26" August last published at Lucknow and which I have in my possession, says, that the construction of the Railway from Mogul Serai to Pooree has been decided and will be undertaken by the Oudh and Rohilcund Railway Companyand rhat its agent would be Mr. Leslie who was the agent of the E. India Railway Company. May I thro' the medium of your paper enquire if the above statement is correct.

*Yours sincerely*
*An Enquirer.*

The *Indian Mirror* has also a paragraph to the same effect. *Ed.*

# ବିଜ୍ଞାପନ ।

NOTICE.

Key to New Royal Readers No II is out. Price 3 ( Three ) annas. To be sent by value-Payable post. *Apply to the Secretary Printing Company Cuttack.*

# ପୁଲୀସ ମାନୁଏଲ ।

ଅର୍ଥାତ୍ ପୁଲୀସଷ୍ଟେସନ ଓ ଆଉଟପୋଷ୍ଟମାନଙ୍କର କାର୍ଯ୍ୟପ୍ରଣାଳୀପୁସ୍ତକ ଯାହା ବଙ୍ଗଳାର ପୁଲିସ ଇନ୍‌ସ୍ପେକ୍ଟର ଜେନରଲଙ୍କ ଆଦେଶମତେ ପ୍ରସ୍ତୁତ ହୋଇଅଛି ତାହା ଓଡ଼ିଆରେ ପୁରୀ ପୁଲିସର ଇନ୍‌ସ୍ପେକ୍ଟର ବାବୁ ଅଭୟାଚରଣ ମୁଖୋପାଧ୍ୟାୟଙ୍କ ଦ୍ୱାରା ଅନୁବାଦିତ ହୋଇ ମୁଦ୍ରିତ ହୋଇଅଛି । ଯେଉଁମାନଙ୍କର ଏ ପୁସ୍ତକ ଆବଶ୍ୟକ ହେବ ଅନୁବାଦକ ମହାଶୟଙ୍କ ନିକଟରେ ଅଥବା କଟକପ୍ରିଣ୍ଟିଙ୍ଗକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପ୍ରାପ୍ତ ହେବେ । ମୂଲ୍ୟ ଖ ୧ ଶ୍ରଲୁ ଟ ୧ । ଓ ଡାକରେ ପଠାଇବାକୁ ହେଲେ ମାସୁଲ ଟ ୦ ।

ଆମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟ୍ଟା ବିକ୍ରୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସକଲେ ପାଇପାରିବେ । ସେଥିରେ ଗୁହଳ ଇତ୍ୟାଦି କଛି ବଜାରପ୍ରାୟ ମିଶ୍ରିତ ନାହିଁ ଆଉ ଯାହାଙ୍କର ବୃହତ୍ କର୍ମ ପାଇଁ ବେଶି ମଇଦା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସଦେଲେ ଆମ୍ଭେ ତିଆର କରାଇଦେବୁଁ (ଫଲେକ ପଉରୀୟତେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୪।୮୮ } ଶ୍ରୀ ଅରିଛବଲ୍ଲଭକର ।
କଟକ }

## ଶ୍ରୋତବ୍ୟ ପଠିତବ୍ୟଂ

କଟକଜିଲ୍ଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଚିକିତ୍ସାରେ ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜଙ୍କତ୍ୟକ୍ତ ରୋଗୀ ଆରୋଗ୍ୟ ଲଭ କରୁଅଛନ୍ତି । ତାହାଙ୍କ ନିର୍ମିତ ଓଲଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ବର୍ଷମଧ୍ୟେ ସେବନ କଲେ କାଳର ହସ୍ତରୁ ନିଷ୍ଟୟ ତ୍ରାହି ପାଇବେ । ତାହାଙ୍କ ନିର୍ମିତ ହେମାଦ୍ରି କଳ୍ପ ନାମକ ଜ୍ୱରହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଡେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରବଡ଼ପଣ୍ଡାଙ୍କର ଗୃହରୋଗୀ ଜ୍ୱରରୋଗୀମାନଙ୍କରୁ କେହି ମା ୭ ସ, କେହବା ମା ୫ ସ, କେହି ୬, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏହି ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାରାଜ କଲେ ବୋଧ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରରାୟ ଓଲଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜତ୍ୟକ୍ତ ଏବଂ ଜୀର୍ଣ୍ଣପ୍ରତିଶ୍ୟାଇତ ମୂତ୍ରକୃଚ୍ଛ୍ରାଦି ରୋଗରୁ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯେଜାପୁର, ଭଦ୍ରକ, ମାଣିକପଟ୍ଟଣା, ଆଖୁଆପଦା, ଏକମା, ମେଦନୀପୁର, ବୋଧ, ବାଲିପଟ୍ଟଣା, ଚଣାହଟ୍ଟା, ଓ କମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ଦନ୍ତଅରସ, ଓଲଉଠା, ଆମାଶୟ, ମେଲେରିଆଜ୍ୱର, ଦୀର୍ଘକାଳସ୍ଥାୟିଜ୍ୱର, ଚତୁର୍ଥୀଜ୍ୱର, ପାଳିଜ୍ୱର, ଦାଦୁ, ବାତାରୀଣ୍ଡ, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାସ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନିରାଶ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷିମାନେ ରିପ୍ଲାଇକାର୍ଡ ବା ଡାକଟିକଟ ସହ ପତ୍ର ଲେଖିଲେ ଅଶୁଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

# TO THE DEAF.

A 132 page Illustrated Book on Deafness Noises in the head how cured at your homes.

Price 6 annas; Address Dr. Nicholson, 5, Old Court House Street. Calcutta.

# ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କିପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଠାର ପୁସ୍ତକ ମୂଲ୍ୟ ଟ ୦।୶ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ନଂ ୫ ନମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇବେ ।

ପ୍ରଧାନ ପୂର୍ବଦେଶୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ସାମେଭଟାନିକନ୍ ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଲିଭର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ପରିପାକ ଉତ୍ତମରୂପ ଗୁଣିତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦର, କୃମି, ପାଥୁରି, କନ୍ତୁଦଂଶନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତରିକ ଘା, ଶୁକ୍ରକ୍ଷୟ, ମୁତ୍ରରେ କ୍ଳେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମ ।

ଡାକ୍ତର ଜ, ବ, ସାହାଙ୍କ ସାମାରଟାନ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ

Digitized by srujanika@gmail.com

ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ଜଣେଇଛି, ଯଥା;—ଫୋଡ଼ାଘା, ବହୁଦିନର ଘା, ପୀଡ଼ାଦାୟକ ଘା, କୁଣ୍ଡି, ଇଣ୍ଡ୍ରିସ୍ଥା, ଦଦ୍ରୁ, ପକ୍ଷାଘାତ, କୁଷ୍ଠ, ଅଶ୍ମରୀପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ଚର୍ମରୋଗ,

ବ୍ୟବହାର ପ୍ରଣାଳୀ ସମ୍ବନ୍ଧୀୟ ଉପଦେଶ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ଓ ୧୦ ଟା ଅର୍ଥେ ଏକାଦକ୍ୟଗର ପଠାଇବାପାଇଁ ଟ ୦।। ରେଜିଷ୍ଟ୍ରୀଖର୍ଚ୍ଚା ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅଲ୍ଟଦୋଙ୍ଗା ବରାନଗର, } ଏ, ଟି, ମୁଖୁର୍ଯ୍ୟା

## ମେହରୋଗ ।

ଏ ଔଷଧ ସେବନରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉନାର୍ଥ ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ନିମନ୍ତେ ଜୀବନର ମାୟା ପରିତ୍ୟାଗ କରିବା ନୁହେ ।

ଏହି ଔଷଧ ଯଥାନିୟମରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଭସ୍ମରାଶିରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅନତିବିଳମ୍ବେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅପ୍ପରସ୍କୋଲ ନଂ ମ୍ବର ଭବନରେ ସ, କେ, ଘୋଷ କମ୍ପାନିଙ୍କଠାରେ ଏବଂ କଟକ ଅରୁଣୋଦୟ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

## ବାଲିକାଗଣ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ତ୍ତବନ୍ଧୁ ଦାସ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପଡି ବାଇ | ଠ ୧୮ ଟ ୨୷ | ଠ ୧୮ ଟ ୦ ୷୬ |
| ୧୪ ପଡି | „ „ ଟ ୨୮ | „ ଟ ୦ ୷୦ |
| ୧୨ ପଡି | „ „ ଟ ୨୮ | „ ଟ ୦ ୷ |
| ୨୨ ପଡି ଡବଲଫୁଲସ୍କେପ୍ „ | ଟ ୩ | „ ଟ ୦ ୷୬ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ଢାକା ଓ ରେଶମୀଓଟେର ଲୁଗା ଓ ଷ୍ଟେସନରୀ ଓ ନାନାପ୍ରକାର ଜିନିଷ ସବୁ ଶସ୍ତାଦରରେ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅଉ କେତେକ ଫେସନ ଜିନିଷାଦି ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲେର ଖାତା ବିକ୍ରୟ ନିମନ୍ତେ ଦୋକାନରେ ପ୍ରସ୍ତୁତ ରଖିଅଛୁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାତାମାନ ବିକ୍ରୟ ହେବା ପରେ ଆପଣା ମଫସଲ ନିମନ୍ତେ ନେବା ଇଚ୍ଛା କରନ୍ତି ତେବେ ଏକ ରିମ୍‌କୁ ଫି ଦଣ୍ଡା ଟ ୦୷୬ ହିସାବରେ ନେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖାତାଙ୍କର ଦାମ ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଖାତାର ଦସ୍ତ ମୂଲ୍ୟ ତାଙ୍କୁ ଦିଆଯିବ ।

### ଇଷ୍ଟହିଲ୍ ।

ନାନା ରେଶମୀ ବ ଭର୍ତ୍ତିରେ ଘର ବେକେ ଘୁଣ୍ଟେ।
ଚଟେଇଦାଣ୍ଡି
କପେଟାନ୍ ଟେଲ୍ ନଟକା ଯେଉଁ ସାଦା ଓ ରୋମ ସହିତ ।
ଲୁଇ° ଅର୍ଥାତ ନକସା କାର୍ଯ୍ୟକା କାମର ଫେନ୍ସି ଓ ବର୍ଣ୍ଣ ।
ସେନ୍‌ସିଲ କାଠବା ଲମ୍ବ ।
ନାନା ପ୍ରକାରର ପଟି-କାଗଜ ଓ ଲଫାଫା ଟୈଲ୍ ଲୁଥ
ଟିଉର ବ୍ରସ ।
ଦରଗୀ ସାବୁନ ।
ଗାଳାଲି ସାବାଜ ଗନ୍ଧ ଲେ ଲୁଗା ସଫାକାର ବ୍ରସ ।
ଅଟୋର ସ୍ନୋ—ଅର୍ଥାତ ସୁଗନ୍ଧୀ ଦ୍ରବ୍ୟ ।
ଅତର ବ୍ରୁଷ ।
ଔଷଧି ବୃକ୍ଷ ଚାରା ।

ଜପନି ଅଙ୍ଗ ।
ଷ୍ଟୋଲେଭାଇଜ୍ ।
କାଚ ଗିଲାସ ଓ କଳ ଉଠିବ ଓ ଗ୍ଲାସ ଘଣ୍ଟା
ଲକର ବୁଲଫଗଷ୍ଟିକ ଏକଫଗ ଚୁଲ
ନେଲକଟର ଉପୋଭ ଘର ରେକର ଅଦଲି
ଏ, ସୋଷ୍ଟନ ସସ୍ତେଚ ଭାନୀର ଓ ବ୍ରସଗା ।
ବସଗ ଅବରୋଧ ଏଲଜ ଲାଇନ ।
ଅନ୍ୟମେଣ୍ଟ ପେନ୍‌ସିଲ ଅର୍ଥାତ ଏ ପେନ୍‌ସିଲ୍‌ରେ ଲେଖି କପିଙ୍ଗ ପେପ ରକୁ ଉଠାଇ ସେହି ପେନ୍‌ସିଲ ଲେଖା କୁ ପରେ ବେଉ ଉପାଡ ତେବେ ଉନ୍ନ ର ହବ ଲ ଉଠେ ।

ପୋର୍ଟଲୁଜକ ଓ ପିଲନର
କେଶର-ମେଳ ଓ ତଙ୍କର ଉଠେ ଘରେ
ନୂଆକ ଖାଡ ଘର୍ଥାତ ଲେଖିବାବେଳେ ଘର ଓ ଶୁଖିଲେ ଦଳା ଦେବ ।
ଅଲକା ଟଲ୍ଗା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୭ × ୧୪ „
ମୋଜା ଓ ମୋଜାବନ୍ଧ
କାଗଜ ଥୁଅ ନଳଖଣ୍ଡ
ଚଉକି ସାଟିନ ବଳ ଓ ସ୍କନ୍ଧା
ଡେମେଷ୍ଟ୍ରେଲ ।

ନଳି ଓ ପାଇଡକରୋଭା ଟିଡା
ବଙ୍ଗିକ ଟେଲ୍‌ବ ବଳ ଲାଇନର ଶାଲ୍ ମନସାମ୍ମା
ରେଡ୍ ବ୍ଲୁ ପେନ୍‌ସିଲ୍
ବନାରସୀ ଶାଡୀ ଓ ଜୋଡ଼ ଓ ଜରି
ମଲମଲ ଓ ଏକ-ପାଇ ପାଟଗୋଡ ଓ ଶାଢ଼ୀ ।
ଡ୍ରିଙ୍ଗ° ବାଡ
ଏଣ୍ଟିମୋର ଅର୍ଥାତ ରସା-ଚନ ଘସାର ଅକ୍ଷର ଚମ୍ପର ନକଲା କର୍ମରେ ଦରକାର ହୁଏ ।

## ପିଚଛାର ।

ଏ ତାରକୁ ଯେକୌଣସି ପାତ୍ରରେ ଛିଦ୍ର ନଥିଲେ ଛିଦ୍ରଲାଇ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଟିଆରେ ଲେପିଦେଲେ ମଜବୁତ ଓ ଉଇ ଧରିବ ନାହିଁ ।

ଜଗିର ଚମଡ଼ା ଓ ସାଜରେ ଲଗାଇବାର କାମ ମଧ୍ୟ ଅଛି ।

ଅରୁଣୋଦୟ ପ୍ରେସ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ପ୍ରତି | ଟ ୦୷ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚା ଟ ୦୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକଙ୍କ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ରିକା କଟକ ଅରୁଣୋଦୟ ମୁଦ୍ରାଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୩ ଶ
ସଂ ୩୭ ଅଂ

ତା ୧୪ ଦିନ ମାହେ ସେପ୍ଟେମ୍ବର ଖ୍ରୀ ୧୮୮୮ ଇଂରାଜୀ । ମୁ । ଆଶ୍ୱିନ ଦ ୨ ୭ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

## ବିଜ୍ଞାପନ ।

ଯେଉଁମାନେ ଅଗ୍ରିମମୂଲ୍ୟ ଦେବା ନିୟମରେ ଗ୍ରାହକ ହୋଇ ଏକବର୍ଷରୁ ଅଧିକ ହେବ ଟଙ୍କା ଦେଇ ନାହାନ୍ତି ଏବଂ ବିଲ ପଠାଯିବାରେ ସୁଦ୍ଧା ମନୋଯୋଗୀ ହୋଇ ନାହାନ୍ତି ସେମାନଙ୍କୁ ପ୍ରାର୍ଥନା କରୁଅଛୁଁ କି ଅନୁଗ୍ରହ ପୂର୍ବକ ଏହି ମାସ ମଧ୍ୟରେ ମୂଲ୍ୟଟଙ୍କା ପଠାଇଦେବେ । ଯେଉଁ ଗ୍ରାହକ ଏଥି ମଧ୍ୟରେ ଟଙ୍କା ନ ପଠାଇବେ ତାହାଙ୍କ ନିକଟକୁ ଆଗାମିମାସ ଆରମ୍ଭରୁ ଉତ୍କଳଦୀପିକା ପ୍ରେରିତ ହେବ ନାହିଁ ଏବଂ ପାଉଣା ଆଦାୟର ଅନ୍ୟ ବନ୍ଦୋବସ୍ତ ହେବ । ଇତି ।

୧୩।୯।୮୮ ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ବାଲିକୁଦା ସ୍କୁଲଘର ସମ୍ମୁଖରେ ଜଣେ ବେଶ୍ୟାର ଘର ଥିବାରୁ ତାହା ସ୍ଥାନାନ୍ତର କରିବା କାରଣ ଜଣେ ପତ୍ରପ୍ରେରକ ଉକ୍ତ ସ୍କୁଲର ସମ୍ପାଦକ ବାବୁ ପଣ୍ଡିତ ଶ୍ରୀଚନ୍ଦ୍ର ମହାପାତ୍ରଙ୍କୁ ଏବଂ କଟକର ଡିଷ୍ଟ୍ରିକ୍ଟବୋର୍ଡ଼ଙ୍କୁ ଅନୁରୋଧ କରିଅଛନ୍ତି । ଅନୁରୋଧଟି ନିତାନ୍ତ ସୁସଙ୍ଗତ ଅଟଇ ଏବଂ ମହାପାତ୍ର ମହାଶୟ ସେସ୍ଥାନର ଜମିଦାର ହେଉଥିବାରୁ ସେ ଅକ୍ଳେଶରେ ତାହା ରକ୍ଷା କରିବାକୁ ସମର୍ଥ । ଆମ୍ଭେମାନେ ଆଶା କରୁଁ କି ସେ ଶୀଘ୍ର ଏବିଷୟରେ ମନୋଯୋଗୀ ହେବେ ।

ଓଡ଼ିଶାବିଭାଗର କମିଶ୍ନରଙ୍କ ମତରେ ପ୍ୟାରୀମୋହନ ଏକାଡେମୀରେ ଶିକ୍ଷାକାର୍ଯ୍ୟ ଭଲ ହେଉଥିବାରୁ ତାହା ସ୍ଥାୟୀ ହେବା ଉଚିତ ଏବଂ ଏ ନଗରର ମିଉନିସିପଲ କମିଶ୍ନରଙ୍କମଧ୍ୟରୁ କେହି ସେମାନଙ୍କର ଏକ ଅଧିବେଶନରେ ପ୍ରକାଶ କଲେ କି ସାମ୍ୟବାଦୀ ପ୍ରଭୃତି ଅନେକସ୍କୁଲ ଏନଗରରେ ଥିବାପ୍ରଯୁକ୍ତେ ଉକ୍ତ ଏକାଡେମୀର ଆଦୌ ପ୍ରୟୋଜନ ନାହିଁ । ଜଣେ ପତ୍ରପ୍ରେରକ ଏହି ଦୁଇ ମତର ଉଲ୍ଲେଖ କରି ପଚାରିଅଛନ୍ତି କି କେଉଁ କମିଶ୍ନରଙ୍କ ମତ ଠିକ ବୋଲି ଜାଣିବାକୁ ହେବ ? ଏଥିର ଉତ୍ତର ପାଠକମାନେ ସହଜରେ ସ୍ଥିର କରିପାରିବେ ଲେଖିବାର ପ୍ରୟୋଜନ ନାହିଁ ।

କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉଙ୍କ ମନ୍ଦିରର ଅଭ୍ୟାନ୍ତର ବିଷୟରେ ଯେଉଁ ମୋକଦ୍ଦମା ହୋଇଥିଲା ଯଥୋଚିତ ପ୍ରମାଣ ଅଭାବରେ ତାହା ଠିକ ପାଇଲା ନାହିଁ । ସବ୍‌ଡିଭିଜନଅଫିସର ଅସାମି ସ୍ତ୍ରୀମପର୍ଷ୍ଟିକ ଖଲାସ ଦେଲେ ବନ୍ଧୁ କଥିତ କ୍ରମଅନ କମିଟୀଦ୍ୱାରା ତାହାଙ୍କୁ ମନ୍ଦିରର ଦର୍ମରୁ ବରଖାସ୍ତ କରିବା କାରଣ ଜଜ୍ଜା ମାଜିଷ୍ଟ୍ରେଟଙ୍କ ନିକଟକୁ ରିପୋର୍ଟ କରିଅଛନ୍ତି । ହାଇକୋର୍ଟର ଓଡ଼ିଆପେସ୍କାର ବାବୁ ନୀଳମାଧବ ଦାସଙ୍କ ଯତ୍ନରେ ଏ ମୋକଦ୍ଦମା ଉଦୟ ହୋଇଥିଲା ଏଥିପାଇଁ ସେ ଧନ୍ୟବାଦର ଯୋଗ୍ୟ ଅଟନ୍ତି କିନ୍ତୁ ଯଥାସମୟରେ କମିଟୀପକ୍ଷରୁ ଏହାବାବଦ ହୋଇଥିଲେ ପ୍ରମାଣ ଠିକ ହୋଇଥାନ୍ତା ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଗଙ୍ଗପଡ଼ାଠାରୁ ଖଣ୍ଡଗିରିପର୍ଯ୍ୟନ୍ତ ଯେଉଁ ସଡ଼କ ନିର୍ମାଣ ହେଉଅଛି ତାହା ଝାଁଳା ଗ୍ରାମର ପୂର୍ବସ୍ଥ ଉତ୍ତରମୁଣ୍ଡମୁହାଣଠାରୁ ଅନେକ ଦୂର ରହି ଯାଉଥିବାରୁ ପଥିକଙ୍କର ବିଶେଷ ଅସୁବିଧା ହେବାର ସମ୍ଭାବନା । ଅତଏବ ଖୋର୍ଦ୍ଧାସବଡିଭିଜନ ଅଫିସରଙ୍କୁ ପତ୍ରପ୍ରେରକ ଅନୁରୋଧ କରିଅଛନ୍ତି କି ପ୍ରସ୍ତାବିତ ସଡ଼କ ଯେଉଁବାଟରେ ଯିବାର ସ୍ଥିର ହୋଇଅଛି ତହିଁରୁ କିଞ୍ଚିତ ବଙ୍କାକରି ଉକ୍ତ ମୁଣ୍ଡମୁହାଣ ବାଟେ ନିଆଯାଉ । ସଡ଼କ କେବଳ ସଳଖ ହେବା ଯଥେଷ୍ଟ ନୁହଇ ପଥିକଙ୍କ ବିଶ୍ରାମନିମନ୍ତେ ଯେଉଁଠାରେ ବୃକ୍ଷଲତା ଓ ଜଳାଶୟ ଅଛି ସେହିବାଟରେ ହେବାର ଉଚିତ ।

ସ୍କୁଲର ପାଠ୍ୟପୁସ୍ତକ ନିର୍ବାଚନ ସମ୍ବନ୍ଧରେ ଢାକାଗେଜେଟ ଅନ୍ୟାନ୍ୟ ବିଷୟମଧ୍ୟରେ ଲେଖିଅଛନ୍ତି କି ଯେଉଁଠାରେ ଏକପୁସ୍ତକ ବଦଳରେ ଅନ୍ୟପୁସ୍ତକ ବ୍ୟବହାର ହୋଇପାରିବା ଅଭିପ୍ରାୟରେ ଅନେକପୁସ୍ତକ ନିର୍ବାଚନ ହେବ ସେଠାରେ ନିର୍ବାଚକକମିଟୀ ସେହିସବୁ ପୁସ୍ତକର ମୂଲ୍ୟ ଆକାର ଓ ବିଷୟଗତ ସମଭାପ୍ରତି

Digitized by srujanika@gmail.com

Split by PDF Splitter

304



ବିଶେଷ ଦୃଷ୍ଟି ରଖିବେ ଏବଂ ଶିକ୍ଷାବିଭାଗୀୟ ପରିଦର୍ଶକମାନଙ୍କ ରଚିତପୁସ୍ତକ ସହିତ ଅନ୍ୟ କାହାର ପୁସ୍ତକ ପ୍ରତିଯୋଗିତା କରିବା ଛାନ-ଛାନ୍ତୁ କରିବେ ନାହିଁ । କାରଣ ଯାହାଙ୍କ ସନ୍ତୋଷ ଲେଉଡା ଓ ଅସନ୍ତୋଷରୁ ଭୟ କରିବାକୁ ହେବ ତାହାଙ୍କସଙ୍ଗେ ଅନ୍ୟଲୋକ ପ୍ରତିଯୋଗିତା କରିବାକୁ କଦାଚ ସମର୍ଥ ହେବ ନାହିଁ । ବିଭାଗୀୟ କର୍ମଚାରୀଙ୍କ ବିଶିଷ୍ଟ ଯୋଗ୍ୟତା ସ୍ୱୀକାରପୂର୍ବକ ତାହାଙ୍କ ପୁସ୍ତକ ଏକା ରହିବ ନୋହିଲେ ଅନ୍ତତଃ ସେମାନଙ୍କ ଏଲକାମଧ୍ୟରେ ସେମାନଙ୍କ ରଚିତପୁସ୍ତକ ଆଦୌ ଚଳାଇବ ନାହିଁ । ସେମାନଙ୍କ ପୁସ୍ତକ ଚଳିଲେ ଅନ୍ୟ କାହାର ପୁସ୍ତକ ଓ ତହିଁ ବଦଳରେ କେହି ଚଳାଇବ ନାହିଁ ସୁତରାଂ ତାହାକୁ ତାଲିକାରେ ଲେଖି ଲୋକଙ୍କ ଆଖିରେ ଧୂଳି ଦେବାର ପ୍ରୟୋଜନ କଣ ? ଆମ୍ଭେମାନେ ଆଶା କରୁଁ ଏଠାର ପୁସ୍ତକନିର୍ବାଚନକମିଟୀ ଏ ପ୍ରସ୍ତାବର ପ୍ରତିକାର କରିବେ ।

---

କଲିକତାର ଷ୍ଟେଟ୍ସମ୍ୟାନ କାଗଜ ଯଥାର୍ଥ ଲେଖିଅଛନ୍ତି କି ଅନୁଗୁଳର ଦୁର୍ଭିକ୍ଷ ସମ୍ବନ୍ଧରେ ଯେ ସମସ୍ତକଥା ଶୁଣା ଯାଉଅଛି ସେସମସ୍ତ ଅତିରଞ୍ଜିତ ହୋଇ ନ ଥିଲେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ମନୋଯୋଗ ଲୋଡ଼ୁଅଛି । ଶୀଘ୍ର ଏଥିକୁ ତଦନ୍ତ ଓ ଉପାୟ କରିବା ନିତାନ୍ତ ଆବଶ୍ୟକ ହୋଇଅଛି । ଏଥକୁ ଆମ୍ଭେମାନେ ଦେଖୁଅଛୁଁ ଯେ ଅନୁଗୁଳର ଅବସ୍ଥା ଖୋର୍ଦ୍ଧାଠାରୁ ଅଧିକ ଶୋଚନୀୟ ବୋଲି ପ୍ରକାଶ ପାଉଥିଲେ ମଧ୍ୟ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟସାହେବ ନିଜେ ତହିଁର ପ୍ରକୃତ ଅବସ୍ଥା ଦେଖି ଯାଇ ନାହିଁ । ବାବୁ ନନ୍ଦକିଶୋର ଦାସ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅନୁଗୁଳକୁ ଯିବେ ବୋଲି ଆମ୍ଭେମାନେ ଲେଖିଥିଲୁଁ ମାତ୍ର ସେ ସେଠାକୁ ନ ଯାଇ ବଡ଼ାମ୍ବା ନରସିଂହପୁର ଦଶପଲ୍ଲା ପ୍ରଭୃତି ବୁଲି ଆସିଲେ । ଅନୁଗୁଳର କପାଳ ଏବେମାତ୍ର ସେଠା ତହସିଲଦାରଙ୍କ ହାତରେ ରହିଅଛି । ଲୋକେ ସାହାଯ୍ୟ କରିବ ଭଡ ଶଙ୍କାଇଅଛନ୍ତି ଏବଂ ଦୁର୍ଭିକ୍ଷନିବାରଣୀ ସଭା ହୋଇ ସେଠା ପୁଲିସ ଇନ୍ସପେକ୍ଟରଙ୍କ ପ୍ରତି ଅର୍ଥସଂଗ୍ରହର ଭାର ଦିଆ ଯାଇଅଛି ଏହି ସମ୍ବାଦ ଯାହା ଆମ୍ଭେମାନେ ଲେଖିଥିଲୁଁ ତହିଁର ପ୍ରତିବାଦ ଅବଶ୍ୟ ହୋଇ ନାହିଁ ତଥାପି ସାହାଯ୍ୟଦାନର ଚେଷ୍ଟା ସରକାରପକ୍ଷରୁ ଉଚିତମତେ ହୋଇ ନାହିଁ । ଈଶ୍ୱର ନ କରନ୍ତୁ ଯେବେ ଦୁର୍ଭିକ୍ଷ କ୍ରମଶଃ ବଢ଼ିବ ତେବେ ବଡ଼ ବିଷମକଥା ହେବ ।

---

ଓଡ଼ିଶାରେ ଲବଣ ପ୍ରସ୍ତୁତ କରିବାର ବ୍ୟବସାୟ ପ୍ରାୟ ଉଠିଗଲା ଏବଂ ଲବଣର ଦୁର୍ମୂଲ୍ୟ ହେବାରୁ ଲୋକଙ୍କର ଯେପରି କଷ୍ଟ ହୋଇଅଛି ତାହା କାହାରିକି ଅବିଦିତ ନାହିଁ କିନ୍ତୁ ବଡ଼ ଦୁଃଖର ବିଷୟ ଯେ ଗତବର୍ଷର ବାର୍ଷିକ ରିପୋର୍ଟ ସମ୍ବନ୍ଧରେ ଲେଫ୍ଟେନାଣ୍ଟସାହେବଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତହିଁରେ ଏସମ୍ପର୍କରେ ଗୋଟିଏ କଥାସୁଦ୍ଧା ଲେଖା ନାହିଁ । ଏମନ୍ତ ଗୁରୁତର ବିଷୟଟି ଏକାବେଳକେ ଛଡ଼ା ହୋଇଥିବାରୁ ବିସ୍ମୟ ଜଣା ଯାଉଅଛି ଯେ କଷ୍ଟମ୍ସ ବିଭାଗମାନେ ଏ ବିଷୟରେ ସମ୍ପୂର୍ଣ୍ଣରୂପେ ଉଦାସୀନ କାରଣ ସେମାନେ ଆପଣା ରିପୋର୍ଟରେ କିଛି ଲେଖିଥିଲେ କମିଶ୍ୱରସାହେବ ଅବଶ୍ୟ ତାହା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥାନ୍ତେ ଓ ତାହା ହେଲେ ସେ ସମ୍ପର୍କରେ କିଛି ମନ୍ତବ୍ୟ ବାହାରିଥାନ୍ତା । କୃଷି ଛଡ଼ା ଲବଣ ପ୍ରସ୍ତୁତ କରିବା ଓଡ଼ିଶାର ଏକମାତ୍ର ପ୍ରଧାନ ବ୍ୟବସାୟ ଥିଲା । ତାହା ରହିତ ହେବାରୁ ବହୁତ ଗରିବଲୋକ ନିରୁପାୟ ହୋଇଅଛନ୍ତି । ବିଲାତିଲୁଗାରେ ତନ୍ତିକୁଳ ଅନିବାର୍ଯ୍ୟରୂପେ ଉଚ୍ଛନ୍ନ ହେଲେ କିନ୍ତୁ ଲୁଣବ୍ୟବସାୟରେ ସ୍ୱୟଂ ଗବର୍ଣ୍ଣମେଣ୍ଟ ମହାଜନମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ସାଧନ କରୁଅଛନ୍ତି ଅଥଚ କଷ୍ଟମ୍ସ ବିଭାଗମାନେ ନିଶ୍ଚିନ୍ତ ବସିଅଛନ୍ତି ଏହା ତ ସାମାନ୍ୟ ଦୁଃଖର କଥା । ଲୁଣ ଯୋଗାନ ହେଲେ ଯେଉଁ କାରବାର ବଢ଼ିବ ଏହି ବିବେଚନାରେ ମାନ୍ଦ୍ରାଜର କମିଶ୍ୱର ଓଡ଼ିଶାରେ ଯୋଗାନ ବନ୍ଦ କର ମଶାର ଦୌରାତ୍ମ୍ୟ ନିବାରଣ ସକାଶେ ଘର ଯୋଡ଼ ହେବାର ବ୍ୟବସ୍ଥା କରିଅଛନ୍ତି ଓ ଗବର୍ଣ୍ଣମେଣ୍ଟ ତାହା ନିଶ୍ଚିନ୍ତ ହୋଇ ଦେଖୁଅଛନ୍ତି । ଏଥିର କି କିଛି ପ୍ରତିକାର ହେବ ନାହିଁ ?

---

ମୁସଲମାନମାନଙ୍କୁ ସରକାରୀଚାକିରିରେ ନିଯୁକ୍ତ କରିବା ଏବଂ ସରକାରୀ ଚାକିରିରେ ନିଯୁକ୍ତ ହେବାସକାଶେ ଯେଉଁ ପରୀକ୍ଷା ହୁଏ ତାହା ଉଠାଇଦେବା କାରଣ କଲିକତାର ଜାତୀୟ ମୁସଲମାନସଭା ଗତ ଜୁଲାଇମାସରେ ପୁନର୍ବାର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କୁ ଏକ ଆବେଦନ ପତ୍ର ପଠାଇଥିଲେ । ମାନ୍ୟବର ଲେଫ୍ଟେନାଣ୍ଟ ସାହେବ ତହିଁସମ୍ବନ୍ଧରେ କହିଅଛନ୍ତି କି ପରୀକ୍ଷାର ନିୟମ ଉଠାଇ ଦିଆଯାଇ ନ ପାରେ କେବଳ ମୁସଲମାନମାନଙ୍କୁ ସରକାରୀଚାକିରି ଦେବା ବିଷୟରେ ପୂର୍ବରୁ ଯେଉଁ ଆଦେଶ ବିଭାଗୀୟ କମିଶ୍ୱରମାନଙ୍କୁ ଏବଂ ଅନ୍ୟାନ୍ୟ ବିଭାଗର କର୍ତ୍ତାମାନଙ୍କୁ ଦିଆଯାଇଅଛି ତଦନୁସାରେ କାର୍ଯ୍ୟ କରିବା ଏବଂ ବାର୍ଷିକରିପୋର୍ଟରେ ସେହିର ତାଲିକା ଦେବାବିଷୟରେ ମନୋଯୋଗୀ ହେବାକୁ କାରଣ ଅନୁରୋଧ କରାଗଲା । ଲେଫ୍ଟେନାଣ୍ଟ ସାହେବ ସେନ୍ସସ ରିପୋର୍ଟର ତାଲିକା ଦେଖି ଦେଖାଇ ଦେଇଅଛନ୍ତି କି ମୁସଲମାନ କର୍ମଚାରୀଙ୍କ ସଂଖ୍ୟା ସବୁଠାରେ ବୃଦ୍ଧି ହୋଇଅଛି ସୁତରାଂ ସେମାନଙ୍କୁ ସରକାରୀକର୍ମ ଦିଆଯାଉ ନାହିଁ ଏମନ୍ତ କୁହାଯାଇ ନ ପାରେ । ଏକ ସ୍ଥଳରେ ମୁସଲମାନ କର୍ମଚାରୀଙ୍କ ସଂଖ୍ୟା ଊଣା ଅଛି ତହିଁମଧ୍ୟରେ ପୁରୀ ଓ ବାଲେଶ୍ୱରର ନାମ ଅଛି ମାତ୍ର ଲେଫ୍ଟେନାଣ୍ଟ କହିଅଛନ୍ତି କି ଓଡ଼ିଶା ପ୍ରଭୃତିରେ ହିନ୍ଦୁର ସଂଖ୍ୟା ଅଧିକ ଏଠାକଥା ଧର୍ତ୍ତବ୍ୟ ନୁହଇ । ଅନ୍ୟ ଏକ ସ୍ଥାନରେ ମୁସଲମାନମାନେ ତାଲିବନାଦ ହେବାକୁ ଅସମ୍ମତ ଏକାବେଳକେ ବଡ଼ବଡ଼ ପାଇବାର ଆଶା କରନ୍ତି । ଏମାନଙ୍କ ସମ୍ପର୍କରେ ଲେଫ୍ଟେନାଣ୍ଟ ଯଥାର୍ଥ କହିଅଛନ୍ତି ଏପରି ଭ୍ରାନ୍ତ ଲୋକଙ୍କୁ ସଦୁପଦେଶ ଦେବା ସଭାର କର୍ତ୍ତବ୍ୟ ଅଟଇ । ଏଥିରେ ଗବର୍ଣ୍ଣମେଣ୍ଟଙ୍କର ଦୋଷ ନାହିଁ ।

---

ଆଫଗାନସ୍ଥାନକୁ ପୁଣି ଇଂରେଜଦୂତ ପ୍ରେରିତ ହେବାର ସ୍ଥିର ହୋଇଅଛି । ଏହି ଦୂତ ଅଲ୍ପସଂଖ୍ୟକ ସେନାସହିତ ପେଶୱାର ବାଟେ ସେଠାକୁ ଆଗାମି ଅକ୍ଟୋବର ମାସରେ ଯାତ୍ରା କରିବେ । ପାୟୋନିଅରରେ ଏତଦ୍ବିଷୟରେ ଗୋଟିଏ ପତ୍ର ପ୍ରକାଶିତ ହୋଇଅଛି । ତହିଁରେ ଲେଖାଅଛି କି ଆଫଗାନସ୍ଥାନର ଅମୀର ଅନୁଚରମାନଙ୍କ ଇଚ୍ଛା ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର କେତେକଜଣ ଦେଶୀୟ କର୍ମଚାରୀ ଦୂତରୂପେ କାବୁଲକୁ ଯାଇ ତାହାଙ୍କ ନିକଟରେ ବହୁଦିନ ରହିଲେ ସେମାନଙ୍କ ସଙ୍ଗେ ସକଳ ଉତ୍ସମ୍ବନ୍ଧୀୟ ଅନେକ ଗୁରୁତର ବିଷୟର ପରାମର୍ଶ ଓ ମୀମାଂସା କରିବାକୁ ଅମୀର ସମର୍ଥ ହେବେ । ଅତଏବ ବୋଲିବାକୁ ହେବ ଯେ ଅମୀରଙ୍କ ମନରେ ଏହି ଦୂତସମ୍ପ୍ରଦାୟ

Digitized by srujanika@gmail.com

ପ୍ରେରଣ ହେଉଅଛନ୍ତି ଏବଂ ତାହାଙ୍କ ସହିତ ବନ୍ଧୁଭାବ ଦୃଢ଼ରୂପେ ଥିବାରୁ କୌଣସି ଅନିଷ୍ଟର ଆଶଙ୍କା ନାହିଁ । ମାତ୍ର ଅଫଗାନବାସିମାନେ ସମସ୍ତେ ଅମିରଙ୍କ ବଶରେ ଅଛନ୍ତି ଏକଥା ବୋଲିଯାଇ ନ ପାରେ । ବର୍ତ୍ତମାନ ସୁଦ୍ଧା ସେଠାରେ ବିଦ୍ରୋହ ରହିଅଛି ଏବଂ ଅଫଗାନମାନଙ୍କର ଇଂରାଜଙ୍କପ୍ରତି କୌଣସି କାଳରେ ଭଲ ଭାବ ନାହିଁ ଅନ୍ତତଃ ଇଂରାଜମାନଙ୍କୁ ଆପଣା ରାଜ୍ୟରେ ସେମାନେ ରଖିବାକୁ କଦାପି ସମ୍ମତ ନୁହନ୍ତି । ଏଥିପୂର୍ବେ ଦୁଇଥର କାବୁଲରେ ଇଂରାଜଦୂତ ରଖିବାର ଚେଷ୍ଟା ହୋଇଥିଲା । ଦୁଇଥର ଯାକ ଭୟାନକ ହତ୍ୟାକାଣ୍ଡ ଓ ଯୁଦ୍ଧ ହେଲା । ଏଥିପାଇଁ ଭାରତବାସିମାନେ ବର୍ତ୍ତମାନ ଦୂତ ପଠାଯିବାର କଥା ଶୁଣି ଭୟ ଶଙ୍କିତ ହୋଇଅଛନ୍ତି । କୌଣସି ଦୁର୍ଘଟନା ହେଲେ ଭାରତବାସିଙ୍କର ଭାରି କ୍ଷତି ହେବ । ଅମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କର ଏହି କାର୍ଯ୍ୟଟି ନିରାପଦ ବୋଧ ହେଉ ନାହିଁ ଏବଂ ଏଥିରୁ ଶାନ୍ତ ହେଲେ ବଡ଼ ଭଲ ହୁଅନ୍ତା ।

---

ମଧ୍ୟପ୍ରଦେଶର ସନ ୧୮୮୭ ସାଲର ଫଉଜଦାରି ଅଦାଲତର ବାର୍ଷିକବିବରଣରୁ ପ୍ରକାଶ ଯେ ତହିଁ ପୂର୍ବବର୍ଷ ତୁଳନାରେ ସର୍ବସ୍ୱ-ସମ୍ପର୍କୀୟ ମୋକଦ୍ଦମା ୭୪୦୪ ଠାରୁ ୭୬୧୧ କୁ ଉଠିଯାଇ ଅଛି ମାତ୍ର ସମ୍ପତ୍ତିସମ୍ପର୍କୀୟ ମୋକଦ୍ଦମା ୯୭୭୦ ଠାରୁ ୧୧୧୪୫ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ଉକ୍ତବର୍ଷରେ ଫସଲର ଅବସ୍ଥା ମନ୍ଦ ଥିବାରୁ ଲୋକଙ୍କର ଦୁଃଖ ହୋଇଥିଲା ସୁତରାଂ ପେଟକଷ୍ଟ ହେତୁ ଧାନ ଚାଉଳ ଓ ସାମାନ୍ୟ ଦ୍ରବ୍ୟର ଚୋରି ଅଧିକ ହେଲା ଏବଂ ଖର୍ଚ୍ଚା ଅଭାବରୁ ସାମାନ୍ୟ ମାଡ଼ପିଟର ନାଲିସ କରିବାକୁ କେହି ଆସିଲେ ନାହିଁ । ଦେହରେ ଟାଣ ଥିଲେ ସିନା ଲୋକେ କଳି ଓ ମାଡ଼ପିଟ କରିବେ କିନ୍ତୁ ଖାଇବାକୁ ନ ପାଇଲେ ଟାଣ କାହୁଁ ଆସିବ ଏବଂ ମାଡ଼ ଖାଇଲେ ଦୁର୍ବଳ ଲୋକ ପେଟକାଟି ମାମଲାଖର୍ଚ୍ଚ କରିବା ଠାରୁ ତାହା ସହି ରହିବା ଶ୍ରେୟସ୍କର ଜ୍ଞାନ କରନ୍ତି । ଫଳକଥା, ଯେଉଁବର୍ଷ ଉଣା ବୃଷ୍ଟିହେତୁ ଲୋକଙ୍କର କଷ୍ଟ ହୁଅଇ ସେବର୍ଷ ଚୋରି ଓ ଡକାଇତି ବଢ଼ଇ ଅନ୍ୟ ଅପରାଧ ଦିଶାପଡ଼େ । ଗତବର୍ଷ ମଧ୍ୟପ୍ରଦେଶରେ ଏହି ଘଟଣା ହୋଇଥିଲା । ଅନ୍ନକଷ୍ଟ ସମୟରେ ଯେଉଁମାନେ ଚୋରି କରନ୍ତି ସେମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ ଅର୍ଥାତ୍ ଏକଶ୍ରେଣୀ ସେମାନେ ଅଟନ୍ତି କି ଯାହାଙ୍କର ଚୋରି କରିବା ଏକପ୍ରକାର ବ୍ୟବସାୟ । ସାଧାରଣ କଷ୍ଟସମୟରେ ସେମାନଙ୍କୁ ଅଧିକ ଅବସର ମିଳଇ ଏବଂ ଅପର ଶ୍ରେଣୀର ଲୋକ ସେହିମାନେ ଅଟନ୍ତି ଯେଉଁମାନେ ଦୁଃଖ କରି ପେଟ ପାଳନ୍ତି କିନ୍ତୁ କଷ୍ଟସମୟରେ ବାଧ୍ୟ ହୋଇ ଚୋରି କରନ୍ତି । ପ୍ରଥମୋକ୍ତଶ୍ରେଣୀର ଲୋକଙ୍କୁ ବେତାଘାତ ଦଣ୍ଡଦ୍ୱାରା ଶାସନ କରିବା ଉଚିତ କାରଣ କଏଦକୁ ଏମାନେ ଡରନ୍ତି ନାହିଁ ବରଂ ଜେଲଖାନାରେ ସହଜ ପରିଶ୍ରମ ଓ ପୂର୍ଣ୍ଣଗ୍ରାସ ପାଇ ଆନନ୍ଦିତ ହୁଅନ୍ତି । ଶେଷୋକ୍ତ ଶ୍ରେଣୀନିମିତ୍ତ ସୁବିଚାର ପୂର୍ବକ ଜରିମାନା କିମ୍ବା ଅଳ୍ପକାଳ କଏଦ ଦଣ୍ଡ ଦେବା ଓ ତହିଁସଙ୍ଗେ ସାହାଯ୍ୟ ଦାନର ବ୍ୟବସ୍ଥା କରିବା ଉଚିତ ଯେମନ୍ତ କି ସେମାନେ ଦଣ୍ଡ ଭୋଗ କରି ଆସି ଅପଣା ପରିଶ୍ରମଦ୍ୱାରା ନିର୍ବାହ କରିବାକୁ ସକ୍ଷମ ହେବେ । ସାହାଯ୍ୟ ଦାନର ଉଚିତ ବନ୍ଦୋବସ୍ତ ହୋଇଥିଲେ ଜେଲଖାନା ଭରତି ହୋଇଯିବାର ଭୟ ରହିବ ନାହିଁ । ବେତାଘାତ ଦଣ୍ଡବିଷୟରେ ଗବର୍ଣ୍ଣମେଣ୍ଟଙ୍କର ଏହି ଆଜ୍ଞାଟି ସୁନ୍ଦର ହୋଇଅଛି ଓ ଆମ୍ଭେମାନେ ଭରସା କରୁଁ ଯେ ସକଳସ୍ଥାନର ମାଜିଷ୍ଟ୍ରେଟମାନେ ଏ କଥାକୁ ସ୍ମରଣ ରଖି କାର୍ଯ୍ୟ କରିବେ ।

---

## ସ୍ୱାସ୍ଥ୍ୟରକ୍ଷାର ବ୍ୟାଘାତ ।

ମଧ୍ୟ ପ୍ରଦେଶର ଗତବର୍ଷର ସ୍ୱାସ୍ଥ୍ୟବିବରଣରୁ ଜଣାଯାଏ ଯେ ସମ୍ବଲପୁର ଏବଂ ଓର୍ଦାଜିଲ୍ଲାମାନଙ୍କରେ ଅଧିକ ମୃତ୍ୟୁ ଘଟିଥିଲା ଏବଂ ଓଲାଉଠା ଓ ଜ୍ୱର ତହିଁର ପ୍ରଧାନ କାରଣ ଥିଲା । ମଧ୍ୟପ୍ରଦେଶର ସାଧାରଣ ଅବସ୍ଥା ଗତବର୍ଷାପେକ୍ଷା ମନ୍ଦ ଥିବାର କାରଣ ଏହି କି ଅନେକ ଜିଲ୍ଲାରେ ଫସଲର ଅବସ୍ଥା ମନ୍ଦ ଥିଲା ଏବଂ ଲୋକେ ପ୍ରଚୁର ଖାଦ୍ୟ ନ ପାଇବାରୁ ଦେହ ଭାଙ୍ଗି ଗଲା ।

ସମ୍ବଲପୁରର ଅସ୍ୱାସ୍ଥ୍ୟକର ଅବସ୍ଥା ସମ୍ବନ୍ଧରେ ସେଠା ଡେପୁଟୀ କମିଶନର ଲେଖିଅଛନ୍ତି କି ସେଠା ଲୋକେ ନଦୀ ଓ ପୁଷ୍କରିଣୀର ଜଳ ବ୍ୟବହାର କରନ୍ତି । କୂଅ ପ୍ରାୟ ନାହିଁ ଏବଂ ତହିଁ ପ୍ରତି ଲୋକଙ୍କର ଏମନ୍ତ କୁସଂସ୍କାର ଯେ ଦୁଇଏକ ସ୍ଥଳରେ କୂଅ ଖୋଳାଇ ଦେବା-ପ୍ରତ୍ୟକ୍ଷେ କେହି ତହିଁରୁ ଜଳ ନ ସାରିବାରୁ ଭରିଭ ଗଲା । କୂଅଜଳ ସୁଦ୍ଧା ଅସ୍ୱାସ୍ଥ୍ୟକର ବୋଲି କେହି ବ୍ୟବହାର କରନ୍ତି ନାହିଁ । ପୁଷ୍କରିଣୀଜଳର ଆଦର ସର୍ବତ୍ରରେ ଦେଖାଯାଏ ଏବଂ ଏହି ଜଳ ସ୍ୱଚ୍ଛ ଓ ଏଥିରେ ଡାଲି ସିଝଇ ବୋଲି ଜୀର୍ଣ୍ଣକାରକ ଜ୍ଞାନ କରନ୍ତି । ଭଲମନ୍ଦ ବିଚାର ନାହିଁ ସାନ ବଡ଼ ସବୁ ପୁଷ୍କରିଣୀ ଏହାଙ୍କ ଦୃଷ୍ଟିରେ ସମାନ । ଏହା ପୁଷ୍କରିଣୀରେ ଗାଧୋଇବେ ଓ ପଶୁମାନଙ୍କୁ ଧୋଇବେ ତହିଁ କୂଳରେ ମଳତ୍ୟାଗ କରିବେ ଓ ଗାଧୋଇ ସାରି ସେହି ପୋଖରୀଜଳ ପିଇବା-ସକାଶେ ନେଇ ଯିବେ । ପାନୀୟଜଳ ସକାଶେ ଗୋଟିଏ ପୁଷ୍କରିଣୀ ଅଲଗା କରି ଦେବାରୁ ଫଳ ଏହି ହେଲା ଯେ ସେଠାକୁ କେହି ଗାଧୋଇବା ବା ଅନ୍ୟ କାର୍ଯ୍ୟ କରିବାକୁ ଗଲେ ନାହିଁ ସତ୍ୟ ମାତ୍ର ତହିଁରୁ କେହି ପାଣି ନେଲେ ନାହିଁ । ମୂଳକଥା ଏହି କି ଅପରିଷ୍କାର ଜଳ ବ୍ୟବହାର ଦ୍ୱାରା ରୋଗ ଜାତ ବା ବୃଦ୍ଧି ହେବା ବିଷୟରେ ଏମାନଙ୍କର ଆଦୌ ବିଶ୍ୱାସ ହୋଇ ନାହିଁ । ନଗରବାସିଙ୍କର ଅବସ୍ଥା ଏପରି ହେବାସ୍ଥଳେ ମୋଫସଲ କଥା କି ବୋଲାଯିବ । ସେଠାରେ ପ୍ରଚୁର ଜଳର ଅଭାବ ଲୋକଙ୍କ ସ୍ୱଭାବ ଏବଂ ବାସଘର ମଧ୍ୟରେ ଗବାଦି ପଶୁ ରଖିବାର ସାଧାରଣ ନିୟମ ସ୍ୱାସ୍ଥ୍ୟର ମହା ଅନିଷ୍ଟ ଘଟାଉ ଅଛି । ଆଇନ ଦ୍ୱାରା ଏ ସମସ୍ତର ପ୍ରତିକାର ହୋଇ ନ ପାରେ । କେବଳ ସୁଶିକ୍ଷା ବିସ୍ତାର ଦ୍ୱାରା କ୍ରମଶଃ ଲୋକଙ୍କର କୁସ୍ୱଭାବ ଓ କୁସଂସ୍କାର ଭାଙ୍ଗି ଗଲେ ସ୍ୱାସ୍ଥ୍ୟରକ୍ଷାର ଉପାୟମାନ କାର୍ଯ୍ୟକର ହେବ ।

ସମ୍ବଲପୁରର ଅବସ୍ଥା ଉପରେ ଯାହା ବର୍ଣ୍ଣିତ ହେଲା ଓଡ଼ିଶା ସଙ୍ଗେ ପ୍ରାୟ ମେଳ ହେଉଅଛି ଏବଂ ଏଥିରେ କି ଅନିଷ୍ଟ ହେଉଅଛି ତହିଁର ବିଶେଷ ଅନୁସନ୍ଧାନ ନିମିତ୍ତ ଜଣେ ଅଶିଷ୍ଟାଣ୍ଟ ସରଜନ ସମ୍ବଲପୁରରେ ନିଯୁକ୍ତ ହୋଇଅଛନ୍ତି ସେଠାରେ ଉଦରରୋଗ ବଦାରଣକୁ ଦେଖୁଅଛି ଏବଂ ସେଠାର ଜଳଭଣ୍ଡାର ସଙ୍ଗରେ ତହିଁର କି ସମ୍ପର୍କ ଉକ୍ତ କର୍ମଚାରୀ ତହିଁର ବିଶେଷ ଅନୁସନ୍ଧାନ କରିବେ ।

---

## ରଣପୁରର-ବିବରଣ ।

ରଣପୁରର ଗତ ବାର୍ଷିକ ବିବରଣ ଏଥିପୂର୍ବେ ଏପତ୍ରିକାର ଅତିରିକ୍ତସ୍ୱରୂପ ପ୍ରକାଶିତ ହୋଇଥିଲା । ପାଠକମାନେ ତହିଁରୁ ଦେବାନ

Split by PDF Splitter

Digitized by srujanika@gmail.com

Split by PDF Splitter



ବାବୁ ଗୌରଚନ୍ଦ୍ର ଖେଳ କେମନ୍ତ ସୁନ୍ଦରରୂପେ କାର୍ଯ୍ୟ ଚଳାଉଅଛନ୍ତି ବୁଝିପାରୁଥିବେ । ନୟାଗଡ଼ସହିତ ସୀମାଘଟିତ ବିବାଦକୁ ଅପୋସରେ ନିଷ୍ପତ୍ତି କରନେବା ସାମାନ୍ୟ କଥା ନୁହଇ । ଏହି ସୀମାବିବାଦ ଯେଉଁ ରାଜାମାନଙ୍କର ଯେମନ୍ତ ଅର୍ଥ ନାଶ ହୁଅଇ ତାହାଉକ୍ତ ଅବଗତ ନାହି । ଆପଣା ଉପରେ କଳଙ୍କ ଲାଗିଁ ନିଜ ନିଶେ ରହିବାଠାରୁ ଉତ୍ତମ କଥା ନାହିଁ ଓ ତାହା ଯେ କରିବାକୁ ସକ୍ଷମ ହୁଅଇ ତାହାକୁ ସୁଯୋଗ୍ୟ ମନ୍ତ୍ରୀ ବୋଲାଯିବ ।

ଆମ୍ବ ଓ ପଣସଫସଲ ଗଡ଼ଜାତମାନଙ୍କର ପ୍ରାୟ ଚାରିମାସ ପ୍ରାଣଧାରଣର ଉପାୟ, ତେଣୁ ଏହି ଫସଲମାନଙ୍କର କରୁ କର ଆଦାୟ ହୁଏ ନାହିଁ । ଏହାର ନାମ ପ୍ରଜା ପାଳିବା । ଖୋରଧାର ସାକ୍ଷ୍ୟାତ ଜମିଦାର ସରକାରବାହାଦୁର ଏମନ୍ତ ଅନୁସରଥିଲେ ସେଠା ଦୁର୍ଭିକ୍ଷର କଥା ଶୁଣାଯାନ୍ତା ନା ?

ଢେଙ୍କାନାଳରେ ପାଟୁଆରୋଗରେ ଅନେକ ଗୋରୁ ଓ ମହିଷ ମରିପଡ଼ିବାରୁ କେତେ ଲୋକ ଉଚ୍ଛନ୍ନ ହୋଇ ବସିଅଛନ୍ତି । ଲୋକେ ଓଲଉଠାପର ଏରୋଗ ଠାକୁରାଣୀଙ୍କ ଯୋଗୁଁ ହେଉଥିବାର ଜାଣି ଔଷଧ କରନ୍ତି ନାହିଁ । ଏବେ କେହି କେହି କୁସଂସ୍କାର ଛାଡ଼ି ଚିକିତ୍ସା କରାଇବାକୁ ପ୍ରବୃତ୍ତ ହେଉଅଛନ୍ତି । ଏପ୍ରକାର ରୋଗ ସଂସ୍ଥାନରେ ଡାକ୍ତରଙ୍କୁ ପଠାଇ ଚିକିତ୍ସା ଓ ସ୍ୱାସ୍ଥ୍ୟରକ୍ଷାର ବିଧାନଦ୍ୱାରା ସୁଫଳ ଦେଖାଇଲେ ଅଦ୍ଭୁତ ଉପକାର ହେବ । ସ୍ୱାସ୍ଥ୍ୟରକ୍ଷାପ୍ରତି ଦେୱାନଙ୍କର ଯଥେଷ୍ଟ ମନୋଯୋଗ ଥିବାର ପ୍ରକାଶ ପାଉଅଛି । କାରଣ ଅଗମ୍ୟ ଜଙ୍ଗଲଥିରେ ସଡ଼କମାନ ପ୍ରସ୍ତୁତ ହୋଇ ଏକକାଳରେ ସ୍ୱାସ୍ଥ୍ୟରକ୍ଷା ଓ ବ୍ୟବସାୟର ସୁବିଧା ହୋଇଅଛି ଏବଂ କୂପ ପୁଷ୍କରିଣୀ ଓ ବନ୍ଧମାନ ପ୍ରସ୍ତୁତ ହେବାଦ୍ୱାରା ଜଳକଷ୍ଟର ପ୍ରତୀକାର ହୋଇଅଛି । ଜ୍ୱରଚିକିତ୍ସା ଅଧିକ ପରିମାଣରେ କରିବା ଆଶାରେ ରାଜା ହେଉରେସ୍ ବସାଇବାକୁ ଇଚ୍ଛା କରିଥିଲେ ମାତ୍ର ସୁପ୍ରିଣ୍ଟ ସାହେବ ନାସ୍ତି କଲେ କାହିଁକି ଆମ୍ଭେମାନେ ବୁଝିପାରୁ ନାହୁଁ । ସରକାରପକ୍ଷରେ ଛାଡ଼ ନେବା ଯେବେ ନ୍ୟାଯ୍ୟ ହେଲା ତେବେ ରାଜାଙ୍କପ୍ରତି କାହିଁକି ଅନ୍ୟାଯ୍ୟ ହେବ ? ଖୋର୍ଦ୍ଧାଠାରୁ ରଣପୁରର କମ ଟାଣ ନୁହଇ ।

ଦେଶୀଗଞ୍ଜାମର ଗୃହ ଦାହ ବଳ ପ୍ରଜାସାହି ଗଡ଼େଇ ଭସ୍ମ ହେଉଥିବାର ପାଠ କରି ଆମ୍ଭେମାନେ ଦୁଃଖିତ ହେଲୁଁ । ଏଥିରେ ଲୋକମାନେ ଗୋଟିଏ ବ୍ୟବସାୟରୁ ଅକାରଣ ବଞ୍ଚିତ ହେଲେ ପୁଣି ଅଧିକ ଦୁଃଖର ବିଷୟ ଯେ ଉକ୍ତିପାଇଁ ଫଉଜଦାରୀରେ ଦଣ୍ଡ ପାଇଲେ । ଜବର ଆଶା ନ ଥିଲେ ଲୋକରେ ପଡ଼ି ଦଣ୍ଡ ଲଭନ୍ତେ ନାହିଁ । ଆମ୍ଭେମାନେ ଜାଣୁଁ ଯେ ମେଟକାଫ ସାହେବଙ୍କ ଆଦେଶମତେ ଏହି ଅନିଷ୍ଟ ଘଟିଅଛି ମାତ୍ର ଗୌରବାବୁଙ୍କ ପରି ସୁଯୋଗ୍ୟ ଦେୱାନଙ୍କର ଏଥିର ପ୍ରତିବାଦ କରି ଗବର୍ଣ୍ଣମେଣ୍ଟରୁ ଉକ୍ତ ଆଦେଶ ରହିତ କରାଇବାର ଉଚିତ ।

ଜଗନ୍ନାଥଙ୍କ ମନ୍ଦିରର ମାଲ ଲେଖାଯିବା ସମ୍ପର୍କରେ ପ୍ରକାଶ ଯେ ମନ୍ଦିରର ମାଲସବୁ ଅନେକଦିନରୁ ଭଣ୍ଡାରସ୍ଥ ହୋଇ ନ ଥିଲା କମା ଭିତରେ ତାଲିକା ନ ଥିଲା । ଅନେକ ଗଡ଼ଜାତରେ ଏଥିପରି ହେଉଥିବ ଏବଂ ଏହିହେତୁରୁ ଦେବୋତ୍ତର ସମ୍ପତ୍ତି ଅନେକ ନଷ୍ଟ ହୁଅଇ । ବର୍ତ୍ତମାନ ଦେୱାନଙ୍କ ଦୃଷ୍ଟି ପଡ଼ିଅଛି; ଭରସା ହୁଅଇ ଏତ୍ରୁଟି ଆଉ ରହିବ ନାହିଁ ।

ରାଜକୁମାରଙ୍କର ବିଦ୍ୟାଶିକ୍ଷାର ଉତ୍ତମ ବନ୍ଦୋବସ୍ତ ହୋଇଅଛି ବଡ଼ସୁଖର ବିଷୟ ଅଟଇ । ଜଗଦେବସାମନ୍ତ କଟେସ୍ପର୍ଶକାନ୍ତି କାର୍ଯ୍ୟରେ ବିଶେଷ ମନୋଯୋଗୀ ହେଉ ନ ଥିବା ଦୁଃଖର ବିଷୟ ଅଟଇ । ଭରସା କରୁଁ ଦେୱାନ ବିରାଗ ନ ହୋଇ ତାହାଙ୍କୁ ସଂଶୋଧନର ଚେଷ୍ଟା କରୁଥିବେ ।

ଏସ୍ଥଳର ଆର୍ଥିକ ଅବସ୍ଥା ଭଲ ଅଟଇ । ନାଉକ ମଙ୍ଗଳକୃତ ଓ ଦୁର୍ବଳ ଜନ୍ମାଦ ଏବର୍ଷ ପଡ଼ିଯିବାରୁ ଅଭିକ୍ଲୁ ବ୍ୟୟ ହୋଇଥିଲା ଓ କେତେକ ପାଉଣା ମଧ୍ୟ ବାକି ରହିଅଛି । ଋଣ କରିବା କମା ଲୋକଙ୍କର ପାଉଣା ବାକି ପକାଇବା ଭଲକାର୍ଯ୍ୟ ନୁହଇ । ଆୟ ଅନୁସାରେ ବ୍ୟୟ ହୋଇଥିଲେ ସେପରି କଷ୍ଟ ନ ଆନ୍ତା । ଆୟ ବ୍ୟୟପ୍ରତି ଦେୱାନଙ୍କର ତୀକ୍ଷ୍ଣଦୃଷ୍ଟି ରଖିବାର ଉଚିତ ।

---

## ଆସାମର କୁଲିଙ୍କ କଥା ।

ଆସାମର ଲୋକସଂଖ୍ୟା ପ୍ରାୟ ୪୫ ଲକ୍ଷ । ଏପ୍ରଦେଶରେ ୯୨୧ ଟୀ-ବଗିଚା ଅଛି ଏବଂ ଏଥିରେ ୩ଲକ୍ଷ କୁଲି କାର୍ଯ୍ୟ କରନ୍ତି । ସନ ୧୮୮୫ ସାଲରେ ୨୧୪୦୧ ଜଣ ଏବଂ ସନ ୧୮୮୬ ସାଲରେ ୩୮୯୧୪ ଜଣ କୁଲି ଆମଦାନୀ ହୋଇଥିଲେ । କୁଲି ବ୍ୟବସାୟଟି କେତେ ବୃହତ ପାଠକମାନେ ଏଥିରୁ ଅନୁମାନ କରିବେ । ଆମ୍ଭେମାନେ ଗତ ସପ୍ତାହରେ କହିଅଛୁଁ ଯେ ଗୋଟିଏ କୁଲି ଆମଦାନୀ କରିବାକୁ ୧୦୦ଙ୍କାରୁ ୫୦ଙ୍କାପର୍ଯ୍ୟନ୍ତ ପଡ଼ଇ । ପ୍ରତ୍ୟେକ କୁଲିଠାରୁ ୩ ବର୍ଷ କାର୍ଯ୍ୟ କରିବାର କରାରନାମା ନିଆଯାଏ । ପ୍ରତ୍ୟେକ କୁଲି ଅର୍ଥାତ ମୂଲିଆର ମୂଲ ମାସକୁ ୫ଙ୍କା ଓ ମୂଲିଆଣୀର ମୂଲ ମାସକୁ ୪ ଙ୍କା ଅଟଇ । କୁଲିମାନେ ସପ୍ତାହରେ ୬ ଦିନ କର୍ମ କରି ଏକଦିନ ବିଶ୍ରାମ ଲଭନ୍ତି । ପ୍ରତିଦିନ ଯେତେ କାର୍ଯ୍ୟ କରିବାକୁ ହେବ ତାହାର ରେଟ ଅଛି । ତାହାରୁ ଅଧିକ ଯେ କରିବ ସେ ଅଧିକା ପାଇବ ଓ ଊଣା କଲେ ମଲ କଟାଯିବ । ପୀଡ଼ିତ ହୋଇ କର୍ମ କରି ନ ପାରିଲେ ଅଧା ମୂଲ ପାଇବ ।

ସରକାରୀ ରିପୋର୍ଟରୁ ପାଦ୍ରୀ ହାରଉଟ ସାହେବ କୁଲିଙ୍କ ଅର୍ଜନ ବିଷୟରେ ନିମ୍ନଲିଖିତ ଅଙ୍କମାନ ସଂଗ୍ରହ କରିଅଛନ୍ତି ଯଥା—ଜଣେ ମୂଲିଆ ମାସକୁ ହାରାହାରିରେ ଟ ୫।୮/ ଏବଂ ବଳୁଆ ହେଲେ ଟ ୭।୮/ ଓ ଜଣେ ମୂଲିଆଣୀ ମାସକୁ ହାରାହାରିରେ ଟ ୩।୯/ ଏବଂ ବଳୁଆ ହେଲେ ଟ ୫।୮/ ଅର୍ଜିଅଛି । ମାସକୁ ୨୬ଦିନ ହିସାବରେ ହରବରରେ ମୂଲିଆର ଟ ୦।୩ ଓ ମୂଲିଆଣୀର ଟ ୦।୯ ଦିନାକ ମୂଲ ପଡ଼ୁଅଛି । ସ୍ତ୍ରୀ ପୁରୁଷ ଦୁହେଁ ମିଶି କାର୍ଯ୍ୟ କଲେ ମାସକୁ ଅତି ଊଣାରେ ଟ ୭।୪/ ଓ ଅତିଅଧିକରେ ଟ ୧୨।୫/ ରୋଜଗାର କରିପାରନ୍ତି । ୧୨ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଗୋଟିଏଟିକ ବା ଝିଅ ମାସକୁ ଟ ୨୪ ଙ୍କା ଅର୍ଜିପାରେ । ଏହି ସମସ୍ତ ଅଙ୍କରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଆସାମରେ ମୂଲ ଲାଗିବା ମୂଲିଆଙ୍କ ମୂଲ ଏପ୍ରଦେଶର ମୂଲିଆଙ୍କ ମୂଲର ପ୍ରାୟ ଦେଢ଼ଗୁଣ । ପୁଣି ଯେଉଁମାନେ ଏକରାରନାମା ଅନୁସାରେ ୩ ବର୍ଷ କର୍ମ କଲା ଉତ୍ତାରୁ ଅଭି ଏକବର୍ଷ ବା ଅଧିକକାଳ ଚୁକ୍ତି କରିବାକୁ ସମ୍ମତ ହୁଅନ୍ତି ସେମାନେ ଏକଟଙ୍କା ଲେଖାଏଁ ମାସକୁ ଅଧିକା ପାନ୍ତି ଯଥା ପୁରୁଷ ଟ ୬ ଙ୍କା ଓ ସ୍ତ୍ରୀ ଟ ୫ଙ୍କା । ଏପ୍ରକାର କୁଲିପୁରୁଷଙ୍କର ଜଣପ୍ରତି ମାସକୁ ଆୟ ଅତି ଅଳ୍ପରେ ଟ ୫।୪/ ଓ ଅଧିକରେ ଟ ୮।୪/ ଏବଂ ପ୍ରତି ସ୍ତ୍ରୀର ଯଥାକ୍ରମେ ଟ ୪।୫ ଓ ଟ ୮।୪/ ପଡ଼ଇ । ଏରୂପ ହିସାବ କଲେ ସ୍ତ୍ରୀ ପୁରୁଷ ଓ ବୃକ୍ଷ

Digitized by srujanika@gmail.com

ଜଣ ପିଲା ପିଲି ଥିବା ଗୋଷ୍ଠୀଏ ପରିବାର ମାସକୁ ହାରାହାରି ଟ ୨୦।୨୧ ଙ୍କା ଅର୍ଜି ପାରନ୍ତି ଏବଂ ସେପ୍ରଦେଶରେ ସର୍ବଦା କୁଲି ଲୋଡ଼ା ହେଉଥିବାରୁ କର୍ମ ବିନା ସେମାନଙ୍କୁ ବସି ରହିବାକୁ ହେବ ନାହିଁ ସୁତରାଂ ପରିଶ୍ରମୀ ମୂଲିଆଙ୍କ ସକାଶେ ଆସାମପରି ଅଧିକ ରୋଜଗାରର ସ୍ଥାନ ଅନ୍ୟ କୌଣସିଠାରେ ନାହିଁ ଏବଂ ଏପ୍ରଦେଶରେ ଯେଉଁମାନେ ମୂଲ ନ ପାଇ କଷ୍ଟଭୋଗ କରୁଅଛନ୍ତି ଅଥବା ଅଧିକ ପରିଶ୍ରମ କରି ଅଳ୍ପରୋଜଗାର କରୁଅଛନ୍ତି ସେମାନେ ସେଠାକୁ ଗଲେ ନିଶ୍ଚିନ୍ତରେ ଜୀବନଯାତ୍ରା ନିର୍ବାହ କରିବେ ଏବଂ ଦୁଇଟଙ୍କା ହାତରେ ରଖିବେ ଏଥିରେ ସନ୍ଦେହ ନାହିଁ । ପ୍ରକୃତରେ ପାଦ୍ରିସାହେବ ଦେଖିଅଛନ୍ତି କି ଜଣେ୨ ମୂଲିଆ ମୂଲ ଲାଗି, ଦୁଧ ଦହି ବିକିବା ଅନ୍ୟ ଧନ୍ଦା କରି ବଡ଼ଲୋକ ହୋଇଅଛନ୍ତି ଅର୍ଥାତ୍ ଅର୍ଥ ସଞ୍ଚୟ କରି ସୁଖରେ ରହୁଅଛନ୍ତି ।

ଉପରଲିଖିତ ବିବରଣରୁ ଦେଖା ଯାଉଅଛି ଯେ ଆସାମକୁ କୁଲି ହୋଇଯିବା ଲାଭଜନକ । ଆପତ୍ତିମଧ୍ୟରେ ଅତ୍ୟାଚାର । ଏପ୍ରସଙ୍ଗରେ ପାଦ୍ରି ସାହେବଙ୍କ କଥା ଗତସପ୍ତାହରେ ଲେଖିଅଛୁଁ ମାତ୍ର ଏଥିପୂର୍ବେ ପ୍ରକାଶ ହୋଇଥିବା ଭାରତସଭାର ଆବେଦନପତ୍ର ଓ ସମ୍ବାଦପତ୍ରର ପ୍ରକାଶ ସଙ୍ଗେ ତାହା ମେଳ ନାହିଁ । ଯେଉଁଠାରେ ୩ ଲକ୍ଷ ଲୋକ କାର୍ଯ୍ୟ କରୁଅଛନ୍ତି ସେଠାରେ କେତେଲୋକଙ୍କ ଉପରେ ଅତ୍ୟାଚାର ହେଉଥିବ ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ କିନ୍ତୁ ଅନେକଲୋକଙ୍କ ଉପରେ ଅତ୍ୟାଚାର ହେଉଥିଲେ ବର୍ଷକୁ ବର୍ଷକୁ ଏତେ କୁଲି ଯାନ୍ତେ ନାହିଁ ତମା କାର୍ଯ୍ୟ କରିବା ଅସମ୍ଭବ ହୁଅନ୍ତା । ଏକ୨ ସ୍ଥଳେ ଗୁରୁତର ଅତ୍ୟାଚାର ହୁଏ ଏଥିରେ ସନ୍ଦେହ ନାହିଁ ଅଥବା ଗରିବଲୋକମାନେ କେଉଁଠାରେ ଅବା ଅତ୍ୟାଚାର ସହୁ ନାହାନ୍ତି ? ଆମ୍ଭମାନଙ୍କ ବିବେଚନାରେ ସାହେବଲୋକ ଅତ୍ୟାଚାର କଲେ ତହିଁର ପ୍ରତୀକାର ପ୍ରାୟ ଅସମ୍ଭବ ହେବାରୁ ସେ କଥାଟା ବଡ଼ ହୋଇ ପଡ଼ିଅଛି ଏବଂ ଏକରାରନାମା ଦେଇ କାର୍ଯ୍ୟ କରିବାର ଆଇନମଧ୍ୟ କଷ୍ଟକର ହୋଇଅଛି । ଯେଉଁଠାରେ ଅଧିକ ରୋଜଗାର ଥିବାରୁ ହଜାର୨ ଲୋକ ପ୍ରତିବର୍ଷ ଯାଉଅଛନ୍ତି ସେଠାରେ ସ୍ୱାଧୀନ ନିୟମରେ କୁଲି ପ୍ରାପ୍ତ ହେବାର ବାଧା ନ ଅଛି ଯେ ତହିଁପାଇଁ କଠୋର ଆଇନର ପ୍ରୟୋଜନ ହୋଇଅଛି । କୁଲିଆଇନଦ୍ୱାରା କୁଲିମାନେ ଦାସତ୍ୱବନ୍ଧନରେ ପଡ଼ିଅଛନ୍ତି ବୋଲି ଏତେ ଗୁହାରି । ସ୍ୱଇଚ୍ଛାରେ ସେମାନେ ଯାଇ ଆସି ପାରିଲେ କିଛିକଥା ହେବ ନାହିଁ । ଏବଂ ଚା—ବଗିଚାର ଅଧିକାରୀ ଓ କୁଲିମାନେ ଏକମାତ୍ର ଆପଣା୨ ସ୍ୱାର୍ଥଦ୍ୱାରା ଚାଳିତ ହେବାରୁ ପରସ୍ପରକୁ ଆଦର କରିବେ ।

---

# ସାପ୍ତାହିକ ସଂବାଦ ।

ଓଡ଼ିଶାର ନିମକ ମହକୁମା ମାନ୍ଦ୍ରାଜର ଅଧୀନ ହେବାରୁ ଲୁଣର ମୂଲ୍ୟ ବୃଦ୍ଧି ହୋଇ ଲୋକଙ୍କ କଷ୍ଟର ସୀମା ନାହିଁ ଗଲ କେବଳ ପୁଲାସର ବୋଇବାକୁ ହେବ କାରଣ ତତ୍ର ଇଲାକା କାର୍ଯ୍ୟରେ ନିଯୁକ୍ତ ଥିବା ଅନେକ ହେଡ଼ କନଷ୍ଟବଲ ଓ କନଷ୍ଟବଲମାନଙ୍କର ନାମ ସୁଦ୍ଧା ଗେଜେଟରେ ଛପା ହୋଇଅଛି । ଏମାନେ ରେବନ୍ୟୁ ଅଫିସରର କ୍ଷମତା ପାଇଅଛନ୍ତି ।

ପୁରୀରୁ ପଣ୍ଡିତ ଭଗବତ ରାମାନୁଜ ଦାସ ଲେଖିଅଛନ୍ତି କି କାଶୀ ବିଶ୍ୱନାଥଙ୍କ ମନ୍ଦିରରେ ଆକାଶରୁ ଖଣ୍ଡିଏ ସ୍ୱର୍ଣ୍ଣପତ୍ର ପଡ଼ିବା ଓ ତହିଁରେ ଭବିଷ୍ୟତ୍‌କଥା ଲେଖାଥିବାର ସମ୍ବାଦପତ୍ରମାନଙ୍କରେ ଯାହା ପ୍ରଚାରିତ ହୋଇଥିଲା ସେ ସମ୍ବନ୍ଧରେ ପଣ୍ଡିତ ମହାଶୟ କାଶୀର ମହାରାଜାଙ୍କ ନିକଟକୁ ପତ୍ର ଲେଖି ଉକ୍ତ ସମ୍ବାଦ ମିଥ୍ୟା ଥିବାର ଉତ୍ତର ପାଇଅଛନ୍ତି ।

## କଲିକତା-ଗେଜେଟ ।

ପୁରୀର ଏକଟିଂ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଗଗନଚନ୍ଦ୍ରଦାସ ପ୍ରଥମଶ୍ରେଣୀମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ଭଦ୍ରକର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଅଟଲବିହାରୀ ମିତ୍ର ଫୌଜଦାରୀ ମୋକଦ୍ଦମାରେ ସରସରି ବିଚାରର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

କଟକର ଆଃ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏଫ୍, ଏମ୍, ହେଲନ ସାହେବ ପ୍ରଥମଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇ ଅଛନ୍ତି ।

ଅନୁଗୁଳର ତହସିଲଦାର ବାବୁ ନାରାୟଣଚନ୍ଦ୍ରନାୟକ, ପ୍ରଥମଶ୍ରେଣୀୟ ମାଜିଷ୍ଟ୍ରେଟଙ୍କ ଓ କିଛିକାଳ ନିମନ୍ତେ ସରସରି ବିଚାରର କ୍ଷମତା ପ୍ରାପ୍ତ ହେଲେ ।

ଅନୁଗୁଳର ବନ୍ଦୋବସ୍ତକାର୍ଯ୍ୟର ସବ୍‌ଡେପୁଟି କଲେକ୍ଟର ବାବୁ ହରଲାଲ ସରକାର ତୃତୀୟଶ୍ରେଣୀୟ ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇ ଅଛନ୍ତି ।

ମିଃ ଯେ, ପି, ହୁସର୍ଥି ଅସ୍ଥାୟୀଭାବେ ଯାଜପୁର ବଦଳରେ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରପଦରେ ଓ ମିଃ, ଏ, ମନମ୍ବୁ ବ୍ରାହ୍ମଣୀ ବୈତରଣୀ ଡିଭିଜନର ଏକଜିକ୍ୟୁଟିଭ ଇଞ୍ଜିନିୟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଚଳିତବର୍ଷର କଟକ ସର୍ଭେସ୍କୁଲର ଶେଷପରୀକ୍ଷାର ଫଳପ୍ରକାଶିତ ହୋଇଅଛି । ୧ ମ ଶ୍ରେଣୀରେ ଜ ୯ ଣ ୨ ୟରେ ଜ ୭ ଣ ଏବଂ ୩ ୟରେ ଜ ୩ ଣ ସର୍ବସୁଦ୍ଧା ଜ ୧୮ ଣ ପାସ କରିଅଛନ୍ତି ।

---

ଅଯୋଧ୍ୟାର ଉନ୍ନାନାମକ ସ୍ଥାନରେ ଗତ ବୃଷ୍ଟିରେ ଜ ୧୫ ଣ ଲୋକ ଘର ଓ ଦୋକାନ ପତିତହେବାରୁ ପୋତିପଡ଼ି ମରିଯାଇଛନ୍ତି ।

## ତଣାହଟ୍ଟା-ସମ୍ବାଦ ।

କାକଟପୁର ଗ୍ରାମରେ ଜଣେ ବ୍ରାହ୍ମଣର ଗୋଟିଏ ମେଣ୍ଢା ଜନ୍ମ ହୋଇଅଛି, ତାହାର ୮ ଗୋଟି ଗୋଡ଼ ଏହି ୮ ଗୋଟି ଗୋଡ଼ ଯଥାସ୍ଥାନରେ ଦୁଇଗୋଟି ଲେଖାଏ ହୋଇଅଛି । ମେଣ୍ଢାଟି ଅଦ୍ୟାପି ଜୀବିତରେ ଅଛି । —। କଳିକାଳପ୍ରସାଦରୁ କେତେ ଅଦ୍ଭୁତ ଦେଖାଯାଉଅଛି ।

" ଧାନହରା " ଗ୍ରାମରେ ଜଣେ ମୁସଲମାନ ଆପଣାଗୃହରେ ଶୋଇଥିଲା; ନିଶା ଅର୍ଦ୍ଧସମୟରେ ହଠାତ୍ ଉଠି ପ୍ରାୟ ଅର୍ଦ୍ଧମାଇଲଦୂର ଏକ ନିର୍ଜ୍ଜନ ସ୍ଥାନକୁ ବାହାରିଯାଇ ତହିଁ ଆରଦିନ ଆପଣା ଗୃହକୁ ଆସି କହିଲା ମୋତେ ଭୂତ ଉଠାଇନେଇ ଗୋଅଣ୍ଠିରେ କଣ୍ଟକ ପ୍ରହାର କରିଅଛି । ବାସ୍ତବରେ ମୁସଲମାନଟି ଦେହରେ ସ୍ଥାନେ୨ ପ୍ରହାରଚିହ୍ନ ଦେଖାଗଲା । କିନ୍ତୁ ଏହା ଭୂତ କି ନିଶାର କରାମତ ପାଠକମାନେ ବିଚାର କରିବେ ।

## କେନ୍ଦ୍ରାପଡ଼ା ସମ୍ବାଦ ।

ମୌଜେ ଧୂମାତ । କି । ଗରଡ଼ାମରପୁରର ରାଇତମାନଙ୍କର ଘର ନଦୀବଢ଼ି ଜଳରେ ଭାଙ୍ଗି ନଷ୍ଟ ହୋଇଥିବାରୁ ସେଠାର ଜମିଦାର ଶ୍ରୀମତୀ ଚମତ୍କାରମୋହିନୀ ଦେବ୍ୟା ଟ ୧୫୦୧ ଙ୍କା ରଏତମାନଙ୍କୁ ସାହାଯ୍ୟ କରିବା କାରଣ ତାଙ୍କ ମେନେଜରଙ୍କ ନିକଟକୁ ହୁକୁମ ପଠାଇଅଛନ୍ତି । ଏଠାରେ ମଶାର ଦୌରାତ୍ମ୍ୟ ଭାରି ହୋଇଅଛି ।

କେନ୍ଦ୍ରାପଡ଼ା ମୁନସଫି ମହକୁମାର ଜଣେ ଉକିଲ ବାବୁ ଜ୍ଞାନଚନ୍ଦ୍ର ଗୁପ୍ତ ସିରସ୍ତାଦାର ଓ ନାଜର ଉତ୍କୋଚ ନେବା ବିଷୟ ମୁନସଫ ସାହେବଙ୍କୁ ଜଣାଇଲେ ତହିଁର ପ୍ରମାଣ ମୁନସଫସାହେବଙ୍କ ଗୁହାରିବାରେ ଦେଇ ନ ପାରିବାରୁ ସାହେବ କିଞ୍ଚିତ ତାଙ୍କ ପ୍ରତି ଅନୁଗ୍ରହ ପ୍ରକାଶ କରି ତାଙ୍କୁ କେବଳ ତାକିଦ କରିଦେଇଅଛନ୍ତି ଉକିଲ ବାବୁଙ୍କର ଏପ୍ରକାର କରିବା ଉଚିତ ନ ଥିଲା ଯଦି କରିଥିଲେ ତେବେ ସାବୁଦ ପହଞ୍ଚାଇଥିଲେ ଉତ୍ତମ ହୋଇଥାନ୍ତା ।

କେନ୍ଦ୍ରାପଡ଼ା ଥାନା ମଧ୍ୟରେ ଓଲାଉଠାର ପ୍ରାଦୁର୍ଭାବ ଏପର୍ଯ୍ୟନ୍ତ ବନ୍ଦ ହୋଇ ନାହିଁ ସମଏ୨ ମନୁଷ୍ୟ ନଷ୍ଟ ହେଉଅଛନ୍ତି ।

ବାଲେଶ୍ୱରରୁ ଆସୁଥିବା ବୋଟର ଏକଜଣ ଖଲାସି ଏକମୋଡ଼େଶନ ବୋଟର ବୈଠି ବାନ୍ଧି ବୋଟ ଗୁଣବାରେ ତାହାର ଗୋଡ଼ ବୈଠିରେ ଗୁଡ଼ାଇଯାଇ ଖଣ୍ଡରେ ଘଷିହେବାରୁ ତାହାର ଗୋଡ଼ ଭାଙ୍ଗିଯାଇଅଛି ସେ ବ୍ୟକ୍ତି କଟକ ମେଡ଼ିକାଲ ହାସପାତାଲରେ ଅଛି ଶୁଣୁଛୁ ଶ୍ରୀ ଓଡ଼ାଇଗନ ସାହେବ ସିବିଲ ଓ ସେସନ ଜଜ ସେ ବୋଟରେ ନ ଥିଲେ ଖଲାସିର ପ୍ରାଣ ପାଇବା ଅତିଶୟ କଷ୍ଟକର ଥିଲା ସାହେବ ପ୍ରଶଂସିତ ସେ ବ୍ୟକ୍ତିର ଅନେକ ଉପାୟ କରିଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ ।

ଗତ ୩୫ ସଂଖ୍ୟକ ଦୀପିକାରେ ଖେଡ଼ିଆଲର ଯୁବରାଜଙ୍କଦ୍ୱାରା ଯେଉଁ କପୋତପ୍ରଣାଳୀ ବସିବା ପ୍ରସ୍ତୁତ ହୋଇଅଛି ତାହା ଅବଶ୍ୟକ

Split by PDF Splitter

Digitized by srujanika@gmail.com

ତେବେ ପ୍ରସ୍ତୁତ କରିବା ସହଜ ନୁହେ । ପୂର୍ବାରୁ ପ୍ରସ୍ତୁତ କରି ରଖିଥିଲେ କେତେଦିନ ପର୍ଯ୍ୟନ୍ତ ତାହାର ଗୁଣ ସ୍ଥାୟୀ ହେବ ଆଉ କପର କୌଶଳରେ ରଖିଲେ ତାହା ବହୁଦିବସ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ହେବ । ଏ ବିଷୟ ତହିଁରେ ଉଲ୍ଲେଖ ନ ଥିବାରୁ ପ୍ରାୟ ଅଧିକାଂଶ ଲୋକ ସନ୍ଦିଗ୍ଧ ଅଛନ୍ତି । ଭରସା କରେଁ କବିରାଜ ମହାଶୟ ସାଧାରଣଙ୍କର ସନ୍ଦେହ ଭଞ୍ଜନ କରିବାକୁ ଯତ୍ନବାନ୍ ହେବେ ।

ଆପଣଙ୍କ ଏକାନ୍ତ ବଶମ୍ବଦ } ଶ୍ରୀ ନୀଳକଣ୍ଠ ଦାସ ଚଣାହଟ୍ଟା ।

---

ମହାଶୟ ।

କଟକର ଏହି ପତ୍ରିକାରେ ଅନନ୍ତବ୍ରତର ପରିବର୍ତ୍ତ ମତ ଲେଖା ଯାଇଥିବାସ୍ଥଳରେ ଯେଉଁ ବାକ୍ୟ ଲେଖା ଯାଇଅଛି ସେହିବାକ୍ୟ ଯେଉଁ ପୁସ୍ତକରେ ଲେଖାଥିଲା ତହିଁରେ " ତଥି " ପଦ ପ୍ରୟୋଗ ହୋଇଥିବାରୁ ତାହା ପ୍ରମାଣ ସ୍ୱରୂପ ଦିଆଯାଇ ଥିଲା ମାତ୍ର ବର୍ତ୍ତମାନର ତହିଁର ଆନ୍ଦୋଳନ ହେବାରୁ ମାଧବାଚାର୍ଯ୍ୟ କାଳକାର ଟୀକାସହିତ ମୂଳକୁ ମିଳାଇବାରେ ଉକ୍ତ ବାକ୍ୟ "ନହି" ସ୍ଥଳରେ ତଥି ଭ୍ରମରୁ ଲେଖା ହୋଇଥିବାର ଦେଖାଗଲା, ଯେହେତୁ ସେହି ବାକ୍ୟର ଟୀକାରେ ପ୍ରକାଶରୂପେ ଅନନ୍ତବ୍ରତଠାରେ ତ୍ରିମୁହୂର୍ତ୍ତ ନିୟମ କହନ୍ତ ନ ଥିବାର ପ୍ରକଟିତ ହୋଇଅଛି, ତାହା ଏହି ନିମ୍ନେ ପ୍ରକାଶ କରାଗଲା ଯଥା । "

ଚତୁର୍ଦ୍ଦଶ୍ୟବ୍ରତ ଶୁକ୍ଲା ପକ୍ଷା କୃଷ୍ଣଚତୁର୍ଦ୍ଦଶୀ । ଉଦୟେ ତ୍ରିମୁହୂର୍ତ୍ତାପି ଗ୍ରାହ୍ୟାନନ୍ତବ୍ରତେ ନହି ୮୬ ଟୀକା ।

ଚତୁର୍ଦ୍ଦଶୀତ-ବ୍ରତାନ୍ତରେଷୁ ଉଦୟେ ତ୍ରିମୁହୂର୍ତ୍ତଗା ଶୁକ୍ଲଚତୁର୍ଦ୍ଦଶୀ ପରବିଦ୍ଧା ଗ୍ରାହ୍ୟା, ଅନନ୍ତ ବ୍ରତେ ତୁ ନାସ୍ତି ତ୍ରିମୁହୂର୍ତ୍ତନିୟମଃ । ଇତି ମାଧବାଚାର୍ଯ୍ୟକାରିକାୟାଂ ।

ପୁନଶ୍ଚ—ଶୁକ୍ଲା ଯଦାପି ପୂର୍ବୈବ ଯଦସା ସ୍ୟାଦପରାହ୍ନିକୀ—ଟୀକା—ସର୍ବେଷ୍ୱପିମାସେଷୁ ଅପରାହ୍ନେ ସ୍ପର୍ଶେ ସତି ଶୁକ୍ଲଚତୁର୍ଦ୍ଦଶୀ ପୂର୍ବବିଦ୍ଧୈବ ଗ୍ରାହ୍ୟାସ୍ୟାତ୍ ।

ଉପର୍ଯ୍ୟୁକ୍ତ ବାକ୍ୟ ପ୍ରମାଣତଃ ଅନନ୍ତବ୍ରତସ୍ୟ ମଧ୍ୟାହ୍ନବ୍ୟାପିତ୍ୱଂ ସୂଚିତଂ ଯତଃ-ମଧ୍ୟାହ୍ନେ ଭୋକ୍ତ୍ୟବେଳାୟାଂ ସମୁତ୍ତୀର୍ଯ୍ୟ ସରିତ୍ତଟେ । ଇତି କୃତକଥା ଶ୍ରବଣାତ୍ ଶୀଲା ମଧ୍ୟାହ୍ନସମୟେ ସରିତ୍ତଟେ ନାରୀଣାଂ ବ୍ରତବଧୂଂ ଦୃଷ୍ଟ୍ୱା ତାନ୍ ପ୍ରତି କୃତୋପଦେଶଂ ପ୍ରାପ୍ତଂ ।

ଫଳତଃ ଶୀଳା ମଧ୍ୟାହ୍ନ ସମୟରେ ସରିତ୍-ତଟରେ ନାରୀମାନଙ୍କର ବ୍ରତବିଧାନକୁ ଦେଖି ସେମାନଙ୍କଠାରୁ ବ୍ରତବିଧିର ଉପଦେଶ ନେଇଥିଲା ଏହି ବ୍ରତକଥାବାକ୍ୟରୁ ବ୍ରତକାଳ ମଧ୍ୟାହ୍ନ ସୂଚିତ ହୁଅନ୍ତେ ପତ୍ରିକାରେ ଯେଉଁ ପୂର୍ବଦିବ ମଙ୍ଗଳବାରଦିନ ଅନନ୍ତବ୍ରତ କରିବାର ସ୍ଥିର କରା ଯାଇଥିଲା ଏବେ ନିଶ୍ଚୟରୂପେ ସେହି ମଙ୍ଗଳବାରଦିନ ଅନନ୍ତବ୍ରତ କରିବାର ସିଦ୍ଧାନ୍ତ କରାଗଲା । ଇତି ।

ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ।

---

To the Editor Utkal Dipika,

Cuttack.

Sir,

About a year and half ago, two students of Parlakemedy High school visited certain places of this District, and held meetings, preaching to the public that they were going to address His Excellency the Viceroy and Governor General of India to recognise Uriya as the Court language in the Ganjam and Jeypur Districts.

When they subsequently visited the places, they informed the public that their memorial to the Viceroy was to be signed by one lac of Uriya people. For this purpose, they said they would visit every village in Ganjam and Jeypur and requested pecuniary help from some respectable people to meet their travelling expenses while on tour. After collecting some money in this way, one left the place for Berhampore to study for the F. A. Examination, and the other is employed as a teacher at Singapur in Jeypur Maliahs.

Will you or any of your numerous readers kindly inform me how the money thus collected is being utilized for the purpose for which it was intended.

Ganjam 31—8—88. } I am, Yours faithfully An Inquisitive man.

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଜନାର୍ଦ୍ଦନ ପାଠକ | କଟକ ଅଗ୍ରିମ | | ୫ ୧୯ |
| " ଜଗବନ୍ଧୁ ମହାନ୍ତି | ପଟାମୁଣ୍ଡେଇ | " | ୫ ୧୫ |
| " ଚୈତନ୍ୟ ମିଶ୍ର | ଅସୁରେଶ୍ୱର | " | ୫ ୧୯ |
| " ହରେକୃଷ୍ଣ ଘୋଷ | କଟକ | " | ୫ ୧୯ |
| " ମାଧବାନନ୍ଦ ମହାନ୍ତି | କୂଦାଙ୍ଗ | " | ୫ ୩୯ |
| " ଜଗନ୍ନାଥ ମଲ୍ଲିକ | କଟକ | " | ୫ ୧୯ |
| ମୁନସି ସେଖନନ୍ଦହୁସେନ | " | " | ୫ ୧୪ |
| ବାବୁ ନୀଳମଣି ଦଳ | " | " | ୫ ୧୯ |
| " ରଘୁନାଥ ଘୋଷ | " | " | ୫ ୧୯ |
| " ଗୋପାଳବନ୍ଧୁ ଦାସ | ବାଲେଶ୍ୱର | " | ୫ ୩୯ |
| " ହରେକୃଷ୍ଣ ନାୟକ | କାଉପଟଣା | " | ୫ ୩୯ |
| " ପଣ୍ଡିତମହାନ୍ତି ହେଡମାଷ୍ଟର ସୋର୍ଣ୍ଣ ବଙ୍ଗସ୍କୁ | | • | ୫ ୧୯ |
| ଶ୍ରୀ ମୁକୁନ୍ଦଦେବ ମହାରାଜ | | ପୁରୀ ଅଗ୍ରିମ | ୫ ୩୯ |
| " | | " ବକେୟା | ୫ ୨୦ |
| ବାବୁ ଜନାର୍ଦ୍ଦନ ଦାସ | | କଟକ ଅଗ୍ରିମ | ୫ ୧୯ |
| " ରାଧାମୋହନ ଦାସ | କେନ୍ଦ୍ରାପଡ଼ା | " | ୫ ୩୯ |
| " କାଳୀପଦ ବାନାର୍ଜ୍ଜି | କଟକ ନଈଶ | | ୫ ୨୯ |
| " ହରେକୃଷ୍ଣ ଦାସ | ସୁଭାହାଟ ଅଗ୍ରିମ | | ୫ ୧୯ |
| " ଶ୍ୟାମସୁନ୍ଦର ମିଶ୍ର | କଟକ | " | ୫ ୩୯ |

---


# ବିଜ୍ଞାପନ ।

## NOTICE.

Key to New Royal Readers No II is out. Price 3 ( Three ) annas.

To be sent by value-Payable post.

*Apply to the Secretary Printing Company Cuttack.*

---

ନ ୧୦୯ ମ୍ବର ଡିକ୍ରୀଜାରି ସନ ୧୮୮୮ ମସିହା ।

ବିଜ୍ଞାପନ ।

ହରଗ୍ରାମ ଓଗେର ଡାହମାନେ ହାଜି ଅବଦୁଲ ରହେମାନ ମୁନ୍ସୀ ପ୍ରତିବାଦୀ

ଏ ମୋକଦ୍ଦମାରେ ବାଦୀମାନଙ୍କର ପାଉଣା ଟ ୫୨୮୩/ ଅସୁଲ ନିମନ୍ତେ ପ୍ରତିବାଦୀର ତଳ ଲିଖିତ ଜାଏଦାଦମାନ ସନ୍ ୧୮୮୮ ମସିହା ସେପ୍ଟେମ୍ବରମାସ ତା ୨୯ ରିଖ ଦେଳ ସ ୧୨ ଘ ସମୟେ ସଦର କଟକ ଜୋଦ୍ଧ ମୂକାମରେ ନିଲାମ ହେବ ।

ତପସିଲ ।

ନ ୧ ମ୍ବର ମାନସ୍ତ ବୋଟ ଗୋ ୧ ଟା ତ ଯହିଁର ଲମ୍ବା ଫୁ ୫୮।୭ ଓ ଚଉଡ଼ା ଫୁ ୧୪ ଟ ଓ ଗହିରା ଫୁ ୯ ଟ ଅଟେ . ଉକ୍ତ ବୋଟ ମଧ୍ୟ ତାହା ଉପସ୍ତିତ ହେବା ସମ୍ବନ୍ଧୀୟ ଉପସାଜମାନ ।

ନ ୨ ମ୍ବର ମାନସ୍ତ ବୋଟ ଗୋ ୧ ଟା ତ ଯହିଁର ଲମ୍ବା ଫୁ ୫୦ ଟ ଓ ଚଉଡ଼ା ଫୁ ୧୨ ଟ, ଗହିରା ଫୁ ୭।୧୦ ଅଟେ ଉକ୍ତ ବୋଟ ମଧ୍ୟ ତାହା ଉପସ୍ତିତ ହେବା ସମ୍ବନ୍ଧୀୟ ଉପସାଜମାନ ।


Split by PDF Splitter
Digitized by srujanika@gmail.com

ନଂ ୩ ନମ୍ବର ମାନ୍ଦରଜ ବୋଟ ଗୋ ୧ ଟା ଓ ଯାହାର ଲମ୍ବା ଫୁ ୪୬ ଟ ଚଉଡ଼ା ଫୁ ୧୦ ଟ ଗହିରା ଫୁ ୨।୩ ଅଟେ ଉକ୍ତ ବୋଟ ନଏ ତାହା ଚଳପ୍ରଚଳ ହେବା ସମ୍ବନ୍ଧୀୟ ଇନି-ସାଇମାନ ।

ନଂ ୪ ନମ୍ବର ମାନ୍ଦରଜ ବୋଟ ଗୋ ୧ ଟା ଓ ଯାହାର ଲମ୍ବା ଫୁ ୫୧ ଟ ଚଉଡ଼ା ଫୁ ୧୨ ଟ ଗହିରା ଫୁ ୨।୨ ଅଟେ ଉକ୍ତ ବୋଟ ନଏ ତାହା ଚଳପ୍ରଚଳ ହେବା ସମ୍ବନ୍ଧୀୟ ଇନ-ସାଇମାନ ।

ନଂ ୫ ନମ୍ବର ଡଙ୍ଗଲ ବୋଟ ଗୋ ୧ ଟା ଓ ଯାହାର ଲମ୍ବା ଫୁ ୪୮ ଟ ଚଉଡ଼ା ଫୁ ୧୨ ଗହିରା ଫୁ ୮।୨ ଅଟେ ଉକ୍ତ ବୋଟ ନଏ ତାହା ଚଳପ୍ରଚଳ ହେବା ସମ୍ବନ୍ଧୀୟ ଇନ-ସାଇମାନ ।

Joges Chandra Mitra
Subordinate Judge.

---

FOR SALE

A small Pheton in good condition with a good Burmah Poney of young age all complete. For further particulars apply to the Editor of Utkal Dipika.

---

ଓଡ଼ିଆ

# ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂ-କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକ୍କା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମସୁଲ ଟ ୦।୵ ପଡ଼ିବ ।

---

ବିଜ୍ଞାପନ ।

ଛନ୍ଦକୌଶିକା ମୂଲ୍ୟ ଟ ୦ ୵

ଏପୁସ୍ତକରେ ଛନ୍ଦମାନଙ୍କର ଉତ୍ପତ୍ତି ଏବଂ ସେମାନଙ୍କର କ୍ରିୟାକଳାପ ବର୍ଣ୍ଣିତ ଅଛି ।

ଲେଖାଚନ୍ଦ୍ରିକା ମୂଲ୍ୟ ଟ ୦ ୵

ଏପୁସ୍ତକରେ ନାନାପ୍ରକାର ଗଣିତବିଷୟକ ଲେଖାମାନ ଉତ୍ତମ କଷା ହୋଇଅଛି ।

ଉପରୋକ୍ତ ଦୁଇପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଆମ୍ଭର ଚନ୍ଦ୍ରଧୂଣ୍ଡିବଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟ୍ଟା ବିକ୍ରୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ଅଳ୍ପସକାଳେ ପାଇପାରିବେ । ସେଥିରେ ଶୃଙ୍ଖଳ ଇତ୍ୟାଦ ବସ୍ତୁ ବଜାରପ୍ରାୟ ମିଶ୍ରିତ ନାହିଁ ଅଛି ଯାହାଙ୍କର ବୃହତ କର୍ମ ପାଇଁ ବେଶି ମଇଦା ଦରକାର ହେବ ତାଙ୍କର କର୍ମର ଆଠଦଶଦିନ ପୂର୍ବରୁ ଫରମାସଦେଲେ ଆମ୍ଭେ ତାଙ୍କୁ ଯୋଗାଇଦେବୁ (ଫଳେକ ପରୀକ୍ଷ୍ୟତେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୨।୪।୮୮ }
କଟକ } ଶ୍ରୀ ଅରଡବଲ୍ଲଭକର ।

---

ଶ୍ରଦ୍ଧୟା ପଠିତବ୍ୟଂ

କଟକଜିଲ୍ଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ ଚିକିତ୍ସକ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଚିକିତ୍ସାରେ ଅନେକାନେକ ଦୁଃସାଧ ରୋଗୀ ଓ ଡାକ୍ତର ଓ କବିରାଜତ୍ୟକ୍ତ ରୋଗୀ ଆରୋଗ୍ୟ ଲଭି ଅଛନ୍ତି । ତାହାଙ୍କ ନିର୍ମିତ ଓଲାଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ଉଦ୍ୟମରେ ସେବନ କଲେ କାଳର ହସ୍ତରୁ ନିସ୍ତାର ପାଇବେ । ତାହାଙ୍କ ନିର୍ମିତ ହେମାଦିକଳ୍ପ ନାମକ ଜ୍ୱରହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରବଡ଼ପଣ୍ଡାଙ୍କର ଗୃହଗୋଷ୍ଠି ଜ୍ୱରରୋଗିମଧ୍ୟରୁ କେହି ମା ୭ ସ, କେହିବା ମା ୫ ସ, କେହି ୨, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏକ ୨ ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାରାଜ ବଲେ ବୋଧ ଓ ଶ୍ରୀ ଯୁକ୍ତ ବାବୁ ଗୌରିଶଙ୍କରରାୟ ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜତ୍ୟକ୍ତ ଏବ ଜଣାଗ୍ରନ୍ଥ-ପ୍ରାଣଗତ ମୂତ୍ରକୃଚ୍ଛ୍ରାକାନ୍ତ ରୋଗିଙ୍କୁ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପର ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯୋଜାପୁର, ଭଦ୍ରଖ, ମାଣିକପଟ୍ଟଣା, ଆଖୁଆପଦା, ଏକମା, ମେଦନୀପୁର, ବୋଧ, ବାଲିପଟ୍ଟଣା, ଡଣାହଟ୍ଟା, ଓ କମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ଦନ୍ତଅରବ, ଓଲାଉଠା, ଅମ୍ଳପିତ୍ତ, ମେଟେଲିଆଜ୍ୱର, ଦୀର୍ଘକାଳସ୍ଥାୟିଜ୍ୱର, ଚନ୍ଦ୍ରାକର୍ଷିତଜ୍ୱର, ପାଳିଜ୍ୱର, ଦାଦୁ, ବାତାଜୀର୍ଣ୍ଣ, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନୈରାଶ୍ୟ ହୋଇ ଉକ୍ତ ଚିକିତ୍ସକ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷିମାନେ ରିପ୍ଲାଇକାର୍ଡ଼ ବା ଡାକଟିକଟ ସହ ପତ୍ର ଲେଖିଲେ ଆଶୁଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

---

# TO THE DEAF.

A 132 page Illustrated Book on Deafness Noises in the head how cured at your homes.

Price 6 annas; Address Dr. Nicholson, 5, Old Court House Street. Calcutta.

# ବଧୀରଙ୍କ ପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା ଏପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଠାର ପୁସ୍ତକ ମୂଲ୍ୟ ଟ ୦।୵ କଲିକତା ଓଲ୍ଡ୍ କୋର୍ଟହାଉସ୍ ଷ୍ଟ୍ରିଟ ନଂ ୫ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଯିବ ।

---

ପ୍ରଧାନ ଚର୍ମରୋଗୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ଶାମେଇଟାନିକ୍ ଔଷଧ ।

ଏତଦ୍ୱାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ଶୃଙ୍ଖଳିତ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାସମୂହରେ ପ୍ରଧାନ ଔଷଧ ବୋଲି ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କ ଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, ଜ୍ୱର, ଉଦରି, କୃମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତିଷ୍କଦୁର୍ବଳ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତ୍ରିକ ଘା, ଶୁକ୍ରକ୍ଷୟ, ମୂତ୍ରରେ କ୍ଲେଦ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଲେଷ୍ମ ।

ଡାକ୍ତର ଜ, ବ, ସାହାଙ୍କ ସାମାଇଟାନ ଔଷଧ ବାହ୍ୟିକ ଲେପନଦ୍ୱାରା ନିମ୍ନଲିଖିତ

Split by PDF Splitter
Digitized by srujanika@gmail.com

ଘାଁଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବିବେଚନ,
ଯଥା;—ଘୋଡ଼ାଘା, ବହୁଦିବସର ଘା,
ଘାଁଡ଼ାବାଯୁକ୍ତ ଘା, କୃମି, ଲୁଣ୍ଡ୍ରେସ୍କା, ଦଦ୍ରୁ,
ପକ୍ଷାଘାତ, କୁଷ୍ଠ, ଅଣ୍ଡଗଣ୍ଡିପୀଡ଼ା, ବାତ, ଗରମି
ଘା, ଓ ନାନାପ୍ରକାର ଚର୍ମ୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ନିୟମମାନ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩। ୪ ଓ ୧୦ ଙ୍କା ଅଟେ ଏତଦ୍‌ବ୍ୟତୀତ ପଠାଇବାପାଇଁ ଟ ° । ବେଶୀଖର୍ଚ୍ଚ ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅନ୍ତଃପାତୀ ବରାନଗର } ଏ, ଡି, ମୁଖର୍ଯ୍ୟା

## ମେହରୋଗ ।

ସପ୍ତାହମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଦ୍ଧାର୍ଥେ ରୋଗକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକପକ୍ଷକାଳ ସେବା କଲେ ନୂତନ ରୋଗ ଏବ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏଥିର ବିଜ୍ଞାପନରେ ପ୍ରତାରଣା ନ ହେଲେ ଆଉ କିଛି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅନ୍ତିମରେ ପୁସ୍ତକାକାରରେ ପ୍ରକାଶ ହେବ କଲିକତା ଅପରଚିତପୁର ରୋଡ଼ ନମ୍ବର ଭବନରେ ଏ, କେ, ଘୋଷ କମ୍ପାନିଙ୍କଠାରେ ଏବ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨ ଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ ।

## ବାଲିକାଗଜ ।

କଲିକତାର ଷ୍ଟ୍ରୀ ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦାସ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା —

| | | |
|---|---|---|
| ୧୫ ପଟି ବାଲି | ପ୍ରତି ୧୬ ଟ ୨୩/ | ଓ ୧୬ ଟ ୦ ୪୭ |
| ୧୭ ପଟି „ | „ ଟ ୨୨ | „ ଟ ୦ ୪୦ |
| ୧୨ ପଟି „ | „ ଟ ୨୧ | „ ଟ ୦ ୪ |
| ୨୨ ପଟି ଭଜଲପଦରଷ୍ଟ୍ରେପ୍ „ | ଟ ୩। | „ ଟ ୦ ୪୭ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ଲଲିତ ଓ ରେସମୀଓରେଗର ଲୁଗା ଓ ଷ୍ଟେସନରୀ ଓ ନାନା ଜାତି ଜିନିଷ ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପସ୍ଥିତ ଆଉ କେତେକ ଫେନ୍ସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବିଲାତି ଛାତି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଛାତିମାନ ବିକ୍ରୟ ହେବା ପର୍ଯ୍ୟନ୍ତ ଅପଣା ମଫସଲ ସକାଶେ ଦରକାର ହୁଏ ତେବେ ଏକ ଗଜକୁ ଟଁ ବଙ୍ଗ ଟ ୦।୬ ହିସାବରେ ଦର ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରଙ୍କ ଉପରେ ଥିବ । ଖରିଦ ହେଲେ ଛାତିର ପରେ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ତଫସିଲ୍ ।

କାଚର ଗେଲାସ ଦ
ଚର୍ଚ୍ଚରେ ଘ୍ରାଣ ହେଲେ
ଗୁଲୋ ।
ଦରେଇଙ୍ଗ
ବଟେଲନ୍ ତେଲ ଅତର
ଗନ୍ଧ ଗୋଲାପ ଓ ଲୋଜ
ଅତର ।
ଟୁପି ଅର୍ଥାତ୍ ନକସା
କଲା ଲାଲର ପେନ-
ସିଲ ଓ କଲମ ।
ପେନ୍ସିଲ ଛୁରି ଇତ୍ୟାଦି ।
ତାସ ସକାଳର ପଠ-
ନାଗର ଓ ଲଫାଫା
ନୋଟ ବୁକ
ଟେବଲ ହଳ ।
ଚଉଦ ସାବୁନ ।
ଚାକାର ସାବାନ ଗର୍ଭ ଲେ
ଲୁଗା ପଟ୍ଟାର ହୁଏ ।
ଅଟୋର ରେଙ୍ଗ—ଅର୍ଥାତ୍
ସୁଗନ୍ଧି ଦ୍ରବ୍ୟ ।
ଜେଲ ବୁଟ ।
ଓଷ୍ଟଲ ବୁଟ୍ ହଡା ।

ବର୍ଣ୍ଣର ଅର୍ଦ୍ଧ ।
ମୋଜେଭାଇନ୍ ।
କାଚ ପେପର ଓ
ବଡ଼ ଲଣ୍ଠନ ଓ ସାଟ
ସଙ୍ଗୀ
ଉର୍ଦ୍ଦ୍ଧ ବୁଟପଲ୍ଲବ
ଏକସଲ ବୁସ
କେଉଣ୍ଟ ଉପୋଲ ସ୍ପ
କେମିଲ ଅଥଲ
ଏ, ଜୋଡ଼ାର ସ୍ତ୍ରୀରେତେ
ଜାମାର ଓ ବୁକୁଡା ।
ଦଲଣ ଅବରୋଟ
ଏକତ ବାଲଇ ।
ଅଷ୍ଟମୈକ ପେନ୍ସିଲ
ଅଛ ଏ ପେନ୍ସିଲରେ
ଲେଖି ଭିଜା ଦେଲେ
ଲେ ଛାପ ହେବ
ପେନ୍ସିଲ ଲେଖା ସ
ରଖେ ହେବ ଉପରେ
ଦେଖେ ଦିନ ନ ହ
ନ ଲେଖି ।

ପୋର୍ଟମାଣ୍ଟ ଓ ପିତଳର
କେଶର ମେଜ ଓ ତଳର
ଲଗେ ଯାହେ
ଟ୍ରଙ୍କ ବାକ୍ସ ଅର୍ଥାତ୍
ଲେଫାଫାକେସ ଯଲ
ଓ ଶୁଖିଲେ ଭଲ
ଥିବ ।
ମସଲା ଟଙ୍କା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ „
ମୋଜା ଓ ମୋଜାବନ୍ଧ
ଲଣ୍ଠନ ୪ଥ ୫୭୫ଇଞ୍ଚ
ଦସଗ ସାବୁନ କଡ଼ା ଓ
ସ୍ପଞ୍ଜ
ଥର୍ମୋମିଟର ।

ଉଲ ଓ ପାଇଜାମା
ଡେରା
ଚୌକିର ଚେନରେ ବଡ଼
ଛାଡ଼ିବାର ଛାତି
ନମୁନା ।
ରେଶମୀ ଓ ସୋଣ୍ଡିର
ଜାମାରସୀ ସାଡ଼ୀ ଓ ଜୋଡ଼
ଓ ଚାଦର
ଶରବ୍ୱତାଗସ ଓ ଫିତା
ପାଡ ଗାଉନ ଓ
ଶାଡ଼ୀ ।
ଟ୍ରିମିଂ କାଚ
ଏକିମୋସ ଅର୍ଥାତ୍ ରସା-
ୟନ ଛପାର ଅକ୍ଷର
ଚମ୍ପାର ଜଳକା ଦର୍ପଣରେ
ଦରକାର ହୁଏ ।

## ପିଚକାର ।

ଏ ଭାରତ୍ନ କେଉଁଣସି ପାଞ୍ଚରେ ଭର୍ତ୍ତି ନଥିବ ଛଉକାଳ ହୋମିଓପ୍ୟାଥିର ଫାଇରେ ଦେଲେ ପାଣିଗଲା ବନ୍ଦ ହେବ ଦରକାର ମଧ୍ୟ ଅଛେ ଲେପିଦେଲେ ମଜବୁତ ଓ ଉଲ ଧରିବ ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇବାର କାଳି ମଧ୍ୟ ଅଛି ।

[ଅର୍ଦ୍ଧେନ୍ଦୁ ଦାସ ଏଣ୍ଡ କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦/ |
| ଅକ୍ଷରପ୍ରତି | ଟ ୵ |
| ଦୁଇ ଏକ ପ୍ରତି | ଟ ୲ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚା ଟ ୦। ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ର ଦ୍ୱାରା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।


ଖ ୨୩ ଶ | ସୁ ୩୮ ସଂଖ୍ୟା

ତା ୨୨ ଶେ ମାହେ ସେପ୍ଟେମ୍ବର ସନ ୧୮୮୮ ଇଂରାଜୀ । ମୁ । ଅଶ୍ୱିନ ୭ ଇ ୭ ସନ ୧୨୯୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬।୦


## ବିଜ୍ଞାପନ ।

ଯେଉଁମାନେ ଅଗ୍ରିମମୂଲ୍ୟ ଦେବା ନିୟମରେ ଗ୍ରାହକ ହୋଇ ଏକବର୍ଷରୁ ଅଧିକ ହେବ କିଛି ଦେଇ ନାହାନ୍ତି ଏବଂ ବିଲ ପଠାଯିବାରେ ସୁଦ୍ଧା ମନୋଯୋଗୀ ହୋଇ ନାହାନ୍ତି ସେମାନଙ୍କୁ ପ୍ରାର୍ଥନା କରୁଅଛୁଁ ଓ ଅନୁଗ୍ରହ ପୂର୍ବକ ଏହି ମାସ ମଧ୍ୟରେ ମୂଲ୍ୟଟଙ୍କା ପଠାଇଦେବେ ଯେଉଁ ଗ୍ରାହକ ଏଥି ମଧ୍ୟରେ କିଛି ନ ପଠାଇବେ ତାହାଙ୍କ ନିକଟକୁ ଆଗାମିମାସ ଆରମ୍ଭରୁ ଭିଲିପେବଲ ଡାକ ପ୍ରେରଣ ହେବ ନାହିଁ ଏବଂ ଯାଉଣା ଅବସ୍ଥାର ଅନ୍ୟ ବନ୍ଦୋବସ୍ତ ହେବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

୧୬।୯।୮୮

---

ଆଳପୁରର ଡକାଇତି ସମ୍ବନ୍ଧରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ପୂର୍ବେ ଉକ୍ତ ସ୍ଥାନରେ କୋଦଣ୍ଡା ପ୍ରଗନା ମଣ୍ଡଳ ବନ୍ଦାମରେ ଗୋଟିଏ ଥାନ୍ନା ଥିଲା । ସେ ଥାନ୍ନା ଉଠିଯିବାରୁ ଆଳପୁର କଟକର ଅଧୀନ ହୋଇଅଛି କିନ୍ତୁ କଟକଠାରୁ ସେ ସ୍ଥାନ ୩୦କୋଶ ଅନ୍ତର ଆଳପୁର ସାଟନିକଟ ଜମା ଫାଳଭପଡ଼ାରେ ଗୋଟିଏ ଥାନ୍ନା ହେଲେ ସେ ଅଞ୍ଚଳ ସୁରକ୍ଷିତ ହେବ । ଆମ୍ଭେମାନେ ଏ ଜିଲ୍ଲାର ହାକିମମାନଙ୍କୁ ଏ ପ୍ରସ୍ତାବର ସୁବିଚାର କରିବା କାରଣ ଅନୁରୋଧ କରୁଅଛୁଁ । ଆଳପୁର ସାଟ, ଗୋଟିଏ ପ୍ରଧାନସ୍ଥାନ ପୁଣି ସେ ଅଞ୍ଚଳରେ କେତେକ ଦୁଷ୍ଟଲୋକ ଥିବାର କଥିତ ହୁଅଇ । ପଥିକ ଓ ଗ୍ରାମବାସିଙ୍କ ରକ୍ଷା ନିମିତ୍ତ ସେଠାରେ ଥାନ୍ନା ବସିବାର ଉଚିତ ।

---

ଖୋର୍ଦ୍ଧାରୁ ବାବୁ କଲ୍ଲଙ୍କରୁ ମହାନ୍ତି ଲେଖିଅଛନ୍ତି ଯେ ସେଠା ବନ୍ଦୋବସ୍ତ ସବଡିପୁଟି ଡାକ୍ତରମାନେ ବାବୁ ଗଣେଶଦାସଙ୍କ ସ୍ତ୍ରୀ ପ୍ରସବବେଦନାରେ ୩୫ ଦିନ ଅତ୍ୟନ୍ତ କଷ୍ଟଭୋଗ କରି ମୃତ ପ୍ରାୟ ହୋଇଥିଲେ । ଶ୍ରୀଯୁକ୍ତ ଟେଲର ସାହେବ ଏ ବିଷୟ ଶୁଣିବାମାତ୍ରକେ ସ୍ୱବ୍ୟୟରେ ଟେଲିଗ୍ରାଫ କରି ପୁରୀଠାରୁ ସିଭିଲସର୍ଜନଙ୍କୁ ଅଣାଇବାରୁ ସେ ଦୁଇଘଣ୍ଟା ପରିଶ୍ରମ କରି ମୃତ ବାଳକଟିଏ ପ୍ରସବ କରାଇଲେ । ପିଲା ଓ ଫୁଲନାଡି ଇତ୍ୟାଦି ପଚି ଦୁର୍ଗନ୍ଧ ହୋଇଥିଲା । ଉପଯୁକ୍ତ ଚିକିତ୍ସାଦ୍ୱାରା ସ୍ତ୍ରୀଟି ଆରୋଗ୍ୟ ଲାଭ କରିଅଛି । ଟେଲର ସାହେବଙ୍କ ଅନୁକୂଲ୍ୟ ବିନା ତାହାର ପ୍ରାଣ ପାଇବାର ଆଶା ନ ଥିଲା । ହାକିମମାନଙ୍କର ଆପଣା ଅଧୀନସ୍ଥ ଲୋକଙ୍କପ୍ରତି ଏପରି ଦୟା ପ୍ରକାଶ କରିବା ଅତି ପ୍ରଶଂସନୀୟ କାର୍ଯ୍ୟ ଅଟଇ ।

---

ଆଜିକାଲିରେ କ ପାରିଲେହେଁ ଋଷୀୟରେ ରୁକ୍ମା ବାଈ ଆପଣା ଅସଭ୍ୟ ଓ ମୂର୍ଖପତିହାତରୁ ମୁକ୍ତିଲାଭ କରି ଅଥବା ହିନ୍ଦୁରମଣୀ ହୋଇ ପଡିନିବାରୁ ଓ ବୃଥାସ୍ୱାଧୀନତା କାର୍ଯ୍ୟ କରିବାରୁ ପତିଦ୍ୱାରା ପରିତ୍ୟକ୍ତା ହୋଇ ଯେଉଁ ଯଶଃକୀର୍ତ୍ତି ଅର୍ଜିଅଛନ୍ତି ତହିଁର ଫଳ ଫଳିବାର ଆରମ୍ଭ ହୋଇଅଛି । ବମ୍ବେଇଠାରୁ ଷ୍ଟେଟସ୍‌ମାନ୍ ତାରଯୋଗେ ସମ୍ବାଦ ପାଇ ଅଛନ୍ତି ଯେ ଇଂଲଣ୍ଡୀୟ ରମଣୀଙ୍କ ସତ୍ତ୍ୱରକ୍ଷା ବିଷୟରେ ରୁକ୍ମା ବାଈ ଗୌରବ ପ୍ରକାଶ କରିବାରୁ ବିଲାତର ଜଣେ ମହିଳା କି ତାହାଙ୍କର ନାମ ମେମ୍ବର ଅଟଇ ତାହାଙ୍କୁ ଆପଣା ଘରେ ନିଜ ଖର୍ଚ୍ଚରେ ଏକବର୍ଷ ରଖିବା ଏବଂ ଚିକିତ୍ସାବିଦ୍ୟା ଅଧ୍ୟୟନ ନିମିତ୍ତ ଟ ୩୬୦୦ଙ୍କା ଭେଟ ଦେବା ନିମନ୍ତ୍ରଣ ଯାଚି ଅଛନ୍ତି । ବିଲାତର ଅନ୍ୟାନ୍ୟ ମହିଳାମାନେ ମଧ୍ୟ ଭେଟ ଦେବାକୁ ସମ୍ମତ ଅଛନ୍ତି । ସମ୍ଭବ ହୁଅଇ ରୁକ୍ମା ବାଈ ଏହି ସଲ୍ଲାର ଗ୍ରହଣ କରିବେ । ଭାଗ୍ୟ କେତେବେଳେ କାହାର କି କରଇ କିଛି କହିହୁଅଇ ନାହିଁ । ଅନେକ ହିନ୍ଦୁମହିଳା ଏପରି ଭାଗ୍ୟ ଲୋଡ଼ିବେ କି ନାହିଁ ସମୟରେ ପ୍ରକାଶ ପାଇବ ।

---

ଖୋର୍ଦ୍ଧାର ଅବକାରୀବିଷୟରେ ମାନ୍ୟବର ଲେଫ୍‌ଟେନାଣ୍ଟଗବର୍ଣ୍ଣର ସ୍ଥାନୀୟ ହାକିମଙ୍କଠାରୁ ଯେ ସମସ୍ତ ପତ୍ର ପାଇଅଛନ୍ତି ଏବଂ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ କରି ଅଛନ୍ତି ସେ ସମସ୍ତ ପ୍ରକାଶିତ ହୋଇଅଛି । ଖୋର୍ଦ୍ଧାର ସବଡିଭିଜନ ଏସିଷ୍ଟାଣ୍ଟରେ ପ୍ରଶଂସନୀୟ କାର୍ଯ୍ୟ କରି ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ତାହାଙ୍କ ପ୍ରସ୍ତାବମତେ ଗବର୍ଣ୍ଣମେଣ୍ଟ

Digitized by srujanika@gmail.com

Split by PDF Splitter

312



ଟ ୧୫୦୦୦୦, ଙ୍କା ସାହାଯ୍ୟଦାନ ଏବଂ ୨୫୦ ହଜାର ଟଙ୍କା ଋଣାନଦାନ ମଞ୍ଜୁର କରି ଅଛନ୍ତି । ଷ୍ଟେନର ସାହେବ ଯେଉଁ ବନ୍ଦୋବସ୍ତରେ କାର୍ଯ୍ୟ ଚଳାଉଅଛନ୍ତି ଗଭର୍ଣ୍ଣମେଣ୍ଟ ତଦ୍ୱିଷୟରେ ସନ୍ତୁଷ୍ଟ ହୋଇ ଲେଖି ଅଛନ୍ତି କି ଦୁର୍ଭିକ୍ଷପୀଡ଼ିତଙ୍କୁ ଅଭାବରେ ସାହାଯ୍ୟ ଦିଆଯାଉଅଛି ଏଥିର ଏକ ପଇସା ଅପବ୍ୟୟ ହେଉ ନାହିଁ । ସ୍ୱର୍ଗୀୟ କଲେକ୍ଟର ଓ ଷ୍ଟେନର ସାହେବଙ୍କ ସହିତ ଯେଉଁ କର୍ମଚାରୀ ସାହାଯ୍ୟ କାର୍ଯ୍ୟରେ ନିଯୁକ୍ତ ହୋଇ ଅଛନ୍ତି ସେମାନେ ଅପଣା କର୍ତ୍ତବ୍ୟକାର୍ଯ୍ୟ ପ୍ରଶଂସନୀୟରୂପେ ନିର୍ବାହ କରୁଅଛନ୍ତି । ଏ ସମସ୍ତ ଶୁଭସମ୍ବାଦ ଅଟଇ ଏବଂ ଯେବେ ଟେଷ୍ଟରିଲିଫ ଦେବ ଅନୁଚ ପୂର୍ବରୁ ଜରୁର ହୋଇଥାନ୍ତେ ତେବେ ଯେ କେତେକଣ ଅନାହାରରେ ମରିପଡନ୍ତେ ସେମାନେ ମଧ୍ୟ ରକ୍ଷା ପାଇଥାନ୍ତେ । ମାତ୍ର ଯେଉଁ ସମୟରୁ ତାହାଙ୍କର ବିଶ୍ୱାସ ହେଲା ଯେ ଅନାହାର କଷ୍ଟ ଉପସ୍ଥିତ ହୋଇଅଛି ସେହି ସମୟରୁ ସେ ସାହାଯ୍ୟ ଦେବାକୁ ପ୍ରସ୍ତୁତ ହେବାରୁ ତାହାଙ୍କର ଆଉ ଦୋଷ ଦିଆ ଯାଇ ନ ପାରେ ।

---

ବାବୁ ଶ୍ରୀନାଥ ସାମନ୍ତସିଂହରଙ୍କ "ଅଧ୍ୟନଳପିଣ୍ଡା" ବିଷୟରେ ଗୋଟିଏ ପ୍ରବନ୍ଧ ସମ୍ପାଦକୀୟବାଟରେ ପ୍ରକାଶ ହୋଇଅଛି ତହିଁର ଏକସ୍ଥଳରେ ଲେଖାଅଛି କି "ପିଲାମାନଙ୍କ ଲଗାମ ଦେଇ ଶିକ୍ଷା ଦେବା ଉଚିତ ନୁହେ । ମନୁଷ୍ୟର ସ୍ୱଭାବରେ ଦାନଶକ୍ତି ଅଛି । ସେ ଶକ୍ତିକୁ ଅବଲମ୍ବ କଲେ ଅଭୀଷ୍ଟର ସମ୍ଭାବନା । ଯେ ଅବଲମ୍ବନ ପ୍ରମାଣେ ଲୁଚିପିବ ଯେହ ଅଙ୍କ ଦେଖ ପେନ୍‌ସିଲ ଯୋଗେ ମୈଗ୍ନେଟ ଠାଟରେ କଷିବା ଶୋଭିବଲେ ଉଇଲ ଅଜାଇଲେ ସମସ୍ତ ସ୍ଥିର ହେବ ତହିଁ କି କଳଙ୍ଗ ଅଣ୍ଡାଳବା, ଅଭାବର ଭାଗ ଦେଖିଲେ ଦଶ ନମ୍ବର ହେବ ତହିଁ କି ଦର୍ଶନୀୟ ବଂଶର ପାଇଁ ବାସ୍ତୁ ହେବା ଏସବୁ ଅଧୁନିକ ଶିକ୍ଷାର ବ୍ୟବହାର ହୋଇ" ଯେ ସ୍କୁଲ ବିଦ୍ୟାଳୟମାନଙ୍କରେ ମାନସାଙ୍କର ଶିକ୍ଷା ଦିଆ ଯାଉଅଛି ଏବଂ ଗଣ ଓ ଜମିଦ ପଦଙ୍କ ସମୟରେ ଦଣ୍ଡ ନାହିଁ ଏବଂ ଯେତେବେଳେ ଦେଖାଯାଏ ଯେତେବେଳେ ତହିଁରୁ ଠିକ ସମସ୍ତ ବା ଦଶ ନିରୂପଣ କରିବା, ସହିତ ନମ୍ବର ବେ ସ୍କୁଲ ଲେଖକଙ୍କର ଭାବ ଗ୍ରହଣ କରିବାକୁ ଅମ୍ଭେମାନେ ଅସମର୍ଥ ହେଲୁଁ । ଷ୍ଟେଟ ପେନ୍‌ସିଲ ନିଜର ବା ଦର୍ଶନ-ଉଭୟ ଅଟେ ଅବଶ୍ୟକ ନାହିଁ ଅବଶ୍ୟ ଏପରି କଉତ୍ସାହ ତାହାଙ୍କର ନିଜର । ଅନ୍ୟ ଏକସ୍ଥଳରେ ଲେଖାଅଛି କି ସକଳ ପ୍ରାଣିମଧ୍ୟରେ କେବଳ ମନୁଷ୍ୟ ପଦଶ୍ରମ କରିପାରି ନଷ୍ଟ ବାଧ । ଏକଥା ଠିକ ହେଲା କି ? ଅମ୍ଭମାନଙ୍କର ଧାରଣା ଏଥିର ଠିକ ବିପରୀତ ଅଟଇ ଅର୍ଥାତ କାନନରେ ଏପରି ଜୀବ ଅଛି କରିଲ କି ଯାହାର ସାମାନ୍ୟ ଉଦ୍ୟୋଗଲ ସ୍ୱହା ବଳ। ପରିଶ୍ରମରେ ପୂର୍ଣ୍ଣ ହୁଅଇ ।

---

ଏକବ୍ୟକ୍ତିର ଗୋବଧର ପ୍ରାୟଶ୍ଚିତ୍ତ କରିବା ଇଚ୍ଛା କରିବାରୁ ଜଣେ ପଣ୍ଡିତଙ୍କ ଅନୁରୋଧରେ ତାହାକୁ କେତେକଲୋକ କଣ୍ଠ ୨ ଦାନ ଦେଲେ ଏବଂ ଅନ୍ୟ କେତେ ବ୍ରାହ୍ମଣ ତାହାର ପ୍ରାର୍ଥନାନୁସାରେ କଣ୍ଠ କ ଦେଇ ଦ୍ରୁମ୍ବ ବୋଲୁ ମଳ ଅମ୍ଭେ ଅର୍ଦ୍ଧ ବ ଦାନ କଲୁଁ ଏକଥା କହିବାରୁ ଜଣେ ପଞ୍ଚେପୁରଙ୍କ ବଡ଼ୁ ହୋଇ ଏହି ପ୍ରକାର କଥା କହିବା ବଡ଼ ଅନ୍ୟାୟ ବୋଲି ଲେଖିଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ଏହି ବିରକ୍ତ ହେବାର କିଛି କାରଣ ନାହିଁ । ପ୍ରାୟଶ୍ଚିତ୍ତ ଅଳ୍ପରେ ହୋଇପାରେ ଓ ଅଧିକରେ ମଧ୍ୟ ହୋଇପାରେ । ଯେବେ ଦୁଇ ବ୍ରାହ୍ମଣ କଣ୍ଠ ୨ ଦାନ ଦେଲେ ସେଥିରେ ସନ୍ତୁଷ୍ଟ ହେବାର ଉଚିତ ଥିଲା । ଏପ୍ରକାର କାର୍ଯ୍ୟରେ ପଣ୍ଡିତ ବନ୍ଧୁମାନେ ଯାହା ଦିଅନ୍ତି ତାହା ଯଥେଷ୍ଟ । ବିଶେଷତଃ ଅନେକସ୍ଥଳେ ଦେଖା ଯାଇଅଛି ଯେ ପିତୃ-ମାତୃ କିମ୍ବା ଗୋବଧ-ପ୍ରାୟଶ୍ଚିତ୍ତ ଉପଲକ୍ଷରେ ଲୋକେ ଦୁଇ ପଇସା ସ୍ୱେଚ୍ଛାର କଡ଼ାକୁ ତୁଷ୍ଟ କରନ୍ତି ନାହିଁ । ଅପରନ୍ତୁ ବନ୍ଧୁଲୋକ କପଟ ଜାଣିବ ଯେ ତାହାର ଯଥାର୍ଥ ଅଭାବ ଅଛି ଏବଂ ତହିଁର ସାହାଯ୍ୟ କରିବାକୁ ହେବ । ଯେଉଁବ୍ୟକ୍ତିର ଦୁର୍ଦ୍ଦଶା ହେଲେ ତହିଁର ବାୟୁ ଯୋଗାଇବାର ସଙ୍ଗତ ନାହିଁ ସେ ବ୍ୟକ୍ତିର ଘୋରୁ ହାଣିବା ଅମ୍ଭମାନେ ଭଲ ବୋଧ ନ ପାରୁଁ । ସଙ୍ଗତିହୀନ ଲୋକମାନେ ଦୈବ ଦୁର୍ଘଟଣାରୁ ରକ୍ଷାର ପାଇଁ ଭିକ୍ଷା କରିବେ ଓ ତାହାଙ୍କୁ ଭିକ୍ଷା ଦେବାକୁ ଉଚିତ ଏବା ସାଧାରଣକଥା କିନ୍ତୁ ଭିକ୍ଷା ମାଗିବା ସମୟରେ ତହିଁର ଅନସଂକଳ୍ପ କଲବର ବୁଝାଇ ନ ପାରିଲେ ସେତେବ କେବଳ ସାହାଯ୍ୟ ନ ହୋଇ ଦାତାଙ୍କର ବରଞ୍ଚ ହେବା ଅନ୍ୟାୟ ।

---

ଏବର୍ଷ ଏନଗରରେ ଗଣେଶପୂଜା ସାମାନ୍ୟରୂପେ ହୋଇଅଛି । ପୂର୍ବବର୍ଷମାନଙ୍କରେ ଯେଉଁଠାରେ ପ୍ରତିମା ଓ ନାଚ ରଙ୍ଗର ବଡ଼ ଧୂମ ଥିଲା ସେଠାରେ ତୁଳନା ହେତୁରୁ ସେପ୍ରକାର ହୋଇ ପାରିଲା ନାହିଁ ଏବଂ ଏ ପୂଜାସଂଗେ ମୋହରମ ପଡ଼ିଗଲା ଓ ସେଥିନିମିତ୍ତ ପର୍ବରେ ଏନଗରବାସିଙ୍କର ଅଧିକ ଉତ୍ସାହ ଥିବାରୁ ପ୍ରଥମଭିନ୍ନ ସର୍ବତ୍ର ଏକପ୍ରକାର ଲୁଚ ରହିଗଲା । ମୋହରମପର୍ବ ମଧ୍ୟ ବୃଷ୍ଟି ଓ ଗୋଳମାଳ ଯୋଗୁଁ ଅନ୍ୟାନ୍ୟ ବର୍ଷପରି ସୁନ୍ଦର ହେଲା ନାହିଁ । ଲୋକେ ଭାବ ୨ କହିଲସନ୍ଧ ପାଇଁବା ସମୟରେ ତାଜିଆମାନ ବାହାର କଲେ ମାତ୍ର ରାତି ୭ ଘଣ୍ଟା ଯାଏ ଲାଗି ଲାଗିଥିବା ବେଳେ ଏକଘଣ୍ଟା ବର୍ଷା ହୋଇ ସବୁ ଭଣ୍ଡୁର କରିଦେଲା । ଅଳ୍ପକଦା ଦଶ ସନ୍ଧ୍ୟାଠାରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ବକସିବଜାରରେ ବଡ଼ ଜମାଟ ହୋଇଥିଲା । ଏଥର ପଲ୍ଟନବାଜାରର ତାଜିଆ ନୂଆପ୍ରକାର ଅର୍ଥାତ ମନ୍ଦିରରେ ପ୍ରସ୍ତୁତ ହୋଇଥିଲା ଓ ତହିଁର ଶିଳ୍ପକୌଶଳ ଦେଖି ସମସ୍ତେ ପ୍ରଶଂସା କରୁଥିଲେ । ନଗରର ପ୍ରଧାନ ତାଜିଆମାନ ସମସ୍ତ ହୋଇଥିଲା ଓ ତହିଁ ମଧ୍ୟରେ ସୁଲତାନ ଓଡ଼ିଆବଜାର ବକସିବଜାର ପ୍ରଭୃତି ତାଜିଆ ପୂର୍ବପ୍ରାୟ ଦେଖିବାକୁ ସୁନ୍ଦର ହୋଇଥିଲା । ଖଣ୍ଡବଳସାହି ତାଜିଆସଙ୍ଗେ ପାଲେଷ୍ଟ୍ର ଭୋଲ ସଜାଇବାକୁ ଅନେକଙ୍କର ମନ ଆକର୍ଷଣ କରିଥିଲା । ପଲଟନର ତାଜିଆ ଦେଖିବାକାରଣ ସମ୍ଭ୍ରାନ୍ତ ଭଦ୍ର ଶତବାର ସ୍ଥାନରେ ୟୁରୋପୀୟ ଓ ଦେଶୀୟ ଅନେକ ଭଦ୍ରଲୋକ ଏକତ୍ରିତ ହୋଇଥିଲେ ସାତ ବଣ୍ଟାହେବୁ ଅଧିକ ତମାସା ବାହାର ହୋଇ ନାହିଁ କି ଅଭାବ୍ୟକାରର କୌତୁକ ଦେଖିଯାଇ ପାରିଲାନାହିଁ ।

---

ପୁରୀ ଜଗନ୍ନାଥସନାତନଧର୍ମରକ୍ଷଣୀ ସଭାର କାର୍ଯ୍ୟାବଳୀକୁ ପ୍ରକାଶ ଯେ ସେଠା ମଣ୍ଡଳିପାଶ୍ରୀର ମନ୍ଦିରପ୍ରତି ଭଗ୍ନ ଖରଦୃଷ୍ଟି ପଡ଼ିଅଛି । ମଠଗୁଡ଼ିକରେ ପାଇଖାନା ହିସେ ବସାଇବାର ପ୍ରସ୍ତାବ ଏଥିମଧ୍ୟରେ ଅଧିକାଂଶ ମଠଧାରୀଙ୍କ ମତରେ ଅଗ୍ରାହ୍ୟ ହେବାରୁ ରହିତ ହେବାର ଆଶା ହେଉଅଛି ମାତ୍ର ମନ୍ଦିରମଧ୍ୟରେ ଥିବା ଶବଦାହମାନଙ୍କ ଉପରେ ହିସେ ବସାଇବାର ପ୍ରବନ୍ଧ ଲାଗିଅଛି । ଯେଉଁ ଅଧିବେଶନରେ ଏପ୍ରସ୍ତାବ ଉପସ୍ଥିତ ହୋଇଥିଲା ତହିଁରେ

Digitized by srujanika@gmail.com

ଜଣ ଏ ଉମେଶଜର ଥିଲେ । ଜଣ ଏ ସପକ୍ଷରେ ଏବଂ ଜଣ ଏ ବିପକ୍ଷରେ ମତ ଦେବାରୁ ସଭାପତି ଆପଣାର ଗୋଟିଏ ଅଧିକା ମତଦ୍ୱାରା ତାହା ଧାର୍ଯ୍ୟ କରିଅଛନ୍ତି । ସଭାପତିଙ୍କର ଏପରି ଦାୟିତ୍ୱ ଗ୍ରହଣ କରିବା ଅମ୍ଭେମାନେ ଭଲ ବିବେଚନା କରୁ ନାହୁଁ । ବିଶେଷତଃ ଏଥିରେ ଭାରି ଆଇନର ତର୍କ ଉପସ୍ଥିତ ହେବାର କଥା । କାରଣ ଆଇନାନୁସାରେ ଧର୍ମମନ୍ଦିର ଗୁଡ଼ିଏ ଏବଂ ଏକ ବେଢ଼ାମଧ୍ୟରେ ଥିବା ଘରମାନଙ୍କ ଉପରେ ପୃଥକ୍ ୨ ଟାକ୍ସ ବସିବାର ସନ୍ଦେହ ସ୍ଥଳ । ଏପରି ପେଜନଳାକୁଣ୍ଡକୁ ମିଉନିସିପାଲିଟୀ ଖର୍ଚ୍ଚ ଏ ଦକ୍ଷୁଣ୍ଡ ଗଢ଼ିବାର ଆରମ୍ଭ କରିଅଛନ୍ତି ଯେ ତହିଁରେ କେତେ ଜମି ମନ୍ଦିରର ଦଖଲରୁ ବାହାରିଯାଉଅଛି । ପଞ୍ଚାନନଙ୍କ ପାଷାଣକୁଣ୍ଡ ଉତ୍ତମ ଥିଲା କେବଳ ସେଠିକି ଯିବାର ରାସ୍ତାକୁ ପରିଷ୍କାର କରାଇଦେଲେ ଯଥେଷ୍ଟ ହୋଇଥାନ୍ତା । ମନ୍ଦିରର ଉତ୍ତରଦକ୍ଷିଣପାର୍ଶ୍ୱ ଡଡ଼ା ଉପରେ ସଡ଼କ ପ୍ରସ୍ତୁତ ହୋଇ ମଇଳାଗାଡ଼ି ଯାଉଥିବାରୁ ତଦ୍ଦ୍ୱାରା ଭକ୍ତ ଲୋକମାନଙ୍କୁ ମନ୍ଦିରର ଦଖଲ ବ୍ୟତ ଏବଂ ହିନ୍ଦୁଧର୍ମପ୍ରତି ଅତ୍ୟାଚାର ହେବାର ସଭା ବ୍ୟକ୍ତ କରିଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ମିଉନିସିପାଲଟୀର ଅତ୍ୟନ୍ତ ଧୀରଭାବରେ ସନ୍ଧିଂ ଇକ୍ଷୀକୀୟ ବିଷୟ ସବୁର ବିବେଚନା କରିବା ଉଚିତ । ଅତିଅଳ୍ପଦିନ ପରେ ମନ୍ଦିରର କାର୍ଯ୍ୟ ବୁଝିବାପାଇଁ ଜଣେ ସୁଯୋଗ୍ୟ ଦାସମାନେଜର ଏଠାରୁ ଯିବେ ତାହାଙ୍କସହିତ ପରାମର୍ଶ କରି କାର୍ଯ୍ୟ କଲେ ମିଉନିସିପାଲିଟୀପ୍ରତି ଦୋଷ ଉଚିତ ନାହିଁ । ଅକାରଣରେ ସର୍ବସାଧାରଣଙ୍କର ଅପ୍ରିୟ ହେବା ଭଲ ନୁହଇ ।

---

ଅନୁଗୁଳର ଦୁର୍ଭିକ୍ଷ ଗୋଟିଏ ଦୁଃଖଜନକ ବିଷମସମାସ୍ୟା ହୋଇଅଛି । ସ୍ଥାନୀୟ ସମ୍ବାଦ ଯାହା ଅମ୍ଭେମାନେ ପ୍ରକାଶ କରିଅଛୁଁ ଏବଂ ଅବଶ୍ୟ ପ୍ରୋଷ୍ଟସମାନ ପ୍ରଭୃତିରେ ପ୍ରକାଶିତ ହେଉଅଛି ସେସବୁ ସତ୍ୟ ହେଲେ ସେଠାରେ ଘୋର ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି । କିନ୍ତୁ ସରକାରୀ କର୍ମଚାରୀମାନଙ୍କ କଥା ବିଶ୍ୱାସ କଲେ ସାମାନ୍ୟ କଷ୍ଟ ହେଉଅଛି ଓ ଭୟର କାରଣ କିଛି ନାହିଁ । ଏଥି ମଧ୍ୟରେ କେଉଁ କଥା ବିଶ୍ୱାସ କରିବାକୁ ହେବ ? ସରକାରୀ ସମ୍ବାଦ ଅବଶ୍ୟ ବିଶ୍ୱାସଯୋଗ୍ୟ ଏହା ସହଜରେ ବୋଲାଯାଇ ପାରେ କାରଣ ସରକାରଙ୍କର ଅନୁସନ୍ଧାନ କରିବାର ବିଶେଷ ବନ୍ଦୋବସ୍ତ ଅଛି କିନ୍ତୁ ଯେଉଁ ସ୍ଥଳେ ଅନୁସନ୍ଧାନର ତ୍ରୁଟି ଦେଖାଯିବ ସେ ସ୍ଥଳେ ସରକାରୀ ସମ୍ବାଦକୁ କିପରି ବିଶ୍ୱାସଯୋଗ୍ୟ ବୋଲିଯିବ ? ଅନୁଗୁଳର ଜଣେ ପତ୍ରପ୍ରେରକ ପ୍ରୋଷ୍ଟସମାନଙ୍କୁ ଲେଖିଅଛନ୍ତି କି ପ୍ରତିଦିନ ମୃତ୍ୟୁର ସମ୍ବାଦ ଆସୁଅଛି ମାତ୍ର କାହାକୁ ଗୋଟାଏ ଚମକ ପଡ଼ିଯିବ ଏହି ଭୟରେ ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚରରେ ଆଣିବାକୁ କାହାର ସାହସ ହେଉ ନାହିଁ । ତହସିଲଦାରଙ୍କର ସଦରମୁକାମରେ ଏତେ କାର୍ଯ୍ୟ ଯେ ସେ ଅଦୌ ମୋଫସଲ ବୁଲି ଦେଖିବାର ଅବକାଶ ନାହିଁ । ତଗାବି ଦାଦନ ସକାଶେ ଯେଉଁ ଟ ୩୦୦୦୧ ଙ୍କା ମଞ୍ଜୁର ହୋଇଅଛି ତହିଁ ସଙ୍ଗେ ଖଜଣାର ଚତୁର୍ଥାଂଶରୁ ଅଧିକ କୌଣସି ରଇୟତକୁ ଦେବାର ନିୟମ ନ ଥିବାରୁ ସେପରି ଦାଦନରେ କିଛି ଉପକାର ହେବ ନାହିଁ ବୋଲି କେହି ନେଉନାହାନ୍ତି ଏବଂ ଅଧିକାଂଶ ଲୋକ ମୂଲ ଲାଗିବାକୁ ସକ୍ଷମ ନୁହନ୍ତି ଓ ଏମାନଙ୍କୁ ସାହାଯ୍ୟ ଦେବାର କିଛି ବନ୍ଦୋବସ୍ତ ହୋଇ ନାହିଁ । ଫଳକଥା ଯେବେ ତହସିଲଦାର ମୋଫସଲ ତଦାରଖ ନ କଲେ ଓ ଭୟ କାରଣରୁ ଲୋକେ ତଗାବି ନ ନେଲେ ବା ମୂଲ ଲାଗିବାକୁ ନ ଆସିଲେ କେବେ ଲୋକଙ୍କର ଅବସ୍ଥା କିରୂପେ ଜଣାଯିବ ? ଅବଶ୍ୟ ଗଡ଼ଜାତର ସୁପ୍ରିଣ୍ଟେଣ୍ଡ ଜମା ତାହାଙ୍କ ଆସିଷ୍ଟାଣ୍ଟ ସେ ଅଞ୍ଚଳର ଅବସ୍ଥା ଦେଖିବାକୁ ଯାଇ ଥାଆନ୍ତି ଅଥଚ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଚଳିତ ମାସ ତା ୧୦ ଭାରିଖରେ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି କି ଗଡ଼ଜାତର ଆସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡ ଅନୁଗୁଳର ଅବସ୍ଥା ଦେଖିଆସିଥିଲେ କେବଳ ତାହାଙ୍କ ରିପୋର୍ଟ ପ୍ରାପ୍ତ ହୋଇ ନାହିଁ । ଏହିସବୁ ଘଟନାରୁ ସ୍ପଷ୍ଟ ଜଣାଯାଉଅଛି ଯେ ସରକାରୀ କର୍ମଚାରୀମାନେ ଅନୁଗୁଳର ଅବସ୍ଥା ତଦନ୍ତ କରି ନାହାନ୍ତି ସୁତରାଂ ସେମାନଙ୍କ କଥା ଏ ସ୍ଥଳେ ବିଶ୍ୱାସ କରିବାକୁ ଅଦୌ ପ୍ରବୃତ୍ତି ହେଉ ନାହିଁ । ଅଧିକନ୍ତୁ ସ୍ଥାନାନ୍ତରରେ ପ୍ରକାଶିତ ପ୍ରେରିତପତ୍ରରୁ ପାଠକମାନେ ଦେଖିବେ ଯେ ସେଠାର ଭଦ୍ରଲୋକମାନେ ଦୁର୍ଭିକ୍ଷ-ସାହାଯ୍ୟ ନିମିତ୍ତ ଚେଷ୍ଟା କରୁଅଛନ୍ତି । ଦୁର୍ଭିକ୍ଷ ନ ଥିଲେ ସେମାନେ କଦାପି ତାହା କରନ୍ତେ ନାହିଁ । ଅମ୍ଭମାନଙ୍କର ଭୟ ହେଉଅଛି ଯେ ସରକାରୀ କର୍ମଚାରୀମାନେ ଏଠା ଦୁର୍ଭିକ୍ଷ ସମ୍ବନ୍ଧରେ ଯେଉଁ ମତ ଅବଲମ୍ବନ କରିଅଛନ୍ତି ତାହା ନିତାନ୍ତ ବିପଦସଙ୍କୁଳ ଅଟଇ ଓ ଅମ୍ଭେମାନେ ବିନୀତଭାବରେ ଅମ୍ଭମାନଙ୍କ ଦୟାଳୁ କମିଶନର ଓପେଲସାହେବଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ସେ ସ୍ୱୟଂ ଅନୁଗୁଳକୁ ଯାଇ ସେଠାର ପ୍ରକୃତ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରେ ତତ୍ପର ହୁଅନ୍ତୁ ଏବଂ ଲୋକଙ୍କ କଷ୍ଟ ନିବାରଣର ଉପାୟ କରନ୍ତୁ । ଶ୍ରୀଯୁକ୍ତ ଟେଲରସାହେବଙ୍କ ଦୟାଳୁତା କାର୍ଯ୍ୟ ହେତୁ ଖୋର୍ଦ୍ଧାବାସିମାନେ ବର୍ତ୍ତମାନ ବିପଦରୁ ଉଦ୍ଧାର ପାଇବାର ସୁବିଧା ହୋଇଅଛି ଅନୁଗୁଳପକ୍ଷରେ ଓପେଲସାହେବ ଏକମାତ୍ର ଭରସା ସେ ନିଜେ ସେଠାକୁ ନ ଗଲେ ଅମ୍ଭମାନଙ୍କର ମନ ମାନୁ ନାହିଁ ।

ଏ ପ୍ରସ୍ତାବ ଲେଖିବା ଉତ୍ତାରୁ ଅନୁଗୁଳରୁ ସମ୍ବାଦ ଆସିଅଛି କି ବ ୧୫ ନ ହେଲା ଅତି ସାମାନ୍ୟରୂପେ ଯେଉଁ ସରକାରୀ ସାହାଯ୍ୟ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବ ଅଣା ବୃଷ୍ଟି ହେବାରୁ ତାହା ବନ୍ଦ ହୋଇଅଛି ଓ ଲୋକଙ୍କର ଅନ୍ନକଷ୍ଟ ଦିନ ୨ ବଢ଼ୁଅଛି । ସରକାରୁ ଯେଉଁ ସାମାନ୍ୟ ସାହାଯ୍ୟ ଦିଆଯାଉଅଛି ତାହା ପାଇବା ଆଶାରେ କ୍ରମଶଃ ଅଧିକ ଲୋକ ଆସୁଅଛନ୍ତି ମାତ୍ର ସରକାର ଯାହା ଦିଅନ୍ତି ନିତାନ୍ତ ଅଳ୍ପ । ଏ ସମୟରେ ଏ ପ୍ରଦେଶର ରାଜା ଜମିଦାର ଓ ଧନାଢ୍ୟମାନେ ଅନୁଗୁଳ ଦୁର୍ଭିକ୍ଷ ପାଣ୍ଠିକୁ ଚାନ୍ଦା ପଠାଇବାର ନିତାନ୍ତ ଉଚିତ ହେଉଅଛି ତାହା ହେଲେ ସରକାର ବୁଝିବା ପର୍ଯ୍ୟନ୍ତ ଅନେକ ଲୋକଙ୍କର ପ୍ରାଣରକ୍ଷା ହେବ ନଚେତ୍ ଆଉ ଉପାୟ ନାହିଁ ।

---

ତୋଫାନ ।

ଗତ ରବିବାର ପ୍ରାତଃକାଳରେ ଏ ନଗରରେ ଭାରି ତୋଫାନ ହୋଇଥିଲା । ତହିଁ ପୂର୍ବ ଶନିବାର ସନ୍ଧ୍ୟାସମୟରୁ ଅଳ୍ପବର୍ଷା ଆରମ୍ଭ ହୋଇ ରାତ୍ର ଦୁଇପ୍ରହର ସମୟରେ ଅଳ୍ପପବନ ସହିତ ବୃଷ୍ଟିର ପରିମାଣ ବଢ଼ିଲା ଏବଂ ଭୋର ୪ଟାଠାରୁ ଭାରି ବର୍ଷାସହିତ ତୋଫାନର ପବନ ବହିଲା । ଶେଷରାତ୍ରିରୁ ପ୍ରାୟ ଘ ୧ ଟା କାଳ ପବନ ବନ୍ଦ ହୋଇ ଭାରି ଜଳସହିତ ପୁନର୍ବାର ତୋଫାନ ଆରମ୍ଭହେଲା ଓ ପ୍ରାୟ ଘ ୨ ଟା କାଳ ରହିଲା । ଏ ସମୟରେ ଦକ୍ଷିଣବତାସ ପ୍ରବଳ ଥିଲା । ଗଛ ପତ୍ରରେ ସଡ଼କସବୁ ଲୁଚିଗଲା । କଦଳୀ ସଜନା ପ୍ରଭୃତି ମଞ୍ଜାଗଛର ଶାଖ ହେଲା ଏବଂ କେତେକ ଘରର କୁଡ଼ିଆ ଛପର ଉଡ଼ିଗଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

314



ମହାନଦୀ ଓ କାଠଯୋଡ଼ୀରେ ଥିବା କେତେକ ଖଣ୍ଡ ନୌକା ବୁଡ଼ିଗଲା । ଏଥିରେ ଶୁଣୁଛୁ ଥାନ ଗବ୍ଦମ ଲୁଣ ଉଦ୍ଧାର ଷତି ହୋଇଅଛି । ପ୍ରାୟ ପାଞ୍ଚସମତଳ ଉତ୍ତାଗୃହଲମେ ୧ ଲକ୍ଷ ଉଲଯାଏ ଲେଖାଏଁ ଦରରେ ବଢ଼ିଯାଇ ହୋଇଅଛି । ପୂର୍ବବର୍ଷ ପୂର୍ବେ ପ୍ରଳୟ ସମୟରେ ଯେଉଁ ତୋଫାନ ହୋଇଥିଲା ତହିଁରୁ ବର୍ତ୍ତମାନ ତୋଫାନ ଭୀଷଣ ଥିଲା ପରନ୍ତୁ ଅଳ୍ପ ଷତି ହୋଇଅଛି । ଯାଜପୁର ଓ କେନ୍ଦ୍ରାପଡ଼ାରେ ଏହିପରି ତୋଫାନ ହୋଇଥିବାର ସମ୍ବାଦ ଅସିଅଛି ମାତ୍ର ସମୁଦ୍ର ମାଡ଼ିଅସିବାରୁ କମ୍ପା ମନୁଷ୍ୟ ନାଶ ହେବାର ଶୁଣାଗଲା ନାହିଁ ଏଥିକି ସ୍ୱଖର ବିଷୟ ଅଟଇ ।

ପୁରୀ ଖୋରଧା, ରଣପୁର, ନୟାଗଡ଼, ଦଶପଲ୍ଲା ବାଙ୍କୀ ଓ ଡୋମପଡ଼ାରେ ଠିକ କଟକପରି ତୋଫାନ ହୋଇଥିଲା । କଡ଼ ବୃଷ ଅନେକ ଉପୁଡ଼ି ବା ଭାଙ୍ଗି ପଡ଼ି ସଡ଼କ ବନ୍ଦ କରି ଦେଇଥିଲା ଓ ଗଲ ଶାଲସବୁ ଜଳରେ ଏକାର୍ଣ୍ଣବ ହୋଇଥିଲା । ଚଳିକାଠାରୁ ଦେବୀପୁର ପର୍ଯ୍ୟନ୍ତ ସ୍ଥାନରେ ଖ ୩୪ ଖ ବୋଲ୍ଲାଇ ଏବଂ କେତେ ଖାଲନୌକା ମଗ ପଡ଼ିଅଛି । ଓଡ଼ିଶାର ଉତ୍ତରସୀମା ଓ ବଳକନ୍ଧାରେ ଏ ତୋଫାନ ହୋଇ ନାହିଁ କେବଳ ଦକ୍ଷିଣଭାଗ ଓ ଗଡ଼ଜାତରେ ଏହା ପ୍ରବଳ ହୋଇଥିବାର ଜଣାଯାଏ ।

---

### ପୁଲିସ—ଅତ୍ୟାଚାର ।

ପୁଲିସ ଅତ୍ୟାଚାର ଗୋଟିଏ ପୁରୁଣା ଓ ସାଧାରଣ କଥା ସ୍ମରଣରୁ ଲୋକେ ଏହି ସୁଦ୍ଧା କହୁଥିଲେହେଁ ଗବର୍ଣ୍ଣମେଣ୍ଟ ସେ ପକ୍ଷରେ ବହୁ ବିଚାର କରୁ ନାହାନ୍ତି ପରନ୍ତୁ ତାହା ଦିନକୁ ବୃଦ୍ଧି ହେବାର ଦେଖାଯାଏ । ଅନ୍ୟାନ୍ୟ ଅତ୍ୟାଚାର ମଧ୍ୟରେ ଏକାବର ବଗଇବାଦାରଣ ଲୋକଙ୍କୁ ନାନା ଯନ୍ତ୍ରଣା ଦେବା ପୁଲିସର ବିଶେଷ ଅଭ୍ୟାସ ଏବଂ ଏ କାର୍ଯ୍ୟ କ୍ଷମାନ୍ତ ଦେଖାଇ ହେଲେହେଁ ତହିଁର ସଂଶୋଧନ ପ୍ରତିକାର ହୋଇ ନାହିଁ । ସମ୍ପ୍ରତି ମାନ୍ଦ୍ରାଜ ଓ ଉତ୍ତରପଶ୍ଚିମର ହାଇକୋର୍ଟମାନଙ୍କର ଏ ବିଷୟରେ ଦୃଷ୍ଟି ପଡ଼ିବାର ଦେଖି ଅମ୍ଭେମାନେ ଆଶାନ୍ୱିତ ହୋଇଅଛୁଁ ଯେ ଶୀଘ୍ର ଏ ଅତ୍ୟାଚାର ନିବାରଣର ଭଲ ଉପାୟ ହେବ । ଅଧିକାଂଶ ଅସାମୀ ପୁଲିସରେ ଷମୁରେ କା ମାହତେ ଏକାବର ଏବଂ କୋର୍ଟରେ ଇନ୍କାର କରିବାର

ଦେଖି ମାନ୍ଦ୍ରାଜ ହାଇକୋର୍ଟର ଜଜମାନେ କହିଅଛନ୍ତି କି ଅସାମୀ ଉଲୁବରେ ପ୍ରମାଣ ଉପସ୍ଥିତ ହେଲେ ସେ ଅପରାଧ ଅସ୍ୱୀକାର କରିବା ଅସ୍ୱାଭାବିକ ନହେବ ନାରେ ଏକାବର କରିବାରେ ମାତ୍ର ପ୍ରମାଣ ବାହାରିବା ପୂର୍ବେ ଏକାବର କରିବା ସ୍ୱାଭାବିକ ନୁହେ ଏବଂ ପରିଲୁ ଅନେକ ଅସାମୀ ଦୋଷ ଅସ୍ୱୀକାର କରି ପୁଲିସ ଯନ୍ତ୍ରଣା ହେତୁ ଏକାବର କରିବାର ସ୍ପଷ୍ଟ କହି ଅଛନ୍ତି । ଏଥିରୁ ପୁଲିସ ଅତ୍ୟାଚାର ଉକ୍ତ ପ୍ରଦେଶରେ ଅଧିକ ପରିମାଣରେ ଦେଖାଯିବାର ଜଣାଯାଏ ଓ ଜଜମାନେ ଅନେକ ମୋକଦ୍ଦମାରେ ମଧ୍ୟ ପୁଲିସ ଅତ୍ୟାଚାରର ପ୍ରମାଣ ପାଇ ସେଠା ଗବର୍ଣ୍ଣମେଣ୍ଟଙ୍କ ଏକ ରିପୋର୍ଟ ଏବଂ ତହିଁ ସଙ୍ଗେ ମୋକଦ୍ଦମାର କାଗଜପତ୍ରମାନ ପଠାଇ ଥିଲେ ଏବଂ ତହିଁରେ ଲେଖିଥିଲେ କି ଫଉଜଦାରୀ ମୋକଦ୍ଦମାର ବିଚାରସଂକ୍ରାନ୍ତ କାର୍ଯ୍ୟ ତଦାରକ ସେମାନଙ୍କର ଦୃଢ଼ ବିଶ୍ୱାସ ହୋଇଅଛି କି ଅଭିଯୁକ୍ତ ବ୍ୟକ୍ତିକି ମାଡ଼ପିଟ କରିବା ଓ ଜଷ୍ଟୁର ପୀଡ଼ା ଦେବା ଏଠା ପୁଲିସ ପକ୍ଷରେ ବଡ଼ ଅସାଧାରଣ ନୁହଇ ଏବଂ ଏକଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ଉଚିତ । ଗବର୍ଣ୍ଣମେଣ୍ଟ ଏ ରିପୋର୍ଟ ପାଇ ପୁଲିସ ଦମନ ପକ୍ଷରେ ଶୀଘ୍ର ଉପାୟ କରିବାକୁ କହି ଅଛନ୍ତି ।

ଉତ୍ତରପଶ୍ଚିମର ଜଣେ ଦାରୋଗା ଏକାବର ପାଇବା ଆଶାରେ ଏକ ବ୍ୟକ୍ତି ଦେହରେ ଉତ୍ତପ୍ତ ଲୁହାର ଦାଗ ଦେଇଥିବା ଅପରାଧରେ ଏକବର୍ଷ କାରାବାସ ଦଣ୍ଡ ପାଇ ହାଇକୋର୍ଟରେ ଅପିଲ କରିଥିଲା ଏବଂ ଜଣେ ଉକିଲ ନେଇଥିଲା । ଉକିଲ କହିଲେ କି ପୁଲିସର ଅନେକ ଶତ୍ରୁ ଅଛନ୍ତି ଅତଏବ ଅତ୍ୟନ୍ତ ପ୍ରବଳ ପ୍ରମାଣ ବିନା ତାହାଙ୍କୁ ଦୋଷୀ କରିବା ଉଚିତ ନୁହେ । ଏଥିକୁ ବିଚାରପତି ମାନ୍ୟବର ଷ୍ଟ୍ରେଟସାହେବ ଉତ୍ତର ଦେଲେ ଯେ ପୁଲିସ ମଧ୍ୟ ଅସାମୀକୁ ଗୋପନରେ ପୀଡ଼ା ଦିଅନ୍ତି । ସାଧାରଣ ଲୋକଙ୍କ ଠାରୁ ତାହାପରି ଅଧିକ ପ୍ରମାଣ ଲୋଡ଼ିବାର କିଛି ହେତୁ ଦେଖା ଯାଉ ନାହିଁ । ପୁଲିସର କାର୍ଯ୍ୟ କଠିନ ମାତ୍ର ସାବଧାନ ପୂର୍ବକ ତାହା କରିବା ଉଚିତ ହେଉଅଛି । ପୁଲିସକର୍ମଚାରୀ ସରଳ ଭାବରେ ଆପଣା କର୍ତ୍ତବ୍ୟ କାର୍ଯ୍ୟ ନିର୍ବାହ କଲେ ହାଇକୋର୍ଟ ତାହାଙ୍କୁ ରକ୍ଷା କରିବାକୁ ସର୍ବଦା ପ୍ରସ୍ତୁତ କୌଣସି ପୁଲିସକର୍ମଚାରୀ ଏଥିଉତ୍ତାରୁ ଏପ୍ରକାର ଅପରାଧ କଲେ

ଦଣ୍ଡବିଧିଅଇନର ଧା ୩୩୦ ଧା ଲିଖିତ ସର୍ବୋଚ୍ଚ କଠିନ ଦଣ୍ଡ ପାଇବ ଏକଥା ବିଚାରପତି ମହାଶୟ ସ୍ପଷ୍ଟ କରି ବୁଝାଇଦେଇ ଅପିଲ ଡିସମିସ୍ କରି ଅଛନ୍ତି ।

---

### ପୁସ୍ତକପ୍ରାପ୍ତି ।

ନିମ୍ନଲିଖିତ ପୁସ୍ତକମାନ ଅମ୍ଭେମାନେ ଉପହାର ପାଇଥିବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ।

ପ୍ରୀତିକୁସୁମ—ଏ ପୁସ୍ତକ ଶ୍ରୀ ସାଧୁଚରଣ ରାୟଙ୍କ ରଚିତ ଏବଂ ଏଠା ଉତ୍କଳପ୍ରେସ ଯନ୍ତ୍ରାଳୟରେ ମୁଦ୍ରିତ । ଏଥିରେ ଦକ୍ଷିଣ ଏବଂ ହିନ୍ଦୋସ୍ଥାନୀ ସୁର ରାଗିଣୀର ମୋଟ ୨୭ ଟି ଓଡ଼ିଆ ବ୍ରାହ୍ମସଙ୍ଗୀତ ପ୍ରକାଶିତ ହୋଇଅଛି । ସଙ୍ଗୀତର ଆମୋଦ ଲାଭ ନିମିତ୍ତ ନାନା ଅସାର ଗୀତ ବଦଳରେ ଏସମସ୍ତ ପରମାର୍ଥ ଗୀତ ଲୋକେ ଗାୟନ କଲେ ଅପାର ଆନନ୍ଦ ଲାଭ ହେବ ।

ନାରୀଫୁଲମାଳ ପ୍ରଥମ ଭାଗ ଶ୍ରୀମାନ ମଧୁସୂଦନ ସେଙ୍କ ଓଡ଼ିଆ ଭାଷ୍ୟାନ୍ତର—ଏହି ପୁସ୍ତକର କଲେବର ପୃ ୩୦ ଖଣ୍ଡ । ଗ୍ରନ୍ଥକାର ନିଜ ନାମ ପ୍ରକାଶ ନ କରି ପ୍ରଥମ ଠାକୁର ନାମ ପରିଚୟ ଦେଇଅଛନ୍ତି । ଏହା ଉତ୍କଳହିତୈଷିଣୀ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି ଏବଂ ଏଥିରେ ଓଡ଼ିଆଙ୍କରେ ଅଧୁନା ଶିକ୍ଷିତା ରମଣୀର ବୃତ୍ତାନ୍ତର କର୍ତ୍ତବ୍ୟ ହୋଇଅଛି । ଭାଗ୍ୟକ୍ରମେ ଓଡ଼ିଶାରେ ଅଦ୍ୟ ଏପରି କଷ୍ଟ ସହ ନ ଥିବାରୁ ପୁସ୍ତକ ଖଣ୍ଡିକ କିଛି ଆଦରର ବାହାର ଥିବାରୁ ବୋଲାଯିବ ।

ସାରଙ୍ଗଂ ଲକ୍ଷ୍ମୀକମଳ—ଏ ପୁସ୍ତକ ଓଡ଼ିଶାର ଦ୍ୱିଂଜକ ସୁଲମାନଙ୍କ ନିମିତ୍ତ ବାବୁ ନନ୍ଦ ଲାଲ ଦଲୁ ସିଂହ ଓଡ଼ିଶା ମିସନ ଯନ୍ତ୍ରାଳୟରେ ମୁଦ୍ରିତ କରାଇ ପ୍ରକାଶ କରିଅଛନ୍ତି । ଓଡ଼ିଆଙ୍କ ଭାଷାରେ ଇଂରାଜୀ ପଦମାନଙ୍କର ଅନୁବାଦ ଶିକ୍ଷା ଦେବା ଏହାର ଉଦ୍ଦେଶ୍ୟ । ସାନ ପିଲାମାନଙ୍କର ଏଥିରେ ଉପକାର ହୋଇପାରେ ।

---

## ସାପ୍ତାହିକ ସଂବାଦ ।

ଆମ୍ଭମାନଙ୍କର ମାନନୀୟ କମିଶନର ମିଃ କୁର୍ଦ୍ଦିନ ସାହେବ ଗଡ଼ଜାତମାନ ଭ୍ରମଣ ନିମିତ୍ତ ଢେଙ୍କାନାଳ ରାସ୍ତାରେ ଫେରି ଅସିଅଛନ୍ତି । ଅନୁଗୁଳର ଉପରିସ୍ଥିତ ଢେଙ୍କାନାଳକୁ ଅସି ରାଜାଙ୍କ ସହିତ ସାକ୍ଷାତ କରିବାରେ ଜଣୁ ସେଠା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଜଣାଇଲେ ନଣାପଡ଼ି ନାହିଁ ମାର୍ଗ ଅତିକ୍ରମ ସୁନାମ ପରିଚୟ ଦେଉଛନ୍ତି ।

Digitized by srujanika@gmail.com

ଗତ ଶନିବାର ରାତ୍ରରେ ଏ ନଗରବାସୀ ବାବୁ ମଧୁସୂଦନଙ୍କ ଦାସ ଙ୍କର ନୂଆ କୋଠିରେ ଚୋର ପଶିଥିଲା । କୁକୁର ଭୁକିବାରୁ ଚାକରମାନେ ଜାଗ୍ରତ ହୋଇ ଦୋମହଲା ଉପରେ ଏକଜଣ ଚୋରକୁ ଧରିଲେ ତାକୁ ଏବଂ ତାହାର ସଙ୍ଗିମାନେ ପଳାଇଗଲେ । ଚୋର ସର୍ବକାଳ ଦୋମହଲାରେ ରହି ଅଲ୍ପ ରାତ ବାକେଥିବାର କେବଳ ଜାଣିଥିଲା ମାତ୍ର ଟଙ୍କା ଓ ବହୁମୂଲ୍ୟ ଦ୍ରବ୍ୟର ସନ୍ଧାନ ପାଇ ନ ଥିଲା । ମୋକଦ୍ଦମା ବର୍ତ୍ତମାନ ପୁଲିସହାତରେ ଅଛି ।

କେନ୍ଦ୍ରାପଡ଼ା ବଲଦେବଜୀଉଙ୍କ ମଠର ହିସାବ କାଗଜ ନଷ୍ଟ କରିବା ଅଭିଯୋଗରେ ସେଠା କମିଟିର ଜଣେ ମେମ୍ବର ବାବୁ ହରେକୃଷ୍ଣ ଦାସ ଯେଉଁ ମୋକଦ୍ଦମା କରିଥିଲେ ଓ ଯାହା ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଡିସମିସ କରିଥିଲେ ତହିଁ ଉପରେ ଜଜସାହେବଙ୍କ ନିକଟରେ ମୋସନ ହୋଇଥିଲା । ଗତ ମଙ୍ଗଳବାର ଉକ୍ତ ମୋସନ ଅଗ୍ରାହ୍ୟ ହେଲା ।

ଶ୍ରୀ କୁଳମଣି ତ୍ରିପାଠୀ ଲେଖିଅଛନ୍ତି ଯେ କଣ୍ଟାକୁଡ଼ ବାବୁ ଶ୍ରୀକଣ୍ଠ ମିଶ୍ର ଏବଂ ବାବୁ ମଧୁସୂଦନ ଜେନା ଚୋଠଦେଶାନ୍ତର୍ଗତ ନୂଆପୁର ଗ୍ରାମରେ ଗୋଟିଏ ସାହାଯ୍ୟକୃତ ବିଦ୍ୟାଳୟ ସ୍ଥାପନ କରି ଉତ୍ସାହସହକାରେ ତହିଁର କାର୍ଯ୍ୟ ଚଳାଉଅଛନ୍ତି । ଏକାର୍ଯ୍ୟଟି ଅବଶ୍ୟ ପ୍ରଶଂସନୀୟ ଅଟଇ ।

ପୁରୀର ଜଏଣ୍ଟମାଜିଷ୍ଟ୍ରେଟ କୁମାର ଗୋପେନ୍ଦ୍ରକୃଷ୍ଣ ଦେବ ସେଠାରେ ପହଞ୍ଚିବା ଦିନଠାରୁ କ୍ରମାଗତ ପୀଡ଼ିତ ହୋଇ କର୍ତ୍ତବ୍ୟ କରିବାକୁ ଅକ୍ଷମ ହୋଇ ଛୁଟୀର ପ୍ରାର୍ଥନା କରିଅଛନ୍ତି ଏବଂ ଏଥିମଧ୍ୟରେ ସେଠାରୁ କାହାକୁ ଅସି କଟକରେ ଅଛନ୍ତି । ଏତେଦିନେ ଜଣେ ଉଚ୍ଚ ହାକିମ ପୁରୀକୁ ଅସି ରହି ନ ପାରିବା ବଡ଼ ଦୁଃଖର ବିଷୟ ଅଟଇ ।

## କଲିକତା-ଗେଜେଟ ।

ପୁରୀର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜ, ନ, ଅଲେନ୍ ସାହେବ ଅନ୍ୟାଣ୍ଣି ପର୍ଯ୍ୟନ୍ତ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଛୁଟୀସ୍ଥିତ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଜଗନ୍ନାଥ ଘୋଷ ପୁରୀ ଜିଲ୍ଲା କୁର ସଦର ବିଭାଗରେ ଅବସ୍ଥାପିତ ହେଲେ ।

ପୁରୀର ମୁନସଫ ବାବୁ ଯୋଗେନ୍ଦ୍ରନାଥ ମୂର୍ଛା ଏକମାସର ଛୁଟୀପ୍ରାପ୍ତ ହୋଇଅଛନ୍ତି ।

---

ମୂଲତିସନାଗରରେ ଲେଖାଅଛି ଯେ ସିମଲା ପାହାଡ଼ରେ ଯେଉଁଠାରେ ବଡ଼ଲାଟଙ୍କ ଅଛି ତହିଁ ପାଶରେ ଅଳ୍ପ ଏକପଦାର ଗଛ ଅଛି ଯେ ତହିଁର ପତ୍ରର ଉପକାର ବଢ଼ିବାର ଲୋକ ନିବାରଣ ହୁଅଇ । ଭାକ୍ତରମାନେ ଏହା ପରୀକ୍ଷା କରି ଦେଖିଅଛନ୍ତି ଏବଂ ସେ ଅନୁମାନ କରନ୍ତି କି ଉକ୍ତ ଗଛର ନାମ ବନପାନଙ୍ଗ । ଏହାର ପତ୍ରରେ କନପାଇଙ୍ଗପତ୍ର ପରି ପରୀକ୍ଷା କଲେ ହେବ ।

କଲିକତାରେ ଏକ ବ ୬୦ ବର୍ଷ ବୟସର ସ୍ତ୍ରୀ ବ ୨୪ ବର୍ଷ ବୟସର ଏକ ଯୁବାକୁ ବିବାହ କରିଅଛି । ଧନ୍ୟ କଳିକାଳ ।

ଗବର୍ଣ୍ଣମେଣ୍ଟ ମିଃ ଲରପେଣ୍ଟଙ୍କୁ ପେନ୍‌ସନ ଅବା ଛାଡ଼ିଷ୍ଟୀ ଦେବାକୁ ଅସ୍ୱୀକାର କରିଅଛନ୍ତି ।

ମିଃ କ୍ରାଫୋର୍ଡଙ୍କ ବିଷୟରେ ନିମ୍ନଲିଖିତ ବ୍ୟକ୍ତିମାନେ କମିଶନ ନିଯୁକ୍ତ ହୋଇଅଛନ୍ତି ଯଥା—ମିଃ ଜଷ୍ଟିସ ଉଇଲସନ, ମିଃ ଏଚ ଜ୍ରୁସ ଇନ୍‌ସ୍ପେକ୍ଟ ମଧ୍ୟପ୍ରଦେଶର ବିଷୟର କମିଶନର ଓ ମିଃ ଯେ, ଷ୍ଟିଭେନ୍‌ସନ୍ ।

ଶୁଣାଯାଉଅଛି ଯେ ବଙ୍ଗଳା ଗବର୍ଣ୍ଣମେଣ୍ଟ ପରୀକ୍ଷା ନେବାଦ୍ୱାରା ଡେଃ ମାଜିଷ୍ଟ୍ରେଟ ନିଯୋଗ କରିବା ପ୍ରଥା ଉଠାଇ ଦେବେ ।

ଜଣେ ଚମାର ଖୁନକରିଥିବା ଅପରାଧରେ ହସ୍ତୀର ଜେଲଖାନାର ହାଜତରେ ଅଛି । ଗତମାସ ତା ୧୨ ରିଖରୁ ସେ ଖାଦ୍ୟ ତ୍ୟାଗ କରିଅଛି । ଡାକ୍ତର ଜୋର କରି କେବଳ ଟିକିଏ ଦୁଧ ଖୁଆଉଛନ୍ତି । ଏପ୍ରକାର ସ୍ଥଳେ ତାହାର ଶୀଘ୍ର ଦେହା ହେବ ।

ଦଣ୍ଡାତ ଶ୍ରୀମାନ୍ ସ୍ୱାମୀ ଗୋବର୍ଦ୍ଧ ବିଷୟରେ କଲିକତା ଟାଉନ ହଲରେ ଗତ ଶନିବାରଦିବସ ଏକ ସୁଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ । ପାଇକପଡ଼ାର ରାଜା ପୂର୍ଣ୍ଣଚନ୍ଦ୍ର ସିଂହ ବାହାଦୂର ସଭାପତିର ଆସନ ଗ୍ରହଣ କରିଥିଲେ । ସ୍ୱାମୀଜୀ ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ଗୋହତ୍ୟା ଓ ଗୋମାଂସ ଭକ୍ଷଣରୁ ଅନେକ ଗର୍ହିତ କାର୍ଯ୍ୟବୋଲି ନିନ୍ଦା କରିଥିଲେ ଓ ଗୋହତ୍ୟାବଶତଃ କୃଷକମାନଙ୍କ ଦରିଦ୍ରତା ବୃଦ୍ଧି ହେବାର ଗୋଟିଏ ପ୍ରଧାନ କାରଣ ବୋଲି ପ୍ରକାଶ କରିଥିଲେ । ତାଙ୍କର ବକ୍ତୃତା ଅତୀବ ସୁନ୍ଦର ଓ ସାଧାରଣ ସ୍ତୁତକର ହୋଇଥିଲା ରାଜାରାଧାକାନ୍ତ ବାହାଦୂରଙ୍କ ମନ୍ଦିରରେ ସ୍ୱାମୀଜୀ ଉକ୍ତ ବିଷୟରେ ପୁଣି ଗୋଟିଏ ବକ୍ତୃତା ପ୍ରଦାନ କରିବେ ।

ଗତମାସର ବୃଷ୍ଟି ବଙ୍ଗଳାର ଅନେକସ୍ଥାନରେ ଭୟାନକ ଘଟି କରିଅଛି । ଦାମୋଦରର ବଢ଼ି ଏତେ ପ୍ରବଳ ହୋଇଥିଲା ଯେ ଅନେକ ଗ୍ରାମର ଘରମାନ ଭୁଶି ଯାଇ ଲୋକେ ବନ୍ଧଉପରେ ଓ ଅନ୍ୟାନ୍ୟ ଉଚ୍ଚଭୂମିରେ ପଡ଼ାରେ ପଡ଼ିଅଛନ୍ତି । ବଳସମସ୍ତ ଧୋଇ ଯାଇଅଛି ଓ ବହୁ ଗଛମାନ ପଡ଼ି ଯାଇଅଛି । ଢାକାର କେତେସ୍ଥାନରେ ମଧ୍ୟ ଏହିପରି ହୋଇଅଛି ।

## ଏଲ୍‌ସମା-ସମ୍ବାଦ ।

ଜଣେ ଦମ୍ପୁର ପଞ୍ଚପଛୀ ଗ୍ରାମରେ ସାନ୍‌ଚେଗ୍ ନଗରେ କୁମ୍ଭୀର ଉପଦ୍ରବ ଅତ୍ୟନ୍ତ ହୋଇଅଛି ଗତମାସ ତା ୪ ରିଖରେ ବୁଢ଼ୀଜଣ ଯୋପାଳ ମଇଷି ନଦୀକୂଳରେ ଲଢ଼ିଥିଲେ ଅନେକ ବ ୧୦।୧୨ ବର୍ଷର ଗୋଟିଏ ବାଳକ ମଧ୍ୟରେ ମଇଷି ପକାଇ ମୋଟକ ଉପରେ ବସି ଗ୍ରାମଘାଟକୁ ପାର ହୋଇଗଲା ପଶ୍ଚାତରେ ଅପରଜଣ ଗୋଟିଏ ମଇଷପିଠି, ଧରି ନଦୀରେ ପହଁରୁ ଥା ୪।୫ ଟ ଯାଉଅଛି ଏମନ୍ତ ସମୟରେ ଏକ କୁମ୍ଭୀର ତାହା ଅଣ୍ଟାରୁ ଧରି ଝିଙ୍କିନେଲା ଗୋପାଳର ବୟସ ବ ୩୦ ବର୍ଷ ହେବ । ଦୁଃଖର ବିଷୟ ଏ ନଦୀ ପାରହେବାର ସରକାରଙ୍କ କିଛି ବନ୍ଦୋବସ୍ତ ନାହିଁ ।

ଗାଠିଏଗୋଳିଆ ଅନ୍ତର୍ଗତ ଘାଘଶୋଳଗ୍ରାମ ଜଳାସ୍ଥ ପଙ୍କଜଖଣ୍ଡଅଇ ଦୁହିତା ନାଗାରେ ଗୋଟିଏ ମାଛ ପ୍ରବେଶ କରି ବାହାର ନ ପାରି ଯେଥିମଧ୍ୟରେ ମରଣିବାରୁ ସେଥିରେ କୀଟ ହୋଇ ମସ୍ତିଷ୍କ ବର୍ତ୍ତିନ କଲେ ନାସାବାଟେ ଅନେକ ରୁଧିର ବହିର୍ଗତ ହେଲା ଏହିପରି କେତେଦିନ ଯନ୍ତ୍ରଣା ଭୋଗକରି ଗତମାସ ତା ୧୨ ରିଖରେ ତମର ଉଠି ବଗୁଡ଼ିପଡ଼ିବା ସଙ୍ଗେ ସଙ୍ଗେ ପ୍ରାଣବାୟୁ ବାହାରିଗଲା ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଗଞ୍ଜାମର ଜଣେ ଓଡ଼ିଆ ବ୍ରାହ୍ମଣ—ଗଞ୍ଜାମଜଜ୍‌କୋର୍ଟର ନିମିତ୍ତ ଜଣେ ଓଡ଼ିଆ ଅନୁବାଦକ ନିଯୁକ୍ତ କରିବା କାରଣ ପରାମର୍ଶ ଦେଇଅଛନ୍ତି । ଭରସା କରୁଁ ଗବର୍ଣ୍ଣମେଣ୍ଟ ନିଜର ପ୍ରୟୋଜନ ବୁଝି କାର୍ଯ୍ୟ କରିବେ ।

ଚଣ୍ଡାବନ୍ଧା—ଏକନିଷ୍ଠୟୁର ଗଦ୍ୟ ଓ ପଦ୍ୟମୟ ରଚନା ପ୍ରକାଶ କରିବାକୁ ସ୍ଥାନ ନାହିଁ ସୁତରାଂ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

ଶ୍ରୀ ଗଣେଶପ୍ରସାଦ ସିଂହ—ଉତ୍କଳଦୀପିକାମତେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଅନନ୍ତବ୍ରତର ଉପଯୁକ୍ତଦିନ ଥିଲା ଅତଏବ ପଣ୍ଡିତ କପିଳେଶ୍ୱରଙ୍କ ମତାନୁଯାୟୀ ଯେହି ମଙ୍ଗଳବାର ବ୍ରତ କରିଥିଲେ ତାହାର ବ୍ରତ ପୂର୍ଣ୍ଣହେବାର ଟଳାଯାଇ ନ ପାରେ । ପଣ୍ଡିତଙ୍କର ମତର ପ୍ରତିବାଦପତ୍ର ଯଥାସ୍ଥାନରେ ପ୍ରକାଶିତ ହେଲା ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଉତ୍କଳଦୀପିକା ସମ୍ପାଦକ ମହାଶୟସମୀପେଷୁ

ମହାଶୟ !

ଅନୁଗୁଳ ଦୁର୍ଭିକ୍ଷନିବାରଣୀ ସଭାର ସାହାଯ୍ୟାର୍ଥେ ଯେଉଁ ଦେଶହିତୈଷି ମହାନୁଭବ ବ୍ୟକ୍ତିମାନେ ଚାନ୍ଦା ପ୍ରଦାନ କରୁଅଛନ୍ତି ସେମାନଙ୍କର ନାମ କ୍ରମଶଃ ପ୍ରକାଶ କଲେ ଅନୁଗ୍ରହପୂର୍ବକ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

| ଦାତାମାନଙ୍କର ନାମ | ବାସସ୍ଥାନ | ଟଙ୍କା |
|---|---|---|
| ଶ୍ରୀଯୁତ ବାବୁ ଗୌରାଙ୍ଗ ପଟ୍ଟନାୟକ ଅନୁଗୁଳ | | ୫ ୧ |
| „ „ ଶ୍ୟାମମୋହନ ଦାସ | „ | ଟ ୦୪ |
| „ „ ଶରତ୍‌ଚରଣ ଘୋଷ | „ | ଟ ୨ |
| „ „ ମୁରଲୀଧର ସିଂହ | „ | ଟ ୨ |
| „ „ ମଙ୍ଗଳ ସାହୁ | „ | ଟ ୧ |
| „ „ ଗୋପୀନାଥ ଚୌଧୁରୀ | „ | ଟ ୧ |
| „ „ ଶୁକଦେବ ମଲ୍ଲ | „ | ଟ ୧ |
| „ „ ଭଗବାନଚରଣ ଦାସ | „ | ଟ ୧ |
| „ „ ଅଯୋଧ୍ୟା ମହାନ୍ତି | „ | ଟ ୧ |
| „ „ ଗୋପାଳପ୍ରସାଦ ଦାସ | „ | ଟ ୦୩ |
| „ „ ନୃସିଂହ ପ୍ରଧାନ | „ | ଟ ୦୪ |
| „ „ ସଦାଶିବ ଦାସ | „ | ଟ ୦ |
| „ „ ଚିନ୍ତାମଣି ନାୟକ | „ | ଟ ୦ |
| „ „ ଖୋସାଲଙ୍କ ଦାମୋଦରଙ୍କ ମହାନ୍ତି କଟକ | | ଟ ୧୧ |
| „ „ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ | ବାଲେଶ୍ୱର | ଟ ୫ |
| „ „ କ୍ଷେତ୍ରମୋହନ ଭଞ୍ଜ ଅନୁଗୁଳ | | ଟ ୧୪ |
| „ „ ଗୌରଚନ୍ଦ୍ର ସେନ ରଣପୁର | | ଟ ୩୧ |
| „ „ ରାଧାକୃଷ୍ଣ ପଟ୍ଟନାୟକ ଅନୁଗୁଳ | | ଟ ୧ |
| „ „ ଜଗନ୍ନାଥ ପଟ୍ଟନାୟକ | „ | ଟ ୨ |
| „ „ ବଂଶୀଧର ଦାସ | „ | ଟ ୧ |

କ୍ରମଶଃ     ଶ୍ରୀ

ଶ୍ରୀ ଶରତ୍‌ଚରଣ ଘୋଷ ସହକାରୀ-ସମ୍ପାଦକ
ଅନୁଗୁଳ ଦୁର୍ଭିକ୍ଷନିବାରଣୀ ସଭା,
ଅନୁଗୁଳଗଡ଼ ।

---

Split by PDF Splitter

Digitized by srujanika@gmail.com

ମହାଶୟ ।

ନିମ୍ନଲିଖିତ ବିଷୟଟିକୁ ଅପଣଙ୍କ ଜଗଦ୍ୱିଖ୍ୟାତ ପତ୍ରିକାରେ ସ୍ଥାନଦାନ ଦେଇ ବାଧିତ କରିବା-ହେବେ ।

ଅଦ୍ୟ ଉତ୍କଳଦୀପିକା ପାଠକରି ଦେଖିଲୁଁ ଯେ ଅନନ୍ତବ୍ରତ ମଙ୍ଗଳବାରଦିନ ହେବାର ସ୍ଥିର ହୋଇଅଛି ପଣ୍ଡିତ ମହାଶୟ ଗୋଟିଏ ମାତ୍ର ପୁସ୍ତକ ଦେଖି ଯାହା ସ୍ଥିରକଲେ ତହିଁରୁ ଲୋକମାନଙ୍କର ଧର୍ମପ୍ରତି ଦୃଷ୍ଟି ନ ରଖି କେବଳ ମାତ୍ର ଆପଣା କଥା ସ୍ଥିରକରିବା ନିମିତ୍ତ, ଗଦାଧରପଦ୍ଧତି, ଓ ସ୍ମୃତିଦର୍ପଣ, କାଳମାଧବ ଏବଂ ପଣ୍ଡିତସର୍ବସ୍ୱ ଏପରି କେତେକ ଧର୍ମଶାସ୍ତ୍ର-ମାନଙ୍କୁ ଦୃଷ୍ଟିପଥକୁ ନ ଆଣି ମଙ୍ଗଳବାରଦିନ ଅନନ୍ତବ୍ରତ ହେବାର ଦୀପିକାରେ ପ୍ରକାଶ କରା-ଇଅଛନ୍ତି । ତ ଅଶାସ୍ତ୍ରୀୟ କଥା । ଉକ୍ତ ଗ୍ରନ୍ଥ-ମାନଙ୍କର ପ୍ରମାଣ । ଯଥା

ସ୍ମୃତିଦର୍ପଣେ ଅନନ୍ତବ୍ରତନିଷ୍ଠେୟ୍ୟ । ଅକ୍ଷୋଦ-ୟସ୍ୟ ଚାଣ୍ଡାସ୍ୟନ୍ତମ୍ । ଦେବେ ଦ୍ୱୈଧ୍ୟାବ୍ୟାପିନୀ ଗ୍ରାହ୍ୟେତି ବଚନାତ୍ ।

ଅତଏବ । ଚତୁର୍ଦ୍ଦଶ୍ୟନ୍ତସ୍ୟ ଶୁକ୍ଳାପୂର୍ବା ତୃତୀ ଚତୁର୍ଦ୍ଦଶୀ । ଉଦୟେ ତ୍ରିମୁହୂର୍ତ୍ତାପି ଗ୍ରାହ୍ୟାନନ୍ତ-ବ୍ରତେ ତିଥିଃ ।

ଇତି ମାଧବାଚାର୍ଯ୍ୟୋକ୍ତିଃ । ଜଭୂ ମଧ୍ୟାହ୍ନେ ଗ୍ରାହ୍ୟବେଳାୟାମିତି ମଧ୍ୟାହ୍ନକାଳଃ । ତନ୍ନ ଶୀଳାଦର୍ଶନ ବାଲ ଇତି । ମାଧବାଚାର୍ଯ୍ୟୋକ୍ତେଃ । ଇତି ।

ଏବଂ କାଳମାଧବେ । ଗଦାଧରପଦ୍ଧତୌ । ପଣ୍ଡିତସର୍ବସ୍ୱେଚ । ବସ୍ତୁତଃ ପର୍ଯ୍ୟାଲୋଚନା-ରେ ଦେଖାଗଲା ଯେ "ନଷ୍ଟ" ବୋଲି ପ୍ରାଚୀନ-ପୁସ୍ତକମାନଙ୍କରେ ସ୍ପଷ୍ଟ ଦେଖା ନାହିଁ । ପଣ୍ଡିତ ମହାଶୟ ଉପରୋକ୍ତ ପୁସ୍ତକମାନ ଦେଖିଲେ ବୁଝିପାରିବେ ।

ଏହି ବିଷୟ ପୁରୁଷୋତ୍ତମ ମୁକ୍ତିମଣ୍ଡପସ୍ଥ ପଣ୍ଡିତମାନେ ଅର୍ଥାତ୍ ପଣ୍ଡିତ ଶ୍ରୀ ଗୋପୀନାଥ-ମିଶ୍ର ଏବଂ ଶ୍ରୀ ପଣ୍ଡିତ ଶ୍ରୀ ଗୋବିନ୍ଦ ମିଶ୍ର ଓ ଶ୍ରୀ ପଣ୍ଡିତ ହରିହର ଦାସ ପ୍ରଭୃତି ପଣ୍ଡିତମାନେ ସ୍ୱୀକାର କରିଅଛନ୍ତି । ଇତି ।

ଶ୍ରୀ ରାମହରି ପ୍ରହରାଜ ଶର୍ମ୍ମା
ଶ୍ରୀ ଗଦାଧର ମିଶ୍ର ଶର୍ମ୍ମା
ବିଦ୍ୟାବ୍ରତବର୍ଦ୍ଧିନୀ ସଭାର ସଭାପତି ଓ ସମ୍ପାଦକ ।

ପୁରୀ
୧୦।୯।୮୮ ।

---

ମହାଶୟ !

ବର୍ତ୍ତମାନ ଏ ଅଞ୍ଚଳୀୟ ଲୋକଙ୍କ ଅବସ୍ଥା ଅତିଶୟ ଶୋଚନୀୟ ହୋଇଅଛି । ବର୍ଷା ହେଲେ ମଧ୍ୟ ଲୋକମାନେ ପୂର୍ବରୁ ଅନାବୃଷ୍ଟିରେ ଭୋଜନପାଣ୍ଡାଦ ନିମନ୍ତେ ବହୁ ଉଦରପୀଡ଼ନ କରୁଥିଲେ । ଶେଷରେ ଏ ଅଞ୍ଚଳ ଚୌଧୁରୀ ମହାଶୟମାନେ ପ୍ରଜାମାନଙ୍କର ଏତାଦୃଶ କଷ୍ଟ ଦେଖି ସ୍ୱୟଂ ଅମାରମାନଙ୍କରୁ କେତେ ଧାନ ବିତରଣ କରିବାରୁ ଅଳ୍ପଯାଏ ପ୍ରଜାମାନଙ୍କ ତାଦୃଶ ଅନ୍ନକଷ୍ଟ ବାଧି ନ ଥିଲା । ସମ୍ପ୍ରତି ଶ୍ରୀ ମହାପ୍ରଭୁ ( ଓ ଭଲ ଓ ନୀଚଶ୍ରେଣୀୟ ଲୋକ ) ସମସ୍ତଙ୍କ ହୃଦୟରେ ବାସ କରୁଅଛନ୍ତି । ଲୋକମାନେ ଯେତେ ଉପାର୍ଜ୍ଜନ କଲେ ସେମାନଙ୍କୁ ନିଅଣ୍ଟ ହେଉଅଛି । ଏବଂ ଏତେ-ବେଳେ ନୂଆ ଫସଲ ବସ୍ତୁମାନ ନାହିଁ "ବକପାଣ୍ଡି" ଯୋଡ଼ମାନଙ୍କ ଅବାଧ୍ୟପ୍ରୟୋଗ ହେବାରୁ ଲୋକମାନଙ୍କ ଶୁଧ୍ୟ ଭଳି ସମୟ ଅନୁଭବ ହେଉଅଛି । ଖାଦ୍ୟ ଅଭାବେ କେତେ ଲୋକଙ୍କର ଅସ୍ଥିମାତ୍ର ଅବଶେଷ ରହିଅଛି । କେତେଲୋକ ମୁମୂର୍ଷୁ ଦଶା ପ୍ରାପ୍ତ ହେଲେଣି, ଏବଂ କେତେକ ମଧ୍ୟମଶ୍ରେଣୀୟ ଲୋକେ କୁଳଧର୍ମପ୍ରତି ଦୃଷ୍ଟି ନ ରଖି ପରସ୍ପର ଅନ୍ୟଲୋକର ଅଇଁଠା ଛୋଡ଼ାଣି ଗ୍ରହଣ କରୁଅଛନ୍ତି । କେତେ ବାଳକ ପେଟକଷ୍ଟ ନ ସହି ଉର୍ଣ୍ଣ ଥାଳ ବେଗରେ ଖାଇଯାଉ-ଅଛନ୍ତି । ନିମ୍ନଶ୍ରେଣୀୟ ଲୋକେ ନାନାପ୍ରକାର ଶାକ, କରଡ଼ା, ଓଲୁଅ ଓ ବଣସାରୁପ୍ରଭୃତି ଖାଇ ପ୍ରାଣରକ୍ଷା କରୁଅଛନ୍ତି । ଅନ୍ନକାଳ ଦରିଦ୍ର ( ଗଞ୍ଜାଇ ଅଫିମଖିଆ ) ନିଶାଖୋର-ମାନଙ୍କ ଅର୍ତ୍ତନାଦ ଶ୍ରବଣରେ କାହା ହୃଦୟ ଦ୍ରବୀଭୂତ ନ ହେବ ! ଏମାନେ ଉପଯୁକ୍ତ ପରି-ମାଣରେ ନିଶାସେବନ ନ କଲେ ଅଦାଭ ନ ହେଇ ବରଂ ଉପବାସରେ ପଡ଼ିରହନ୍ତି । ଏହି-ପରି ଅନେକ ନିଶାଖୋର ଏବେ ସ୍ୱଭାବଶାରେ ପ୍ରବୃତ୍ତ ହେଲେଣି । କେତେ ଲୋକ ଅନ୍ନା-ଭାବେ ବୈଷ୍ଣବ, ଯୋଗୀ ଓ ଭିକାରି ହେଉ-ଅଛନ୍ତି ତହିଁର ସଂଖ୍ୟା ନାହିଁ । ଭଗବାନଙ୍କ ଅନୁଗ୍ରହରୁ ଶାରଦଫସଲ ହସ୍ତଗତ ହେଲେ ଲୋକମାନଙ୍କ କଷ୍ଟ ଦୂରୀଭୂତ ହେବ ଏବଂ ବୈଷ୍ଣବ ଓ ଯୋଗୀମାନଙ୍କ ବେଶ ପୂର୍ବବତ୍ ପରିବର୍ତ୍ତିତ ହେବ । ପରମେଶ୍ୱରେ ପ୍ରଜାମାନଙ୍କର ଏପରି କଷ୍ଟ ସମୟରେ କେହି ଦୟାମ-ହୃଦୟ ସାହାଯ୍ୟଦାନ କରିବାକୁ କି ମନ କଲାଇବେ ନାହିଁ ?

ଭବଦୀୟ
ଶ୍ରୀ ଉଣାବନ୍ଧୁ ।

☞ ଏପତ୍ର ଖଣ୍ଡିକ ଅତିରଞ୍ଜିତପରି ବୋଧ ହୁଅଇ କିନ୍ତୁ ଯେଣୁକି ଲେଖକଙ୍କର ପ୍ରାଣରୂପରେ ପଢ଼ିବାର ଲେଖାଅଛି ସେଥିରେ କେତେ ଅନୁସନ୍ଧାନ କରିବା ଆବଶ୍ୟକ ବୋଲି କର୍ତ୍ତୃପକ୍ଷଙ୍କ ଜାଣିବା ନିମିତ୍ତ ପ୍ରକାଶ କଲୁଁ ।—ସମ୍ପାଦକ ।

---

To the Editor Utkal Dipika,

Sir,

Allow me to contradict the statement made in your paper of the 15th intant *viz*, " a Municipal Commissioner of the town declared in one of the meetings of the corporation, that in the face of the Samyabadi and other schools existing in the town, *there was no necessity at all for the Peary Mohan Academy.*" This statement is untrue—the italics being my own.

The real fact of the matter is that on the 27th August, a proposition was put before the Municipal Commissioners for leaving the Market Godowns to Peary Mohan Academy on Rs. 10 a month. On discussion ensuing, one of the opposing Commissioners was carried away by his zeal on behalf of the Academy and was heard to say. " The municipality should do well to sacrifice the income it would derive from the godown for a school which was doing so great a good to the town " or words to that effect and it was then that the Municipal Commissioner you have referred to remarked to the following effect:—Looking to the working of the Samyabadi and other schools of its class, set up of late, the Academy cannot be said to be supplying the same crying want now as it was doing before and it cannot merit the exemption claimed for it:—considering, of course, the Municipal ways and means.

I leave it to your readers of independent judgement to pronounce upon the correctness of the opinion thus expressed.

15—9—88. Your truly,
A Municipal Commissioner.

Digitized by srujanika@gmail.com

# ବି ଜ୍ଞା ପ ନ ।

**"STUDENTS' SERVICE MEETING."**
**SATURDAY 22nd September**
**4-30 P. M. TOWN SCHOOL.**

Subject......" The true aim of Education."
Lecturer...The Rev. ALEX H. YOUNG M. A.
The public are cordially invited to attend the meeting.

Jogesh Chandra Roy,
Secretary.

। କ୍ଷୁ । କଟକ ମିଉନିସିପାଲିଟୀ ।

# ବିଜ୍ଞାପନ ।

। ମୃ । ସନ ୧୮୮୪ ସାଲ ବଙ୍ଗୀୟ ଅ ୩-ଇନର ଦ ୨୧୩ ଧା ଯେହେତୁ ଏ ନଗରରେ ଅନେକ ବନ୍ୟ କୁକୁରମାନେ ବନ ଓ ଗହ୍ଵର ସମୟରେ ଦଳବଦ୍ଧ ହୋଇ ପଶୁ ଓ ମନୁଷ୍ୟମାନଙ୍କପ୍ରତି ଆକ୍ରମଣ କରୁଥିବାରୁ ସେମାନଙ୍କୁ ଆସନ୍ତା ଅକ୍ଟୋବର ମାସ ତା ୧ ଦିନଠାରୁ ମାରିପକାଇବାର ଆଦେଶ ହୋଇଅଛି ଅତଏବ ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ପୋଷାକୁକୁର ଓ ଶିକାରୀକୁକୁରମାନଙ୍କଠାରୁ ରଖିବାଲାଗି ନିମ୍ନଲିଖିତ ନିୟମମାନ ପ୍ରତିପାଳନ କରିବେ ।

ନିୟମ ।

( ୧ ) ମିଉନିସିପାଲ କମିଶ୍ନରମାନଙ୍କଦ୍ଵାରା ଏକ ରେଜେଷ୍ଟ୍ରୀ ବହି ଖୋଲାହେବ ଯେ ଉକ୍ତ ଏକତାରିଖ ମଧ୍ୟରେ ପୋଷାକୁକୁରମାଲିକମାନେ ଆପଣା କୁକୁରର ବର୍ଣ୍ଣ ଓ ସେମାନଙ୍କର ନାମ ଓ ବାସସ୍ଥାନ ରେଜେଷ୍ଟ୍ରୀ କରାଇବେ ।

( ୨ ) ବାଙ୍କି ଅଶେଷର କୁକୁରବୋଲି ଜଣା ହେବାନିମନ୍ତେ କେବଳ ନିମ୍ନଲିଖିତ ଚିହ୍ନମାନ ଦିଆହେବ ।

( ୧ ) ପିତ୍ତଳ ନାମ୍ବର ପଟ୍ଟୀ ।

( ୨ ) ପ୍ରସ୍ତୁତ ଚମଡ଼ାର ବନ୍ଧଲଗଳାପଟ୍ଟୀ ।

( ୩ ) ଉପରଲିଖିତ ଚିହ୍ନ ଭିନ୍ନ ଦୌଡ଼ି, କନାଖଣ୍ଡି, ଖାଲୁକମା ଇତ୍ୟାଦି ଯାହାର ଯେ ମନକୁ ଆସିବ ସେଥିରୁ ଚିହ୍ନ ଦେଲେ ବ୍ୟକ୍ତିବିଶେଷର କୁକୁରବୋଲି ଗଣ୍ୟ ନ ଯାଇ ବଧବଣ ହିବ । ତା ୧୫।୯।୮୮ ।

Dwarkanath Chakrabarty
Chairman
Cuttack Municipality.

**FOR SALE**

A small Pheton in good condition with a good Burmah Poney of young age all complete. For further particulars apply to the Editor of Utkal Dipika.

ଓଡ଼ିଆ

# ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକିଆ ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦/ ପଡ଼ିବ ।

ଅମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଚ୍ଛା ବଢ଼ିଆ ମସଲା ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ନଗଦ ଦେଲେ ପାଇପାରିବେ । ସେଥିରେ ଦୃଢ଼ଙ୍କ ଲାଭ ଏହି ବଜାରପ୍ରାୟ ନିର୍ଣ୍ଣିତ ନାହିଁ ଆଉ ଯାହାଙ୍କର ବହୁତ ବର୍ଷ ଧରି ବେଶୀ ମଇଦା ଦରକାର ହେବ ତାଙ୍କର ବର୍ଷର ଆଠଦଶଦିନ ପୂର୍ବରୁ ଫରମାସ ଦେଲେ ଅମ୍ଭେ ଉତ୍ତମ ଜଗଇଦେବୁଁ (ଫଲେଇ ଧଇଗୀ ଯଥେଷ୍ଟ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୯।୮୮ }
କଟକ } ଶ୍ରୀ ଅଭୟଚରଣଦାସଙ୍କର ।

ଶ୍ରଦ୍ଧେୟ ପଠିତବ୍ୟ

କଟକଜିଲ୍ଲାଅନ୍ତର୍ଗତ ଜଗତସିଂହପୁର ପୁର୍ବନିବାସୀ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଚିକିତ୍ସାରେ ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜମାନଙ୍କ ପରିତ୍ୟକ୍ତ ରୋଗୀ ଆରୋଗ୍ୟ ଲଭି ଅଛନ୍ତି । ତାହାଙ୍କ କର୍ତ୍ତୃକ ଓଲାଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ଅଳ୍ପମାତ୍ରେ ସେବନ କଲେ ରୋଗର ହସ୍ତରୁ ନିସ୍ତାର ପାଇ ପାରିବେ । ତାହାଙ୍କ ନିର୍ମିତ ହେମାଦି ବଟିକା ନାମକ ଜ୍ଵରସଂହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରଚରପଣ୍ଡାଙ୍କର ଶୁଦ୍ଧଦୋଷ ଜ୍ଵରରୋଗିମାନଙ୍କୁ ଦେଢ଼ ମା ୭ ଦି, ଦେଢ଼ବା ମା ୫ ଦି, ଦେଢ଼ି, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏହାଂ ଥାଇ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାସ୍ୱଳ କଲେ କୋଥ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କର ରାୟ ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ତାଳଚେର ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜମାନଙ୍କ ଏବଂ କଣ୍ଟଗ୍ରହ୍ଣ-ପ୍ରାଣଗତ ମୂର୍ଚ୍ଛାକ୍ରାନ୍ତ ରୋଗିକୁ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯାଜପୁର, ଭଦ୍ରକ, ମାଣିକପଟ୍ଟଣା, ଆଖୁଆପଦା, ଏରମା, ମେଦିନୀପୁର, କୋଥ, ବାଲିପଟ୍ଟଣା, ତଣାହଟ୍ଟା, ଓ ନମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ଦନ୍ତଅରସ, ଓଲାଉଠା, ଆମାଶୟ, ମେଲେରିଆଜ୍ଵର, ଜୀର୍ଣ୍ଣକାଳସ୍ଥାୟିଜ୍ଵର, ଚନ୍ଦ୍ରାବର୍ତ୍ତିଜ୍ଵର, ପାଳିଜ୍ଵର, ବାତ, ବାତାର୍କ୍ତ, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂର୍ଚ୍ଛା, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସାଙ୍ଘାତିକ ଅବସ୍ଥାରେ ନୈରାଶ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷୀମାନେ ପତ୍ର ଲେଖି ବା ଡାକଟିକଟ ସହ ପଣ୍ଡିତ ଲେଖିଲେ ଅଶୁଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

ପ୍ରଧାନ ଫରାସଦେଶୀୟ ଔଷଧ ଡାକ୍ତର ଜ, ଜ, ସାହାବ ସାମେରଟାଇକନ୍ଦ ଔଷଧ ।

ଏତଦ୍ଵାରା ନାଡ଼ୀ ବା ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର ମେରୁଗ୍ରନ୍ଥି, ଫୁସଫୁସ ଓ ଯକୃତ ଉତ୍ତମରୂପ ଶୁଦ୍ଧ ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାପକ୍ଷରେ ପ୍ରଧାନ ଔଷଧ ହୋଇ ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ଵାରା ବିଶେଷରୂପେ ଆଦୃତ ଯଥା; ନାସ, କମ୍ପ ଉଦରି, କୁଷ୍ଠ, ଗାଉଟ, ବହୁଦିନବ୍ୟାପି ଜ୍ଵର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅଲ୍ପରକ୍ତତା, ଶୁକ୍ରକ୍ଷୟ, ମଣିର ଛେଦ, ମେହ, ମେହଜ୍ଵାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମ ।

ଡାକ୍ତର ଜ, ଜ, ସାହାବ ସାମେରଟାଇକ ଔଷଧ କାହିଁକି ନେୟସନ୍ଦ୍ଵାରା ନିମ୍ନଲିଖିତ

ପୀଡ଼ାପକ୍ଷରେ ବହୁମୂଲ୍ୟ ବୋଲି ବବେଚିତ, ଯଥା;—ଘୋଡ଼ାଘା, ବହୁଦିବସର ଘା, ପୀଡ଼ାଦାୟକ ଘା, କୃମି, ଭଣ୍ଡୋସ୍ଥା, ଦଦ୍ରୁ, ପକ୍ଷାଘାତ, କୁଷ୍ଠ, ଅଣ୍ଡଗ୍ରନ୍ଥିପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ଚର୍ମ୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ନିୟମାବଳି ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ୫ ଓ ୧୦ ଙ୍କା ଅଟେ ଏତଦ୍ବ୍ୟତୀତ ପଠାଇବାପାଇଁ ଟ ୦ । ବେଶୀଖର୍ଚ୍ଚା ପଡ଼ିବ । ଯଦି କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅଲ୍ଟାଘାଟ ବହୁବଜାର } ଏ, ଟି, ମୁଖାର୍ଜ୍ଜି

## ମେହରୋଗ ।

ଏ ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ବାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ନିରାର୍ଦ୍ଧି ଗୋ-ଣକରିବାର ଜୀବନ ନଷ୍ଟ ସାମାନ୍ୟ ଅର୍ଥବ୍ୟୟ-ସହକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାସମୟରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତୁଗତରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଟେଭେଷ୍ଟୋଲ ନଂ ମ୍ବର ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଦଉସାହିଠାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

## ବାଲିକାଗଜ ।

ନିମ୍ନଲିଖିତ ଦସ୍ତା ଦରରେ ସବୁ ବଡ଼ ଭୌକ୍ଷ୍ଣଦୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କମ୍ପାନି ନିକଟେ ବାବୁ ଅର୍ତ୍ତବନ୍ଧୁ ଦାସ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ପଣ୍ଡି ବାଲି | ପ୍ରତି ୧୬ ଟ ୨୧୵ | ତ ୧୬ | ଟ ୦ ୵୭ |
| ୧୭ ପଣ୍ଡି | ” | ” ଟ ୨୫ | ” ଟ ୦ ୵୦ |
| ୧୨ ପଣ୍ଡି | ” | ” ଟ ୨। | ” ଟ ୦ ୵ |
| ୨୨ ପଣ୍ଡି ଡବଲଫୁଲସ୍କେପ୍ | ” ଟ ୩। | | ” ଟ ୦ ୵୭ |

ଗାୟୁଲ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲାଟି ଓ ରେସମୀଓଡ଼େଲର ଲୁଗା ଓ ରେସମଲଗା ଓ ବନାତ ନାନା ସମ୍ପ୍ରଦାୟର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପସ୍ଥିତ ଆଉ କେତେକ ଫେସନ ଜିନିଷର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ହେବ ଦୋକାନରେ ଅନ୍ବେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲେତି ଜୋତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି-ଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି କେହି ଜୋତାମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଜୋତା ଚାହାନ୍ତି ତେବେ ଏକ ସପ୍ତାହକୁ ଫି ଜୋଡ଼ା ଟ ୦ ୵୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ସମ୍ପୂର୍ଣ୍ଣତାର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଜୋଡ଼ାର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦ ଜିନିଷ ।

ନାନା ପ୍ରକାର ଖେଳଣା ବ ଶଚୀନେ ସ୍ବର ଦେଲେ ବଜେ ।
ପରେଜନିତ
କସେଲାଇ ତେଲ ନାନା ଶେଣ ପାଟା ଓ ରେଶମ ସୂତା ।
ଡୁଲି ଅର୍ଥାତ୍ ଦରଜା କହିବା ନାନା ପେନ-ସିଲ ଓ କଲମ ।
ସେଲ୍ଫିଲ ଯାତ୍ରା ଛବି ।
ନାନା ପ୍ରକାର ପଠେ-ଯାଉ ଓ ଲଣ୍ଠନ ରଙ୍ଗ ଦ୍ରବ୍ୟ ।
ଟିକଲ ଛବି ।
ନବନ୍ତ ସାବୁନ ।
ତାବାଦି ଗ୍ଲାସ ଓ ପେ ଭଙ୍ଗା ଯହିଁରେ ଦ୍ରବ୍ୟ ।
ଅସୋଲ ରେଲ—ଅର୍ଥାତ୍ ଖୁଣ୍ଟା ତେଲ ।
ଅଟଳ ଛୁରୀ ।
ଓଗାଟର ଗୁଡ଼ ଛତା ।
ବସିବା ଅର୍ଥ ।
କୋଟ ପେଣ୍ଟାଲୁନ ।
ନାନା ରଙ୍ଗ ଓ କତ ଜରିକ ଓ ସୂତା ସୂତା
ଅର୍ଦ୍ଧ ଦୁଇଫରଦିଆ ଏକପଟ ଜୁତା
ମେଲିଷ୍ଟର ଟପୋର ଏକ କେବଳ ଅଛି
ଏ, ଯୋଗକ ସମ୍ବନ୍ଧେ ଜାମିନ ଓ ଖୁଦୁରା । ଦରମା ଅବରୋଧ ଏତତ ବାଦସା ।
ଅନେକ ପେନସିଲ ଯାହା ଏ ପେନସିଲରେ ଲେଖି କପି ନେବା ଲେଖା ଛପାଇ ହେଉ ପେନସିଲ ଲେଖା ଯେତେ ବେଳ ପାଣି ଦେଲେ ପଢ଼ି ନ ହବ ନ ଯିବେ ।

ପୋର୍ଟମେଣ୍ଟ ଓ ଦିବ୍ବାର ଟେବୁଲ ମେଜ ଓ ବସିବା ଭଳେ ଗଲେ
ଟୁରାଇ ଟାଇ ଅର୍ଥାତ୍ ରେଶମୀକେଶରେ ଗଲ ଓ ସୁଣ୍ଡିରେ ବନ୍ଧା ହେବ ।
ପଥର ତକ୍ତା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୭ × ୧୪ ”
ମୋଜା ଓ ମୋଜାଷତ
ଭଲନ ଏବ ନାନାପ୍ରକାର କରି ସାର୍ଟ କଲା ଓ ଗଳା
ଜେନେରେଟର ।
ନାଇଟ ପାଇପରବୋଲି ଗିଲା
ବାଣିଜ ରେଲରେ ବଡ଼ ଲାଗିବାର ଥାଳ ମସ୍ତାମା
ରେଡ ବ୍ଲୁ ପେନ୍‌ସିଲ
କର୍ପୋରେଶ ଶାର୍ଟ ଓ ଯୋଡ଼ ଓ ଚଟି
ମନିବ୍ୟାଗ ଓ ଟାଇ-ଗାଉ ଗାଲୋସ ଓ ଶାଟୀ ।
ବିସ୍କୁଟ ବାକ୍ସ
ଏଷ୍ଟିମେଟ ଅର୍ଥାତ୍ ପର୍ଗା-ଛନ ଲୋକ ଅକ୍ଷର ଚଷ୍ମର ଦରକା ଦର୍ପଣରେ ଦରକାର ହୁଏ ।

## ପିଚକାର ।

ଏ ଔଷଧକୁ କେତେକ ପାଣିରେ ଗୋଳି ନର୍ଦ୍ଦମାରେ ନିକାଳ ହୋଇ ରହିବା ସ୍ଥାନରେ ଦେଲେ ପାଣିଗନ୍ଧ ବନ୍ଦ ହେବ ଘରର ମଝି-ଅରେ ଲେପିଦେଲେ ମଛିବୃନ୍ଦ ଓ ଦୁଗନ୍ଧ ଥିବ ନାହିଁ ।

ବଗିଚ ଗମଲା ଓ ଗଛରେ ଲଗାଇବାର କାଳ ମଧ୍ୟ ଅଛି ।

ଅଲଚକଷ୍ଟିକ ଜଳ କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଖୁଦ ହେଲେ ଛର୍ଦ୍ଦିର ଖର୍ଚ୍ଚା ଟ ୦୲ ରୁ ଊଣା ହେବ ନାହିଁ ।

ଦ୍ବିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅର୍ଦ୍ଧେକ ଓ ଦ୍ବିଗୁଣ ପର୍ଯ୍ୟନ୍ତ ହେବ ।

ଅଧିକ ଦିନର ସକାଶେ ସ୍ବତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଇଣ୍ଟ ଏହି ଉତ୍କଳଦୀପିକା କଟକ ଷ୍ଟେସନ ଚାନ୍ଦନୀ ଚୌକରେ ... ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1

319

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୩ ଶ । ସଂ ୩୯ ସଂଖ୍ୟା । ତା ୨୯ ଋଣ ମାର୍ଚ୍ଚ ଖ୍ରୀଷ୍ଟାବ୍ଦ ସନ ୧୮୮୮ ମସିହା । ମୁ । ଚୈତ୍ର ର ୧୭ ଶ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦ୍ଦେୟ ଟ ୬୲

## ବିଜ୍ଞାପନ ।

ଯେଉଁମାନେ ଅଗ୍ରିମମୂଲ୍ୟ ଦେବା ନିୟମରେ ଗ୍ରାହକ ହୋଇ ଏକବର୍ଷରୁ ଅଧିକ ହେବ କିଛି ଦେଇ ନାହାନ୍ତି ଏବଂ ବିଲ ପଠାଇବାରେ ସୁଦ୍ଧା ମନୋଯୋଗୀ ହୋଇ ନାହାନ୍ତି ସେମାନଙ୍କୁ ପ୍ରାର୍ଥନା କରୁଅଛୁଁ ଓ ଅନୁଗ୍ରହ ପୂର୍ବକ ଏହି ମାସ ମଧ୍ୟରେ ମୂଲ୍ୟଟଙ୍କା ପଠାଇଦେବେ ଯେଉଁ ଗ୍ରାହକ ଏଥି ମଧ୍ୟରେ କିଛି ନ ପଠାଇବେ ତାହାଙ୍କ ନିକଟକୁ ଆଗାମିମାସ ଆରମ୍ଭରୁ ଉତ୍କଳଦୀପିକା ପ୍ରେରିତ ହେବ ନାହିଁ ଏବଂ ପାଉଣା ଆଦାୟର ଅନ୍ୟ ବନ୍ଦୋବସ୍ତ ହେବ ଇତି ।

ଶ୍ରୀ ଗୌରୀଶଙ୍କର ରାୟ
୧୭।୧।୮୮ ସେକ୍ରେଟରି

---

ଶୋରିଆ ଯାଜାରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ଟଙ୍କାକୁ ଧାନ ସେ ୩୦ର ଲେଖାଏଁ ବିକ୍ରି ହେଲେ ସୁଦ୍ଧା ଅନାୟାସରେ ମିଳୁ ନାହିଁ ଏବଂ ଏସ୍ଥାନରେ ବର୍ଷାନପ୍ରାପ୍ତ ନାହିଁ ଓ କାର୍ତ୍ତିକମାସରେ ନଦୀଧାନ କଷ୍ଟ ଆରମ୍ଭ ହେଲେ ଲୋକଙ୍କର କଷ୍ଟ ଅଧିକ ହେବ ଅତଏବ ସରକାରୀ ଗୋଦାମରୁ ଚାଉଳବିକ୍ରିକ ରୂପେ ସେପର୍ଯ୍ୟନ୍ତ ରଖିବାର ଉଚିତ ।

---

ସ୍ଥାନାନ୍ତରେ ପ୍ରକାଶିତ ହେବ ଠାକୁରାଣୀଙ୍କ ପତ୍ର ପ୍ରତି ଅମ୍ଭେମାନେ ମିଉନିସିପାଲ କର୍ମଚାରୀଙ୍କ ଦୃଷ୍ଟି ପ୍ରାର୍ଥନା କରୁଅଛୁଁ । ସଡ଼କପାଖରେ ଦୀର୍ଘକାଳ ଗୋବର ଜମା କରି ରଖିବା କେବଳ ଅସ୍ୱାସ୍ଥ୍ୟକର କଥା ନୁହଇ ହେଲେହେଁ ଏଥିରେ ପଡ଼ ନ୍ୟୂନାଧିକରୂପେ ଅଧିକ ପାଇବାର ଦେଖା ଓ ଶୁଣା ଯାଉଅଛି । ଗତବର୍ଷ ବାବୁ ନନ୍ଦକିଶୋର ଦାସ ସଡ଼କନିକଟସ୍ଥ ପତିତ ସ୍ଥାନରେ ଗୋବର ଜମା କରି ରଖିଥିଲେ । ଓ ସେ ବନ୍ଦୋବସ୍ତ ଉତ୍ତମ ଥିଲା । ଏବର୍ଷ ତାହାଁର ବ୍ୟତିକ୍ରମ କାରଣରୁ ହେଲା ବୁଝାଯାଉ ନାହିଁ ।

---

ହେଭର୍ବୋଇସ୍କୁଲର ପ୍ରଧାନଶିକ୍ଷକ ବାବୁ ଗୋପୀନାଥ ମହାନ୍ତି ବଦଳି ହେବାରୁ ତାହାଙ୍କ କର୍ମରେ ଶ୍ରୀଯୁକ୍ତ ଇନ୍‌ସପେକ୍ଟର ଯାହାଙ୍କୁ ପଠାଇଅଛନ୍ତି ତାହାଙ୍କ କାର୍ଯ୍ୟରେ ସେଠାଲୋକେ ସନ୍ତୁଷ୍ଟ ନ ଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଅମ୍ଭେମାନେ ଆଶା କରୁଁ ଯେ ସରକାରୀ ଶିକ୍ଷାଦର୍ଶନ କର୍ମଚାରୀମାନେ ଏ ସମୟରେ ଏଥିର ତଦନ୍ତ କରିବେ ଓ ଆବଶ୍ୟକ ହେଲେ ସଦୁପଦେଶଦ୍ୱାରା ଶିକ୍ଷକଙ୍କୁ ଆପଣା କର୍ତ୍ତବ୍ୟ କର୍ମର ଜ୍ଞାନ ଦେବେ ନୂତନ କର୍ମଚାରୀ ହଠାତ୍ ଲୋକଙ୍କ ସନ୍ତୁଷ୍ଟ ହୋଇପାରନ୍ତି ନାହିଁ ।

---

କାର୍ତ୍ତିକର ସୁପ୍ରଣ୍ଡଆଛେବ ଲେଖାନାରେ ଥିବାସମୟରେ ଚଳିତମାସ ତା ୧୯ରୁ ଖରେ ସେଠା ମାଲିକର ଓ ବାଳକମାନଙ୍କର ବାର୍ଷିକ ପୁରସ୍କାର ଦାନ କରିବା ଉପଲକ୍ଷରେ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁରେ କହିଥିଲେ ଯେ ଏଠା କଟକରେ ଛାତ୍ରୀମାନଙ୍କୁ ପୁରସ୍କାର ଦେବାର ଦେଖିଥିଲୁଁ । ଏ ସବୁ ଅମୃତ ସ୍ତ୍ରୀସ୍କୁଲ ଅଟଇ । ଆମ୍ଭର ଇଚ୍ଛା ଯେ ଏପ୍ରଦେଶରେ ସ୍ଥାୟୀଭାବରେ ରହିଲେ ଓଡ଼ିଆ ପଢ଼ି ଛାତ୍ରୀମାନଙ୍କୁ ନିଜେ ପରୀକ୍ଷା କରିବୁଁ ଓ ପୁରସ୍କାର ଦେବୁଁ ଏବଂ ବାଳକାବିଦ୍ୟାଳୟସମ୍ବନ୍ଧରେ ଯେ କିଛି ଅଭାବ ରହିଅଛି ତାହା ମୋଚନ କରିବାପାଇଁ ଯଥାସାଧ୍ୟ ଚେଷ୍ଟା କରିବୁଁ । ମାଲିକର ସ୍କୁଲସମ୍ବନ୍ଧରେ ବିଗତବର୍ଷ ଶୃଙ୍ଖଳା ଓ ପ୍ରଥମ ଓ ୨ଜଣଛାତ୍ରୀ ୨ୟ ଶ୍ରେଣୀରେ ପାଶ କରିବାର ଦେଖି ଆନନ୍ଦପ୍ରକାଶ କଲେ ଏବଂ ସ୍କୁଲର ତତ୍ତ୍ୱାବଧାରଣକାର୍ଯ୍ୟ ସୁନ୍ଦରରୂପେ ଚାଲୁଥିବାରୁ କମିଟୀର ମେମ୍ବରମାନଙ୍କୁ ଧନ୍ୟବାଦ ଦେଲେ ।

---

ଚଳିତମାସ ତା ୧୫।୧୬ ତାରିଖରେ ଯେଉଁ ଝଡ଼ ଓ ବର୍ଷା ହୋଇଥିଲା ତାହା ବହୁସ୍ଥାନବ୍ୟାପି ଏବଂ ତହିଁର ଗତି ଅତି ପ୍ରଖର ଥିଲା । ଏ ଝୋଡ଼ାଳ ଏକସପ୍ତାହ ପୂର୍ବରୁ ଆଣ୍ଡାମାନ ଦ୍ୱୀପ ନିକଟରେ ଜାତ ହୋଇ ପ୍ରଥମେ ବ୍ରହ୍ମଉପକୂଳକୁ ଚାଲିଗଲା ଏବଂ ସେଠାରୁ ବଙ୍ଗସାଗରମଧ୍ୟରେ ଆସି ଓଡ଼ିଶାଉପକୂଳରେ ଉପରିଲିଖିତ ତା ୧୬ ରାତ୍ରିକାଳେ ପ୍ରବେଶ ହୋଇ ଗଡ଼ଜାତବାଟେ ମଧ୍ୟପ୍ରଦେଶ ଏବଂ ବମ୍ବେଇକୁ

Digitized by srujanika@gmail.com

Split by PDF Splitter



କାହାର ଗଲା ଏବଂ ସେଠାରୁ ଉତ୍ତରପଶ୍ଚିମ ଓ ପଶ୍ଚିମଦିଗରେ ବ୍ୟାପି ତା ୨୦ ରଖରେ ନିଃଶେଷ ହୋଇଗଲା । ଏଥିରେ ଏ ସମସ୍ତ ସ୍ଥାନରେ ଉଣାଅଧିକ ପବନ ଏବଂ ପ୍ରଚୁର ବୃଷ୍ଟି ହୋଇଅଛି ଆଉ ମଧ୍ୟ ଉଦ୍ଭାଗ ଫସଲର ଉପକାର ହୋଇଅଛି ଏବଂ କେତେ ସ୍ଥାନରେ ଅନାବୃଷ୍ଟିର ଆଶଙ୍କା ଦୂର ହୋଇଅଛି । ସିମ୍ଳା ପର୍ବତରେ ମଧ୍ୟ ଏହି ତୋଫାନଯୋଗେ ଭଲ ବୃଷ୍ଟି ହୋଇଥିଲା । ଓଡ଼ିଶାର ସକଳଭରେ ଭଲ ବୃଷ୍ଟି ହୋଇଅଛି ଏବଂ ଯାଜପୁର ବାଲେଶ୍ୱରରେ ଉପବର୍ଷି ହୋଇ କେତେ ଧୋଇ ଯାଇଅଛି ।

---

ଏଥରର ତୋଥିସାବଡ଼ାର ଏବଂ ଅନ୍ୟ ଦୁଇ ଏକ ସ୍ଥାନରେ ଏକ ଲୋକ ନାନାପ୍ରକାର ନୂଆ ସ୍ତ୍ରୀଙ୍କ ଉଚିତ ନଲମନ୍ଦାର ବନ୍ଦିର କରବାର ଦେଖିଥିବେ । ଏମାନଙ୍କର ପ୍ରକୃତ ବ୍ୟବସାୟ ମୋଫସଲୀୟ ଲୋକଙ୍କୁ ଠକିବା ଭିନ୍ନ ଅନ୍ୟ କିଛି ନୁହଇ । ପ୍ରତ୍ୟେକ ଦୋକାନର ଦୁଇ ତିନିଜଣ ସଙ୍ଗୀ ଅଛନ୍ତି । ଯେଉଁ ଦ୍ରବ୍ୟର ଆଶାନୁରୂପ ମୂଲ୍ୟ ନ ହୁଏ ଅପଣା ମଧ୍ୟରେ ତାକ ଉଠାନ୍ତି କିନ୍ତୁ ମୋଫସଲୀୟ ଲୋକେ ତାହା ଜାଣି ନ ପାରି ଅଧିକା ଡାକରେ ଦ୍ରବ୍ୟ କିଣନ୍ତି । ଏହିପରି ସମୟରେ ଖରିଦଦାରମାନଙ୍କ ଅପମାନ ବା ମାରପିଟ କରିବାର ଦେଖା ଯାଇଅଛି । ଡାକେ ଯଡ଼ିଯନ୍ତ୍ରରେ ପଡ଼ିଅଛନ୍ତି କ ଏପରି କରିବାକୁ ଦମନ କରିବାର କିଛି ଉପାୟ ତାହାଙ୍କ ଖରିଦ କର୍ତ୍ତାପ୍ରତି କାହାର ହସ୍ତକ୍ଷେପ କରିବାର ଅଧିକାର ନ ଥିବା ସ୍ଥଳେ ଆମ୍ଭମାନଙ୍କ ବିବେଚନାରେ ଲୋକମାନଙ୍କୁ ସାବଧାନ କରିବା ଭିନ୍ନ ଅନ୍ୟ କିଛି ଉପାୟ ନାହିଁ । ଅପମାନ ବା ମାରପିଟର ପ୍ରତିକାର ଦଣ୍ଡବିଧି ଆଇନରେ ଅଛି ମାତ୍ର ତାହା ସମୟ ଓ ଅର୍ଥସାପେକ୍ଷ ହେବାରୁ ମୋଫସଲର ଗରିବଲୋକଙ୍କ ପକ୍ଷରେ ତାହା ପାଇବା ସହଜ ନୁହଇ । ଭଗବାନ୍ ଯାହାଙ୍କୁ ଦୁଃଖୀ କରିଅଛନ୍ତି ତାହାଙ୍କର ଦୁଃଖ ସବୁଠାରେ ।

---

ବର୍ତ୍ତମାନର ଗତ ବାର୍ଷିକ ବିବରଣର ସମାଲୋଚନା କରି ଅମ୍ଭମାନଙ୍କ ଶ୍ରେଷ୍ଠ ଲଟବାହାଦୁର ଷ୍ଟେଡ଼ିଷ୍ଟେସ୍ ଟିକା ଖର୍ଚ୍ଚ ବିଷୟରେ ଯେଉଁ ସୁନ୍ଦର ଉପଦେଶ ଦେଇଅଛନ୍ତି ତାହା ସର୍ବସାଧାରଣଙ୍କର ଜାଣିବାର ଉଚିତ ଅଟଇ । ସେ ଲେଖିଅଛନ୍ତି କି ଗବର୍ଣ୍ଣମେଣ୍ଟ ପୁନଃ ୨ ଏହି ମନ୍ତବ୍ୟ ବ୍ୟକ୍ତ କରିଅଛନ୍ତି କି ଗ୍ରାମ୍ୟ ସଡ଼କମାନଙ୍କ ପ୍ରସ୍ତୁତ ଓ ମରାମତି ସକାଶେ ପ୍ରଚୁର ଅର୍ଥ ଯୋଗାଇବା ଉଚିତ କାରଣ ଏ ସଡ଼କମାନ ଏକା ବଡ଼ଲୋକଙ୍କ କାର୍ଯ୍ୟରେ ଲାଗଇ ନାହିଁ ମାତ୍ର ସମସ୍ତ ଗ୍ରାମବାସିଙ୍କର ସୁବିଧା ହୁଅଇ । ଷ୍ଟେଡ଼ିଷ୍ଟେସ ଟିକା ଯେଉଁ ସ୍ଥାନରୁ ଆଦାୟ ହୁଅଇ ସେ ସ୍ଥାନର ଉପକାର ନିମିତ୍ତ ବ୍ୟୟିତ ହେବ ତାହା ହେଲେ ଯେଉଁମାନେ ଟିକସ୍ ଦେଉଅଛନ୍ତି ସେମାନେ ଜାଣି ପାରିବେ ଯେ ସେମାନଙ୍କର ସ୍ୱାର୍ଥ ପ୍ରତି ଦୃଷ୍ଟି ରହୁଅଛି ଏବଂ ତଦ୍ୱାରା ଷ୍ଟେଡ଼ିଷ୍ଟେସ ମହକୁମାର କାର୍ଯ୍ୟ ପ୍ରତି ସେମାନଙ୍କର ସନ୍ତୋଷ ଜାତହେବ । ଅବଶ୍ୟ କଥାନ ଧରେ ବଡ଼ ୨ ସଡ଼କ ନ ହେଲେ ନାନା ଗ୍ରାମ ଓ ହାଟମାନ ସଂଯୋଗ ହୋଇ ନ ପାରେ । କିନ୍ତୁ ଗ୍ରାମ୍ୟ ସଡ଼କମାନ ତହିଁରେ ଯୋଗ ନ ହେଲେ ଗ୍ରାମବାସିଙ୍କର ଉପକାର ହେବ ନାହିଁ । ଅମ୍ଭେମାନେ ଆଶା କରୁଁ କି ଗବର୍ଣ୍ଣମେଣ୍ଟଙ୍କର ଏହି ଉପଦେଶକୁ ସର୍ବଦା ମନରେ ରଖି ସ୍ଥାନୀୟ ଓ ଜିଲ୍ଲାସମିତିମାନେ ଗ୍ରାମ୍ୟରାସ୍ତା ପ୍ରତି ସମୁଚିତ ଅନୁକୂଳ୍ୟ ପ୍ରକାଶ କରିବେ ।

---

ଅନୁଗୁଳର ଦୁର୍ଭିକ୍ଷସମ୍ବନ୍ଧରେ ତୃତୀୟ ରେପର୍ଟ ପ୍ରକାଶିତ ହେଲା । ତହିଁରୁ ଜଣାଯାଏ ଅଛି କି ଗତ ବୃଷ୍ଟିଦ୍ୱାରା କିଛି ଉପକାର ହୋଇଅଛି ମାତ୍ର ସାହାଯ୍ୟଦାନର ପ୍ରୟୋଜନତା ଅଦ୍ୟାପି ଊଣା ହୋଇ ନାହିଁ ଏବଂ ଅନାହାରରେ ଲୋକ ମରୁଅଛନ୍ତି । ସାହାଯ୍ୟ କରଣୀ ସଭାର ପାଣ୍ଠି ଶେଷ ହୋଇ ଆସିଅଛି ସର୍ବସାଧାରଣଙ୍କର ବଦାନ୍ୟତା ବିନା କାର୍ଯ୍ୟ ଚଳିବା କଠିନ । ଅମ୍ଭେମାନେ ସଭାର ସମ୍ପାଦକଙ୍କୁ ପ୍ରାର୍ଥନା କରୁଅଛୁଁ କି ସଭା ଯେଉଁ ଦିନଠାରୁ ସାହାଯ୍ୟ କାର୍ଯ୍ୟ ଆରମ୍ଭ କରିଅଛନ୍ତି ପ୍ରତିଦିନ କେତେଜଣ ପ୍ରାର୍ଥୀ ହେଉଅଛନ୍ତି ସେମାନଙ୍କୁ କି ନିୟମରେ ସାହାଯ୍ୟ ଦିଆଯାଉଅଛି ଅବଧି କେତେଲୋକ ସାହାଯ୍ୟ ପାଇଅଛନ୍ତି ଏବଂ କେତେ ଜଣପିଛା ଅଥବା ପ୍ରତିଦିନ କେତେ ଖର୍ଚ୍ଚ ପଡ଼ୁଅଛି କେଉଁ ଶ୍ରେଣୀର ଲୋକମାନେ ସାହାଯ୍ୟ ନେଉଅଛନ୍ତି ଏବଂ କି ପ୍ରକାରରେ ସାହାଯ୍ୟ ପାଇବାର ଯୋଗ୍ୟବ୍ୟକ୍ତିମାନଙ୍କୁ ବାଛି ନିଆ ଯାଉଅଛି ଏହା ସବୁ ଶୀଘ୍ର ସର୍ବସାଧାରଣଙ୍କୁ ଜଣାଇବାରେ ଯତ୍ନବାନ୍ ହେଉନ୍ତୁ । ଯେଉଁମାନେ ସାହାଯ୍ୟ ଦେବାକୁ ସକ୍ଷମ ଓ ଇଚ୍ଛୁକ ହେବେ ସେମାନେ ପ୍ରକୃତ ଅବସ୍ଥା ବୁଝିପାରି ତଦନୁସାରେ କାର୍ଯ୍ୟକାରକ ହେବେ । ପ୍ରକୃତ ଅବସ୍ଥା ନ ଜାଣି କେବଳ ସାହାଯ୍ୟ ମାଗିଲେ ସର୍ବ ଆଶାନୁରୂପ ଦାନକାର୍ଯ୍ୟତା ଲଭି ପାରିବେ ନାହିଁ ।

---

ଭାରତବର୍ଷର ବଙ୍ଗଳାର ଗୃହଂସବଧୀୟ ସମାଲୋଚନା କରି ଅମ୍ଭମାନଙ୍କ ଲେଫଟେନାଣ୍ଟ ଗବର୍ଣ୍ଣର ବହୁ ଅଛନ୍ତି କି ସାମୟିକ ବନ୍ଦୋବସ୍ତି ମହାଲ ବିଶେଷତଃ ସରକାରୀ ଖାସମହଲର ଖଜଣା ଆଦାୟ ସମ୍ବନ୍ଧରେ ଅସନ୍ତୋଷଜନକ ଓ ଚିରସ୍ଥାୟୀ ବନ୍ଦୋବସ୍ତ ମହାଲର ଖଜଣା ଆଦାୟ ସନ୍ତୋଷଜନକ ଅଟଇ ଏବଂ ଏଥିର କାରଣ ସ୍ୱରୂପ ଲେଖିଅଛନ୍ତି କି ଚିରସ୍ଥାୟୀ ମହାଲର ଖଜଣା ପ୍ରଜାଙ୍କ ଦେୟ ଖଜଣାର ଏକତୃତୀୟ ବା ଏକଚତୁର୍ଥାଂଶ ଅଟଇ ମାତ୍ର ଖାସମହାଲର ଖଜଣା ପ୍ରଜାଙ୍କ ଦେୟ ଖଜଣାର କୋଡ଼ିଏସିଆଂଶ ନୁହଇ ମାତ୍ର ସମ୍ପୂର୍ଣ୍ଣ ଖଜଣା ଅଟଇ । ସୁତରାଂ ଅସ୍ଥାୟୀ ମହାଲ ଅପେକ୍ଷା ଯେତେ ଅସ୍ଥିର ମହାଲର ଉପର ଅଧିକ ହେବା ଅଦ୍ଭୁତ ନୁହଇ । କିନ୍ତୁ ଅମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କ ପ୍ରଦର୍ଶିତ କାରଣ ଠିକ ନୁହଇ । ଜମିଦାରମାନେ ଯେମନ୍ତ ପ୍ରଜାଙ୍କଠାରୁ ଖଜଣା ଅସୁଲ କରନ୍ତି ସରକାର ମଧ୍ୟ ସେହିପରି କରନ୍ତି ବରଂ ସରକାରଙ୍କର ଖଜଣା ଉସୁଲ ବିଷୟରେ ବିଶେଷ ଅଧିକାର ଅଧିକ ପରିମାଣରେ ଥିବାର କଥା । ମୂଳକଥା ଏହିକି ଖାସମହାଲର ଜମା ବଡ଼ ଟାଣ ଏବଂ ଉସୁଲ ମଧ୍ୟ ସେହିପରି ଟାଣ ଅଟଇ । ଜମିଦାରମାନେ ରହି ସହି ଖଜଣା ଆଦାୟ କରନ୍ତି ଏବଂ ସମୟବିଶେଷରେ ଛାଡ଼ ମଧ୍ୟ ଦିଅନ୍ତି । ଏପରି ଚିରସ୍ଥାୟୀ ବନ୍ଦୋବସ୍ତି ମହାଲପ୍ରତି ଜମିଦାରଙ୍କର ମମତା ଅଧିକ ଅତଏବ ଜମିଦାରୀ ମହାଲ ଅପେକ୍ଷା ଖାସମହାଲର ଖଜଣା ଉସୁଲ କଷ୍ଟକର ହୁଅଇ ଏବଂ ଏହି ହେତୁରୁ ଦେଖା ଯାଉଅଛି କି ଚିରସ୍ଥାୟୀ ବନ୍ଦୋବସ୍ତ କରିବା ଶ୍ରେୟସ୍କର ଯେହେତୁ ତହିଁରେ ସରକାର ଏବଂ ପ୍ରଜା ଉଭୟଙ୍କର ସୁବିଧା ଅଛି ।

---

ମଧ୍ୟପ୍ରଦେଶରେ ରବିଫସଲ ସକାଶେ ବୋମ୍ବାଇରୁ ଗହମ ଓ ଅନ୍ୟମାନଙ୍କୁ ଉପଯୋଗୀ ହେବ ତହିଁର ତାଲିକା ବାହାରିଅଛି । ମେଦନୀପୁର ଜାଲରେ ଶୀତକାଳରେ ଜଳ କଷ୍ଟ ହେବାରୁ ସେ ଜଲରେ ରବିଫସଲ

Digitized by srujanika@gmail.com